R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୨୦୦
ତିଥି : ଦ୍ୱିତୀୟା
୨୫ ଏପ୍ରିଲ ୨୦୨୪, ଗୁରୁବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 200
25 April 2024, Thursday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

### ହିଞ୍ଜିଳିରୁ ବିଜେଡି ଲାଗି ପ୍ରଚାର ଆରମ୍ଭ କଲେ ନବୀନ

# ଯୋଡି ଶଙ୍ଖ ଓଡିଶାର ପରିଚୟ

ଭୁବନେଶ୍ୱର, ୨୪।୪ (ସବ୍ୟୁ) : ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀ ହିଞ୍ଜିଳି-ଶେରଗଡରେ ବିରାଟ ଜନସଭା ସହ ଆଜି ବିଜୁ ଜନତା ଦଳର ବିଜୟ ଶଙ୍ଖ ଫୁଙ୍କିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଶୁଭାରମ୍ଭ କରିଛନ୍ତି ।

ଏହି ଅବସରରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ନବୀନ ପଟ୍ଟନାୟକ କହିଛନ୍ତି ଯେ ଯୋଡି ଶଙ୍ଖ ହେଉଛି ଓଡିଶାର ପରିଚୟ । ଯୋଡି ଶଙ୍ଖ ହେଉଛି

**ଯୋଡି ଶଙ୍ଖରେ ଆଶୀର୍ବାଦ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ**

**ବିରୋଧୀ ସବୁବେଳେ ସବୁ କଥାରେ ରାଜନୀତି କରୁଛନ୍ତି**

**ବିକାଶକୁ ବିରୋଧ କରୁଛନ୍ତି ବିରୋଧୀ**

**୨୦୩୪ ହେବ ଓଡ଼ିଆ ଯୁବକଙ୍କ ଲାଗି ସୁବର୍ଣ୍ଣ ଯୁଗ**

**ସବୁଠୁ ଅଧିକ ଭୋଟ୍‌ରେ ଜିତିବେ ଏକ ନମ୍ବର ମୁଖ୍ୟମନ୍ତ୍ରୀ : କାର୍ତ୍ତିକ**




ହିଞ୍ଜିଳି ଓ ଶେରଗଡରେ ଦୁଇଟି ବିରାଟ ଜନସଭାରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ବିଜୁ ଜନତା ଦଳର ବିଜୟ ଅଭିଯାନର ବିକାଶର ପରିଚୟ ବୋଲି ମତଦେଇ ସେ କହିଥିଲେ ଯେ ଓଡିଶାର ସାଢେ ଚାରି କୋଟି ଲୋକଙ୍କ ଆଶୀର୍ବାଦରେ ବିଜୁ ଜନତା ଦଳ ଚଳିତ ନିର୍ବାଚନରେ ଉଭୟ ବିଧାନସଭା ଓ ଲୋକସଭାରେ ବିପୁଳ ବିଜୟ ହାସଲ କରିବ ।

ସେ କହିଥିଲେ ଯେ ବିଜୁ ଜନତା ଦଳ ସବୁବେଳେ ଏକ ନମ୍ବର ଦଳ ହୋଇ ରହିଆସିଛି । ଜନତାଙ୍କ ଆଶୀର୍ବାଦରେ ଏହି ନିର୍ବାଚନରେ ମଧ ପୁଣି ଥରେ ଏକ ନମ୍ବର ହେବ ଓ ବିକାଶର ଯାତ୍ରାକୁ ଆହୁରି ମଜବୁତ କରିବ ।

ହିଞ୍ଜିଳିବାସୀଙ୍କୁ ଧନ୍ୟବାଦ ଜଣାଇ ସେ କହିଥିଲେ ଯେ ସାଢେ ଚାରି କୋଟି ଓଡିଶାବାସୀ ହେଉଛନ୍ତି ତାଙ୍କର ପରିବାର । ଏହି ସାଢେ ଚାରି କୋଟି ପରିବାର ସଦସ୍ୟଙ୍କ କଲ୍ୟାଣ ପାଇଁ ମୁଁ ସବୁବେଳେ କାମ କରିଚାଲିଛି ଓ ଶେଷ ପର୍ଯ୍ୟନ୍ତ କରିଚାଲିବି ବୋଲି ସେ କହିଥିଲେ ।

ସେ ପୁଣି କହିଥିଲେ ଯେ ହିଞ୍ଜିଳି-ଶେରଗଡ ଆଜି ସାରା ଦେଶରେ ବିକାଶର ଏକ ମଡେଲ ହୋଇଛି । ୫-ଟି ରୂପାନ୍ତର ଯାତ୍ରାରେ ହିଞ୍ଜିଳି ଶେରଗଡ଼ ବାସୀଙ୍କ ସହଯୋଗ ର ମୁଖ୍ୟମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଥିଲେ ।

ସେ କହିଥିଲେ ଯେ ଓଡିଶାର ଚାଷୀମାନେ, ମିଶନ ଶକ୍ତିର ମା ମାନେ ଜିରୋ ପରସେଣ୍ଟ ସୁଧରେ ଋଣ ପାଉଛନ୍ତି । ସଶକ୍ତ ଓଡିଶା ଗଠନ ଦିଗରେ ଏହା ଏକ ମାଇଲଖୁଣ୍ଟ ।

ଯୁବଶକ୍ତି ଉପରେ ନିଜର ଭରସା ପ୍ରକାଶ କରି ସେ କହିଥିଲେ ଯେ ରାଜ୍ୟର ବିକାଶରେ (୯ ପୃଷ୍ଠାରେ)

## ଇସିଙ୍କ କାର୍ଯ୍ୟଧାରାକୁ ଆମେ ନିୟନ୍ତ୍ରଣ କରିପାରିବୁ ନାହିଁ



ନୂଆଦିଲ୍ଲୀ, ୨୪।୪ : ଇଭିଏମ୍ ସହ ଭିଭିପାଟ୍ ବ୍ୟବସ୍ଥାରେ ଥିବା କାଗଜ ସ୍ଲିପ୍‌କୁ ମେଳ କରିବା ନେଇ ଚାଲିଥିବା ମାମଲା ଉପରେ ସୁପ୍ରିମ୍‌କୋର୍ଟ ପୁଣି ତାଙ୍କ ରାୟକୁ ସଂରକ୍ଷିତ ରଖିଛନ୍ତି । ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଓ ଜଷ୍ଟିସ୍ ଦିପଙ୍କର ଦତ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ଉଲ୍ଲେଖ କରିଛନ୍ତି ଯେ ସନ୍ଦେହ ଉପରେ ଆମେ କୌଣସି କାର୍ଯ୍ୟ କରିପାରିବୁ ନାହିଁ । ଏହାଛଡା ନିର୍ବାଚନ କମିଶନ ଏକ ସାମ୍ବିଧାନିକ ସଂସ୍ଥା ହୋଇଥିବାରୁ ତା'ର କାର୍ଯ୍ୟଧାରାକୁ ଆମେ ନିୟନ୍ତ୍ରଣ ମଧ କରିପାରିବୁନାହିଁ ।

ଆଡ୍‌ଭୋକେଟ୍ ପ୍ରଶାନ୍ତ ଭୂଷଣ ଏଡିଆର୍ ପକ୍ଷରୁ ଯୁକ୍ତି ରଖିଥିଲେ । ତେବେ କୋର୍ଟ କହିଥିଲେ ଯେ ତୁମେ ଯଦି ଏକ ଚିନ୍ତାଧାରାକୁ ଆଧାର କରି ତଥ୍ୟ ରଖିବେ ତେବେ ଆମେ କିଛି ସାହାଯ୍ୟ କରିପାରିବୁ ନାହିଁ । ଆମେ ତୁମ ଭାବନାର ପ୍ରକ୍ରିୟାକୁ ବଦଳାଇ ପାରିବୁ ନାହିଁ । ବିରୋଧୀଙ୍କ ପକ୍ଷରୁ ଇଭିଏମ୍‌ରେ ଭୋଟ୍ ବ୍ୟବସ୍ଥା ନେଇ ସନ୍ଦେହ ପ୍ରକାଶ କରାଯାଉଛି । ତେଣୁ ଇଭିଏମ୍‌ରେ ଥିବା ଭୋଟ୍‌କୁ ଭିଭିପାଟ୍ କାଗଜ (୯ ପୃଷ୍ଠାରେ)

### ସୁନେତ୍ରା ପାୱାରଙ୍କୁ କ୍ଲିନ୍ ଚିଟ୍

## ୨୫୦୦୦ କୋଟି ଦୁର୍ନୀତିରୁ ମିଳିଲା ଛାଡ

ନୂଆଦିଲ୍ଲୀ, ୨୪।୪ : ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାରଙ୍କ ପତ୍ନୀ ସୁନେତ୍ର ପାୱାରଙ୍କୁ ୨୫୦୦୦ କୋଟି ଟଙ୍କା ଦୁର୍ନୀତିରେ କ୍ଲିନ୍ ଚିଟ୍ ଦିଆଯାଇଛି । ଅଜିତ୍ ପାୱାର ଶରଦ ପାୱାରଙ୍କ ମୂଳ ଏନ୍‌ସିପିକୁ ଭାଙ୍ଗି ବିଜେପି ସହ ମିଶି ମହାରାଷ୍ଟ୍ରରେ ସରକାର କରିଛନ୍ତି ଓ ତାଙ୍କୁ ଉପମୁଖ୍ୟମନ୍ତ୍ରୀ ପଦ ମିଳିଛି । ତାଙ୍କ ପତ୍ନୀ ସୁନେତ୍ରାଙ୍କ ନାମରେ ୨୫୦୦୦ କୋଟିର ସମବାୟ ବ୍ୟାଙ୍କ ଦୁର୍ନୀତି ଥିଲା । ହେଲେ ଆଜି ମୁମ୍ବାଇ ପୋଲିସ ତାଙ୍କୁ କ୍ଲିନ୍‌ଚିଟ୍ ଦେଇଛି । ମୁମ୍ବାଇ ପୋଲିସର



ଇଓଡବ୍ଲ୍ୟୁ ଶାଖା ଏହି ମାମଲାର କ୍ଲୋଜର୍ ରିପୋର୍ଟ ଫାଇଲ୍ କରିଛି । ଏଥିରେ ଉଲ୍ଲେଖ କରାଯାଇଛି ଯେ ଶ୍ରୀମତୀ ପାୱାର ଓ ତାଙ୍କ ସ୍ୱାମୀଙ୍କ ନାମରେ କୌଣସି ଅପରାଧିକ ମାମଲା ନାହିଁ ।

ସୁନେତ୍ର ଏବେ ବାରମତୀ ଆସନରୁ ବିଜେପି (୯ ପୃଷ୍ଠାରେ)

# ଦିନରେ ତାତି, ଅପରାହ୍ଣରେ ବର୍ଷା

ଭୁବନେଶ୍ୱର, ୨୪।୪ (ସବ୍ୟୁ) : ରାଜ୍ୟବାସୀଙ୍କୁ ତାତିରୁ ତ୍ରାହି ମିଳି ନାହିଁ । ବୁଧବାର ପ୍ରବଳ ଖରାକୁ ତତଲା ଝାଞ୍ଜିରେ ଓଡ଼ିଶାବାସୀ ସିଝିଛନ୍ତି । ଭୁବନେଶ୍ୱର ଓ ନୂଆପଡ଼ାରେ ସର୍ବାଧିକ ତାପମାତ୍ରା ୪୩.୨ ଡିଗ୍ରୀ ରେକର୍ଡ ହୋଇଛି । ଯାହା ଆଜି ଯୁଗ୍ମ ଭାବେ ସବୁଠୁ ଉତ୍ତପ୍ତ ସହର ପାଲଟିଛି । ଦିନରେ ପ୍ରବଳ ଗ୍ରୀଷ୍ମ ଲହରୀ ଅନୁଭୂତ ହୋଇଥିବା ବେଳେ ଅପରାହ୍ଣରେ କାଳବୈଶାଖୀ ବର୍ଷା ଦେଲା ସାମାନ୍ୟ ଆଶ୍ୱସ୍ତି । ତେବେ ଆସନ୍ତା ୨୮ ତାରିଖ ଯାଏ ଭୀଷଣ ତାତି ଲାଗି ଅରେଞ୍ଜ ଚେତାବନୀ ଦେଇଛି ପାଣିପାଗ ବିଭାଗ ।

ପାଣିପାଗ ବିଭାଗର କହିବାନୁସାରେ, ରାଜ୍ୟର ୨୪ ସହରରେ ଦିନ ତାପମାତ୍ରା ୪୦ ଡିଗ୍ରି କିମ୍ବା ତାଠାରୁ ଅଧିକ ରେକର୍ଡ ହୋଇଛି । ୧୧ ସହରର ତାପମାତ୍ରା ୪୨ ଡିଗ୍ରି କିମ୍ବା ତାଠାରୁ ଅଧିକ ରହିଥିଲା । ଅପରାହ୍ଣ ୨ଟା ୩୦ରେ ଭୁବନେଶ୍ୱର ସବୁଠୁ ଉତ୍ତପ୍ତ ସହର ଥିଲା । ଭୁବନେଶ୍ୱରରେ ତାପମାତ୍ରା ୪୩.୨ ଡିଗ୍ରୀ ରେକର୍ଡ ହୋଇଛି । ସେହିପରି ଝାରସୁଗୁଡ଼ାରେ ସର୍ବୋଚ୍ଚ ତାପମାତ୍ରା ୪୩.୧ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ବାରିପଦା ଓ ପାରଳାଖେମୁଣ୍ଡିରେ ୪୨.୫ ଡିଗ୍ରୀ, ଚାନ୍ଦବାଲି, ଭଦ୍ରକ, କେନ୍ଦ୍ରାପଡ଼ାରେ ୪୨.୨ଡିଗ୍ରୀ, ଟିଟିଲାଗଡ଼, ଯାଜପୁର ଓ ଢେଙ୍କାନାଳରେ ୪୨ଡିଗ୍ରୀ, ଅନୁଗୁଳରେ ୪୧.୯ଡିଗ୍ରୀ, କଟକରେ ୪୧.୮ଡିଗ୍ରୀ, ବୌଦ୍ଧରେ ୪୧.୬ଡିଗ୍ରୀ, ବାଲେଶ୍ୱର, ତାଳଚେରରେ ୪୧.୪ଡିଗ୍ରୀ,





**ଭୁବନେଶ୍ୱର ଓ ନୂଆପଡ଼ାରେ ୪୩.୨ ଡିଗ୍ରୀ**

**୧୧ ସହରରେ ୪୨° ଉପରେ ପାରଦ**

**୨୮ ଯାଏ ସିରିୟର ହିଟ ୱେଭ ସତର୍କତା**

ମାଲକାନଗିରିରେ ୪୧.୩ଡିଗ୍ରୀ, ନୟାଗଡ଼ରେ ୪୧.୨ଡିଗ୍ରୀ, ଭବାନୀପାଟଣାରେ ୪୧ଡିଗ୍ରୀ, ରାଉରକେଲାରେ ୪୦.୮ଡିଗ୍ରୀ, ସମ୍ବଲପୁରରେ (୯ ପୃଷ୍ଠାରେ)

## କଂଗ୍ରେସ ଛାଡିଲେ ବିଧୁଭୂଷଣ

ବଲାଙ୍ଗିର, ୨୪।୪ (ସବ୍ୟୁ): କଂଗ୍ରେସ ଛାଡିଲେ ପିସିସି ସମ୍ପାଦକ ବିଧୁଭୁଷଣ ତ୍ରିପାଠୀ । ଛାତ୍ର ଜୀବନରୁ ସକ୍ରିୟ ରାଜନୀତିରେ ପ୍ରବେଶ କରିଥିବା ବିଧୁଭୂଷଣ ଲମ୍ବା ସମୟ ଧରି ଦଳର ବିଭିନ୍ନ ପଦ ପଦବୀରେ ରହି ସୁଚାରୁ ଭାବରେ କାର୍ଯ୍ୟ ନିର୍ବାହ କରି ଆସୁଥିଲେ । ୯୦ ଦଶକରେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ଛାତ୍ର ସଂସଦର ସଭାପତି ଥିଲେ । ଏହା ସିତ ବଲାଙ୍ଗିର ଜିଲ୍ଲା ଯୁବ କଂଗ୍ରେସ ସଭାପତି, ପିସିସି ସମ୍ପାଦକ ଓ ଏଆଇସିସି ସଦସ୍ୟ ଭାବେ କାମ କରିଛନ୍ତି । ବିଭିନ୍ନ ରାଜ୍ୟ ଓ ଜିଲ୍ଲା ବୁଲି ନିର୍ବାଚନ ସମୟରେ କଂଗ୍ରେସ ପାଇଁ ପ୍ରଚାର କରିଥିଲେ । ଛତିଶଗଡ ନିର୍ବାଚନ ସମୟରେ ମଧ ସେ କଂଗ୍ରେସ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ହେଲେ ଦଳ ତାଙ୍କୁ ତାକୁ ଅଣଦେଖା କରିଥିବାରୁ ବୁଧବାର (୯ ପୃଷ୍ଠାରେ)

## କଟକ-ବାରବାଟୀରୁ ଲଢ଼ିବେ ମୋକିମଙ୍କ ଝିଅ!

କଟକ, ୨୪।୪ (ସବ୍ୟୁ) : କଟକ ବାରବାଟୀ ବିଧାନସଭା କ୍ଷେତ୍ରରେ କଂଗ୍ରେସ ଦଳରୁ କିଏ ପ୍ରାର୍ଥୀ ହେବ ତାକୁ ନେଇ ଆଜି ଦିନ ତମାମ ଚାଲିଥିଲା ମାନସ ମନ୍ଥନ ।ଗତ କାଲି ସୁପ୍ରିମକୋର୍ଟରୁ ମହମ୍ମଦ ମୋକିମ ନିରାଶ ହେବାପରେ ତାଙ୍କ ଶୁଭେଚ୍ଛୁ ମାନେ ଏକ ପ୍ରକାର ହତାଶ ହୋଇପଡିଥିଲେ ।

ବାରବାଟୀରୁ ଦଳୀୟ ପ୍ରାର୍ଥୀ କାହାକୁ କରାଯିବ ସେଥିନେଇ ସକାଳବେଳା ମୋକିମଙ୍କ ଘରେ ବସିଥିଲା ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ । ବାରବାଟୀ କଟକର ବରିଷ୍ଠ କଂଗ୍ରେସ କର୍ମକର୍ତ୍ତା, କଂଗ୍ରେସ କର୍ପୋରେଟର, ଛାମୁଆ କର୍ମୀ, ମହିଳା କର୍ମକର୍ତ୍ତାଙ୍କୁ ନେଇ ମୋକିମଙ୍କ ସୟଦାନ ବଗିଚା ବାସଗୃହ ଭରପୁର ହୋଇଉଠିଥିଲା । ଚଳିତ ନିର୍ବାଚନରେ ବାରବାଟୀ କଟକର ଷ୍ଟାଣ୍ଡିଂ ବିଧାୟକ ମୋକିମ ବାବୁଙ୍କ ନିର୍ବାଚନ ଲଢ଼ିବା ବାଟ ବନ୍ଦ ହୋଇଯାଇଥିବାରୁ ତାଙ୍କର ଦାୟଦ ସୁକନ୍ୟା ସୋଫିଆ ଫିର୍ଦ୍ଦୋସଙ୍କ ନାମକୁ ସମସ୍ତେ ପ୍ରସ୍ତାବ ଦେଇଥିଲେ ।ତେବେ ସେହି ସମୟରେ ସୋଫିଆ ସେଠାରେ ଉପସ୍ଥିତ ନଥିଲେ । ସୋଫିଆ କଂଗ୍ରେସରେ ନୂଆ ମୁହଁ ନୁହେଁ ବରଂ ୨୦୧୪ ମସିହାରୁ ସେ ବାପାଙ୍କ ନିର୍ବାଚନର ମଙ୍ଗ ଧରିଛନ୍ତି ବୋଲି ମୋକିମଙ୍କ ସମର୍ଥକ ଓ କର୍ମୀମାନେ ସମସ୍ୱରରେ କହିଥିଲେ ।୨୦୧୯ ରେ ସୋଫିଆ ବାପାଙ୍କ ନିର୍ବାଚନର ମଙ୍ଗ ଧରି ଘରେ ଘରେ ପରିଚିତ ଥିଲେ ତେଣୁ ନିର୍ବାଚନରେ ତାଙ୍କର ଅଭିଜ୍ଞତା ଭରିରହିଛି ବୋଲି କର୍ମୀମାନେ ମୋକିମଙ୍କୁ (୯ ପୃଷ୍ଠାରେ)

## ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍ ପାଇଁ ପ୍ରଚାର ସରିଲା

ନୂଆଦିଲ୍ଲୀ, ୨୪।୪ : ୨୦୨୪ ଲୋକସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍ ଲାଗି ଆଜି ପ୍ରଚାର ସରିଛି । ଦ୍ୱିତୀୟ ପର୍ଯ୍ୟାୟରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ଓ ବିରୋଧୀ ମେଣ୍ଟ ଇଣ୍ଡିଆ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ସୂଚନା ମିଳିଛି । ୧୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡିକର ୮୮ ନିର୍ବାଚନମଣ୍ଡଳିରେ ଏହି ଭୋଟ୍ ଗ୍ରହଣ କରାଯିବ । ୧୨ ରାଜ୍ୟରେ ୧୨୦୬ ପ୍ରାର୍ଥୀ ଥିବାବେଳେ ମଣିପୁରର ଏକ ଲୋକସଭା ନିର୍ବାଚନମଣ୍ଡଳିରେ କେବଳ ୪ ପ୍ରାର୍ଥୀ ଅଛନ୍ତି ।

ନିର୍ବାଚନ କମିଶନଙ୍କ ସୂଚନା ଅନୁଯାୟୀ ୮୮ ଲୋକସଭା ନିର୍ବାଚନମଣ୍ଡଳୀ ଲାଗି ୨୬୩୩ ନାମାଙ୍କନପତ୍ର ଦାଖଲ ହୋଇଥିଲା । ଯାଞ୍ଚ ପରେ ୧୪୨୮ କାଏମ ରହିଥିଲା । ଦ୍ୱିତୀୟ ପର୍ଯ୍ୟାୟରେ (୯ ପୃଷ୍ଠାରେ)

## ନିର୍ବାଚନ ହାରୁଥିବା ଜାଣି ମିଛ ଅଭିଯୋଗ ଆଣିଛି ବିଜେପି : ଲେଖାଶ୍ରୀ

ଭୁବନେଶ୍ୱର, ୨୪।୪ (ସବ୍ୟୁ) : ଭାରତୀୟ ଜନତା ପାର୍ଟିର ନେତାମାନେ ଯେତେବେଳେ ନିର୍ବାଚନ ହାରୁଥିବା ଅନୁଭବ କରନ୍ତି, ସେତେବେଳେ ସେମାନେ ବିନା ତଥ୍ୟ ଆଧାରରେ ମିଛ, ଭିତିହୀନ ଏବଂ ନିରାଧାର ଅଭିଯୋଗ ଆଣନ୍ତି । ୨୦୧୯ରେ ମଧ୍ୟ ଏଭଳି ତଥାକଥିତ ଚାର୍ଜସିଟ୍ ଓଡିଶା ବିଜେପି ପକ୍ଷରୁ ଅଣାଯାଇଥିଲା । ସେମାନେ ଜାଣିସାରିଲେଣି ହାରିବାକୁ ଯାଉଛନ୍ତି ବୋଲି କହିଛନ୍ତି ବିଜେଡି ନେତ୍ରୀ ଡକ୍ଟର ଲେଖାଶ୍ରୀ ସାମନ୍ତସିଂହାର ।



ବୁଧବାର ଡକ୍ଟର ସାମନ୍ତସିଂହାର କହିଛନ୍ତି ଯେ, ୨୦୨୪ରେ ମଧ ସେମାନେ ଅତି ଶୋଚନୀୟ ଭାବେ ହାରିବାକୁ ଯାଉଥିବା ଜାଣିସାରିଲେଣି । ଆଉ ସେଥିପାଇଁ ସେମାନେ କୌଣସି ତଥ୍ୟ ପ୍ରମାଣ ଆଧାରରେ ଏଭଳି ମିଛ, ଭିତ୍ତିହୀନ ଏବଂ ନିରାଧାର ଅଭିଯୋଗ ମାନ ଆଣିଛନ୍ତି । କିଛି ଉଦାହରଣ ଉପରେ ନଜର ପକାନ୍ତୁ, କିଭଳି ଚାର୍ଜସିଟ୍ ନାଁରେ ଭିତ୍ତିହୀନ ଏବଂ କପୋଳକଳ୍ପିତ କଥା ଉଲ୍ଲେଖ କରାଯାଇଛି । କେନ୍ଦ୍ରୀୟ ସଂସ୍ଥାର ରିପୋର୍ଟ ଅନୁସାରେ, ଦେଶରେ ଓଡିଶା ଏକମାତ୍ର ରାଜ୍ୟ, ଯେଉଁଠି ଚାଷୀଙ୍କ ଆୟ ଦୁଇଗୁଣା ହୋଇଛି। ହେଲେ ଓଡିଶାକୁ କୃଷି କ୍ଷେତ୍ରରେ ସମାଲୋଚନା କରାଯାଉଛି । କେନ୍ଦ୍ରୀୟ ସଂସ୍ଥାର ରିପୋର୍ଟ ଅନୁସାରେ, ଦେଶରେ ସବୁଠାରୁ କମ୍ ବେକାରୀ ହାର ଓଡିଶାରେ। ହେଲେ ମିଛ ତଥ୍ୟ ଉପସ୍ଥାପନ କରାଯାଇ, ଓଡିଶାର ଛବିକୁ ମଳିନ କରିବାକୁ ଚେଷ୍ଟା କରାଯାଉଛି ।

ମହିଳା ସୁରକ୍ଷା ନେଇ ସେମାନେ ଓଡିଶାକୁ ସମାଲୋଚନା କରୁଛନ୍ତି । ଯେତେବେଳେ ବିଜେପି ଶାସିତ ରାଜ୍ୟ ଗୁଡିକରେ ମହିଳାଙ୍କ ବିରୋଧରେ ଅପରାଧ ସଂଖ୍ୟା ଓଡିଶା ତୁଳନାରେ ଢେର୍ ଅଧିକ । ନିଜ ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ପାଇଁ ରାଜ୍ୟର ଛବିକୁ ମଳିନ କରିବା ଓଡିଶା ବିଜେପିର ପୁରୁଣା ଅଭ୍ୟାସ । ବର୍ତ୍ତମାନର ଓଡିଶା ବିଜେପି ସଭାପତି ମନମୋହନ ସାମଲଙ୍କର ନୂଆଦିଲ୍ଲୀ ସ୍ଥିତ ଓଡିଶା ନିବାସର କେଲେଙ୍କାରୀ ବାବଦରେ ସମସ୍ତେ ଜାଣିଛନ୍ତି, ଯେଉଁଥିପାଇଁ ୨୦୦୮ରେ ତାଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରାଯାଇଥିଲା। ଏଭଳି ଜଣେ ବ୍ୟକ୍ତି ଯଦି ଓଡିଶା ବିଜେପିର ସଭାପତି ଭାବେ ଦାୟିତ୍ୱ ତୁଲାଇବେ, ତେବେ ଦଳ ଭିତରେ ମହିଳା କେତେ ସୁରକ୍ଷିତ, ଏଥିରୁ ବୁଝିଯାଆନ୍ତୁ । ଓଡ଼ିଶାର ହାଇସ୍କୁଲ ଗୁଡ଼ିକର ଶ୍ରେଣୀ ଗୃହ, ଓଡିଶାରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟର ଶ୍ରେଣୀ ଗୃହଠାରୁ ଯଥେଷ୍ଟ ଉନ୍ନତ (୯ ପୃଷ୍ଠାରେ)

**୨୦୧୯ରେ ହାରିବା ଜାଣି ଆଣିଥିଲେ ଏଭଳି ଚାର୍ଜସିଟ**

**କେନ୍ଦ୍ରୀୟ ରିପୋର୍ଟ ନାଁରେ ମିଛ କହି ଲୋକଙ୍କୁ ଭୁଆଁ ବୁଲାଉଛନ୍ତି**

**ବିଜେପି ରାଜ୍ୟ ସଭାପତିଙ୍କ ନିକଟରେ ମହିଳା ନେତ୍ରୀ ସୁରକ୍ଷିତ ନୁହନ୍ତି**

## ଆମେଥିରୁ ପୁଣି ଲଢ଼ିପାରନ୍ତି ରାହୁଲ

ନୂଆଦିଲ୍ଲୀ, ୨୪।୪ : ଆମେଥିରୁ ଏଥର ପୁଣି ରାହୁଲ ଗାନ୍ଧି ଲଢ଼ିବେ ବୋଲି ସୂଚନା ମିଳୁଛି । ତେବେ ଏନେଇ ଦଳ ପକ୍ଷରୁ ବିଧିବଦ୍ଧ ଭାବେ କୌଣସି ଘୋଷଣା ହୋଇନାହିଁ । ତେବେ ରାହୁଲ ତାଙ୍କ ପାରମ୍ପରିକ ଆସନ ଆମେଥିକୁ ଫେରିପାରନ୍ତି ବୋଲି କଳ୍ପନା ଜଳ୍ପନା ପ୍ରକାଶ ପାଇଛି । ଖୁବ୍‌ଶୀଘ୍ର ଭାଇ ଆସୁଛନ୍ତି ବୋଲି ଆମେଥି କଂଗ୍ରେସ କର୍ମୀମାନେ କହିବା ଆରମ୍ଭ କରିସାରିଲେଣି ।



୨୦୧୯ରେ ସ୍ମୃତି ଇରାନୀଙ୍କ ଠାରୁ ହାରି ଯାଇଥିଲେ । ଗତ ସପ୍ତାହରେ ରାହୁଲ ଗାନ୍ଧି ଓ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବଙ୍କ ସହିତ ଏକ ବୈଠକ ହୋଇଥିଲା । ତେବେ ଆମେଥି ଲଢ଼ିବା ପ୍ରଶ୍ନ ଉପରେ ରାହୁଲ କହିଥିଲେ ଯେ କେନ୍ଦ୍ରୀୟ ନିର୍ବାଚନ କମିଟି ଯାହା ନିଷ୍ପତ୍ତି ନେବ ସେ ମାନିବେ । ତେବେ ଆମେଥିର କଂଗ୍ରେସ କର୍ମୀମାନଙ୍କ ଠାରୁ ନିଆଯାଇଥିବା ଫିଡ୍‌ବ୍ୟାକ୍‌ରୁ ରାହୁଲଙ୍କ ପ୍ରତି ଅଧିକ ସମର୍ଥନ ରହିଛି । ବର୍ତ୍ତମାନ ଦଳର ବରିଷ୍ଠ ନେତାମାନେ ନିୟମିତ ଭାବରେ ଏହି ନିର୍ବାଚନମଣ୍ଡଳି ଗସ୍ତ କରୁଛନ୍ତି । କର୍ମୀମାନେ ମଧ ନିର୍ବାଚନ ପ୍ରଚାର କାର୍ଯ୍ୟରେ ଲାଗି ଯାଇଛନ୍ତି । ରାହୁଲ ପ୍ରାର୍ଥୀ ନହୋଇଥିଲେ ବି ସେଠାରେ ପ୍ରଚାର କାର୍ଯ୍ୟ କଂଗ୍ରେସ ଜୋରଦାର କରିଛି । କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ମଧ ରାହୁଲଙ୍କ ଲଢ଼ିବା ନେଇ ସମୟ ସମୟରେ କଟାକ୍ଷ (୯ ପୃଷ୍ଠାରେ)



## ହେଲ୍‌ଦି ସପିଂ

ସାଧାରଣତଃ ଘରର ସଉଦା କିଣିବା ସମୟରେ ଦରକାରୀ ଜିନିଷ ଉପର ଧ୍ୟାନ ଦିଆଯାଇଥାଏ । ହେଲେ ବର୍ତ୍ତମାନ ହେଲ୍‌ଦି ସପିଂର ଟ୍ରେଣ୍ଡ୍ ଚାଲିଛି । ଆଜିକାଲି ସ୍ମାର୍ଟ ଓ ହେଲ୍‌ଥକୁ ବେଶି ଧ୍ୟାନ ଦେଉଥିବା ଗୃହିଣୀମାନେ ହେଲ୍‌ଦି ସପିଂ କରୁଛନ୍ତି । ଆସନ୍ତୁ ଜାଣିବା ହେଲ୍‌ଦି ସପିଂ କରିବା ପୂର୍ବରୁ କ'ଣ କ'ଣ ଜିନିଷ ପ୍ରତି ଧ୍ୟାନ ଦେବେ । ଏହାର ପ୍ରଥମ ଷ୍ଟେପ୍ ହେଉଛି ସପିଂକୁ ଯିବା ଆଗରୁ ଏକ ଲିଷ୍ଟ ପ୍ରସ୍ତୁତ କରନ୍ତୁ । ସେହି ହିସାବରେ ହିଁ ଜିନିଷ କିଣନ୍ତୁ । ପ୍ରଥମେ ନିଜର ହେଲ୍‌ଦି ମେନୁକୁ ପ୍ରସ୍ତୁତ କରନ୍ତୁ ଏହାପରେ ସେହି ହିସାବରେ ନିଜର ତାଲିକା ପ୍ରସ୍ତୁତ କରନ୍ତୁ । ଏହି ତାଲିକା କାରଣରୁ ଆପଣ ସଠିକ୍ ଭାବେ ସାମଗ୍ରୀ କିଣି ପାରିବେ । ତେବେ ଏହି ତାଲିକାରେ ଆପଣ ଫଳ, ସବୁଜ ପରିବା, ବିଭିନ୍ନ ଗ୍ରେନ୍ ଯେପରି ବ୍ରାଉନ ରାଇସ୍, ବ୍ଲାକ୍ ବିନ୍, କିନୋଆ, ପ୍ରୋଟିନରେ ଭରପୂର ଥିବା ସାମଗ୍ରୀ ଯେପରି ଅଣ୍ଡା, ମାଂସ, ପ୍ରୋଟିନ ବାର, ଡ୍ରାଏ ଫ୍ରୁଟ୍‌ସ, ଛେନା, ଦହି, କ୍ଷୀର, ସାଲାଡ ସାମଗ୍ରୀ, ପଇଡ ପାଣି, କଦଳୀ, ଡାର୍କ ଚକୋଲେଟ ଆଦିକୁ ସାମିଲ କରିପାରିବେ । ତେବେ ଆପଣଙ୍କ ସ୍ୱାସ୍ଥ୍ୟ ଓ ପସନ୍ଦ ହିସାବରେ ଏହି ତାଲିକାରେ ଏପଟ ସେପଟ କରିପାରିବେ । କେବଳ ସାମଗ୍ରୀ ନୁହେଁ ରୋଷେଇ କରିବା ପୂର୍ବରୁ ମଧ୍ୟ ପ୍ଲାନିଂ କରନ୍ତୁ । ଆପଣ ଚାହିଁବେ ଯଦି ପୁରା ସପ୍ତାହର ମିଲ୍‌କୁ ପ୍ଲାନିଂ କରିପାରିବେ ।

ମ୍ୟାଲେରିଆକୁ ରୋକିବା ପାଇଁ ସାରା ବିଶ୍ୱରେ ବିଭିନ୍ନ ଚେଷ୍ଟା କରାଯାଉଛି । ବିଭିନ୍ନ ଦେଶରେ ଏଥିପାଇଁ ସରକାରୀ ସ୍ତରରେ ପଦକ୍ଷେପ ଗ୍ରହଣ କରାଯାଇ କାର୍ଯ୍ୟକ୍ରମ କରାଯାଉଛି । ତେବେ ଏହି ରୋଗର ସମ୍ପୂର୍ଣ୍ଣ ନିରାକରଣ ପାଇଁ ଲୋକଙ୍କ ସଚେତନତାର ଆବଶ୍ୟକତା ରହିଛି । ଏହି ସଚେତନତା ପାଇଁ ଏପ୍ରିଲ ୨୫କୁ ବିଶ୍ୱ ମ୍ୟାଲେରିଆ ଦିବସ ରୂପେ ପାଳନ କରାଯାଇଥାଏ । ସୂଚନା ଅନୁସାରେ ଏହି ରୋଗରେ ପ୍ରତିବର୍ଷ ବିଶ୍ୱରେ ୨୦୦ କୋଟି ଲୋକ ଆକ୍ରାନ୍ତ ହୋଇଥାଆନ୍ତି । ଏହି ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଲୋକମାନେ କିଭଳି ମ୍ୟାଲେରିଆରୁ ରକ୍ଷା ପାଇପାରିବେ ସେନେଇ ସେମାନଙ୍କୁ ବିଭିନ୍ନ ତଥ୍ୟ ପ୍ରଦାନ କରାଯାଇଥାଏ । କିଭଳି ଘର ପାଖ ସଫା ରଖିବା, ମଶାରୀ ଟାଙ୍ଗି ଶୋଇବା, ଜ୍ୱର ହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଆଦି ଉପରେ ଲୋକଙ୍କୁ ସଚେତନ କରାଯାଇଥାଏ । ପ୍ରତିବର୍ଷ ଏହି ଦିବସ ପାଳନ ପାଇଁ ବିଭିନ୍ନ ଥିମ ରଖାଯାଇଥାଏ, ଯାହାକୁ ନେଇ ଏହି ଦିବସ ପାଳନ ହୋଇଥାଏ ।

## ବିଶ୍ୱ ମ୍ୟାଲେରିଆ ଦିବସ



## ୧୯ ଥର ଲଢ଼ିଛନ୍ତି ନିର୍ବାଚନ

ବର୍ତ୍ତମାନ ଚାରିଆଡେ ନିର୍ବାଚନୀ ହାଓ୍ୱା ଦେଖିବାକୁ ମିଳୁଛି । ଏହାରି ମଧ୍ୟରେ ନିର୍ବାଚନକୁ ନେଇ ଅନେକ ଖବର ମଧ୍ୟ ସାମନାକୁ ଆସୁଛି । ସେହିଭଳି ଏକ ଖବର ବର୍ତ୍ତମାନ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସକ୍ଷମ ହୋଇଛି । ଉତ୍ତରପ୍ରଦେଶର ଜଣେ ବ୍ୟକ୍ତି ବୋର୍ଡ ମେମ୍ବର ଠାରୁ ଆରମ୍ଭ କରି ରାଷ୍ଟ୍ରପତି ନିର୍ବାଚନ ସବୁଥିରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ୧୯୭୪ରେ ଅଟଳବିହାରୀ ବାଜପେୟୀଙ୍କ ଭାଷଣରେ ପ୍ରଭାବିତ ହୋଇ ରାଜନୀତିରେ ପାଦ ଦେଇଥିଲେ ଉତ୍ତରପ୍ରଦେଶର ବୈଧରାଜ କିଷାନ । ସେ ପାଖାପାଖି ୧୯ ଥର ଭିନ୍ନଭିନ୍ନ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିଛନ୍ତି । ସେ ପ୍ରତି ନିର୍ବାଚନରେ ସ୍ୱତନ୍ତ୍ର ଭାବେ ନିଜର ନାମାଙ୍କନ ଦାଖଲ କରିଥାଆନ୍ତି । ସେହିଭଳି ଚଳିତଥର ମଧ୍ୟ ସେ ଲୋକସଭା ନିର୍ବାଚନ ପାଇଁ ନାମାଙ୍କନ ଦାଖଲ କରିଛନ୍ତି । ତାଙ୍କ ବୟସ ପାଖାପାଖି ୬୩ ବର୍ଷ । ସେ ପେଶାରେ ଜଣେ ଆୟୁର୍ବେଦ ଔଷଧପ୍ରସ୍ତୁତ କାରୀ । ସେ ରାଜନୀତିରେ ଲୋକଙ୍କ ସେବା କରିବାକୁ ଚାହୁଁଛନ୍ତି, ତେଣୁ ସେ ପ୍ରତିବର୍ଷ ନିର୍ବାଚନ ଲଢ଼ିବାକୁ ନାମାଙ୍କନ ଦାଖଲ କରିଥାଆନ୍ତି ବୋଲି ପ୍ରକାଶ କରିଛନ୍ତି । ସେ ବର୍ତ୍ତମାନ ପର୍ଯ୍ୟନ୍ତ ୧୯ ଥର ନିର୍ବାଚନ ଲଢ଼ିଥିଲେ ମଧ୍ୟ ଜିତି ନାହାନ୍ତି । ୨୦୦୯ରେ ଲୋକସଭା ନିର୍ବାଚନରେ ତାଙ୍କୁ ୮ହଜାର ଭୋଟ ମିଳିଥିଲା, ୨୦୧୪ରେ ୫ ହଜାର ଭୋଟ ମିଳିଥିଲା । ସେ ୨୦୧୯ରେ ମଧ୍ୟ ନିର୍ବାଚନ ଲଢ଼ିଥିଲେ ଯେଉଁଥିରେ ତାଙ୍କୁ ୬ହଜାର ଭୋଟ ମିଳିଥିଲା । ତିନି ଥର ନଗର ପାଳିକା ଅଧ୍ୟକ୍ଷ, ୨୦୧୭ ଓ ୨୦୨୨ରେ ବିଧାନସଭା ନିର୍ବାଚନ ଲଢ଼ି ସାରିଛନ୍ତି ।



## ସୋସିଆଲ କୋଟ୍ସ



କୌନ ବନେଗା କରୋଡ ପତି ସେଟ୍‌ରେ ମୁଁ ସକାଳ ୯ଟାରୁ ୫ଟା ଯାଏଁ କାମ କରିଛି । ଏପରିକି ଗାଡିରେ ଲଞ୍ଚ ମଧ୍ୟ କରିଛି । ଅଭିନୟ ମୋ ପାଇଁ ସବୁକିଛି । ସବୁବେଳେ କାମକୁ ନେଇ ଆଡଜଷ୍ଟ କରିଥାଏ ।

**ଅମିତାଭ ବଚ୍ଚନ, ଅଭିନେତା**



ଆନିମଲ ଫିଲ୍ମକୁ ନେଇ କୌଣସି କମେଣ୍ଟ ଦେଇ ପାରିବି ନାହିଁ । ଏହି ଫିଲ୍ମ ଦେଖିବା ସମୟରେ କେତେବେଳେ ମୁଁ ଖୁସି ହେଉଥିବାବେଳେ କେତେବେଳେ ବିରକ୍ତ ଲାଗିଛି ।

**ବିଶାଲ ଭରଦ୍ୱାଜ, ଫିଲ୍ମ ମେକର**



ମୋତେ ଅଭିନୟ ପାଇଁ ପିଲାଦିନରୁ ଆଗ୍ରହ ଥିଲା । ମୋତେ ପିଲାଦିନେ ଗପ କହିବାକୁ ଖୁବ ଭଲ ଲାଗିଥାଏ । ସେଥିରୁ ଅଭିନୟ ପାଇଁ ଭଲ ପାଇବା ଆରମ୍ଭ ହୋଇଥିଲା ।

**ଆୟୁଷ ଶର୍ମା, ଅଭିନେତା**

## ଇତିହାସ

୧୮୦୯ – ଇଷ୍ଟ ଇଣ୍ଡିଆ କମ୍ପାନୀ ଏବଂ ପଞ୍ଜାବରେ ଶିଖ୍ ଶାସକ ରଣଜିତ ସିଂହଙ୍କର ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ।
୧୮୬୭ – ଟୋକିଓରେ ବିଦେଶୀ ବ୍ୟାପାର ପାଇଁ ଅନୁମତି ପ୍ରଦାନ ।
୧୯୦୪ – ସାହିତ୍ୟିକ ଚନ୍ଦ୍ରବଳି ପାଣ୍ଡେଙ୍କ ଜନ୍ମ ।
୧୯୦୫ – ଦକ୍ଷିଣ ଆଫ୍ରିକାରେ ଅଶ୍ୱେତଙ୍କୁ ଭୋଟ ଦେବାର ଅଧିକାର ପ୍ରାପ୍ତ ।
୧୯୫୭ – ସୋଡିଅମ ପରମାଣୁ ରିଆକ୍ଟର ପ୍ରଥମଥର ସଞ୍ଚାଳିତ ହେଲା ।
୧୯୬୮ – ବିଂଶ ଶତାବ୍ଦୀର ତାନସେନ ଗୁଲାମ ଅଲ୍ଲୀଙ୍କ ନିଧନ ।
୧୯୬୯ – ଭାରତର ପ୍ରସିଦ୍ଧ ଫୁଟବଲ ଖେଳାଳି ଆଇ ଏମ୍ ବିଜୟନଙ୍କ ଜନ୍ମ ।
୨୦୧୩ – ସୋମାଲିଆରେ ବ୍ରିଟେନ୍ ନିଜ ଦୂତବାସକୁ ୨୭ ବର୍ଷ ପରେ ପୁଣିଥରେ ଖୋଲିଲା ।

## ଦିନକୁ କରୁଥିଲେ ୧୦୦ ଥର ଫୋନ୍



ଅନେକ ସମୟରେ ଦେଖିବାକୁ ମିଳିଥାଏ ଭଲପାଇବାରେ ଲୋକମାନେ ବିଭିନ୍ନ ପ୍ରକାର ଅଜବ ଅଜବ କାର୍ଯ୍ୟ କରିଥାଆନ୍ତି । ସେହିଭଳି ଏକ ଘଟଣା ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଚୀନର ଜଣେ ୧୮ ବର୍ଷୀୟ ବାଳିକା ନିଜ ପ୍ରେମିକଙ୍କୁ ଦିନକୁ ୧୦୦ ଥର ଫୋନ କରୁଥିବାର ଜଣା ପଡିଛି । ତେବେ ଏହି କଣ୍ଡିସନକୁ ଡାକ୍ତରୀ ଭାଷାରେ 'ଲଭ୍ ବ୍ରେନ୍' ବୋଲି କୁହାଯାଇଥାଏ । ତେବେ ଯେତେବେଳେ ଯୁବତୀ ଜଣଙ୍କ ନିଜ ୟୁନିଭର୍ସିଟିର ପ୍ରଥମ ବର୍ଷରେ ଥିଲେ ସେତେବେଳେ ତାଙ୍କର ଏହି କଣ୍ଡିସନ ଦେଖିବାକୁ ମିଳିଥିଲା । ତେବେ ତାଙ୍କର ପ୍ରେମ ସମ୍ପର୍କ ଆରମ୍ଭ ହେବା ପରେ ସେ ମାନସିକ ସ୍ତରରେ ତାଙ୍କ ଉପରେ ଅଧିକ ନିର୍ଭର କରିବା ଆରମ୍ଭ କରିଥିଲେ । ସବୁବେଳେ ନିଜ ପ୍ରେମିକଙ୍କୁ ନିଜ ଆଖପାଖରେ ଦେଖିବାକୁ ଚାହୁଁଥିଲେ । କେବଳ ତାଙ୍କର ଉପସ୍ଥିତି ନୁହେଁ ସେ ପ୍ରେମିକଙ୍କୁ ବାରମ୍ବାର ଫୋନ କରିବା ସହିତ ମେସେଜ୍ ମଧ୍ୟ ପଠାଉଥିଲେ । ସେ ପ୍ରେମିକଙ୍କ ଠାରୁ ସବୁସମୟରେ ଉତ୍ତର ମଧ୍ୟ ଆଶା କରୁଥିଲେ । ହେଲେ ଯୁବତୀଙ୍କର ଏହି ବ୍ୟବହାର ତାଙ୍କ ପ୍ରେମିକଙ୍କୁ ସମସ୍ୟାରେ ପକାଇଥିଲା । ଧୀରେଧୀରେ ପ୍ରେମିକ ତାଙ୍କୁ ଅଣଦେଖା କରିବା ଆରମ୍ଭ କରିଥିଲେ । ତେବେ ଏହି ଲଭ୍ ବ୍ରେନ୍ କାରଣରୁ ଯୁବତୀ ହିଂସା କରୁଥିବାର ମଧ୍ୟ ଦେଖିବାକୁ ମିଳିଥିଲା । ଯାହାଫଳରେ ପୋଲିସ ଯୁବତୀଙ୍କ ଘରକୁ ଆସିବାକୁ ପଡିଥିଲା । ତେବେ ଏହାପରେ ତାଙ୍କୁ ଡାକ୍ତରଖାନାରେ ଆଡମିଟ୍ କରାଯାଇଥିଲା, ଯେଉଁଠି ଲଭ୍ ବ୍ରେନ୍ କଣ୍ଡିସନ ବିଷୟରେ ଜଣା ପଡିଥିଲା । ତେବେ ଏହି କଣ୍ଡିସନ କାରଣରୁ ଅନ୍ୟ ମାନସିକ ସମସ୍ୟା ମଧ୍ୟ ଦେଖିବାକୁ ମିଳିଥାଏ, ଯେପରି ଡିପ୍ରେସନ୍, ଆଙ୍ଗଜାଇଟି, ବାଇପୋଲାର ଡିସ୍‌ଅର୍ଡର ଆଦି । ତେବେ ଏହାର କାରଣ ଡାକ୍ତରମାନେ ପିଲାଦିନର ସମ୍ପର୍କ ବୋଲି ମତ ଦେଇଛନ୍ତି । ଯେଉଁ ପିଲାମାନଙ୍କର ପିଲାଦିନେ ନିଜ ବାପାମାଆଙ୍କ ସହିତ ଭଲ ସମ୍ପର୍କ ନଥାଏ, ସେମାନେ ଲଭ୍ ବ୍ରେନ୍‌ରେ ପୀଡିତ ହେବାର ଅଧିକ ଆଶଙ୍କା ରହିଥାଏ ।

## ଜେସିବି ପିଉସୀ



ଆଜିକାଲି ଲୋକମାନେ ନିଜ ବିବାହକୁ ସ୍ମରଣୀୟ କରିବା ପାଇଁ ବିଭିନ୍ନ ପ୍ରକାରର ପନ୍ଥା ଆପଣାଉଛନ୍ତି । ସେହିଭଳି ଏକ ବିବାହ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ବିହାରର ଚମ୍ପାରଣ ଜିଲ୍ଲାରେ ଏକ ବିବାହରେ ଗୋଟିଏ ଜେସିବି ମେସିନ୍‌କୁ ବରର ପିଉସୀ କରାଯାଇଛି । ବର ସହିତ ଅନେକ ମହିଳା ରହିଥିଲେ ମଧ୍ୟ ଏହି ମେସିନ୍ ବରର ପିଉସୀ ଭାବେ ଥିବା ବିବାହ ରୀତିକୁ ସମ୍ପୂର୍ଣ୍ଣ କରିଥିଲା । ବିହାରରେ ବିବାହ ସମୟରେ ଏକ ପ୍ରଥାର ପାଳନ ହୋଇଥାଏ ଯାହାର ନାଁ ହେଲା କଥା – ମଟକୋର । ଏହି ପ୍ରଥାକୁ ଗୋଟିଏ ଜେସିବି ମେସିନ୍ ସାହାଯ୍ୟରେ କରାଯାଇଛି, ଯାହାର ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ସୋସିଆଲ ମିଡିଆରେ ଲୋକମାନେ ଭିଡିଓଟିକୁ ଲାଇକ୍ ସେୟାର କରିବାରେ ଲାଗିଛନ୍ତି ।

## ଡିମ୍ପଲ ଗର୍ଲଙ୍କ କମ୍‌ବ୍ୟାକ



କିଛି ଦିନ ତଳେ ଜଣାପଡିଥିଲା କି ନବେଦଶକର ଡିମ୍ପଲ ଗର୍ଲ ପ୍ରିତି ଜିଣ୍ଟା ପୁଣି କମ୍‌ବ୍ୟାକ କରୁଛନ୍ତି । ଏହାପରେ ତାଙ୍କ ଫ୍ୟାନଙ୍କ ମଧ୍ୟରେ ବେଶ୍ ଉତ୍ସୁକତା ଦେଖିବାକୁ ମିଳିଥିଲା । ତେବେ ବର୍ତ୍ତମାନର ସୂଚନା ଅନୁସାରେ ରାଜକୁମାର ସନ୍ତୋଷୀଙ୍କ ନିର୍ଦ୍ଦେଶନାରେ ଫିଲ୍ମ ଲାହୋର ୧୯୪୭ ଦ୍ୱାରା ସେ କମବ୍ୟାକ କରିବାକୁ ଯାଉଛନ୍ତି । ଫିଲ୍ମର ସୁଟିଂ ଆରମ୍ଭ ହୋଇ ସାରିଛି ବୋଲି ପ୍ରିତିଜିଣ୍ଟା ନିଜେ ସୂଚନା ଦେଇଛନ୍ତି । ସୁଟିଂ ସେଟରୁ ଏକ ଫଟୋ ନିଜେ ପ୍ରିତି ଅପଲୋଡ କରି ଏହି ସୂଚନା ପ୍ରଦାନ କରିଛନ୍ତି । ଫଟୋଟି ସେୟାର ହେବାପରେ ଦର୍ଶକ ଏହାକୁ ଖୁବ ଲାଇକ୍ ସେୟାର କରୁଥିବାର ଦେଖିବାକୁ ମିଳୁଛି । ନବେଦଶକର ବେଶ୍ ହିଟ୍ ନାୟିକା ଥିଲେ ପ୍ରିତି ଜିଣ୍ଟା । ତାଙ୍କର ଅଭିନୟ ସହିତ ଡିମ୍ପଲର ସମସ୍ତେ ଫ୍ୟାନ ଥିଲେ । ଏହି ଫିଲ୍ମ ଲାହୋର ୧୯୪୭ରେ ଦର୍ଶକ ଲିଡ୍ ରୋଲରେ ପ୍ରିତିଜିଣ୍ଟା ଓ ସନ୍ନି ଦେଓ୍ୱଲଙ୍କୁ ଦେଖିବାକୁ ପାଇବେ, ଯାହାର ପ୍ରଯୋଜନା ଅମିର ଖାନ କରିଛନ୍ତି । ସେହିଭଳି ଅନ୍ୟମାନଙ୍କ ମଧ୍ୟରେ ଏଥିରେ ଭିକ୍କି କୌଶଲ, ଶିଲ୍ପା ସେଟ୍ଟୀ, ଅଲ୍ଲି ଫଜଲ, ଶବାନା ଆଜମି, ମିଥୁନ ଚକ୍ରବର୍ତ୍ତୀ, କରନ ଦେଓ୍ୱଲ ପ୍ରମୁଖ ନଜର ଆସିବେ ।

## ଘର ନା ଜେଲ୍ !



ସୋସିଆଲ ମିଡିଆରେ ଲଣ୍ଡନର ଏକ ଘର ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ଏହି ଘରେ ଜେଲ ଭଳି ଏକ ଜାଲି ରହିଥିବାବେଳେ ଘରର ଭଡା ଗୋଟିଏ ମାସକୁ ରହିଛି ୭୭ ହଜାର । ଘରଟି ନିଜର ଷ୍ଟ୍ରକଚର ସହିତ ଭଡା ପାଇଁ ଭାଇରାଲ ହେବାରେ ଲାଗିଛି । ସୂଚନା ଅନୁସାରେ ୨୦୧୭ରେ ଏଠାରେ ଥିବା ଏକ ପୋଲିସ ଷ୍ଟେସନ ବନ୍ଦ ହୋଇଯାଇଥିଲା । ତେବେ ଏହା ବନ୍ଦ ହେବା ପରେ ଏହିସ୍ଥାନକୁ ଫ୍ଲାଟରେ ପରିବର୍ତ୍ତନ କରାଯାଇଥିଲା । ସମସ୍ତ ସ୍ଥାନ ରିନୋଭେଟ୍ ହୋଇଥିଲେ ବି ଗୋଟିଏ ଜେଲ୍‌କୁ ରଖାଯାଇଥିଲା । ଏହାକୁ ପୋଲିସ୍ ଷ୍ଟେସନ ସ୍ମୃତିରେ ରଖାଯାଇଥିବା ପ୍ରକାଶ କରାଯାଇଛି । ଫ୍ଲାଟର ଇଣ୍ଟେରିଅର ଖୁବ ଭଲ ଅଛି, ହେଲେ ଏହାର ଗୋଟିଏ କଣରେ ଏହି ଜେଲ୍‌ଟି ରହିଛି । ତେବେ ଲୋକମାନେ ସୋସିଆଲ ମିଡିଆରେ ଏହି ୟୁନିକ ଘରକୁ ଲାଇକ୍ କରିବାରେ ଲାଗିଛନ୍ତି । ସେହିଭଳି ଏହି ଘରକୁ କିଭଳି ବ୍ୟବହାର କରିହେବ ସେ ନେଇ ଅନେକ ୟୁଜର୍ସ ଆଇଡିଆ ମଧ୍ୟ ଦେବାରେ ଲାଗିଛନ୍ତି । ଏହା ବିଶେଷଭାବେ ପିଲା ଦୁଷ୍ଟ ହେଲେ କାମରେ ଆସିବ ବୋଲି ଅଧିକ କମେଣ୍ଟ ଆସିଛି ।







ହିଞ୍ଜିଳିରୁ ପ୍ରଚାର ଆରମ୍ଭ କଲେ ବିଜେଡ଼ି ସଭାପତି ନବୀନ ପଟ୍ଟନାୟକ

ସାଧାରଣ ସଭାରେ ଉଦ୍‌ବୋଧନ ଦେଉଛନ୍ତି କାର୍ତ୍ତିକ ପାଣ୍ଡିଆନ୍

## ପ୍ରଣବ ପ୍ରକାଶଙ୍କ ମାରାଥନ ପ୍ରଚାର

# ମୁଖ୍ୟମନ୍ତ୍ରୀ ଆପଣଙ୍କ ସାଥିରେ ଅଛନ୍ତି, ମୁଁ ନିମିତ୍ତମାତ୍ର

ଭୁବନେଶ୍ୱର,(ସବ୍ୟୁ): ସାରା ଓଡିଶା ଏକ ପରିବାର । ବିଜୁ ଜନତା ଦଳ ଏକ ପରିବାର । ଏପରିବାରର ନବୀନ ପଟ୍ଟନାୟକ ସବୁ ବେଳେ ଆମ ସାଥିରେ ଅଛନ୍ତି । ମୁଁ ତ ନିମିତ୍ତ ମାତ୍ର । ଆପଣଙ୍କ ସେବା କରିବା ପାଇଁ ମୁଖ୍ୟମନ୍ତ୍ରୀ ମତେ ଏଠିକି ପଠାଇଛନ୍ତି । ଆପଣଙ୍କ ଆଶୀର୍ବାଦ ରହିଲେ ଦିଲ୍ଲୀ ଦରବାରରେ ଏଅଞ୍ଚଳର ସ୍ୱର ଶାଣିତ କରିବି । ପଶ୍ଚିମ ଓଡିଶାରୁ ଭାରତୀୟ ଜନତା ପାର୍ଟିର ପାଞ୍ଚ ଜଣ ସାଂସଦଙ୍କୁ ଆପଣମାନେ ନିର୍ବାଚିତ କରି ପଠାଇଲେ । ହେଲେ ଏଅଞ୍ଚଳର ବିକାଶ ପାଇଁ ଆଜି ପର୍ଯ୍ୟନ୍ତ ସେମାନେ ମୁହଁ ଖୋଲିନାହାନ୍ତି । ବିଜୁ ଜନତା ଦଳ ଉପରେ ଭରସା ରଖନ୍ତୁ । ଏଥର ଯୋଡିଶଙ୍ଖରୁ ବିକାଶର ସ୍ୱର ଶୁଭିବ ବୋଲି ମାରାଥନ ପ୍ରଚାର ସମୟରେ ଜନସାଧାରଣଙ୍କୁ ଭରସା ଦେଇ କହିଛନ୍ତି ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ । ଆଜି ତାଳଚେର ରେମାହିଙ୍ଗୁଳାଙ୍କ ଦର୍ଶନ କରି ଆଶିଷ ଲଭିବା ପରେ ପ୍ରଚାର କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ପ୍ରଣବ ପ୍ରକାଶ । ତାଳଚେରର ଛେଣ୍ଡିପଦା ଓ ପରେ ଦେବଗଡ ଜିଲ୍ଲା ରିଆମାଳ ରେ ପହଞ୍ଚିଥିଲେ । ପ୍ରଣବ ପ୍ରକାଶଙ୍କୁ ସ୍ୱାଗତ କରିବା ପାଇଁ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା । ସମ୍ବଲପୁର ଲୋକସଭା କ୍ଷେତ୍ରର ଆବାଳ ବୃଦ୍ଧବନିତାତାଙ୍କୁ ସହୃଦୟେ ଗ୍ରହଣ କରୁଥିବା ଦେଖି ସେ ଭାବ ବିହ୍ୱଳ ହୋଇଥିଲେ । ଏତେ ଗରମରେ ମଧ ଆପଣମାନେ ଆସି ମତେ ସମର୍ଥନ କରିବା ହିଁ ସ୍ପଷ୍ଟ କରୁଛି ଏହା ପ୍ରଚାର ନୁହେଁ, ସ୍ନେହର ସଭା । ମୁଖ୍ୟମନ୍ତ୍ରୀ ଆପଣଙ୍କ ସେବା କରିବା ପାଇଁ ମତେ ସୁଯୋଗ ଦେବାର ନିଷ୍ପତ୍ତିକୁ ଆପଣ ମାନେ ଗ୍ରହଣ କରିସାରିଛନ୍ତି ବୋଲି ହୃଦବୋଧ ହେଉଛି । ଏଥର ଆପଣମାନେ ଦୃଢ ନିଶ୍ଚିତ ଥାଆନ୍ତୁ । ଯୋଡିଶଙ୍ଖରୁ ବିକାଶର ସ୍ୱର ଶୁଭିବ ବୋଲି ପ୍ରଣବ ପ୍ରକାଶ ବିଶ୍ୱାସର ବାର୍ତ୍ତା ଦେଇଥିଲେ। ସେହି ସଭାରୁ ବିରୋଧୀଙ୍କୁ ଟାର୍ଗେଟ କରିଥିଲେ ପ୍ରଣବ ପ୍ରକାଶ । ସେ କହିଥିଲେ ଭାରତୀୟ ଜନତା ପାର୍ଟିର ପାଞ୍ଚ ଜଣ ସାଂସଦ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ନିର୍ବାଚିତ ହୋଇ ଦିଲ୍ଲୀ ଯାଇଛନ୍ତି । କିନ୍ତୁ ଯେଉଁ ଲୋକଙ୍କ ଭୋଟ ପାଇ ସେମାନେ ଦିଲ୍ଲୀଗଲେ ସେମାନଙ୍କ ଅଭାବ ଅସୁବିଧା ବୁଝିବା ପାଇଁ ସେମାନଙ୍କ ପାଖରେ ସମୟ ନାହିଁ । କିଏ କଥା କହେ ଏବଂ କିଏ କାମ କରେ ତାହା ଆପଣମାନେ ଭଲଭାବରେ ବୁଝନ୍ତୁ । ଏଥର ଆପଣଙ୍କ ଦୁଇଟି ଯାକ ଭୋଟ ଶଙ୍ଖ ଚିହ୍ନକୁ ଦେଇବିକାଶ ବିରୋଧୀଙ୍କୁ ଉଚିତ ଜବାବ ଦିଅନ୍ତୁ ବୋଲି ଆହ୍ୱାନ କରିଥିଲେ ।



ଯୋଡି ଶଙ୍ଖ ବିକାଶ ସ୍ୱର

## ଅଶ୍ୱିନୀ ବୈଷ୍ଣବଙ୍କ ବିରୋଧରେ ରୁଜୁ ମାମଲା ଖାରଜ

# ୫ ହଜାର ଟଙ୍କା ଡଣ୍ଡ ଗଣିବେ ଆବେଦନକାରୀ

କଟକ,(ସବ୍ୟୁ): ୨୦୧୯ ରାଜ୍ୟସଭା ନିର୍ବାଚନ ବେଳେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରାର୍ଥୀପତ୍ର ଦାଖଲ ସମୟରେ ଯେଉଁ ସତ୍ୟପାଠ ଦାଖଲ କରିଥିଲେ ସେଥିରେ ବହୁତଥ୍ୟ ମିଥ୍ୟା ସୂଚନା ଥିଲା ବୋଲି ଅଭିଯୋଗ କରି ରୁଜୁ ମାମଲାକୁ ଆଜି ହାଇକୋର୍ଟ ଖାରଜ କରିଛନ୍ତି ।ମୁଖ୍ୟବିଚାରପତି ଜଷ୍ଟିସ ଚକ୍ରଧାରୀ ଚରଣ ସିଂ ଓ ବିଚାରପତି ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣୀ କରି ଉପରୋକ୍ତ ନିର୍ଦ୍ଦେଶ ଦେବାସହ ଆବେଦନକାରୀ ଭାଗ୍ୟଧର ବେହେରାଙ୍କୁ ୫ ହଜାର ଟଙ୍କା ଜରିମାନା ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି । ଏହି ଅର୍ଥ ହାଇକୋର୍ଟ ବାର ଆସୋସିଏସନ କଲ୍ୟାଣ ପାଣ୍ଠିରେ ଆସନ୍ତା ତିନି ସପ୍ତାହ ମଧ୍ୟରେ ଜମା କରିବାକୁ ଆଦେଶରେ ସ୍ପଷ୍ଟ କରିଦେଇଛନ୍ତି ।

# ବିଜେଡି କର୍ମୀ ସମ୍ମିଳନୀ

ଆଗରପଡ଼ା,(ସବ୍ୟୁ): ସ୍ଥାନୀୟ ଚଉଦ ନମ୍ବର ଜିଲ୍ଲା ପରିଷଦ ଜୋନ ଅନ୍ତର୍ଗତ ବିଟିପୁର ଓ ମହାନ୍ତିପଡ଼ା ପଂଚାୟତରେ ପୃଥକଭାବେ ବିଜେଡି ପକ୍ଷରୁ କର୍ମୀସମ୍ମିଳନୀ ଓ ବାଇକ ରାଲି ଅନୁଷ୍ଠିତ ହୋଇଯାଇଛି। ଭଣ୍ଡାରିପୋଖରୀ ବିଧାୟକ ପ୍ରାର୍ଥୀ ସଞ୍ଜୀବ ମଲ୍ଲିକ ଓ ଭଦ୍ରକ ସାଂସଦ ପ୍ରାର୍ଥୀନୀ ମଞ୍ଜୁଲତା ମଣ୍ଡଳ ଯୋଗଦେଇଥିଲେ। ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା,ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ,ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡ଼େଇ,ଜିଲ୍ଲା ଉପସଭାପତି ପ୍ରଶାନ୍ତ ଦାଶ,ବିଟିପୁର ସରପଞ୍ଚ ଶୁଭଦ୍ରା ସିଂହ,ସମିତିସଭ୍ୟା ଜ୍ୟୋତିର୍ମୟୀ ପଣ୍ଡା,ମହାନ୍ତିପଡ଼ା ସରପଞ୍ଚ ନିହାର ରଞ୍ଜନ ପଣ୍ଡା,ସମିତିସଭ୍ୟ ନିର୍ମଳ ନାୟକ,ଜିଲ୍ଲା ପରିଷଦ ସଭ୍ୟା ରୁନିତା ଦାସ,ବ୍ଲକ ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି,ଯୁବ ସଭାପତି ସତ୍ୟସାଧନ ବେଜ,ଯୁବନେତା ସପନ ସିଂହ,ଅଶୋକ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।




# ଅଂଶୁଘାତ ପ୍ରତି ସାବଧାନ !

DSPL-02

## ଜରୁରୀ ସୂଚନା

- ଟାଣ ଖରାରେ ପଦାକୁ ବାହାରନ୍ତୁ ନାହିଁ ।
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ ।
- ଜରୁରୀ କାମରେ ବାହାରକୁ ଯିବାକୁ ହେଲେ କଳା ଚଷମା, ଚପଲ, ମୁଣ୍ଡରେ ଓଦା ଗାମୁଛା ଏବଂ ଛତା ବ୍ୟବହାର କରନ୍ତୁ ।
- ବାହାରକୁ ଯିବା ସମୟରେ ପାଣି ବୋତଲ ସାଙ୍ଗରେ ନିଅନ୍ତୁ ।
- ହାଲୁକା ଏବଂ ଢିଲା ପୋଷାକ ପରିଧାନ କରନ୍ତୁ ।
- ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ ।
- ଜଳ ଶୁଷ୍କତାରୁ ରକ୍ଷା ପାଇବା ପାଇଁ ଅଧିକ ପାଣି, ଓ.ଆର.ଏସ୍ ଦ୍ରବଣ, ପଣା, ତୋରାଣି, ଘୋଳଦହି ଓ ଆଖୁରସ ପିଅନ୍ତୁ ଏବଂ କାକୁଡ଼ି, ତରଭୁଜ ଆଦି ଖାଆନ୍ତୁ ।
- ଅଂଶୁଘାତରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଯଥା ଶୀଘ୍ର ଡାକ୍ତରଖାନାକୁ ନେଇ ଚିକିତ୍ସା କରାନ୍ତୁ ।
- ଗୃହପାଳିତ ପଶୁପକ୍ଷୀମାନଙ୍କୁ ଛାଇରେ ରଖନ୍ତୁ ଏବଂ ପ୍ରଚୁର ପରିମାଣରେ ପାଣି ପିଇବାକୁ ଦିଅନ୍ତୁ ।
- ଭାରତୀୟ ପାଣିପାଗବିଭାଗ ଦ୍ୱାରା ଗ୍ରୀଷ୍ମପ୍ରବାହ ସମ୍ବନ୍ଧୀୟ ଦିଆଯାଉଥିବା ସତର୍କ ସୂଚନା ପ୍ରତି ସର୍ବଦା ଧ୍ୟାନ ଦିଅନ୍ତୁ ।

OSDMA

ସଚେତନତା ଓ ସତର୍କତା ହିଁ ସୁରକ୍ଷା !

OIPR: 24007/13/0001/2425

# ସମ୍ ହସ୍ପିଟାଲରେ ହାପ୍ଲୋଆଇଡେଣ୍ଟିକାଲ୍ ହେମାଟୋପୋଇଟିକ୍ ଷ୍ଟେମ୍ ସେଲ୍ ଟ୍ରାନ୍ସପ୍ଲାଣ୍ଟେସନ୍ ସଫଳ



ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶାରେ ପ୍ରଥମ ଥର ପାଇଁ ସ୍ଥାନୀୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ ଆଣ୍ଡ ସମ୍ ହସ୍ପିଟାଲର କ୍ଲିନିକାଲ୍ ହେମାଟୋଲୋଜି ବିଭାଗ ପକ୍ଷରୁ ଆକ୍ୟୁଟ୍ ମାଇଲଏଡ ଲ୍ୟୁକୋମିଆ (ଏଏମ୍ଏଲ୍) ସମସ୍ୟାରେ ପୀଡ଼ିତା ଜଣେ ୫୧ ବର୍ଷୀୟା ମହିଳାଙ୍କ ଶରୀରରେ ହାପ୍ଲୋଆଇଡେଣ୍ଟିକାଲ୍, ହେମାଟୋପୋଇଟିକ୍ ଷ୍ଟେମ୍ ସେଲ୍ ଟ୍ରାନ୍ସପ୍ଲାଂଟେସନ୍ (ଏଚ୍ଏସ୍ସିଟି) ସଫଳତାର ସହ କରାଯାଇଛି ।

ଏହି ହାପ୍ଲୋଆଇଡେଣ୍ଟିକାଲ୍ ପ୍ରତ୍ୟାରୋପଣ ଏକ ପ୍ରକାର ଆଲୋଜେନିକ୍ ପ୍ରତ୍ୟାରୋପଣ ଯେଉଁଥିରେ କି ଅଧା ମେଳ ଖାଉଥିବା ଡୋନରର ସୁସ୍ଥ ଓ ରକ୍ତ ପ୍ରସ୍ତୁତକାରୀ କୋଷ ଗୁଡ଼ିକୁ କାଯାଇ ରୋଗୀର ଅସୁସ୍ଥ କୋଷ ବଦଳରେ ସ୍ଥାନୀତ କରାଯାଏ ବୋଲି ବୁଧବାର ସମ୍ ହସ୍ପିଟାଲର କ୍ଲିନିକାଲ୍ ହେମାଟୋଲୋଜି, ହେମାଟୋଅଙ୍କୋଲୋଜି ଏବଂ ହେମାଟୋପୋଇଟିକ୍ ଷ୍ଟେମ୍ ସେଲ ଟ୍ରାନ୍ସପ୍ଲାଣ୍ଟ ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ପ୍ରିୟଙ୍କା ସାମଲ କହିଛନ୍ତି ।

ରୋଗୀଙ୍କ ନିମନ୍ତେ ଡୋନର୍ ତାଙ୍କ ନିଜ ଝିଅ ହୋଇଥିବା ବେଳେ ତାଙ୍କ ଶରୀରର ହ୍ୟୁମାନ୍ ଲ୍ୟୁକୋସାଇଟ୍ ଆଣ୍ଟିଜେନ୍ସ (ଏଚ୍ଏଲ୍ଏ) ରୋଗୀଙ୍କ ସହିତ ଅଧା ମେଳ ଖାଇଥିଲା । ପ୍ରତ୍ୟାରୋପଣ ପରେ ରୋଗୀଙ୍କ ଶରୀରରେ କିଛିଟା ସମସ୍ୟା ଦେଖା ଦେଇଥିଲେ ମଧ ସେଗୁଡ଼ିକୁ ଖୁବ୍ ଭଲ ଭାବେ ଏବଂ ଯଥା ଶୀଘ୍ର ସୁଧାରି ଦିଆଯାଇଥିଲା ବୋଲି ଡାକ୍ତର ସାମଲ କହିଛନ୍ତି ।

## କୁଚିଣ୍ଡାରେ ପ୍ରଣବଙ୍କ ପାୱାର ସୋ

# ଆପଣମାନେ ମାଲିକ, ବିଚାର କରିବାର ସମୟ ଆସିଛି : ପ୍ରଣବ ପ୍ରକାଶ

ସମ୍ବଲପୁର,(ସବ୍ୟୁ): ବିଗତ ନିର୍ବାଚନରେ ଆମେ ବିଜେପିର ସାଂସଦ ପ୍ରାର୍ଥୀଙ୍କୁ ଭୋଟ ଦେଇ ବିଜୟୀ କରାଇଥିଲୁ । କିନ୍ତୁ ସାଂସଦ ଭାବରେ ସେ ଯେଉଁ କାମ କରିବା କଥା ତାହା କଲେ ନାହିଁ । ବିଜେପି ପ୍ରତି ଆମର ଆଉ ଭରସା ନାହିଁ । ଯେହେତୁ ଓଡିଶାର ଜଣେ ଦକ୍ଷ ନେତା ପ୍ରଣବ ପ୍ରକାଶ ଦାସ ସମ୍ବଲପୁର ଲୋକସଭା ପାଇଁ ପ୍ରାର୍ଥିତ୍ୱ କରୁଛନ୍ତି ଏହା ଆମ ଅଞ୍ଚଳ ପାଇଁ ଏକ ସୁବର୍ଣ୍ଣ ସୁଯୋଗ । ଏ ସୁଯୋଗକୁ ହାତଛଡା ନକରି ଆମେ ଦୁଇଥର ଶଙ୍ଖ ଚିହ୍ନରେ ଭୋଟ ଦେବୁ । ପ୍ରଣବ ପ୍ରକାଶ ଦାସଙ୍କୁ ଲକ୍ଷାଧିକ ଭୋଟ ବ୍ୟବଧାନରେ ଜିତାଇବୁ ବୋଲି କୁଚିଣ୍ଡାରେ ପ୍ରଚାର କାର୍ଯ୍ୟକ୍ରମ ସମୟରେ ନିଜର ମତ ରଖିଛନ୍ତି ଜନତା । ଛେଣ୍ଡିପଦା, ଦେବଗଡରେ ପ୍ରଚାର କରିବା ପରେ ଅପରାହ୍ନରେ କୁଚିଣ୍ଡା ସ୍ଥିତ ବାମରା ଠାରେ ପହଞ୍ଚିଥିଲେ ପ୍ରଣବ ପ୍ରକାଶ ଦାସ । ହଜାର ହଜାର ସଂଖ୍ୟାରେ ଜନସାଧାରଣ ତାଙ୍କୁ ସ୍ୱାଗତ କରିବାକୁ ପୂର୍ବପ୍ରସ୍ତୁତି କରି ସାରିଥିଲେ । ବିଜୁ ପଟ୍ଟନାୟକ ଛକରେ ପହଞ୍ଚିବା ପରେ ସେଠାରେ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏକ ବିଶାଳ ବାଇକ ରାଲି କରି ତାଙ୍କୁ ଗୋବିନ୍ଦପୁର ସ୍ଥିତ ଖେଳପଡିଆରେ ଆୟୋଜିତ ସଭା ପର୍ଯ୍ୟନ୍ତ ପାଛୋଟି ନିଆଯାଇଥିଲା । ସଭାରେ ଜନସାଧାରଣଙ୍କୁ ସମ୍ବୋଧନ କରି ଗତ ପାଞ୍ଚ ବର୍ଷରେ କୁଚିଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ ହୋଇଥିବା ବିକାଶ କାର୍ଯ୍ୟ ସମ୍ପର୍କରେ ବଖାଣିଥିଲେ । ରାସ୍ତା, ଖେଳପଡିଆ, ୫-ଟି ସ୍କୁଲ ରୂପାନ୍ତରଣ ସମ୍ପର୍କରେ କହିଥିଲେ । ସଭା ରୁ ବିରୋଧିଙ୍କୁ ଟାର୍ଗେଟ କରି ପ୍ରଣବ କହିଥିଲେ, ବିକାଶ ବିରୋଧୀଙ୍କୁ ରୂପାନ୍ତରଣ ସହ୍ୟ ହେଉନାହିଁ । ତେଣୁକରି ସେମାନେ ବିକାଶ କାର୍ଯ୍ୟକୁ ବିରୋଧ କରୁଛନ୍ତି ବୋଲି କହି ପ୍ରଣବ ପ୍ରକାଶ ଟାର୍ଗେଟ କରିଥିଲେ । ତେଣୁକରି ନିର୍ବାଚନରେ ବିକାଶ ବିରୋଧୀଙ୍କୁ ପ୍ରତ୍ୟାଖ୍ୟାନ କରି ଉଚିତ ଜବାବ ଦିଅନ୍ତୁ ବୋଲି ଆହ୍ୱାନ କରିଥିଲେ । ପ୍ରଚାର ସମୟରେ ପ୍ରଣବ ପ୍ରକାଶଙ୍କ ସହିତ କୁଚିଣ୍ଡା ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଛତ୍ରିଆ ଉପସ୍ଥିତ ଥିଲେ ।



# ଓଡ଼ିଶା ୱାଣ୍ଡର ଓମେନ କନଭେନସନ୍ - ୨୦୨୪




ଭୁବନେଶ୍ୱର,(ସବ୍ୟୁ):- ଓଡ଼ିଶା ୱାଣ୍ଡର ଓମେନ କନଭେନସନ୍ - ୨୦୨୪ ଆନ୍ତର୍ଜାତିକ ଶ୍ରମିକ ସଂଗଠନ (ଆଇଏଲଓ) ଓକ୍ଷୁଦ୍ର ଏବଂ ଓଏଏସଏମଇ ପକ୍ଷରୁ ଭୁବନେଶ୍ୱର ଠାରେ ମିଳିତ ଭାବେ ଏକ କର୍ମଶାଳାର ଆୟୋଜିତ ହୋଇଯାଇଛି ।

ଓଏଏସ୍ଏମ୍ଇ ଓମେନ ୱିଙ୍ଗର ଚେୟାରମ୍ୟାନ୍ ଜ୍ୟୋର୍ତିମୟୀ ମହାନ୍ତି ସମସ୍ତ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ମୁଖ୍ୟ ବକ୍ତାଭାବରେ ପିଏସଇଆଇ, ଆଇଏଲଓର ମୁଖ୍ୟ ବୈଷୟିକ ପରାମର୍ଶଦାତା ସୁଦୀପ୍ତା ଭଦ୍ରା ଯୋଗ ଦେଇଥିଲେ ।

ଏହି କାର୍ଯ୍ୟକ୍ରମର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ସରକାରୀ କ୍ରୟ ନୀତି ବିଷୟରେ ଉପସ୍ଥିତ ଲୋକଙ୍କୁ ଆଲୋକିତ କରିବା ଏବଂ ସେମାନଙ୍କୁ ଡିଜିଟାଲ ଏବଂ ଇ-ବାଣିଜ୍ୟ ମାର୍କେଟିଂ କୌଶଳ ସମ୍ବନ୍ଧରେ ସୂଚନା ପ୍ରଦାନ କରିବା । ବିଗତ ତିନିବର୍ଷ ମଧ୍ୟରେ, ଓଏଏସ୍ଏମ୍ଇ, ଆଇଏଲଓ ସହିତ ମିଳିତ ଭାବରେ, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ବସ୍ତ୍ର କ୍ଷେତ୍ର ଉପରେ ଧ୍ୟାନ ଦେଇ କାର୍ଯ୍ୟକ୍ରମ ଗୁଡିକ ସଂଗଠିତ କରି ଆଜିର ପ୍ରମାଣପତ୍ର ବଣ୍ଟନ ଇଭେଣ୍ଟରେ ଶେଷ ହୋଇଛି । ସରକାରୀ କ୍ଷେତ୍ରରେ ପ୍ରଭାବଶାଳୀ ଭାବରେ ଜଡିତ ହେବା ପାଇଁ ଆବଶ୍ୟକ ଜ୍ଞାନ ସହିତ ଉଦ୍ୟୋଗୀମାନଙ୍କୁ ସଶକ୍ତ କରିବାକୁ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଛି ।

ଏହି ସମ୍ମିଳନୀ ଓଡିଶାରେ ମହିଳା ଉଦ୍ୟୋଗୀଙ୍କୁ ସଶକ୍ତ କରିବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିଥିଲା ।

ପିଏସଇଆଇ, ଆଇଏଲଓର ମୁଖ୍ୟ ବୈଶ୍ୟକ ପରାମର୍ଶଦାତା ସୁଦୀପ ଭଦ୍ରା ମହିଳା ଉଦ୍ୟୋଗୀମାନେ ସମ୍ମୁଖୀନ ହେଉଥିବା ଆହ୍ୱାନ ଉପରେ ଗୁରୁତ୍ୱାରୋପ କରିଥିଲେ ।

ଏହି ଅବସରରେ ଉଦବୋଧନ ଦେଇ ଓଏଏସ୍ଏମ୍ଇ ଭୁବନେଶ୍ୱର ଶାଖାସଚିବ ପ୍ରତିଶ୍ରୁତି ଜେନା କହିଛନ୍ତି ଯେ, ଏହି ସମ୍ମିଳନୀ ଓଡିଶାର ମହିଳା ଉଦ୍ୟୋଗୀଙ୍କୁ ସଶକ୍ତ କରିବା ପାଇଁ ଏକ ମଞ୍ଚଭାବରେ କାର୍ଯ୍ୟ କରିଛି ।

ଏମଏସଇ ଉତ୍ପାଦନ ଉଦ୍ୟୋଗ -୨୦୨୪ ପାଇଁ ଓଡିଶା କ୍ରୟ ପ୍ରିଫରେନ୍ସ ପଲିସି ଉପରେ ଆୟୋଜିତ ହୋଇଥିବା ଅଧିବେଶନକୁ ଓଏଏସ୍ଏମ୍ଇ ର ସେକ୍ରେଟେରୀ ଜେନେରାଲ୍ ସାତ୍ତ୍ୱିକ ସ୍ୱାଇଁ ପରିଚାଳନା କରିଥିଲେ ।

ଓଡିଶାର ଏମଏସଏମଇରେ ଅଂଶଗ୍ରହଣକାରୀ ମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା ।

## ବିଭିନ୍ନ ପ୍ରବର୍ତ୍ତନ ସଂସ୍ଥା ସହ ଗୁରୁତ୍ୱପୂର୍ଣ୍ଣ ବୈଠକ

# ଏବେ ସୁଦ୍ଧା ଜବତ ହେଲାଣି ୨୧୩.୩୪ କୋଟିର ସମାଗ୍ରୀ



ଭୁବନେଶ୍ୱର,(ସବ୍ୟୁ): 'ସ୍ୱଚ୍ଛ ଓ ମୁକ୍ତ ନିର୍ବାଚନ ପ୍ରକ୍ରିୟା ହେଉଛି ଭାରତୀୟ ଗଣତନ୍ତ୍ରର ମୂଳସ୍ତମ୍ଭ । ରାଜ୍ୟରେ ପ୍ରବର୍ତ୍ତନ ସଂସ୍ଥାମାନେ 'ଶୂନ୍ୟ ସହନଶୀଳ ନୀତି' ସହ ଅର୍ଥବଳ, ମାଦକ ଦ୍ରବ୍ୟ ଓ ଲୋଭନୀୟ ବସ୍ତୁର ପ୍ରଭାବକୁ ପ୍ରତିହତ କରି ମୁକ୍ତ, ଅବାଧ ଓ ସ୍ୱଚ୍ଛ ନିର୍ବାଚନ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି । ଏବର୍ଷ ପ୍ରବର୍ତ୍ତନ ସଂସ୍ଥାମାନେ ମିଳିତ ଭାବେ ଜାନୁଆରୀ ୧ରୁ ଏପ୍ରିଲ୨୨ ସୁଦ୍ଧା ମୋଟ ୨୧୩.୩୪ କୋଟି ଟଙ୍କାର ସମାଗ୍ରୀ ଜବତ ହୋଇଛି ।

ବୁଧବାର ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳଙ୍କ ଅଧ୍ୟକ୍ଷତାରେ ଖାରବେଳ ଭବନର ସମ୍ମିଳନୀ କକ୍ଷରେ ବୈଠକ ବସିଥିଲା । ଏହି ବୈଠକରେ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ ସ୍ୱଚ୍ଛତା ଓ ନିରପେକ୍ଷତା ବଜାୟ ରଖିବା ପାଇଁ ସମସ୍ତ ପ୍ରବର୍ତ୍ତନ ସଂସ୍ଥାର ଗୁରୁଦାୟିତ୍ୱ ଉପରେ ଆଲୋକପାତ କରିଥିଲେ । ରାଜ୍ୟରେ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ଅନୈତିକ ଉପାୟରେ ବ୍ୟବହୃତ ହେଉଥିବା ଧନବଳ, ମାଦକ ଦ୍ରବ୍ୟ ଓ ଉପହାର ଆଦିକୁ ରୋକିବା ପାଇଁ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକର ସକ୍ରିୟ ନିୟନ୍ତ୍ରଣ ବ୍ୟବସ୍ଥା ବିଷୟରେ ଶ୍ରୀ ଧଳ ଆଲୋଚନା କରିଥିଲେ ।

ଏହି ଅବସରରେ ରାଜ୍ୟରେ କାର୍ଯ୍ୟରତ ବିଭିନ୍ନ ପ୍ରବର୍ତ୍ତନ ସଂସ୍ଥା ଯଥା-ଓଡ଼ିଶା ପୋଲିସ, ଅବକାରୀ ବିଭାଗ, ଆୟକର ବିଭାଗ, ରାଜ୍ୟ ଜିଏସ୍ଟି, କେନ୍ଦ୍ରୀୟ ଜିଏସ୍ଟି, ବ୍ୟାଙ୍କସମୂହ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଏୟାରପୋର୍ଟ ଅଥରିଟି, ଡାକ ବିଭାଗ, ସିଆଇଏସ୍ଏଫ୍, ଆର୍‌ପିଏଫ୍, ଏନ୍‌ସିବି, ରାଜସ୍ୱ ଗୁଇନ୍ଦା ବିଭାଗ, ଜଙ୍ଗଲ ବିଭାଗ, ଭାରତୀୟ କୋଷ୍ଟ ଗାର୍ଡ଼, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, ବେସାମରିକ ବିମାନ ଚଳାଚଳ ବିଭାଗ ଓ ସିଆର୍‌ପିଏଫ୍‌ର ରାଜ୍ୟ ନୋଡାଲ ଅଧିକାରୀମାନେ ପିପିଟି ପ୍ରେଜେଣ୍ଟେସନ୍ ମାଧ୍ୟମରେ ମୁଖ୍ୟ ନିର୍ବାଚନ ଅଧିକାରୀ ଓ ପର୍ଯ୍ୟବେକ୍ଷକମାନଙ୍କ ସମ୍ମୁଖରେ ନିର୍ବାଚନ ପ୍ରସ୍ତୁତି, ଜବତ ବ୍ୟବସ୍ଥା ଓ ତା'ର କାର୍ଯ୍ୟାନ୍ୱୟନ ସଂପର୍କରେ ସଂପୂର୍ଣ୍ଣ ତଥ୍ୟ ରଖିଥିଲେ । ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା ଦ୍ୱାରା ହିଁ ସ୍ୱଚ୍ଛ ନିର୍ବାଚନ ପ୍ରକ୍ରିୟା ସମ୍ଭବ ବୋଲି ମତପ୍ରକାଶ କରିଥିଲେ । ଏହି ମର୍ମରେ ରାଜ୍ୟ ସ୍ତରରୁ ଆରମ୍ଭ କରି ତୃଣମୂଳସ୍ତର ପର୍ଯ୍ୟନ୍ତ ସମସ୍ତ ପ୍ରବର୍ତ୍ତନ ସଂସ୍ଥାମାନେ ସମନ୍ୱୟ ମାଧ୍ୟମରେ ହିଁ ରାଜ୍ୟରେ ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪କୁ ସ୍ୱଚ୍ଛ, ମୁକ୍ତ, ଅବାଧ ଓ ନିରପେକ୍ଷ ରୂପେ ପରିଚାଳନା କରିବାରେ ସର୍ବଥା ଚେଷ୍ଟିତ ରହିବାକୁ ସେ ପ୍ରେରିତ କରିଥିଲେ । ୨୦୨୪ ନିର୍ବାଚନରେ ଜାନୁଆରୀ ୧ରୁ ଫେବ୍ରୁଆରୀ ୨୯ ମଧ୍ୟରେ ୭୬.୪୦ କୋଟି ଓ ମାର୍ଚ୍ଚ ୧ରୁ ଅପ୍ରେଲ ୨୨ ପର୍ଯ୍ୟନ୍ତ ୧୩୬.୯୪ କୋଟି ଟଙ୍କାର ସାମଗ୍ରୀ ଜବତ କରିସାରିଛନ୍ତି । ବୈଠକରେ ସାଧାରଣ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ଯୋଗେନ୍ଦ୍ର ତ୍ରିପାଠୀ ପୋଲିସ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ରଜନୀକାନ୍ତ ମିଶ୍ର ରାଜ୍ୟର ସମସ୍ତ ପ୍ରବର୍ତ୍ତନ ସଂସ୍ଥାର ସର୍ବୋଚ୍ଚ ଅଧିକାରୀଙ୍କ ସହ ସମୀକ୍ଷା ବୈଠକ କରି ଏଭଳି ମତ ପ୍ରକାଶ କରିଛନ୍ତି ।

# କଲେଜ ବସ୍‌କୁ ଧକ୍କା ଦେଲା ଆମ୍ବୁଲାନ୍ସ ,୪ ଆହତ

ଖୋର୍ଦ୍ଧା,(ସବ୍ୟୁ): ୧୬ନଂ ଜାତୀୟ ରାଜପଥ ପିଏନ କଲେଜ ଛକଠାରେ ଥୁଆ ହୋଇଥିବା ଘରୋଇ କଲେଜ ବସକୁ ଏକ ଆମ୍ବୁଲାନ୍ସ ଧକ୍କା ଦେବା ଫଳରେ ଆମ୍ବୁଲାନ୍ସରେ ଥିବା ୪ଜଣ ଆହତ ହୋଇଥିଲେ । ଖବର ପାଇ ପୁଲିସ ପହଁଚି ଆହତମାନଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲରେ ଭର୍ତି କରିଥିଲା ।

ପଶ୍ଚିମବଙ୍ଗ ଅଞ୍ଚଳରର ବିଶ୍ୱନାଥ ମୋଶନଙ୍କ ଝିଅ ବ୍ରିଷ୍ଟି ର ଚିକିତ୍ସା ପାଇଁ ବିଶ୍ୱନାଥ ତାମିଲନାଡୁ ର ଏକ ମେଡିକାଲ ରେ ଭର୍ତି କରିଥିଲେ । ସେଠାରୁ ଚିକିତ୍ସା ପରେ ପଶ୍ଚିମବଙ୍ଗ ଅଭିମୁଖେ ଆଜି ଟିଏନ-୫୮ କେ-୬୩୮୨ନଂ ବିଶିଷ୍ଟ ଏକ ଆମ୍ବୁଲାନ୍ସ ରେ ଆସୁଥିଲେ । ଅପରାହ୍ନ ସମୟରେ ଦୃତଗତିରେ ଆସୁଥିବା ଆମ୍ବୁଲାନ୍ସ ଟି ହଠାତ ଭାରସାମ୍ୟ ହରାଇ ପି.ଏନ.କଲେଜ ଛକଠାରେ ରାସ୍ତାପାର୍ଶ୍ୱରେ ଥୁଆ ହୋଇଥିବା ଘରୋଇ କଲେଜ ବସ କୁ ପଛପାର୍ଶ୍ୱରୁ ଧକ୍କା ଦେଇଥିଲା । ଏଥିରେ ଆମ୍ବୁଲାନ୍ସରେ ଆଗରେ ବସି ଥିବା ଅନ୍ୟଜଣେ ଡ୍ରାଇଭର ଗୁରୁତର ହୋଇଥିବାବେଳେ ବିଶ୍ୱନାଥଙ୍କ ସମେତ ୪ଆହତ ହୋଇଛନ୍ତି । ଗାଡି ଚଳାଉଥିବା ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାଯାଇଛି । ଆହତମାନଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତି କରାଯାଇଥିବାବେଳେ ପ୍ରାଥମିକ ଚିକିତ୍ସା ପରେ ଏମସ୍ ସ୍ଥାନାନ୍ତର କରାଯାଇଥିଲା ।

# ପୋଲିସ ଅବହେଳାରୁ ଚାଲିଗଲା ଯୁବକଙ୍କ ଜୀବନ

ଖୋର୍ଦ୍ଧା,(ସବ୍ୟୁ): ପୁଲିସ ଅବହେଳାରୁ ଦୁର୍ଘଟଣାଗ୍ରସ୍ତ ଯୁବକ ଙ୍କ ମୃତ୍ୟୁକୁ କେନ୍ଦ୍ର କରି ଜିଲ୍ଲା ଆରକ୍ଷୀ ଅଧିକାରୀ ଙ୍କ କାର୍ଯ୍ୟାଳୟ ଘେରିଲେ ସମ୍ପର୍କିୟ ଓ ଗ୍ରାମବାସୀ। ଦୁଇ ଘଂଟା ଧରି ଶବ ରଖି ଧାରଣା ଦେଇଥିଲେ। ଏସପିଙ୍କ ପ୍ରତିଶୃତି ପରେ ଧାରଣା ପ୍ରତ୍ୟାହାର ହୋଇଥିଲା ।

ଗତ ୨୨ତାରିଖ ରାତିରେ ୧୬ନଂମ୍ବର ଜାତୀୟ ରାଜପଥ ପଣ୍ଡିତ ଡାବା ନିକଟରେ ଦୁର୍ଘଟଣାଗ୍ରସ୍ତ ଗୁରୁତର ଆହତ ହୋଇଥିଲେ ଗୁରୁଜଙ୍ଗ ର ନୀଳକଣ୍ଠ ମହାପାତ୍ର। ସଦର ପୋଲିସ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲ ରେ ଭର୍ତି କରିଥିଲା। ସେଠାରୁ ତାଙ୍କୁ କ୍ୟାପିଟାଲ ପରେ କଟକ ବଡ ମେଡିକାଲ ପଠାଯାଇଥିଲା ।ଚିକିତ୍ସାଧୀନ ଅବସ୍ଥାରେ କଟକ ମେଡିକାଲ ରେ ନୀଳକଣ୍ଠ ଙ୍କ ମୃତ୍ୟୁ ଘଟିଥିଲା। ଘଟଣାଦିନ ପୁଲିସ ଆହତ ନୀଳକଣ୍ଠ ଙ୍କ ପକେଟରୁ ଟଙ୍କା ଏବଂ ମୋବାଇଲ ଜବତ କରିଥିଲା । ସେପଟେ ପରିବାର ଲୋକେ ନୀଳକଣ୍ଠ କୁ ନପାଇ ତାଙ୍କ ନମ୍ବର କୁ ବାରମ୍ବାର ଯୋଗାଯୋଗ ସତ୍ୱେ କୌଣସି ଉତର ପାଇନଥିଲେ । ଗତକାଲି ଜଣାଇଥିଲା ରାତିରେ ପୁଲିସ ପରିବାରକୁ ଜଣାଇଥିଲା ନୀଳକଣ୍ଠ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଛି। ପରିବାର ଲୋକେ ଖୋର୍ଦ୍ଧା ରୁ ଭୁବନେଶ୍ୱର ପରେ କଟକ ମେଡିକାଲରେ ପହଁଚି ମୃତ ଖବର ପାଇଥିଲେ। ପୁଲିସ ଘଟଣାଦିନ ମୋବାଇଲ କୁ ଯୋଗାଯୋଗ ବେଳେ ଜଣାଇଥିଲେ ନୀଳକଣ୍ଠ ର ଜୀବନ ବଂଚିଯାଇଥାନ୍ତା। ବୋଲି ପରିବାର ଗଣମାଧମ ଆଗରେ କହିଛନ୍ତି।ଏଥିଲାଗି ସଦର ଥାନା ପୁଲିସ ର ଅବହେଳା ଓ ଦାୟିତ୍ୱହୀନତା କୁ ଦାୟୀ କରିଛନ୍ତି। ସମ୍ପୃକ୍ତ ପୁଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଏସପି ଅଫିସ ଘେରାଉ କରିଥିଲେ। ଖୋର୍ଦ୍ଧା ଏସ୍ପି ଅଭିନାଶ କୁମାର ଆଲୋଚନା କରି ପ୍ରତିଶୃତି ଦେବାପରେ ଘେରାଉ ପ୍ରତ୍ୟାହୃତ ହୋଇଛି ।

# ୧୩୦ଟଙ୍କା ପାଇଁ ଦୋକାନ ପୋଡ଼ି, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ବାକି ଟଙ୍କା ମାଗିବାରୁ ଦୋକାନରେ ନିଆଁ ଲଗାଇ ପୋଡିଦେବା ଘଟଣାରେ ଚନ୍ଦକା ଥାନା ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତର ନାଁ ସଦାଶିବ ସ୍ୱାଇଁ ।

ଚନ୍ଦକା ଥାନା ଅନ୍ତର୍ଗତ ମଧୁପୁର ଗାଁ ଛକରେ ରଞ୍ଜିତ କୁମାର ସାହୁଙ୍କ ଡାଲି ଚାଉଳ ଦୋକାନ । ଦୋକାନରୁ ତାଙ୍କ ଗାଁର ସଦାଶିବ ୧୩୦ଟଙ୍କାର ସଉଦା ନେଇଥିଲା । ଟଙ୍କା ଦେବା ପରିବର୍ତ୍ତେ ପରେ ଦେବି ବୋଲି କହିଥିଲା । ମଙ୍ଗଳବାର ସକାଳେ ରଞ୍ଜିତ ସଦାଶିବକୁ ଟଙ୍କା ମାଗିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ସଦାଶିବ ରଞ୍ଜିତକୁ ଧମକାଇ କହିଥିଲା ଏହାର ପରିଣତି ଭୟଙ୍କର ହେବ । ରାତିରେ ରଞ୍ଜିତ ନିଜ ଦୋକାନ ଜଗି ସେଠାରେ ଶୋଇଥାଏ । ବିଳମ୍ବିତ ରାତିରେ ସଦାଶିବ ଦୋକାନରେ ନିଆଁ ଲଗାଇ ଦେବାରୁ ଦୋକାନ ଜଳି ପାଉଁଶ ହୋଇଯାଇଛି । ରଞ୍ଜିତ ନିଜ ଜୀବନ ବଞ୍ଚାଇ ପାରିଥିଲା ବେଳେ ଦୋକାନରୁ ସଉଦା କାଢିପାରି ନଥିଲା । ଲକ୍ଷାଧିକ ଟଙ୍କାର ଡାଲି, ଚାଉଳ ପୋଡି ପାଉଁଶ ହୋଇଯାଇଛି । ଏହି ନିଆଁ ଲଗାଇବା ଘଟଣା ସିସିଟିଭିରେ କଏଦ ହୋଇଥିବାରୁ ଏତଲା ପରେ ବୁଧବାର ଅଭିଯୁକ୍ତ ସଦାଶିବକୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି ।

## ସରକାରୀ ଅଧିକାରୀଙ୍କୁ ବିଜେପି ଧମକାଉଥିବା ଅଭିଯୋଗ

# ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହେଲା ବିଜେଡି



ଭୁବନେଶ୍ୱର,(ସବ୍ୟୁ): ବାରମ୍ବାର ସରକାରୀ ଅଧିକାରୀଙ୍କୁ ବିଜେପି ଧମକାଉଥିବା ଅଭିଯୋଗ କରିଛି ବିଜେଡି । କେତେବେଳେ ଫୋନ ଯୋଗେ ବିଡିଓ, ତହସିଲଦାର ଓ ପୋଲିସକୁ ଧମକ ତ ପୁଣି କେଉଁଠି ଖୋଲା ମଞ୍ଚରେ ଦିଆଯାଉଛି ଧମକ । ତାହା ପୁଣି ଜାତୀୟ ନିର୍ବାଚନ କମିଶନଙ୍କ ନାଁ ନେଇ ଧମକ ଦିଆଯାଉଛ । ନିର୍ବାଚନରେ ବିଜେପି ପାଇଁ କାମ କରିବାକୁ ଚାପ ପକାଯାଉଛ । ନହେଲେ ବଦଳିର ଭୟ ଦେଖାଉଛି ବିଜେପି । ଏହା ସହିତ ବିଜେଡି ସରକାରଙ୍କ ବିରୁଦ୍ଧରେ ଚାର୍ଜସିଟ୍ ପ୍ରକାଶ ବିରୁଦ୍ଧରେ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଫେରାଦ ହୋଇଛନ୍ତି ବିଜେଡି ପ୍ରତିନିଧି ଦଳ ।

ବିଜେଡି ଅଭିଯୋଗ କରି କହିଛି ଯେ, ବୁଧବାର ବିଜେପି ପକ୍ଷରୁ ବିଜେଡି ସରକାରଙ୍କ ବିରୁଦ୍ଧରେ ଏକ ଚାର୍ଜସିଟ୍ ପ୍ରକାଶ କରାଯାଇଛି । ଯାହା ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ହୋଇଛି । ସେହିପରି ସରକାରୀ ଅଧିକାରୀଙ୍କ ମନୋବଳ ଭାଙ୍ଗି ଦେଉଛି ବିଜେପି । ଚାରି ମାସ ପରେ ନିର୍ବାଚନ ସରିଯିବ । ହେଲେ ଏହା ପରେ କଣ ସରକାରୀ ଅଧିକାରୀଙ୍କ ମନୋବଳକୁ ଫେରାଇ ପାରିବ କି ବୋଲି ବିଜେପିକୁ ପ୍ରଶ୍ନ କରିଛି ବିଜେଡି । ବିଜେପିର ଏପରି ହୀନ ରାଜନୀତି ବିରୋଧରେ ଆଜି ପୁଣି ଥରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛି ବିଜେଡି । ଆଦର୍ଶ ଆଚରଣ ବିଧିର ସୁରକ୍ଷା ସହ ରାଜ୍ୟର ପରିଚାଳନା ଓ ଆର୍ଥିକ ସ୍ଥିତି ଠିକ ରଖିବାର ଗୁରୁ ଦାୟିତ୍ୱ ନିର୍ବାହ କରିଥାନ୍ତି ସରକାରୀ ଅଧିକାରୀ । ହେଲେ ବିଜେପି ସେମାନଙ୍କୁ ନିର୍ବାଚନୀ ଅସ୍ତ୍ର କରିବାର ଯେଉଁ ଷଡ଼ଯନ୍ତ୍ର ଚଳାଇଛି, ତାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଛି । ଏହା ବିରୋଧରେ ଦୃଢ ପଦକ୍ଷେପ ନେବାକୁ ସିଇଓଙ୍କୁ ଅନୁରୋଧ କରିଛି ବିଜେଡି । ଏହି ପ୍ରତିନିଧି ଦଳରେ ସାଂସଦ ସସ୍ମିତ ପାତ୍ର ଓ ସୁଲତା ଦେଓଙ୍କ ସମେତ ବହୁ ନେତୃବୃନ୍ଦ ସାମିଲ ଥିଲେ ।

# ଅଚ୍ୟୁତ ସାମନ୍ତଙ୍କୁ ୫୭ତମ ସମ୍ମାନସୂଚକ ଡକ୍ଟୋରେଟ୍

ଭୁବନେଶ୍ୱର,(ସବ୍ୟୁ): ରାଜସ୍ଥାନ ଜୟପୁରର ମହିଳା ବିଶ୍ୱବିଦ୍ୟାଳୟ ପକ୍ଷରୁ ଶିକ୍ଷାବିତ୍ ଓ ସମାଜସେବୀ ଅଚ୍ୟୁତ ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟୋରେଟ୍ ଡିଗ୍ରୀ (ଡକ୍ଟୋରେଟ୍ ଅଫ୍ ସାଇନ୍ସ) ପ୍ରଦାନ କରାଯାଇଛି । ବିଶ୍ୱବିଦ୍ୟାଳୟର ୧୪ତମ ସମାବର୍ତ୍ତନ ଉତ୍ସବ ଅବସରରେ ବୁଧବାର ମୁଖ୍ୟଅତିଥି କିରଣ ବେଦୀଙ୍କ ଉପସ୍ଥିତିରେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନସୂଚକ ଡକ୍ଟୋରେଟ୍ ପ୍ରଦାନ କରାଯାଇଛି । ଶ୍ରୀ ସାମନ୍ତ ଆଭାସୀରେ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ତାଙ୍କ ପ୍ରତିନିଧି ମହିଳା ବିଶ୍ୱବିଦ୍ୟାଳୟରୁ ଏହି ସମ୍ମାନ ଗ୍ରହଣ କରିଛନ୍ତି । ଏହା ହେଉଛି ଶ୍ରୀ ସାମନ୍ତଙ୍କ ୫୭ତମ ସମ୍ମାନସୂଚକ ଡକ୍ଟୋରେଟ୍ । ଶିକ୍ଷା, ସମାଜସେବା ସହ ମହିଳା ସଶକ୍ତିକରଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ଜୟପୁରର ମହିଳା ବିଶ୍ୱବିଦ୍ୟାଳୟ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଛି । କୌଣସି ମହିଳା ବିଶ୍ୱବିଦ୍ୟାଳୟରୁ ପ୍ରଥମ ଥର ଲାଗି ଶ୍ରୀ ସାମନ୍ତ ଏହି ସମ୍ମାନସୂଚକ ଡକ୍ଟୋରେଟ ହାସଲ କରିଛନ୍ତି । ଏହି ସମ୍ମାନରେ ଖୁସି ବ୍ୟକ୍ତ କରିବା ସହ ଶ୍ରୀ ସାମନ୍ତ ଜୟପୁରର ମହିଳା ବିଶ୍ୱବିଦ୍ୟାଳୟକୁ ଧନ୍ୟବାଦ ଜଣାଛନ୍ତି । ଏହି ସମ୍ମାନକୁ ଶ୍ରୀ ସାମନ୍ତ ନିଜ ମାଆ ନୀଳିମାରାଣୀ ତଥା କିଟ୍ ଓ କିସର ଶିକ୍ଷୟିତ୍ରୀ, ଅଧ୍ୟାପିକା ଏବଂ ମହିଳା ପ୍ରଶାସନିକ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି ।

# ଓଡ଼ିଆ ଚଳଚ୍ଚିତ୍ର ଅପରେସନ୍ ୧୨/୧୭ କୁ ପଚାଶ ଦିନ ପୂରିଲା

ଭୁବନେଶ୍ୱର,(ସବ୍ୟୁ): ସାଇ ଲୁମ୍ବିନୀ ପ୍ରଡ଼କସନ୍ସ ରେ ନିର୍ମାଣ ହୋଇଥିବା ସିନେମା ଅପରେସନ୍ ୧୨/୧୭ ସାଇ ଶରଣଓ କୁ ପ୍ରେକ୍ଷାଳୟରେ ୫୦ ଦିନ ପୂର୍ତ୍ତି ହୋଇଛି । ଭଲ ସିନେମା ପ୍ରତି ଦର୍ଶକ ଙ୍କ ମନରେ ଢେର ଆଗ୍ରହ ରହିଥିବାରୁ ଆଜି ମଧ ସିନେ ଦର୍ଶକଙ୍କ ସୁଅ ଛୁଟିଛି । କଟକ ସ୍ଥିତ ବୃନ୍ଦାବନ ସିନେମା ହଲ୍ ରେ ସିନେମାର ପୁରା ଟିମ୍ ଦର୍ଶକଙ୍କ ସହିତ ମିଶି ପଚାଶ ଦିନ ପୂର୍ତ୍ତି ଅବସରରେ କେକ୍ କାଟି ଖୁସି ମନେଇଛନ୍ତି । ଏହି ସ୍ୱତନ୍ତ୍ର ଖୁସି ଉପଲକ୍ଷେ ପୁରା ଟିମ୍ ସହିତ ଓଲିଉଡ଼ର ଅନେକ ନାମୀ ପ୍ରଯୋଜକ, ନିର୍ଦ୍ଦେଶକ, କଳାକାର ଯୋଗ ଦେଇଥିଲେ । ଫିଲ୍ମ ର ଗୀତଗୁଡିକୁ ଢେର ଭଲ ପାଇବା ଦେଇଥିଲେ । ଗୋଟିଏ ଭଲ ସିନେମା ଦର୍ଶକଙ୍କୁ ଭେଟି ଦେବାକୁ ପ୍ରଯୋଜିକା ଶୁଭ୍ରା ପଟ୍ଟନାୟକଙ୍କ ସ୍ୱପ୍ନ ପୁରା ହୋଇଛି ହୋଇଥିବା ପ୍ରମାଣିତ ହୋଇଥିଲା ।

## ଆଠମଲ୍ଲିକରେ କେନ୍ଦ୍ରମନ୍ତ୍ରୀଙ୍କ ନିର୍ବାଚନ ପ୍ରଚାର

# କେତେ ଦାଦନ ଯାଇଛନ୍ତି, ଶ୍ୱେତପତ୍ର ପ୍ରକାଶ ହେଉ



ଆଠମଲ୍ଲିକ,(ସବ୍ୟୁ): ମୁଖ୍ୟମନ୍ତ୍ରୀ ହିଞ୍ଜିଳିରେ ନିର୍ବାଚନ ପ୍ରଚାର କରୁଛନ୍ତି । ତେବେ ବିଗତ ବର୍ଷ ମାନଙ୍କରେ ହିଞ୍ଜିଳିରୁ କେତେ ଜଣ ଲୋକମାନେ ଦାଦନ ଯାଇଛନ୍ତି, ସେ ସମ୍ପର୍କରେ ସାମାଜିକ ସଂଗଠନର ଦାବି କ୍ରମେ ଶ୍ୱେତପତ୍ର ପ୍ରକାଶ କରିବେ କି ବୋଲି ମଙ୍ଗଳବାର ଆଠମଲ୍ଲିକ ନିର୍ବାଚନମଣ୍ଡଳୀରେ ପ୍ରଚାର କରିବା ଅବସରରେ ପ୍ରଶ୍ନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ବୁଧବାର ଆଠମଲ୍ଲିକ ନିର୍ବାଚନମଣ୍ଡଳୀର କିଆକଟା ଓ ମାଧପୁର ସମେତ ବିଭିନ୍ନ ସ୍ଥାନରେ ପଦଯାତ୍ରା ଓ ୬୦ କିମି ରୋଡ' ସୋ ମାଧ୍ୟମରେ ନିର୍ବାଚନ ପ୍ରଚାର କରିଛନ୍ତି । ସେ କହିଛନ୍ତି ଓଡ଼ିଶାରେ ପରିବର୍ତ୍ତନର ଧାରା ଆରମ୍ଭ ହୋଇଛି । ଲୋକେ ଏଥର ନିର୍ଣ୍ଣାୟକ ମତ ଦେବେ । ଏଥର ଲୋକକଲ୍ୟାଣକରୀ ସରକାର ପ୍ରତିଷ୍ଠା ହେବ । ରାଜ୍ୟର ସାମଗ୍ରିକ ବିକାଶ ପାଇଁ ବିଜେପି ପ୍ରତିଶ୍ରୁତିବଦ୍ଧ । ଓଡ଼ିଶା ଏବଂ ଦେଶରେ ବିଜେପି ସରକାର ଗଠନ କରିବା ଆମର ସଂକଳ୍ପ ବୋଲି ସେ କହିଛନ୍ତି । ମୁଖ୍ୟମନ୍ତ୍ରୀ ହିଞ୍ଜିଳିରେ ନିର୍ବାଚନ ପ୍ରଚାର କରୁଛନ୍ତି । ଏହି ପରିପ୍ରେକ୍ଷୀରେ ସାମାଜିକ ସଂଗଠନ ପକ୍ଷରୁ ଏକ ଦାବି ଉଠିଛି । ହିଞ୍ଜିଳିରୁ କେତେ ଦାଦନ ଯାଇଛନ୍ତି, ସେ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଶ୍ୱେତପତ୍ର ପ୍ରକାଶ କରନ୍ତୁ ବୋଲି ସଂଗଠନ ଗୁଡ଼ିକ ଦାବି କରିଛନ୍ତି । ନିର୍ବାଚନ ପ୍ରଚାର କାଳରେ କେନ୍ଦ୍ରମନ୍ତ୍ରୀ ଓଡ଼ିଶା ଏବଂ ଦେଶରେ ବିଜେପି ସରକାର ଗଠନ କରିବା ପାଇଁ ଜନତାଙ୍କୁ ପଦ୍ମଫୁଲରେ ଆଶୀର୍ବାଦ କରିବା ପାଇଁ ନିବେଦନ କରିଥିଲେ ।

# କାଳବୈଶାଖୀ ପାଇଁ ଟିପିଏସ୍ଓଡିଏଲର ପ୍ରସ୍ତୁତି : ୫,୯୦୦ କର୍ମଚାରୀ ନିୟୋଜିତ

ବ୍ରହ୍ମପୁର, (ସବ୍ୟୁ): ସମ୍ଭାବ୍ୟ କାଳବୈଶାଖୀକୁ ଦୃଷ୍ଟିରେ ରଖି ଟିପି ସଦର୍ଣ୍ଣ ଓଡ଼ିଶା ବିତରଣ ଲିମିଟେଡ଼(ଟିପିଏସ୍ଓଡିଏଲ୍) ଗତ କିଛି ବର୍ଷ ମଧ୍ୟରେ ନାନା ପଦକ୍ଷେପ ନେବା ସହ ଏହି ଦିଗରେ ପ୍ରୟାସକୁ ଦ୍ୱିଗୁଣିତ କରିଛି। ଭିତ୍ତିଭୂମି ସୁଦୃଢ଼ୀକରଣ ଏବଂ ତ୍ୱରିତ ସମାଧାନ ଦିଗରେ ଗୁରୁତ୍ୱ ଦେଇ କମ୍ପାନୀ କାଳବୈଶାଖୀ ଜନିତ ଆହ୍ୱାନର ମୁକାବିଲା କରିବା ପାଇଁ ପ୍ରସ୍ତୁତ ଅଛି। ଆର୍ଥିକ ବର୍ଷ୨୦୨୩ରେ ୫୦୪ ଟି କାଳବୈଶାଖୀ ସମ୍ପର୍କିତ ଘଟଣା ଘଟିଥିବା ବେଳେ ଗତ ବର୍ଷ ଅର୍ଥାତ୍ ଆର୍ଥିକ ବର୍ଷ ୨୦୨୪ରେ ଏହି ସଂଖ୍ୟା ବୃଦ୍ଧି ପାଇ ୯୬୬ରେ ପହଞ୍ଚିଥିଲା। ଜବାବରେ କ୍ଷୟକ୍ଷତି କମାଇବା ସହ ତୁରନ୍ତ ବିଦ୍ୟୁତ ପୁନଃଯୋଗାଣ କରିବା ପାଇଁ ଟିପିଏସ୍ଓଡିଏଲ୍ ଏହାର ଭିତ୍ତିଭୂମିକୁ ଆହୁରି ଉନ୍ନତ କରିଥିଲା। ଭାରତୀୟ ପାଣିପାଗ ପକ୍ଷରୁ ଆକଳନ



କରାଯାଇଥିବା ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ ସେବା ସୁନିଶ୍ଚିତ କରିବା ପାଇଁ ଟିପିଏସ୍ଓଡିଏଲ୍ ନାନା ପଦକ୍ଷେପ ନେଇଛି। ଅପରେସନାଲ ସାମର୍ଥ୍ୟକୁ ବୃଦ୍ଧି କରିବା ସହିତ ଭିତ୍ତିଭୂମି ସୁଦୃଢ଼ୀକରଣ ଏବଂ ଅଧିକ ସମ୍ବଳ ନିୟୋଜିତ କରିବା ଦିଗରେ ଟିପିଏସ୍ଓଡିଏଲ୍ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। କାଳବୈଶାଖୀ ସମୟରେ ତୁରନ୍ତ ବିଦ୍ୟୁତ ପୁନଃଯୋଗାଣ କରିବା ସକାଶେ ଆବଶ୍ୟକୀୟ ସରଞ୍ଜାମ ସହ ୫,୯୦୦ରୁ ଊର୍ଦ୍ଧ୍ୱ ଗ୍ରାଉଣ୍ଡ ଷ୍ଟାଫ ନିୟୋଜିତ କରାଯାଇଛି। ଏହା ସହ ଜରୁରୀକାଳୀନ ପରିସ୍ଥିତିର ପରିଚାଳନା କରିବା ପାଇଁ ଅତିରିକ୍ତ ୮୦୦ କର୍ମଚାରୀ ଷ୍ଟାଣ୍ଡ ବାଏ ଭାବେ ପ୍ରସ୍ତୁତ ରହିଛନ୍ତି। ପାହାଡ଼ୀ ତଥା କଷ୍ଟସାଧ

## ୨୪ ଘଣ୍ଟିଆ ଟୋଲ ଫ୍ରି ହେଲ୍ପ ଲାଇନ ସେବା

ଅଞ୍ଚଳରେ ବିଦ୍ୟୁତ ଉପକରଣଗୁଡ଼ିକୁ ପହଞ୍ଚାଇବା ପାଇଁ ଆଗୁଆ ସତର୍କତା ଅବଲମ୍ବନ କରି ଟିପିଏସ୍ଓଡିଏଲ୍ ଓ୍ୱାର୍ଡ଼ ଏବଂ ସ୍ଥାନୀୟ ପ୍ରଶାସନ ସହ ସମନ୍ୱୟ ରଖି କାମ କରୁଛି ଭିତ୍ତିଭୂମି ଉନ୍ନତିକରଣକୁ ବାଦ୍ ଦେଇ ଟିପିଏସ୍ଓଡିଏଲ୍ ବ୍ରହ୍ମପୁରରେ ୨୪ସ୭ ଘଣ୍ଟିଆ ଅତ୍ୟାଧୁନିକ କେନ୍ଦ୍ରୀଭୂତ ପାୱାର ସିଷ୍ଟମ କଣ୍ଟ୍ରୋଲ ସେଣ୍ଟର ସ୍ଥାପନ କରିଛି। ଏହି କଣ୍ଟ୍ରୋଲ ସେଣ୍ଟର୍ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ମନିଟରିଂ କରିବା ସହ ଦକ୍ଷିଣ ଓଡ଼ିଶାର ଉପଭୋକ୍ତାମାନଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ ସେବା ସୁନିଶ୍ଚିତ କରେ। ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ ଗର୍ଗ କହିଛନ୍ତି, ଓଡ଼ିଶାବାସୀଙ୍କ ପାଇଁ ଆମର ପ୍ରତିବଦ୍ଧତା କେବଳ ବିଦ୍ୟୁତ ଯୋଗାଣରେ ସୀମିତ ନୁହେଁ, ବରଂ ଆମେ ସେମାନଙ୍କ ସୁରକ୍ଷା ଏବଂ ସୁବିଧା ପାଇଁ ସମର୍ପିତ। ଆମ ଟିମ୍ ଯେ କୌଣସି ପରିସ୍ଥିତିର ମୁକାବିଲା କରିବା ପାଇଁ ସୁସଜ୍ଜିତ ଏବଂ ସଜାଗ ରହିଛନ୍ତି। ଏହା ସେବା ଓ ସୁରକ୍ଷା ପ୍ରତି ଆମର ସମର୍ପିତ ମନୋଭାବକୁ ଦର୍ଶାଏ ଟିପିଏସ୍ଓଡିଏଲର ସକ୍ରିୟ ଆଭିମୁଖ୍ୟ ଏବଂ ବ୍ୟାପକ ଯୋଜନା। ଭରସାଯୋଗ୍ୟ ସେବା ଓ ଗ୍ରାହକ ସୁରକ୍ଷାର ସର୍ବୋଚ୍ଚ ମାନ ବଜାୟ ରଖିବା ଦିଗରେ ଏହାର ଉତ୍ସର୍ଗୀକୃତ ମନୋଭାବକୁ ସୂଚିତ କରେ। ସୁଚିନ୍ତିତ ଯୋଜନା ଏବଂ ଅକ୍ଳାନ୍ତ ପ୍ରଚେଷ୍ଟା ଦ୍ୱାରା କମ୍ପାନୀ ଦୃଢ଼ ବିଶ୍ୱାସର ସହ କାଳବୈଶାଖୀ ଋତୁକୁ ସାମ୍ନା କରିବା ସହ ଦକ୍ଷିଣ ଓଡ଼ିଶାରେ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଇବା ପାଇଁ ପ୍ରସ୍ତୁତ।

# ଆଇଏଏସ ପରୀକ୍ଷାରେ ସଫଳତା ପାଇଁ ଏମ୍‌ସିଏଲ ଦ୍ୱାରା ଅନିମେଶ ପ୍ରଧାନ ସମ୍ମାନିତ

ସାଉଥବଲଣ୍ଡା/ଅନୁଗୁଳ, (ସବ୍ୟୁ): ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ୨୦୨୩ ରେ ସର୍ବଭାରତୀୟ ର୍ୟାଙ୍କ-୨ ହାସଲ କରିଥିବା ତାଳଚେର ଅଂଚଳର ଅନିମେଶ ପ୍ରଧାନଙ୍କ ପାଇଁ ଏମସିଏଲ ସହିତ ଡ଼ିଏଭି କଳିଙ୍ଗ ଏରିଆ ଗର୍ବିତ। ଏହି ପରିପ୍ରେକ୍ଷୀରେ ଏମସିଏଲର ବୈଷୟିକ ତଥା ପରିଚାଳନା ନିର୍ଦ୍ଦେଶକ, ଜେ.କେ ବୋରା, ତାଳଚେରର ଏମସିଏଲ କଳିଙ୍ଗ ଡିଏଭି ବିଦ୍ୟାଳୟରେ ଆୟୋଜିତ ଏକ ସମ୍ବର୍ଦ୍ଧନା ସମାରୋହରେ ଯୋଗ ଦେଇ ଶ୍ରୀ ପ୍ରଧାନଙ୍କୁ ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇବା ସହ ସମ୍ମାନିତ କରିଛନ୍ତି ।



ଏହି କାର୍ଯ୍ୟକ୍ରମରେ ହିଙ୍ଗୁଳା କ୍ଷେତ୍ର ମହାପ୍ରବନ୍ଧକ ମେହମୁଦ ମିୟାଁ, ଡ଼ିଏଭି କଳିଙ୍ଗ ପ୍ରିନ୍ସପାଲ ସୁରେନ୍ଦ୍ର କୁମାର ଭୋଇ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ। ଅନିମେଶ ପ୍ରଧାନ ହେଉଛନ୍ତି, ଏମସିଏଲ ଭରତପୁର ପ୍ରକଳ୍ପ କାର୍ଯ୍ୟାଳୟର ପୂର୍ବତନ ଆକାଉଣ୍ଟାଣ୍ଟ କିରାଣୀ ସ୍ୱର୍ଗତା ଅରୁଣା ପ୍ରଧାନଙ୍କ ସୁପୁତ୍ର ତଥା ଡିଏଭି କଳିଙ୍ଗର ପୂର୍ବତନ ଛାତ୍ର। ଏହି ଅବସରରେ ଶ୍ରୀ ପ୍ରଧାନ ତାଙ୍କ ଅନୁଭୂତି ବାଣ୍ଟି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ସେମାନଙ୍କୁ ଶିକ୍ଷାନୁଷ୍ଠାନରେ ସର୍ବୋତମ ପ୍ରଦର୍ଶନ କରିବାକୁ ଆହ୍ୱାନ କରିଥିଲେ। ନିଜ ତରଫରୁ କୃତଜ୍ଞତା ଜଣାଇ ଶ୍ରୀ ପ୍ରଧାନ କହିଥିଲେ ଯେ, 'ଯେ ମୋର ଶିକ୍ଷାଗତ ଯାତ୍ରାରେ ଏମସିଏଲ କ୍ରମାଗତ ଭାବରେ ଏକ ମାର୍ଗଦର୍ଶକର କାର୍ଯ୍ୟ ତୁଲାଇଛନ୍ତି । ତାଙ୍କର ଆକାଂକ୍ଷାକୁ ବଢ଼ାଇବାରେ ତାଙ୍କ ସ୍କୁଲ ଏବଂ ଏମସିଏଲ ଉଭୟ ପ୍ରମୁଖ ଭୂମିକା ଗ୍ରହଣ କରଛି ।

# ଅଗ୍ନିକାଣ୍ଡରେ ଜଳିଗଲା ୧୨ ବଖରା

କାମାକ୍ଷାନଗର, (ସବ୍ୟୁ): କାମାକ୍ଷାନଗର ବ୍ଲକ ଅଁଳାବେରେଣୀ ଗାଁ ର ହରିଜନ ସାହିରେ ଭାୟାବହ ଅଗ୍ନିକାଣ୍ଡ । ଜଳିଗଲା ୧୨ ରୁ ଅଧିକ ବଖରା ଘର । ଅଗ୍ନିକାଣ୍ଡ ର କାରଣ ଅସ୍ପଷ୍ଟ ରହିଥିବା ବେଳେ କାମାକ୍ଷାନଗର ଅଗ୍ନିଶମ ବାହିନୀ ଦ୍ୱାରା ନିଆଁ ଲିଭାଇବା କାର୍ଯ୍ୟ ଜାରି ରହିଛି । ଗାଁ ର ହରି ନାଏକଙ୍କ ଘରୁ କୌଣସି କାରଣରୁ ପ୍ରଥମେ ନିଆଁ ଲାଗିଥିଲା। କିନ୍ତୁ ହରି ନାଏକଙ୍କ ପରିବାର ଲୋକ ଘରେ ନଥିବାରୁ ନିଆଁର ପ୍ରକୋପ ବୃଦ୍ଧି ପାଇ ପାଖରେ ଥିବା ହଟିଆନାଏକ, ବିଜୟ ନାଏକ, ବୁନୁ ନାଏକଙ୍କ ଘରେ ଭୟଙ୍କର ଅଗ୍ନିକାଣ୍ଡ ହୋଇଥିଲା। ଅଗ୍ନିକାଣ୍ଡ ଦେଖି ପ୍ରଥମେ ଗ୍ରାମବାସୀ ନିଆଁ ଲିଭାଇବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହେବାରୁ ଅଗ୍ନିଶମ ବାହିନୀକୁ ଡକାଇଥିଲେ । ଖବର ପାଇ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁ ଲିଭାଇବା କାର୍ଯ୍ୟ ଜାରି ରଖିଛି । ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଥିବା ବେଳେ ଅଗ୍ନିକାଣ୍ଡ ଫଳରେ ୧୨ ବଖରା ରୁ ଉର୍ଦ୍ଧ ବଖରା ଘର ଜଳି ପୋଡି ପାଉଁଶ ହୋଇଯାଇଥିବା ବେଳେ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି ।



# ମଜଦୂର ସଂଘ ବିଏମଏସ୍ ପକ୍ଷରୁ ବିଭିନ୍ନ ଦାବି ନେଇ ଗଣଧାରଣା

ତାଳଚେର, (ସବ୍ୟୁ): ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ତାଳଚେର କୋଇଲା ଖଣି ମଜଦୂର ସଂଘ ବିଏମଏସ ପକ୍ଷରୁ ବିଭିନ୍ନ ଦାବିକୁ ନେଇ ଆଜି ଜଗନ୍ନାଥ ଜିଏମ ଅଫିସ୍ କାର୍ଯ୍ୟାଳୟ ସମୟରେ ସକାଳ ୯ଘଟିକା ସମୟରେ ଗଣଧାରଣା ଦେବା ସହ ହାଲାବୋଲ ଆନ୍ଦୋଳନ କରିଥିଲେ ଓ ସିଏମଡ଼ିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜଗନ୍ନାଥ ଜିଲମଙ୍କୁ ପ୍ରଦାନ କରିଥିଲେ। ଘଟଣାରୁ ପ୍ରକାଶ ଶ୍ରମିକମାନଙ୍କର ବିଭିନ୍ନ ଦାବି ଯଥା- ଅତ୍ୟଧିକ ଗ୍ରୀଷ୍ମପ୍ରବାହ ଯୋଗୁଁ ସରକାରଙ୍କ ନିୟମ ଅନୁଯାୟୀ ୧୧ଘଟିକାରୁ ୩.୩୦ମିନିଟ୍ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ, ଖଣି ଗୁଡ଼ିକରେ ପର୍ଯ୍ୟାପ୍ତ ଥଣ୍ଡାପାନୀୟଜଳ, ଶ୍ରମିକମାନଙ୍କ ବିଶ୍ରାମ ପାଇଁ ଶୀତତାପ ନିୟନ୍ତ୍ରଣ କୋଠରୀ, ମେଡ଼ିକାଲ ସୁବିଧା, ଓଆରଏସ୍ ପ୍ୟାକେଟ୍ ଯୋଗାଇଦେବା ଇତ୍ୟାଦି ।

କାର୍ଯ୍ୟରତ ଶ୍ରମିକମାନେ ଅତ୍ୟଧିକ ଗ୍ରୀଷ୍ମପ୍ରବାହ ଓ ଖଣି ଗୁଡ଼ିକରେ କୋଇଲା ପୋଡ଼ି ଜନିତ ଉତାପ ବୃଦ୍ଧି ପାଉଥିବାରୁ ସେମାନେ ଅପରାହ୍ଣ ସମୟରେ କାର୍ଯ୍ୟ କରିବା ସମ୍ଭବପର ହେଉନାହିଁ ବୋଲି ଶ୍ରମିକ ନେତାମାନେ ଏହା ପ୍ରକାଶ କରିଛନ୍ତି। ସେମାନେ ବାରମ୍ବାର ପୂର୍ବରୁ ଆପତି ଅଭିଯୋଗ କରିଥିଲେ ମଧ୍ୟ ତାଙ୍କ କଥାକୁ କେହିହେଲେ ଗୁରୁତ୍ୱ ଦେଉନଥଲେ । ତେଣୁ ଆଜି ସେମାନେ ବାଧହୋଇ ସଂଘର ସାଧାରଣ ସମ୍ପାଦକ ବିରେନ୍ ଖିଲାର୍ଙ୍କ ନେତୃତ୍ୱରେ ଶତାଧିକ ଖଣି ଶ୍ରମିକ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।

# ଜାତୀୟସ୍ତରୀୟ ରେଫେରୀ ହେଲେ ମୟୂରଭଞ୍ଜର ଉକ୍ଳମଣି

ବାରିପଦା, (ସବ୍ୟୁ) : ସର୍ବଭାରତୀୟ ଫୁଟବଲ ଫେଡେରେସନ ଆନୁକୂଲ୍ୟରେ ମଧ୍ୟପ୍ରଦେଶର ଗ୍ୱାଲିୟର ଠାରେ ଅନୁଷ୍ଠିତ ଜାତୀୟ ରେଫେରୀ ପରୀକ୍ଷାରେ ମୟୂରଭଞ୍ଜର ଉକ୍ଳମଣି ବେହେରା କୃତକାର୍ଯ୍ୟ ହୋଇ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ଏହି ପରୀକ୍ଷାରେ ଦେଶର ବିଭିନ୍ନ ରାଜ୍ୟରୁ ମୋଟ ୨୮ଜଣ ପୁରୁଷ ଓ ମହିଳା କୃତକାର୍ଯ୍ୟ ହୋଇଛନ୍ତି । ଖବର ପାଇ ମୟୂରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଉପସଭାପତି ବିବେକାନନ୍ଦ ପଟ୍ଟନାୟକ, ମନୋଜ କୁମାର ସାଓ, ଫୁଟବଲ ସମ୍ପାଦକ ଅମର କୁମାର ସେଠିଙ୍କ ସମେତ ସମସ୍ତ ସହ ସମ୍ପାଦକ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ତଥା ଫୁଟବଲ ପ୍ରେମୀ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ବ୍ଲକ ସ୍ଥିତ ଶରଣଗଡ଼ ଗ୍ରାମର ପାଣ୍ଡୁଚରଣ ବେହେରା ଓ କୁନି ବେହେରାଙ୍କ ତୃତୀୟ ସନ୍ତାନ ଉକ୍ଳମଣି ପାହାଡଭଙ୍ଗା ସ୍ଥିତ ସାଇରାମ ଉଚ୍ଚ ବିଦ୍ୟାଳୟ ଏବଂ କରଞ୍ଜିଆ କଲେଜରୁ ଶିକ୍ଷାଲାଭ କରିଥିଲେ । ଖବର ପାଇ ଉକ୍ତ ଅଂଚଳ ମାନଙ୍କରେ ମଧ୍ୟ ଖୁସିର ଲହରୀ ଖେଳିଯାଇଛି । ପ୍ରକାଶ ଥାଉକି ଶ୍ରୀ ବେହେରା ୨୦୧୫ ମସିହାରେ ଜିଲ୍ଲା ସ୍ତରରେ ରେଫେରୀ ଭାବେ କାର୍ଯ୍ୟ ଆରମ୍ଭ କରି ୨୦୧୭ ମସିହାରେ ରାଜ୍ୟ ସ୍ତରୀୟ ଏବଂ ୨୦୨୪ ମସିହାରେ ଜାତୀୟ ସ୍ତରୀୟ ରେଫେରୀ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ବର୍ତ୍ତମାନ ସେ ମୟୂରଭଞ୍ଜ ରେଫେରୀ ସଂଘର ସାଧାରଣ ସମ୍ପାଦକ ଥିବାବେଳେ କେନ୍ଦୁଝର ଜିଲ୍ଲାର ବଡ଼ବିଲ ସ୍ଥିତ ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲରେ ପ୍ରଶିକ୍ଷକ ଭାବେ କାର୍ଯ୍ୟରତ ।

# ଫୁଲବାଣୀରେ କଂଗ୍ରେସ ପ୍ରାର୍ଥୀଙ୍କ ରୋଡ ସୋ' ଓ ପଥପ୍ରାନ୍ତ ସଭା

ଫୁଲବାଣୀ, (ସବ୍ୟୁ): ଫୁଲବାଣୀ ଠାରେ ଚଳିତ ୨୦୨୪ ନିର୍ବାଚନ ପାଇଁ କଂଗ୍ରେସ ପାର୍ଟି ପକ୍ଷରୁ ପ୍ରଚାର ଜୋର ସୋରରେ ଆରମ୍ଭ କରାଯାଇଛି। ଫୁଲବାଣୀରେ କଂଗ୍ରେସ ଦଳର କନ୍ଧମାଳ ଲୋକସଭା ପ୍ରାର୍ଥୀ ଅମୀରଚାନ୍ଦ ନାୟକ ଓ ଫୁଲବାଣୀ ବିଧାନସଭା ପ୍ରାର୍ଥୀ ପ୍ରତିଭା କହଁର ମିଳିତ ଭାବେ ରୋଡ ସୋ ଆରମ୍ଭ କରିଛନ୍ତ। ରୁଜାଙ୍ଗି ଠାରୁ ବାଇକ ରାଲି ବାହାରି ସମଗ୍ର ଫୁଲବାଣୀ ସହର ପରିକ୍ରମା କରିଥିଲା। ଶତାଧିକ କର୍ମୀଙ୍କ ସହିତ ଉଭୟ ପ୍ରାର୍ଥୀ ରୋଡ ସୋ କରିବା ସହ ବିଜୁ ପଟ୍ଟନାୟକ ଛକରେ ଏକ ପଥପ୍ରାନ୍ତ ସଭା କରିଥିଲେ। ପରେ କୋର୍ଟ ଛକ ନିକଟସ୍ଥ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଶୋଭାଯାତ୍ରା ପହଞ୍ଚିଥିଲା। ସେଠାରେ ପ୍ରାର୍ଥୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

ଚଳିତ ନିର୍ବାଚନରେ ବିଭିନ୍ନ ଦଳ ମଧ୍ୟରୁ କଂଗ୍ରେସ ଦଳର ଫୁଲବାଣୀ ସହରରେ ଏହା ପ୍ରଥମ ବାଇକ ରୋଡ ସୋ ଥିଲା। କଂଗ୍ରେସ କାର୍ଯ୍ୟାଳୟ ଠାରେ ୧୦ ସର୍ତ୍ତ ମୁଳକ ଯୋଜନା ଆଧାରରେ ଚଳିତ ନିର୍ବାଚନରେ କଂଗ୍ରେସ ଲୋକସଭା ସହିତ ସମସ୍ତ ବିଧାନସଭା ଆସନରେ ବିଜୟ ଲାଭ କରିବ ବୋଲି ଗଣମାଧ୍ୟମ ଆଗରେ ଲୋକସଭା ପ୍ରାର୍ଥୀ ଅମୀରଚାନ୍ଦ ନାୟକ ପ୍ରକାଶ କରିଛନ୍ତି । ଏହି ରୋଡ଼ ସୋରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସ ସଭାପତି ଚନ୍ଦ୍ର ଶେଖର ପରିଡା, ପୂର୍ବତନ ବିଧାୟକ ଅଭିମନ୍ୟୁ ବେହେରା, ବରିଷ୍ଠ ନେତା ଘନ ଶବର, ବସନ୍ତ ପାଢ଼ୀ, ନଗର ସଭାପତି ଶିବ ଶଙ୍କର ବେହେରା, ବଳଦେବ ବେହେରା, ଗୌର ବେହେରା, ଅନୁପମ କହଁର ପ୍ରମୁଖ ଉପସ୍ଥିତ ଥିଲେ ।

# ଛତ୍ରପୁର ବିଧାନସଭା ପାଇଁ କଂଗ୍ରେସ ପ୍ରାର୍ଥୀ ଭାଗିରଥି ବେହେରାଙ୍କ ନାମାଙ୍କନ ଦାଖଲ

ଛତ୍ରପୁର, (ସବ୍ୟୁ): ଛତ୍ରପୁର ବିଧାନସଭା ଆସନ ପାଇଁ ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ବୁଧବାର ବରିଷ୍ଠ ସମାଜସେବୀ ଭାଗିରଥି ବେହେରା ତାଙ୍କ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ପୁତି ଗୋପାଳପୁର ଠାରୁ ଶହଶହ ସମର୍ଥକଙ୍କ ସହ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଛତ୍ରପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚିଥିଲେ । ସେଠାରେ ଛତ୍ରପୁର ଉପଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଫିସର ଦେବଦତ୍ତ ମହାନ୍ତଙ୍କ ନିକଟରେ ନିଜ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଏହି ଅବସର ନିର୍ବାଚନ ମଣ୍ଡଳୀରେ ଶହଶହ ମହିଳା, ଯୁବ, ଛାତ୍ର, ଛାମୁଆନେତା ଓ କର୍ମୀ ଏବଂ ପୁରୁଣା କଂଗ୍ରେସ ନେତା ଉପସ୍ଥିତ ଥିବା ଦେଖିବାକୁ ମିଳିଛି। ଶ୍ରୀ ବେହେରା ନିର୍ବାଚନ ମଣ୍ଡଳୀରେ ଲୋକଙ୍କୁ ବିଭିନ୍ନ ସମୟରେ ସହଯୋଗ କରିଆସୁଛନ୍ତି । ଏଣୁ ଦଳୀୟ ନେତା ଓ କର୍ମୀଙ୍କ ମହଲରେ ବେଶ ଖୁସି ଥିବା ଦେଖିବାକୁ ମିଳିଛି ।

# ବିଜେଡିର ସାଙ୍ଗଠନିକ ବୈଠକ, ମିଶ୍ରଣ ପର୍ବ

ରେଙ୍ଗାଳି, (ସବ୍ୟୁ): କଣିହାଁ ବ୍ଲକ ଶୁଶୁବା ପଞ୍ଚାୟତ ର ବିଜୁ ଜନତା ଦଳର ସାଙ୍ଗଠନିକ ବୈଠକ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପାଲଲହଡା ବିଧାୟକ ମୁକେଶ କୁମାର ପାଲ, ସମ୍ମାନିତ ଅତିଥି ଭାବେ କଣିହାଁ ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁ , ୧୦ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ ରଶ୍ମିତା ବେହେରା, ଜିଲ୍ଲା ସମ୍ପାଦକ ଝସକେତନ୍ ପ୍ରଧାନ, ସମ୍ପାଦକ ହିମାଞ୍ଚଳ ପଣ୍ଡା, ପାଲଲହଡା ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ସୁବାସ ମହାନ୍ତି, କଣିହାଁ ବ୍ଲକ ଯୁବ ସଭାପତି ଗଗନ ରାଉତ , ଶୁଶୁବା ପଞ୍ଚାୟତ ସଭାପତି କୃପା ସିନ୍ଧୁ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ଶୁଶୁବା ପଞ୍ଚାୟତ ବିଜେଡି ତରଫରୁ ଏମ୍ପି ପ୍ରାର୍ଥୀ ଡା ଅବିନାଶ ସାମଲ ଓ ପାଲଲହଡା ବିଧାୟକ ପ୍ରାର୍ଥୀ ମୁକେଶ କୁମାର ପାଲଙ୍କୁ ଶଙ୍ଖ ଚିହ୍ନରେ ବିପୁଳ ମାତ୍ରାରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ସମସ୍ତ ସକ୍ରିୟ ସଦସ୍ୟ ଓ ବରିଷ୍ଠ ବିଜେଡି କାର୍ଯ୍ୟକର୍ତ୍ତାଙ୍କୁ ନିବେଦନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବିଜେପି ଓ କଂଗ୍ରେସ ଦଳ ଛାଡି ଶତାଧିକ କାର୍ଯ୍ୟକର୍ତ୍ତା ବିଜେଡିରେ ସାମିଲ ହୋଇଥିଲେ। ଶୁଶୁବା ସରପଞ୍ଚ ମାମାଲି ସାମଲ, ଶିଶିର ସାମଲଙ୍କ ନେତୃତ୍ୱରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା।

# ବିଶିଷ୍ଟ ଅଭିନେତା ଓ ନିର୍ଦ୍ଦେଶକ ଧୀରବଶା ସମ୍ମାନିତ

ବାରିପଦା, (ସବ୍ୟୁ) : ଓଡିଶା ନାଟ୍ୟ ଜଗତର ଅନ୍ୟତମ ଚର୍ଚ୍ଚିତ ଚେହେରା ଧୀର ବଶା । ୧୯୭୦ ମସିହାରୁ ନାଟକ ସହିତ ଜଡିତ ହୋଇ ସେ ଆଉ ପଛକୁ ଫେରିନାହାନ୍ତି । ୧୯୭୨ ମସିହା ଠାରୁ ଗୁରୁ ସ୍ୱର୍ଗତ ବିଜୟ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୁଇବର୍ଷ ନାଟକ କରି ଦୀର୍ଘ ପାଞ୍ଚ ଦଶନ୍ଧି ଧରି ଏ ପର୍ଯ୍ୟନ୍ତ ନାଟକ ସହିତ ଜଡିତ ଅଛନ୍ତି । ନିକଟ ଅତିତରେ ନାଲକୋ ଦାମନଯୋଡି ପଞ୍ଚପଚ୍ଚାମାଳୀ ନାଟ୍ୟ ମହୋତ୍ସବରେ ବିଚାରକ ଭାବେ ଯୋଗ ଦେବା ଅବସରରେ ତାଙ୍କୁ ସମ୍ମାନିତ କରାଯାଇଛି । ଖବର ପାଇ ବିଭିନ୍ନ ମହାଲରୁ ତାଙ୍କୁ ଅଭିନନ୍ଦନ ମିଳିଛି । ପ୍ରକାଶ ଥାଉକି ଶ୍ରୀ ବଶା ୧୦୦ ରୁ ଅଧିକ ନାଟକରେ ଅଭିନୟ କରିବା ସହ ୧୫୦ରୁ ଉର୍ଦ୍ଧ ନାଟକରେ ନିର୍ଦ୍ଦେଶନା ଦେଇଛନ୍ତି ।

ଭୁବନେଶ୍ୱର ଦୂରଦର୍ଶନ ଓ କଟକ ଆକାଶବାଣୀର ସେ ଜଣେ ସ୍ୱୀକୃତି ପ୍ରାପ୍ତ କଳାକାର ଓ ଶ୍ରେଷ୍ଠ ଅଭିନେତା ଓ ନିର୍ଦ୍ଦେଶକ ଭାବେ ସେ ବହୁବାର ବିଭିନ୍ନ ଅନୁଷ୍ଠାନ ଦ୍ୱାରା ପୁରସ୍କୃତ ହୋଇଛନ୍ତି । ୨୦୦୦ ମସିହାରେ ଓମ ନାଟ୍ୟସଂସ୍ଥା ଗଠନ କରି ଏଯାବତ



ବହୁ ଯୁବ କଳାକାରଙ୍କୁ ନେଇ ନାଟକ କରିଆସୁଛନ୍ତି । ୨୦୧୫ ମସିହାରେ ଓଡିଶା ସରକାର ତାଙ୍କୁ ସଂଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରଦାନ ଓ ୨୦୧୮ ମସିହାରେ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ ଭୂମିପୁତ୍ର ସମ୍ମାନରେ ସମ୍ମାନିତ କରିଥିଲେ ।

# ଓମ୍ ବିହାରରୁ ଚୋରି ମାମଲା: ୨ ଗିରଫ



ବ୍ରହ୍ମପୁର, (ସବ୍ୟୁ): ଗୋସାଇଁନୂଆଗାଁ ଥାନା ଅନ୍ତର୍ଗତ ଓମବିହାର ୯ମ ଲାଇନର ଗୀତାଞ୍ଜଳି ରାଉତଙ୍କ ଘରୁ ଚୋରି ଘଟଣାରେ ପୁଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ ଆନ୍ଧ୍ରପ୍ରଦେଶ ନେଲୋର ଜିଲା ଗାନ୍ଧୀନଗରର ସିଏଚ କ୍ରିଷ୍ଣା ରେଡି (୪୦) ଓ ଜି ପ୍ରଭୁ(୨୯) । ଅଭିଯୁକ୍ତଙ୍କ ନିକଟରୁ ୪୨.୪୦ ଗ୍ରାମ ଓଜନର ୨ ସୁନା ଚେନ, ୧.୯୨୭ କେଜି ରୂପା ସାମଗ୍ରୀ, ୩ଟି ମୋବାଇଲ, ଗୋଟିଏ ମୋଟରସାଇକଲ, ଲୁହା ରଡ ଓ କଟର ଜବତ କରିଛି । ୧୪ ତାରିଖରେ ଦିନ ୧ଟା ବେଳେ ଗୀତାଞ୍ଜଳି ଓ ତାଙ୍କ ପରିବାର ଲୋକେ ଆଙ୍କଶପୁର ମେରୁଯାତ୍ରାକୁ ଚାଲି ଯାଇଥିଲେ । ଘରେ କେହି ନଥିବାରୁ ତାଲା ପଡିଥିଲା । ଏହାର ସୁଯୋଗ ନେଇ ଉପରୋକ୍ତ ୨ ଅଭିଯୁକ୍ତ ଦିନ ଦ୍ୱିପ୍ରହରେ ଘରର ତାଲା ଭାଙ୍ଗି ଉପରୋକ୍ତ ସାମଗ୍ରୀ ଚୋରି କରି ନେଇଯାଇଥିଲେ । ଯାତ୍ରା ସାରି ଗିତାଞ୍ଜଳୀ ସନ୍ଧ୍ୟା ସାଢେ ୭ଟାରେ ଘରକୁ ଫେରିବା ବେଳେ ତାଲା ଭଙ୍ଗା ଯାଇଥିବା ଦେଖିବା ସହ ଘରର ଜିନିଷ ପତ୍ର ଏଣେତେଣେ ପଡିଥିବା ଦେଖିଥିଲେ । ଯାଞ୍ଚ ବେଳେ ଘରେ ଥିବା ସୁନା ଅଳଙ୍କାର, ନଗଦ ଟଙ୍କା ଓ ଲାପଟପ ଚୋରି ହୋଇ ଯାଇଥିବା ଜାଣିଥିଲେ । ଏ ନେଇ ସେ ଗୋସାଇଁନୂଆଗାଁ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ଏହାର କିଛି ଦିନ ପୂର୍ବରୁ ଜଳେଶ୍ୱର ବିହାର ସ୍ଥିତ ଟୁନା ପାତ୍ରଙ୍କ ଘରୁ ବଡ ଧରଣର ଚୋରି ହୋଇଥିଲେ ମଧ୍ୟ ସେହି ଘଟଣାରେ ପୁଲିସକୁ ଆଜି ଯାଏଁ ସଫଳତା ମିଳି ପାରିନାହିଁ ।

# ଶବର ସମାଜର ବାର୍ଷିକ ଉତ୍ସବରେ ବିଜେପି ନେତା ଅଶୋକ ମହାନ୍ତି

ପାଲଲହଡା, (ସବ୍ୟୁ): ପାଲଲହଡା ବ୍ଲକ ନୀଳମାଧ ଶବର ସମାଜର ବାର୍ଷିକ ଉତ୍ସବ ଜମରା ଠାରେ ବିଛନ୍ଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଶବର ସମାଜର ନିମନ୍ତ୍ରଣ କ୍ରମେ ବିଜେପି ନେତା ବିଧାୟକ ପ୍ରାର୍ଥୀ ଅଶୋକ ମହାନ୍ତିଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେଇ ସଭାପତି ଓ ସମ୍ପାଦକ ପାଛୋଟି ନେଇଥିଲେ । ପ୍ରଥମେ ଶଅରରୁ ଶବର କରା ଯାଇଥିବାରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଙ୍କୁ ସମାଜ ତରଫରୁ ଧନ୍ୟବାଦ ଦିଆଯାଇଥିଲା। ମୁଖ୍ୟଅତିଥି ରୂପେ ଯୋଗଦେଇ ଶ୍ରୀ ମହାନ୍ତି କହିଲେ ଆପଣ ମାନେ ଜଗନ୍ନାଥ ଙ୍କ ଆଦ୍ୟ ସେବକ, ତେଣୁ ବହୁତ ଦିନ ପରେ ଆପଣ ମାନଙ୍କୁ କେନ୍ଦ୍ରସରକାର ମାନ୍ୟତା ଦେଇଥିବାରୁ ମୁଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଧନ୍ୟବାଦ ଜଣାଉଛି । ଆଜି ମଧ୍ୟ ଆଦିବାସୀ ଗ୍ରାମ ଗୁଡ଼ିକରେ ମୌଳିକ ସମସ୍ୟା ରାସ୍ତା, ପିଇବା ପାଣି, ବିଦ୍ୟୁତ,ଆଜି ପର୍ଯ୍ୟନ୍ତ ପହଞ୍ଚି ନଥିବାରୁ କ୍ଷବ ପ୍ରକାଶ କଲେ, ସମାଜ ର ସମସ୍ୟା ବିଷୟରେ ଅବଗତ କଲେ ଶ୍ରୀ ମହାନ୍ତି ମୋଦିଙ୍କ ଗରିବକଲ୍ୟାଣ ଯୋଜନା ପ୍ରତ୍ୟକ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ପ୍ରକାଶ କରିଥିଲେ । ସମ୍ପାଦକ ମନୋଜ ବୋଇତା ଧନ୍ୟବାଦ ଦେଇଥିଲେ।

# ବଳରାମ ପ୍ରସାଦରେ ମା ହିଙ୍ଗୁଳାଙ୍କ ମହୋତ୍ସବ

ବଅଁରପାଳ, (ସବ୍ୟୁ): ବଅଁରପାଳ ବ୍ଲକ ଅନ୍ତର୍ଗତ ବଳରାମ ପ୍ରସାଦ ଗ୍ରାମରେ ମା ଅଗ୍ନିରୂପା ହିଙ୍ଗୁଳାଙ୍କ ବାର୍ଷିକ ମହୋତ୍ସବ ଚଳିତ ବର୍ଷ ଏପ୍ରିଲ ୨୨ ତାରିଖରୁ ଆରମ୍ଭ ହୋଇଯାଇଛି । ତେବେ ଚଳିତ ବର୍ଷ ମନ୍ଦିର ନିକଟରେ ଅଗ୍ନୀ ରୂପରେ ମା ହିଙ୍ଗୁଳା ଉଭା ହୋଇଛନ୍ତି । ମା'ଙ୍କ ଏହି ନବଦିନାତ୍ମକ ଯାତ୍ରା ଏପ୍ରିଲ ୨୨ ତାରିଖରୁ ୯ ଦିନ ଧରି ଅନୁଷ୍ଠିତ ହେବ । ଚଳିତ ବର୍ଷ ଅଗ୍ନିରୂପା ହିଙ୍ଗୁଳାଙ୍କ ମହୋତ୍ସବ ଦେଖିବା ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା । ମା'ଙ୍କ ଯାତ୍ରା ଯେମିତି ସୁରଖୁରରେ ହେବ ସେନେଇ ନାଲକୋ ନଗର ଥାନା ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ମାଙ୍କୁ ଦର୍ଶନ କରିବା ପାଇଁ ଅନୁଗୋଳ ଜିଲ୍ଲା ସମେତ ଅନ୍ୟ ଜିଲ୍ଲାର ବିଭିନ୍ନ କୋଣୁ ଅନୁକୋଣରୁ ଶ୍ରଦ୍ଧାଳୁଙ୍କ ଛୁଅ ଛୁଟୁଛି ।

ଅପରାହ୍ଣରେ ହିଙ୍ଗୁଳା ମାଙ୍କ ପଟୁଆର ଗ୍ରାମ ପରିକ୍ରମାରେ ଘଣ୍ଟ, ଢୋଲ, ଡିଜେ ସାଉଣ୍ଡ, ସାଂସ୍କୃତିକ ନୃତ୍ୟକଳା ଆଦି ପଦର୍ଶିତ ହୋଇଥିଲା । ତେବେ ମା ଙ୍କ ଆଶୀର୍ବାଦ ନେବା ପାଇଁ ବିଭିନ୍ନ ରାଜନୈତିକ ଦଳର ନେତାମାନେ ଦର୍ଶନପାଇଁ ଆସିଥିଲେ। ସେପଟେ ଖରାରେ ଭକ୍ତଙ୍କ ସୁଅ ଛୁଟୁଥିବାରୁ ଖରା ଦାଉରୁ ଶ୍ରଦ୍ଧାଳୁ ମାନେ କିପରି ରକ୍ଷା ପାଇବେ ସେନେଇ ବିଭିନ୍ନ ସଂଗଠନ ଓ (ପୂର୍ଣ୍ୟାଶ୍ରମ) ପକ୍ଷରୁ ପାନୀୟ ଜଳ, ଦହି ସରବତ ବ୍ୟବସ୍ଥା କରାଯାଇଥିଲା । ତେବେ ସଂଧ୍ୟାରେ ସମୟରେ ନାଲକୋ ତାଳଚେର ରାସ୍ତାରେ ଭାରିଯାନ ଗୁଡିକ ଚଳାଚଳ କରିବା ଫଳରେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।

# ବିଜେଡିର ବୁଗୁଡା ଏନ୍ଏସି ସ୍ତରୀୟ ସାଙ୍ଗଠନିକ ବୈଠକ

ବୁଗୁଡା, (ସବ୍ୟୁ): ସ୍ଥାନୀୟ ଶକ୍ତିନଗର ସ୍ଥିତ ମୀନାବଜାର ପଡିଆରେ ବିଜୁ ଜନତା ଦଳ ପକ୍ଷରୁ ବୁଗୁଡା ଏନ୍ଏସି ସ୍ତରୀୟ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ନଗର ବିଜେଡି ସଭାପତି କେ.ତ୍ରିଲୋଚନ ଦୋରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ , ଏନଏସି ଅଧକ୍ଷ ଚିତ୍ରସେନ ପ୍ରଧାନ ଓ ଉପାଧକ୍ଷା ଗିତାଞ୍ଜଳୀ ପାଢୀ, ପଞ୍ଚାୟତ ସମିତି ଉପାଧକ୍ଷ ମାନସ ରଞ୍ଜନ ପ୍ରଧାନ, କାଉନସିଲର ବିନୋଦିନୀ ନାୟକ, ସସ୍ମିତା ଜେନା, ଆଶୁତୋଷ ବଢେଇ, ଉର୍ମିଳା ସାହୁ, ରିଭା ସ୍ୱାଇଁ, ପିଙ୍କି ନାହାକ, ବବୁ ପ୍ରଧାନ, ପ୍ରାକ୍ତନ କାଉନସିଲର ସୂର୍ଯ୍ୟ ନାରାୟଣ ମହାନ୍ତି, ସୁଧାଂଶୁ ଶେଖର ପାଢୀ, ବ୍ରଜ ବିହାରୀ ପ୍ରଧାନ, ବ୍ଲକ ବିଜେଡି ସଭାପତି ମଦନ ଗୋପାଳ ଦୋରାଙ୍କ ସମେତ ବହୁ ସଂଖ୍ୟକ ଦଳୀୟ କର୍ମକର୍ତ୍ତା ଓ କର୍ମୀ ଯୋଗ ଦେଇଥିଲେ । ଆସିକା ଲୋକସଭା ଏବଂ ପୋଲସରା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପଞ୍ଚମ ପର୍ଯ୍ୟାୟରେ ଆସନ୍ତା ମେ ୨୦ ତାରିଖ ଦିନ ଭୋଟ ଗ୍ରହଣ ହେବାକୁ ଥିବାବେଳେ ବେଳେ ସାଂସଦ ପ୍ରାର୍ଥିନୀ ରଞ୍ଜିତା ସାହୁ ଏବଂ ହ୍ୟାଟ୍ରିକ୍ ବିଜୟ ଲକ୍ଷ୍ୟରେ ଥିବା ବିଧାୟକ ପ୍ରାର୍ଥୀ ଶ୍ରୀକାନ୍ତ ସାହୁଙ୍କୁ ବିପୁଳ ଭୋଟରେ ବିଜୟୀ କରିବା ନିମନ୍ତେ ବୁଗୁଡା ଏନ୍ଏସି ଅନ୍ତର୍ଗତ ୧୩ଟି ୱାର୍ଡରେ ଦଳୀୟ ସଂଗଠନକୁ ଆହୁରି ମଜବୁ କରିବାକୁ ପଡିବ ବୋଲି ଆହ୍ୱାନ ଦିଆଯାଇଥିଲା ।

# ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ୩ଦଫା ଦାବିପତ୍ର ପ୍ରଦାନ କଲା ଭଞ୍ଜସେନା

ବାରିପଦା, (ସବ୍ୟୁ) : ଚଳିତ ଗ୍ରୀଷ୍ମ ଋତୁରେ ଖରାର ପ୍ରକୋପ ଅତ୍ୟଧିକ ରୁ ଅତ୍ୟଧିକ ଅନୁଭୂତ ହେଉଥିବା ଯୋଗୁଁ ମୟୁରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦା ସହର ଆଜି ବିଶ୍ୱର ୧୦ଗୋଟି ଉତ୍ତପ୍ତ ସହର ମଧ୍ୟରୁ ଅନ୍ୟତମ ସହର ଭାବେ ପରିଚିତ ହେଉଅଛି। ଏହାର ପ୍ରମୁଖ କାରଣ ଭାବେ ଯାହା ଅନୁଭବ କରାଯାଉଛି ଯେ, ବାରିପଦା ସହର ମଧ୍ୟରେ ରାଜାରାଜୁଡା ଅମଳରୁ ରହିଆସିଥିବା ଅଧିକାଂଶ ସରକାରୀ ଓ ବ୍ୟକ୍ତିଗତ, ଜଳାଶ୍ରୟ ଅଥବା ପୋଖରୀ ଗୁଡିକୁ ବ୍ୟବସାୟୀ କରଣ ଉଦ୍ଦେଶ୍ୟରେ ହେଉ କିମ୍ବା ଅନ୍ୟ କୌଣସି କାରଣ ଯୋଗୁଁ ପୋତି ଦିଆଯାଇଛି, ସରକାରୀ ବେସରକାରୀ କୋଠାବାଡି ନିର୍ମାଣ କରିବା ପାଇଁ ସହର ମଧ୍ୟରେ ଥିବା ବହୁ ବଡ଼ ସାନ ଗଛ କାଟି ପଦା କରିସାରିଲେଣି ଏବଂ ଆଉ ଗୋଟିଏ ପ୍ରମୁଖ କାରଣ ହେଲା ଦୀର୍ଘଦିନ ଧରି ସହର ମଧ୍ୟରେ ସୌନ୍ଦର୍ଯ୍ୟକରଣ ନାମରେ କାର୍ଯ୍ୟ ଚାଲିଥିବା ସାତ ଗୋଟି



ପୋଖରୀରେ ପାଣିର ସ୍ତର ବହୁ ତଳକୁ ପଳାଇଛି। ଯାହାଦ୍ୱାରା ମୁଖ୍ୟତଃ ଗରମର ବହୁ ଅଧିକ ପ୍ରଭାବ ଅନୁଭୂତ ହେଉଅଛି। ଏଣୁ ଏଭଳି ତାତିରୁ ସାଧାରଣ ଜନତାଙ୍କୁ ନିସ୍ତାର ଦେବା ପାଇଁ ଭଞ୍ଜସେନା ପକ୍ଷରୁ ବାରିପଦା ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରିଣୀଙ୍କୁ ଭେଟି ଦାବୀ ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି ।

ଦାବିଗୁଡିକ ଯଥାକ୍ରମେ ବାରିପଦା ମ୍ୟୁନିସିପାଲିଟି ଦ୍ୱାରା ଚାଲୁଥିବା ସାତ ଗୋଟି ପୋଖରୀ କୁ ଲାଗି ଲାଗି ଗୋଟିଏ ବୋରିଂ ଅର୍ଥାତ ସାତ ଗୋଟି ସ୍ଥାନରେ ବୋରିଂ ଯୁଦ୍ଧକାଳୀନ ଭିତ୍ତିରେ ଖୋଳି ସେହି ବୋରିଂ ମାଧ୍ୟମରେ ପ୍ରତିଦିନ ପୋଖରୀକୁ ହଜାର ହଜାର ଲିଟର ପାଣି ଛଡ଼ାଯାଉ, ଯଦ୍ୱାରା ନିଶ୍ଚିତଭାବେ ପୋଖରୀ ଗୁଡିକର ଜଳସ୍ତର ବୃଦ୍ଧି ପାଇବ ଏବଂ ଗ୍ରୀଷ୍ମର ପ୍ରଭାବ ବହୁମାତ୍ରାରେ କମିଯିବ ଅନ୍ୟଥା ଯେକୌଣସି ଉପାୟରେ ପୋଖରୀ ଗୁଡିକରେ ଜଳସ୍ତର ବୃଦ୍ଧି କରାଯାଉ, ଗତ ୫/୭ ବର୍ଷ ମଧ୍ୟରେ ବିଭିନ୍ନ କାରଣରୁ ପୋତି ଦିଆଯାଇଥିବା ଜଳାଶ୍ରୟ ବା ପୋଖରୀ ଗୁଡିକୁ ଖୋଜି ପୁନଶ୍ଚ କାର୍ଯ୍ୟକ୍ଷମ କରାଯାଉ, ଉନ୍ନତିମୂଳକ କାର୍ଯ୍ୟ ନାମରେ ଗଛ କଟା ବନ୍ଦ କରାଯାଉ ଆଦି ଦାବି କରାଯାଇଛି । ଯଦି ଯୁଦ୍ଧକାଳୀନ ଭିତ୍ତିରେ ଅର୍ଥାତ ଆଗାମୀ ୪୮ ଘଣ୍ଟା ମଧ୍ୟରେ ଉପରୋକ୍ତ ଦାବୀ ଗୁଡିକୁ ପୂରଣ କରିବାରେ ବିଭାଗ ଆଖିଦୃଶିଆ ପଦକ୍ଷେପ ଗ୍ରହଣ ନକରନ୍ତି, ତେବେ ୪୮ଘଣ୍ଟା ଅତିକ୍ରମ କରିସାରିଲା ପରେ ସାଧାରଣଜନତା ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ରାଜରାସ୍ତାକୁ ଓହ୍ଲାଇବାକୁ ସଂଗଠନ ବାଧ ହେବ ବୋଲି ଭଞ୍ଜସେନା ପକ୍ଷରୁ ସୂଚନା ଦିଆଯାଇଛି ।

ଆଜିକାର କାର୍ଯ୍ୟକ୍ରମରେ ଭଞ୍ଜସେନା ସମର୍ଥିତ ମୟୂରଭଞ୍ଜ ଲୋକସଭା ର ସ୍ୱାଧୀନପ୍ରାର୍ଥୀ ତଥା ସଂଗଠନର ଜିଲ୍ଲା ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, ଓବିସି ଶାଖା ସଭାପତି ରାକେଶ ବେହେରା, ଜିଲ୍ଲା ଉପସଭାପତି ରାକେଶ ମହାନ୍ତି ପ୍ରମୁଖଙ୍କ ସହିତ ବହୁ ସଂଗଠନର ସଂଗଠକ ମାନେ ସାମିଲ ଥିଲେ ବୋଲି ମୁଖପାତ୍ର ମାନସ ବେହେରା ଏକ ପ୍ରେସ ବିବୃତ୍ତି ମାଧ୍ୟମରେ ସୂଚନା ଦିଆଯାଇଛି ।

# କଂଗ୍ରେସ ପ୍ରାର୍ଥୀ ଦୀପକ ଓ ରଶ୍ମୀ ପଟ୍ଟନାୟକଙ୍କ ପ୍ରାର୍ଥିପତ୍ର ଦାଖଲ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ବିଧାନସଭା ଓ ଲୋକସଭା ଆସନ ନିମନ୍ତେ କଂଗ୍ରେସ ପକ୍ଷରୁ ଦୀପକ ପଟ୍ଟନାୟକ ଓ ରସ୍ମୀ ରଞ୍ଜନ ପଟ୍ଟନାୟକ ନିଜ ସମର୍ଥକଙ୍କ ସହ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ବାପୁଜୀ ଆଶ୍ରମ ଠାରୁ ନିଜ ସମର୍ଥକଙ୍କ ସହ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଛତ୍ରପୁର ଠାରେ ପହଞ୍ଚିଥିଲେ। ଆଜି ସକାଳେ ହିଲ ପାଟଣା ସ୍ଥିତ ଗଣେଶ ମନ୍ଦିରରେ ପୂଜାର୍ଚ୍ଚନା କରି ହଜାର ହଜାର ସମର୍ଥକ ଓ ସହରବାସୀଙ୍କ ଗହଣରେ ମୋଟର ସାଇକେଲ ଶୋଭାଯାତ୍ରାରେ ବାହାରି ପିଭିଏନ ରାଓ, ଖଲ୍ଲିକୋଟ କଲେଜ, ଟାଟା ବେଞ୍ଚ, କମାପଲ୍ଲୀ, ଖୋଡାସୀଙ୍ଗି, ଆମ୍ବପୁଆ, ପୋକଡିବନ୍ଧ ଛକ ଦେଇ ଛତ୍ରପୁର ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚି ବ୍ରହ୍ମପୁର ବିଧାନସଭା ଆସନ ନିମନ୍ତେ କଂଗ୍ରେସ ପ୍ରାର୍ଥୀ ଦୀପକ ପଟ୍ଟନାୟକ ନିଜ ସମର୍ଥକଙ୍କ ସହ ଯାଇ ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ। ସେହିପରି ବ୍ରହ୍ମପୁର ଲୋକସଭା ନିମନ୍ତେ କଂଗ୍ରେସ ପ୍ରାର୍ଥୀ ରସ୍ମୀ ରଞ୍ଜନ ପଟ୍ଟନାୟକ ନିଜ ସମର୍ଥକଙ୍କ ଗହଣରେ ଡିଆରଡିଏ କାର୍ଯ୍ୟାଳୟ ଠାରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ।

# ପ୍ରସିଦ୍ଧ ଚଇତି ପର୍ବ ସମ୍ପନ୍ନ

ସମଲ, (ସବ୍ୟୁ): ବିଗତ ୩୫ବର୍ଷଧରି ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ୍ ସମଲ ବ୍ୟାରେଜର ମାତାରେଣୀଙ୍କ ହେଉଥିବା ଚଇତି ପର୍ବ ଶୃଙ୍ଖଳିତ ଭାବେ ମଙ୍ଗଳବାର ଦିନ ସମ୍ପନ୍ନ ହେଇଛି। ମା ତାରୀଣି ମନ୍ଦିର ପରିଚାଳନା କମିଟି ଆନୁକୂଲ୍ୟରେ ଏହି ସାରସ୍ୱତ କାର୍ଯ୍ୟକ୍ରମ ପ୍ରାତରୁ ଆରମ୍ଭ ହୋଇ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଭିଜିତ ମଜୁମଦାରଙ୍କ ମା ତାରିଣୀଙ୍କ ସୁନ୍ଦର ଭଜନ ସହ ଉଦଯାପିତ ହୋଇଯାଇଛି। ମନ୍ଦିର କମିଟିର ସଭାପତି ତୋଷମଣି ସାହୁ, ସମ୍ପାଦକ ସୁବାସ ପ୍ରଦାନ, କୋଷାଧ୍ୟକ୍ଷ ଶରତ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ପାଲଲହଡା ବିଧାୟକ ପ୍ରାର୍ଥୀ ଅଶୋକ କୁମାର ମହାନ୍ତି, ଲୋକସଭା ପ୍ରାର୍ଥୀ ଅବିନାଶ ସାମଲ, ବ୍ଲକ୍ ଅଧକ୍ଷ ରାମକୃଷ୍ଣ ପ୍ରଧାନ, ସରପଞ୍ଚ ଜିତେନ୍ଦ୍ର ବେହେରା ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । କମିଟି ସଦସ୍ୟ ବୁଦ୍ଧିଆ ବାହାଦୁର,ଭୀମସେନ ବେହେରା, ବଶ୍ୱନାଥ ସାହୁ, ପ୍ରଶାନ୍ତ ସାହୁ ପ୍ରମୁଖ ସହଯୋଗ କରିଥିବା ବେଳେ ରାଜକିଶୋର ବେହେରାଙ୍କ ଦ୍ୱାରା ଯଜ୍ଞକାର୍ଯ୍ୟ ସୁରୁଖୁରୁରେ ହେଇଥିଲା। ହଜାର ହଜାର ଶ୍ରଦ୍ଧାଳୁଙ୍କ ପାଇଁ ନିଶୁଳ୍କ ଅନ୍ନ ପ୍ରସାଦ ବଣ୍ଟନ ବ୍ୟବସ୍ଥାକୁ ଡ୍ରାଇଭର ମହାସଂଘର ସଦସ୍ୟ ମାନେ ସହଯୋଗ କରିଥିଲେ ।

# ମାଁ ମଝିଘରୀଆଣୀଙ୍କ ଝାମୁଯାତ୍ରା ବିସର୍ଜନ



ରାୟଗଡା,(ସବ୍ୟୁ): ଚୈତ୍ର ମାସରେ ରାୟଗଡାର ଅଧିଷ୍ଠାତ୍ରୀ ଦେବୀ ମାଁ ମଝିଘରିଆଣୀଙ୍କ ଚଇତି ପର୍ବ । ଝଞ୍ଜାବତି ଉପକଣ୍ଠରେ ଥିବା ମଝିଘରିଆଣୀଙ୍କ ପୀଠ ଏବେ ଉତ୍ସବ ମୁଖର । ଦେବୀ ପୀଠରୁ ମହମହ ହୋଇ ବାସୁଛି ଝୁଣା ଧୂପର ସୁଗନ୍ଧ । ମହୁରି ସାଙ୍ଗକୁ ନିଶାଣ, ଟାମକ ଆଦି ପାରମ୍ପରିକ ବାଦ୍ୟ ଶବ୍ଦରେ ଦୁଲୁକି ଉଠୁଛି ମା'ଙ୍କ ପୀଠ ଆଉ ବିଭିନ୍ନ ରାଜ୍ୟରୁ ଅନେକ ମାନସିକଧାରୀ ମାଙ୍କ ସାନିଧ୍ୟ ପ୍ରାପ୍ତି ଓ ଦର୍ଶନ ପାଇବା ପାଇଁ ଦୂରଦୂରାନ୍ତରୁ ଧାଇଁ ଆସୁଛନ୍ତି । ପୀଠରେ ମାଁ ମଝିଘରିଆଣୀ ସିନ୍ଦୁର ପ୍ରଲେପିତ ହୋଇ ସୁନା ବେଶରେ ନିଜ ଆସ୍ଥାନରେ ବସି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛି। ଏହି ଚଇତି ପର୍ବର ପଞ୍ଚମ ତଥା ଶେଷ ଦିନରେ ମାଆଙ୍କ ପୀଠରେ ମୁଖ୍ୟ ପୂଜକଙ୍କ ଝାମୁ ଯାତ୍ରାରେ ନିଆଁ ଚକୁଟିବା ଓ କଣ୍ଟା ଦୋଳିରେ ଝୁଲିବା ସବୁଠାରୁ ଆକର୍ଷଣୀୟ। ଆଜି ପୂର୍ବାହ୍ନ ସମୟରେ ମାଆଙ୍କର ବିସର୍ଜନ ପୂଜା ମାଆଙ୍କର ପଦା ପୂଜା ପାଉଥିବା ଆସ୍ଥାନକୁ ଯାଇ ସମ୍ପନ୍ନ ହୋଇଥିଲା । ଏହି ଅବସରରେ ମାନସିକଧାରୀ ମାନେ ନିଜର ମାନସିକ ନେଇ ଅଧିଆ ପଡିଥିଲେ । ଏହି ପାଞ୍ଚ ଦିନଧରି ଗଞ୍ଜାମ ଜିଲ୍ଲାରୁ ପଣ୍ଡିତ ଗଣ ଆସି ହୋମ ଯଜ୍ଞ ମନ୍ତ୍ରରେ କମ୍ପି ଉଠୁଥିଲା ପୀଠ। ଏହି ଅବସରରେ ସମସ୍ତ ନିତିକାନ୍ତି ଅନୁଯାୟୀ ପୂଜା କାର୍ଯ୍ୟ ସମ୍ପାଦନ ହେବା ସହ ସୁରୁଖୁରୁରେ ଆନନ୍ଦ ଉଲ୍ଲାସରେ ବିସର୍ଜିତ ହୋଇଛି ବୋଲି ମନ୍ଦିର କମିଟି ଅଧକ୍ଷ ରାଇସିଙ୍ଗ ବିଡିକା କହିଛନ୍ତି।

## ଜିଲ୍ଲାସ୍ତରୀୟ ରବି ଧାନ କ୍ରୟ କମିଟି ବୈଠକ

# ମେ' ୧୦ରୁ ଚଳିତବର୍ଷର ରବି ଧାନ ସଂଗ୍ରହ




ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲାରେ ଆସନ୍ତା ମେ ୧୦ ତାରିଖରୁ ଚଳିତବର୍ଷର ରବି ଧାନ ସଂଗ୍ରହ ଆରମ୍ଭ ହେବ । ଏବର୍ଷ ଜିଲ୍ଲାର ବିଭିନ୍ନ ସ୍ଥାନରେ ୬୧ଟି ମଣ୍ଡି ଜରିଆରେ ରାଜ୍ୟ ଯୋଗାଣ ନିଗମ ପକ୍ଷରୁ ଚାଷୀ ମାନଙ୍କ ଠାରୁ ଧାନକ୍ରୟ କରାଯିବ । ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଧାନ କ୍ରୟ କମିଟି ବୈଠକରେ ଏହି ନିଷ୍ପତି ନିଆଯାଇଛି । ସକାଳ ୬ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ମଣ୍ଡି ଗୁଡିକରେ ଧାନ ସଂଗ୍ରହ କରାଯିବ । ଗ୍ରୀଷ୍ମ ପ୍ରବାହକୁ ନଜରରେ ରଖି ସମସ୍ତ ମଣ୍ଡିରେ ଥଣ୍ଡାପାନୀୟ ଜଳ, ଆଚ୍ଛାଦନ ଆଦି ସୁବିଧା କରାଯିବ । ଆବଶ୍ୟକ ସ୍ଥଳେ ଚିକିତ୍ସା ବ୍ୟବସ୍ଥା କରାଯିବ । ଏତଦ୍ ବ୍ୟତିତ ଚାଷୀମାନଙ୍କ ଠାରୁ ଧାନ କ୍ରୟ ସମୟରେ କଟନୀଛଟନୀ ଉପରେ ନଜର ରଖିବା ପାଇଁ ସବ୍ -କମିଟି ଗଠନ କରାଯିବ ବୋଲି ଆଲୋଚନା କରାଯାଇଥିଲା ।

୧୫ହଜାର୫୩୪ଜଣ ଚାଷୀଙ୍କ ନାମ ତାଲିକାଭୁକ୍ତ ହୋଇଛି । ପି-ପାସ୍ ମାଧ୍ୟମରେ କ୍ରୟ ବ୍ୟବସ୍ଥା ବେଳେ ଚାଷୀଙ୍କୁ ବିକ୍ରି ପାଇଁ ଟୋକନ ଦିଆଯିବ । ଏହାର ଅବଧି ୩୦ଦିନ ରହିବ । ଚାଷୀଙ୍କ ପଞ୍ଜିକୃତ ମୋବାଇଲକୁ ଏସ୍ଏମ୍ଏସ୍ ପଠାଯିବ । କେବଳ ଆଧାର ପ୍ରମାଣିକରଣ ଓ ଆଇରିସ୍ ସ୍କାନର ଜରିଆରେ ଧାନ କିଣାଯିବ । ଏଥିରେ ୪୬ଜଣ କଷ୍ଟମ ମିଲର ଅଂଶଗ୍ରହଣ କରିବେ । ୩୦ଟି ପ୍ରାଥମିକ କୃଷି ସମବାୟ ସମିତି ଓ ବୃହତ୍ ଅଞ୍ଚଳ ବହୁମୁଖି ସମିତି ସହ ୯ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସାମିଲ ହେବେ । ଧାନବିକ୍ରିର ୨୪ରୁ ୪୮ଘଣ୍ଟା ମଧ୍ୟରେ ମଧ୍ୟରେ ଅନ୍‌ଲାଇନ ମୋଡରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଧାନର ମୂଲ୍ୟ ଜମା ହେବ । ଚଳିତବର୍ଷ ସାଧାରଣ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୨ହଜାର୧୮୩ଟଙ୍କା ରହିଛି । ସେହିପରି ଗ୍ରେଡ-ଏ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୨ହଜାର୨୦୩ଟଙ୍କା ଧାର୍ଯ୍ୟ କରାଯାଇଛି । ଏହି ବୈଠକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଅଜାମ୍ବର ମହାନ୍ତି, କୁଚିଣ୍ଡା ଉପଜିଲ୍ଲାପାଳ ହେମସାଗର ଭୋଇ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଗୌରୀଶଙ୍କର ସିଂ, ଜିଲ୍ଲା ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ, ଅତିରିକ୍ତ ଯୋଗାଣ ଅଧିକାରୀ ବିରେନ୍ଦ୍ର ସୋରେଙ୍ଗଙ୍କ ସମେତ ଚାଷୀ ସଙ୍ଗଠନର କର୍ମକର୍ତ୍ତା, ମିଲର୍ସ ପ୍ରତିନିଧି ମାନେ ଯୋଗ ଦେଇଥିଲେ ।

# ଘରୁ ମହିଳାଙ୍କ ମୃତଦେହ ଉଦ୍ଧାର, ସ୍ୱାମୀ ଅଟକ

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଗଁରେଇ ଗାଁରେ ଅଭାବନୀୟ ଘଟଣା ଘଟିଛି । ଘର ଭିତରୁ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ମହିଳାଙ୍କ ନାଁ କୁନି ମଲ୍ଲିକ ବୋଲି ଜଣାପଡ଼ିଛି । ମହିଳାଙ୍କ ବାପଘର ଲୋକେ ହତ୍ୟା ଅଭିଯୋଗ ପରେ ପୁଲିସ ସ୍ୱାମୀକୁ ଅଟକ ରଖି ପଚରା ଉଚରା କରୁଛି ।

କୁନି ଓ ତାଙ୍କ ସ୍ୱାମୀଙ୍କ ଭିତରେ ପ୍ରାୟ ସବୁବେଳେ ପାରିବାରିକ କଳହ ଲାଗିରହୁଥିଲା। ଏହି ଝଗଡ଼ା କାରଣରୁ କୁନି ପ୍ରାୟ ସବୁବେଳେ ଚିନ୍ତାରେ ରହୁଥିଲେ। ତେବେ ମଙ୍ଗଳବାର କୁନିଙ୍କ ସ୍ୱାମୀ ବାହାରକୁ କାମ କରିବାକୁ ଯାଇଥିଲେ। ଏହି ସମୟରେ କୁନି ଝୁଲି ପଡ଼ିଥିଲେ। କିଛି ସମୟ ପରେ ଘର ଭିତରେ କୁନି ଝୁଲିପଡ଼ିଥିବା ପରିବାର ଲୋକ ଦେଖିବାକୁ ପାଇଥିଲେ। ଏନେଇ କୁନିଙ୍କ ସ୍ୱାମୀଙ୍କୁ ଖବର ଦେଇଥିଲେ ପରିବାର ଲୋକ। ପୁଲିସ ଏନେଇ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅନ୍ୟପଟେ ମୃତ ମହିଳାଙ୍କ ବାପଘର ଲୋକେ ମୁରିବାହାଲ ଥାନାରେ ହତ୍ୟା ହୋଇଥିବା ନେଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅଧାରରେ ପୁଲି କୁନିଙ୍କ ସ୍ୱାମୀଙ୍କୁ ଥାନାରେ ଅଟକ ରଖିଛି।

# ଉଠା ଦୋକାନୀମାନଙ୍କ ସହ କଳିକେଶଙ୍କ ଭାବ ବିନିମୟ

ବଲାଙ୍ଗିର,(ସବ୍ୟୁ): ସ୍ଥାନୀୟ ମୀନା ଟେଣ୍ଟ ହାଉସରେ ବଲାଙ୍ଗିର ଉଠାଦୋକାନୀ ମହାସଂଘର ସଭାପତି ଶମ୍ଭୁ ନାଗଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଉଠା ଦୋକାନୀମାନଙ୍କ ସହ ବଲାଙ୍ଗିର ବିଧାୟକ ପ୍ରାର୍ଥି କଳିକେଶ ନାରାୟଣ ସିହଦେଓ ଭାବ ବିନିମୟ କରିଥିଲେ । ଉଠାଦୋକାନୀ ମାନେ ବର୍ଷା ଓ ଖରା ସମୟରେ ବହୁତ ହଇରାଣ ହେଉଛନ୍ତି । ରାସ୍ତା କଡରେ ବସିଥିବାରୁ ଆପଣ ମାନଙ୍କ ଅସୁବିଧାକୁ ଦେଖି ବିଭିନ୍ନ ଖାଲି ଜାଗା ଆପଣଙ୍କ ମାନଙ୍କ ପାଇଁ ଭେଣ୍ଡିଂଜୋନର ବ୍ୟବସ୍ଥା କରିବାକୁ ଯାଉଛୁ । ପୂର୍ବରୁ ଆମକୁ ମୁଖ୍ୟମନ୍ତ୍ରୀ ପ୍ରଥମ ପର୍ଯ୍ୟାୟରେ ୩୫ ଲକ୍ଷ ଟଙ୍କା ଭେଣ୍ଡିଂ ଜୋନ ପାଇଁ ଦେଇଛନ୍ତି। ତେଣୁ ଉଠା ଦୋକାନୀ ମାନଙ୍କ ଯାହା ସମସ୍ୟା ଅଛି ସେଥିପ୍ରତି ବିଶେଷ ଦୃଷ୍ଟି ଦିଆଯିବାକୁ ପ୍ରତିଶ୍ରୁତି ଦେବା ସହ ଶ୍ରୀ ସିଂହଦେଓ ସେମାନଙ୍କ ଠାରୁ ସମର୍ଥନ ଲୋଡ଼ିଥିଲେ । କାର୍ଯ୍ୟକ୍ରମରେ ପୌରାଧକ୍ଷା ଲିକା ସାହୁ, କାଉନସିଲର ମାନଙ୍କ ସହିତ ୫୦୦ ରୁ ଉର୍ଦ୍ଧ ସହରର ଉଠା ଦୋକାନୀ ସାମିଲ ଥିଲେ ।

# ବିଜେପୁର : ରୀତାଙ୍କ ପାଇଁ ଅଡୁଆ ଦଳୀୟ କର୍ମୀ

ବରଗଡ଼,(ସବ୍ୟୁ): ବରଗଡ଼ ଜିଲ୍ଲା ବିଜେପୁର ବିଧାସଭା ନିର୍ବାଚନମଣ୍ଡଳୀରେ ବିଜେଡିରେ ଥିବା ଅନ୍ତର୍ଦ୍ୱନ୍ଦ୍ୱ ପଦାରେ ପଡ଼ିଛି । ବିଜେଡି ପ୍ରାର୍ଥୀ ରୀତା ସାହୁଙ୍କ ପ୍ରାର୍ଥିତ୍ୱକୁ ନେଇ ଦଳୀୟ କର୍ମୀ ଖୋଲାଖୋଲି ବିରୋଧ କରିଛନ୍ତି । ମଙ୍ଗଳବାର ବିଜେପୁର ବ୍ଲକ ଅନ୍ତର୍ଗତ ବୁଢ଼ାପାଲି ଗ୍ରାମ ନିକଟରେ ଅନୁଷ୍ଠିତ ନିର୍ବାଚନ ମଣ୍ଡଳୀସ୍ତରୀୟ କର୍ମୀ ସମ୍ମିଳନୀରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ।

ତଥ୍ୟ ଅନୁସାରେ ବିଜେଡି ପ୍ରାର୍ଥୀ ରୀତା ସାହୁଙ୍କ ପ୍ରତି ସେଠାରେ ଉପସ୍ଥିତ ଥିବା କର୍ମୀ ନିଜର ବିରୋଧାଭାସ ପ୍ରକଟ କରିଥିଲେ। ସମାବେଶରେ 'ରୀତା ହଟାଓ, ବିଜେପୁର ବଞ୍ଚାଓ' ନାରା ଦେଇଥିଲେ। ଏହା ସହିତ ବିଜେଡି ସୁପ୍ରିମୋଙ୍କୁ ଏହାର ପୁନଃବିଚାର କରିବା ପାଇଁ ଦାବି କରିଥିଲେ। ଏହି କର୍ମୀ ସମ୍ମିଳନୀରେ ଦେବାନନ୍ଦ ଗଡ଼ତିଆ, ବିଜେପୁର ସରପଞ୍ଚ ସଂଘ ସଭାପତି ସବିତା ସାହୁ, ଜୟକୃଷ୍ଣ ଦଣ୍ଡସେନା, କମଳାକାନ୍ତ ପ୍ରଧାନ, ଆଗଲପୁର ପ୍ୟାକ୍ସ ସଭାପତି ବୀରୋସନ ସାହୁ, ବରପାଲି ପ୍ୟାକ୍ସ ସଭାପତି ଗୁରୁ ମେହେରଙ୍କ ସମେତ ବିଜେପୁର ଓ ବରପାଲି ବ୍ଲକର ବହୁ ସରପଞ୍ଚ, ସମିତି ସଭ୍ୟ ଓ ହଜାର ହଜାର କର୍ମୀମାନେ ଯୋଗ ଦେଇଥିଲେ। ଏନେଇ ବିଜେଡି ପ୍ରାର୍ଥୀ ରୀତା ସାହୁଙ୍କୁ ପଚାରିବାରୁ ଦଳରେ ଯାହା ମନୋମାଳିନ୍ୟ ରହିଛି ତାହା ସମାଧାନ କରାଯିବ ବୋଲି କହିଛନ୍ତି।

# ପିସିସି ସମ୍ପାଦକ ବିଧୁଭୂଷଣ ତ୍ରିପାଠୀ କଂଗ୍ରେସ ଛାଡ଼ିଲେ

## ଡ଼. ଅର୍ଜୁନ ମୁଗ୍ରୀ, ଗ୍ଲାସଷ୍ଟନ ତାଣ୍ଡଙ୍କ ଇସ୍ତଫା




ବଲାଙ୍ଗିର,(ସବ୍ୟୁ): କଂଗ୍ରେସ ଛାଡିଲେ ପିସିସି ସମ୍ପାଦକ ବିଧୁଭୁଷଣ ତ୍ରିପାଠୀ ଛାତ୍ର ଜୀବନରୁ ସକ୍ରିୟ ରାଜନୀତିରେ ପ୍ରବେଶ କରିଥିବା ବିଧୁଭୁଷଣ ଲମ୍ବା ସମୟ ଧରି ଦଳର ବିଭିନ୍ନ ପଦ ପଦବୀରେ ରହି ସୁଚାରୁ ଭାବରେ କାର୍ଯ୍ୟ ନିର୍ବାହ କରି ଆସୁଥିଲେ । ୯୦ ଦଶକରେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ଛାତ୍ର ସଂସଦର ସଭାପତି ଥିଲେ । ଏହା ସିତ ବଲାଙ୍ଗିର ଜିଲ୍ଲା ଯୁବ କଂଗ୍ରେସ ସଭାପତି, ପିସିସି ସମ୍ପାଦକ ଓ ଏଆଇସିସି ସଦସ୍ୟ ଭାବେ କାମ କରିଛନ୍ତି । ବିଭିନ୍ନ ରାଜ୍ୟ ଓ ଜିଲ୍ଲା ବୁଲି ନିର୍ବାଚନ ସମୟରେ କଂଗ୍ରେସ ପାଇଁ ପ୍ରଚାର କରିଥିଲେ । ଛତିଶଗଡ ନିର୍ବାଚନ ସମୟରେ ମଧ ସେ କଂଗ୍ରେସ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ହେଲେ ଦଳ ତାଙ୍କୁ ତାକୁ ଅଣଦେଖା କରିଥିବାରୁ ବୁଧବାର ଏକ ସାମ୍ବାଦିକ ସମ୍ମିଳନୀରେ ନିଜ ଇସ୍ତଫା ଦେଇ ଘୋଷଣା କରିଛନ୍ତି । ଇସ୍ତଫା ପତ୍ର ଜାତୀୟ କଂଗ୍ରେସ ସଭାପତି ଓ ରାଜ୍ୟ ପିସିସି ସଭାପତିଙ୍କୁ ପ୍ରେରଣ କରିଥିବା କହିଛନ୍ତି ଶ୍ରୀ ତ୍ରିପାଠୀ । ତାଙ୍କ ସହ ଲୋଇସିଂହା ନିର୍ବାଚନ ମଣ୍ଡଳୀର ବିଧାୟକ ପାର୍ଥୀ ଭାବରେ ଟିକେଟ ଆଶାୟୀ ଥିବା ଡ଼.ଅର୍ଜୁନ ମୁଗ୍ରୀ, କଂଗ୍ରେସ ନେତା ଗ୍ଲେଷ୍ଟନ ତାଣ୍ଡି ସହ ବହୁ ସମର୍ଥକ ଜିଲ୍ଲା ସାମ୍ବାଦିକ ସଂଘରେ ସାମ୍ବାଦିକ ସମ୍ମିଳନୀ ମାଧମରେ କଂଗ୍ରେସ ଦଳକୁ ଛାଡ଼ିଥିବା ସୁଚନା ଦେଇଛନ୍ତି । ଏହା ଦ୍ୱାରା ବଲାଙ୍ଗିର ଜିଲ୍ଲାରେ କଂଗ୍ରେସ କ୍ଷତିଗ୍ରସ୍ତ ହେବ ବୋଲି କଂଗ୍ରେସର କିଛି ସମର୍ଥକ ପ୍ରକାଶ କରିଛନ୍ତି । ଜଣେ ତୃଣମୂଳ ସଂଗଠକ ଓ ବଲାଙ୍ଗିର ସାଂସଦ କ୍ଷେତ୍ର ପାଇଁ ଆଶାୟୀ ଥିବା ବିଧୁଭୁଷଣ ଦୀର୍ଘ ୩ ଦଶନ୍ଧୀ ଧରି ଦଳ ପାଇଁ ଅନେକ କିଛି ତ୍ୟାଗ କରିଥିବା କୁହାଯାଉଛି ।

# କାର୍ ଧକ୍କାରେ ୪ ବର୍ଷୀୟ ଶିଶୁ ମୃତ

ସୁନ୍ଦରଗଡ଼,(ସବ୍ୟୁ): ଦ୍ରୁତଗତି ମହାବିପତ୍ତି । ଏହା ଜାଣିଥିଲେ ମଧ ଲୋକ ଅସାବଧାନତା ଯୋଗୁଁ ଦୁର୍ଘଟଣାର ଶିକାର ହୋଇଥାନ୍ତି । ରାଉରକେଲା ପୁଲିସ ଜିଲ୍ଲା ଚାନ୍ଦିପୋଷ ଥାନା ମୂଷାବିରା ଠାରେ ବୁଧବାର ଏକ ଅଲ୍ଟୋ କାରକୁ ହ୍ୟୁଣ୍ଡାଇ କାର ପଛ ପାର୍ଶ୍ୱରୁ ଧକ୍କା ଦେଇଥିଲା । ଫଳରେ ଜଣେ ୪ ବର୍ଷ ବୟସର ଶିଶୁର ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ମୃତ ଶିଶୁର ନାମ ରିସଭ ଓରାମ ବୋଲି ଜଣାପଡ଼ିଛି । ପୁଲିସ ଦୁର୍ଘଟଣାଗ୍ରସ୍ତ ୨ଟି କାରକୁ ଜବତ କରିଛି।

# ଟାଙ୍ଗିଆରେ ହାଣି ଯୁବକଙ୍କୁ ହତ୍ୟା

ରାୟଗଡା,(ସବ୍ୟୁ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ କୁମ୍ଭିକୋଟା ପଞ୍ଚାୟତର ପୁଞ୍ଜାପାଇ ଗ୍ରାମରେ ଆଜି ପୂର୍ବାହ୍ନରେ ଏକ ହତ୍ୟାକାଣ୍ଡ ଘଟିଛି । ସୂଚନା ମୁତାବକ ପୁଞ୍ଜାପାଇ ଗ୍ରାମର ଲାଛା ମାଣ୍ଡିଙ୍ଗା (୫୦)ଙ୍କୁ ଉକ୍ତ ଗ୍ରାମର ଜଣେ ଯୁବକ ମଦନ ମାଣ୍ଡିଙ୍ଗା କୌଣସି କାରଣରୁ ଟାଙ୍ଗିଆରେ ହାଣି ହତ୍ୟା କରିଥିବା ଜଣାପଡିଛି । ଘଟଣାର କାରଣ ଅସ୍ପଷ୍ଟ ଥିବା ବେଳେ ଘଟଣାସ୍ଥଳରେ ହିଁ ଲାଛା ମୃତ୍ୟୁ ବରଣ କରିଥିବା ସୂଚନା ମିଳିଛି । କିଛି ସମୟ ପରେ ରାୟଗଡା ଥାନାଧିକାରୀ କମଳ କାନ୍ତ ବି କେ କହଁରଙ୍କ ନେତୃତ୍ୱରେ ଏକ ଟିମ୍ ଯାଇ ଉକ୍ତ ମୃତ ଦେହକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ବେଳେ ଉକ୍ତ ଅଭିଯୁକ୍ତ ମଦନ ମାଣ୍ଡାଙ୍ଗି ପୋଲିସ ହେପାଜତକୁ ଆଣି ତଦନ୍ତ ଚାଲିଥିବା ଭାରପ୍ରାପ୍ତ ଥାନାଧିକାରୀ ଶ୍ରୀ କହଁର ପ୍ରକାଶ କରିଛନ୍ତି ।

# ଖେଳନା ବନ୍ଧୁକ ଦେଖାଇ ଲୁଟି ଥିଲେ ଟ୍ରକ, ୩ ଗିରଫ

ବଲାଙ୍ଗିର,(ସବ୍ୟୁ): ପାଟଣାଗଡ଼ ନିକଟ ରାମପୁର ପେଟ୍ରୋଲପମ୍ପରୁ ଏକ ଟ୍ରକ ଚୋରି ଘଟଣାରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ପାଟଣାଗଡ଼ ପୁଲିସ। ଗିରଫ ଅଭିଯୁକ୍ତ ମାନେ ହେଲେ ବୌଦ୍ଧ କଣ୍ଟାମାଲ ଅଞ୍ଚଳର ଆନନ୍ଦ ସାହୁ, ବଲାଙ୍ଗିର ଠିକାଦାର ପଡ଼ାର କାହ୍ନା ଜେନା ଓ ଖର୍ଲକାନି ଗାଁର ଚମାରୁ ମୁଣ୍ଡା ବୋଲି ଜଣାପଡ଼ିଛି।

ପାଟଣାଗଡ଼ ପୋଲିସ ସୁଚନା ଅନୁସାରେ, ଏମାନେ ୨୧ ତାରିଖ ଦିନ ଛତିଶଗଡ଼ ଚମ୍ପାରୁ ମାଙ୍ଗାନିଜ ନେଇ ବିଶାଖାପାଟଣା ଯାଉଥିବା ଏକ ଟ୍ରକ ରାମପୁର ପେଟ୍ରୋଲ ପମ୍ପ ନିକଟରେ ବିଶ୍ରାମ ନେଉଥିଲା। ଏହି ସମୟରେ ଅଭିଯୁକ୍ତ ମାନେ ଡ୍ରାଇଭରକୁ ଖେଳନା ବନ୍ଧୁକ ଦେଖାଇ ଚୋରି କରିଥିଲେ। ପରେ ଅଭିଯୁକ୍ତ ମାନେ ଗାଡ଼ି ଓ ଡ୍ରାଇଭରକୁ ଦେଓଗାଁ ଥାନା ଅଞ୍ଚଳ ର ଏକ ନିଛାଟିଆ ଜଙ୍ଗଲରେ ଛାଡ଼ି ଫେରାର ହୋଇଯାଇଥିଲେ। ପୁଲିସ ଏନେଇ ଅଧିକ ତଦନ୍ତ ପରେ ଅଭିଯୁକ୍ତ ମାନଙ୍କୁ ଧରିବାରେ ସଫଳ ହୋଇଛି। ଅଭିଯୁକ୍ତ ମାନେ ଚୋରି କରିବା ବେଳେ ବ୍ୟବହାର କରିଥିବା ଦୁଇଟି ବାଇକ ଜବତ ହୋଇଛି। ଏଥିରେ ଆଉ ଦୁଇ ଜଣ ଅଭିଯୁକ୍ତ ଫେରାର ଅଛନ୍ତି। ତାଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି ।

# ଓଡିଶା ରାଜ୍ୟ ଉଷୁ କ୍ୟାମ୍ପ ଆରମ୍ଭ



ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଗାନ୍ଧୀ ଷ୍ଟାଡିୟମରେ ଚଳିତ ଏପ୍ରିଲ ମାସ ୨୧ ତାରିଖରୁ ୧ ତାରିଖ ପର୍ଯ୍ୟନ୍ତ ଉଷୁ ଟ୍ରେନିଂ କ୍ୟାମ୍ପ ହେବାକୁ ଥିବା ଉଦ୍ଘାଟନି ଦିବସରେ ମୁଖ୍ୟ ଅତିଥି ଭାବରେ ବୁଧବାର ଓଡିଶା ଉଷୁ ସଂଘର ଅଧ୍ୟକ୍ଷ ଇ. ସୁଧାଂଶୁ ଶେଖର ହରିଚନ୍ଦନ, ବଲାଙ୍ଗିର ଜିଲ୍ଲା ଖେଳ ଅଧିକାରୀ ପରାସର ସ୍ୱାଧୀନ ବାଗ, ଆନ୍ତର୍ଜାତୀୟ ଜଜ ପ୍ରଦ୍ୟୁମ୍ନ ବେହେରା ଏବଂ ବଲାଙ୍ଗିର ଜିଲ୍ଲା ଉଷୁ ସଂଘ ସଭାପତି ତପନ କୁମାର ପାଣିଗ୍ରାହୀ ଉପସ୍ଥିତ ରହି ଏହି ଉଷୁ ଖେଳ ବିଷୟରେ ଖେଳାଳିମାନଙ୍କୁ ଅବଗତ କରିଥିଲେ । ବିଭିନ୍ନ ଜିଲ୍ଲାରୁ ୪୫ ଜଣ ଖେଳାଳି ଏହି କ୍ୟା ରେ ଅଂଶଗ୍ରହଣ କରିଥିବା ନେଇ ଜିଲ୍ଲା ଉଷୁ ସଂଘର ସାଧାରଣ ସମ୍ପାଦକ ଯୁଧିଷ୍ଠିର ଗୁରହାଣ୍ଡି ସୂଚନା ଦେଇଛନ୍ତି ।

# ମହୁମାଛି ଆକ୍ରମଣ ଜଣେ ଗୁରୁତର



ଖପ୍ରାଖୋଲ,(ସବ୍ୟୁ): ମହୁମାଛି ଆକ୍ରମଣରେ ଜଣେ ଗୁରୁତର। ଗୁରୁତର ବ୍ୟକ୍ତି ଜଣକ ହେଉଛନ୍ତି ଶ୍ରୀଧର ଧରୁଆ। ତାଙ୍କ ଘର ପାଟଣାଗଡ଼ ଥାନା ମୁଣ୍ଡୋମହୁଲ ଗାଁରେ ବୋଲି ଜଣାପଡ଼ିଛି। ଶ୍ରୀଧର ବୁଧବାର ସକାଳେ ଖେତକୁ ଯାଇଥିଲେ। ଖେତରେ ହଳ କରୁଥିବା ବେଳେ ମହୁମାଛିର ଶିକାର ହୋଇଥିଲେ। ଏତେ ମାତ୍ରାରେ ମହୁ ମାଛି ଆକ୍ରମଣ କରିଥିଲେ ଯେ ଶ୍ରୀଧର ଗୁରୁତର ହୋଇପଡ଼ି ଥିଲେ। ପରିବାର ଲୋକ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ସେଠାରେ ଶ୍ରୀଧରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଏହା ପରେ ଅମ୍ବୁଲାନ୍ସକୁ ଖବାର ଦେଇଥିଲେ ପରିବାର ଲୋକ । ଯଥା ଶିଘ୍ର ଘଟଣା ସ୍ଥଳରେ ଆମ୍ବୁଲାନ୍ସ ପହଞ୍ଚି ପାଟଣାଗଡ଼ ଡାକ୍ତରଖାନାକୁ ନେଇଥିଲା। ସେଠାରେ ତାଙ୍କର ଚିକିତ୍ସା ହେଉଥିବା ଜଣାପଡ଼ିଛି ।

# ସମ୍ବଲପୁରରେ ବ୍ୟବହାର ଯୋଗ୍ୟ ନୁହେଁ ମହାନଦୀ ପାଣି

ସମ୍ବଲପୁର,(ସବ୍ୟୁ): ମହାନଦୀ ଓଡିଶାର ଜୀବନଧାରା । ଏହା ସମ୍ବଲପୁର ଦେଇ ପ୍ରବାହିତ ହୋଇଛି । ଭାରତୀୟ ସଂସ୍କୃତିରେ ପବିତ୍ର ନଦୀ ଗୁଡ଼ିକୁ ମା'ର ସ୍ଥାନ ଦେଇ ପୂଜା କରାଯାଏ। ମାତ୍ର ଏଠାରେ ମା'କୁ ଯେ କେତେ ହୀନିମାନ କରାଯାଏ ତାହା ମହାନଦୀର ସ୍ଥିତିରୁ ଖୁବ ସ୍ପଷ୍ଟ ଭାବେ ବାରି ହୋଇପଡ଼େ । ଏଠାରେ ନଦୀର ଜଳ ପ୍ରବାହ ନଥିବା କାରଣରୁ ଏଭଳି ସ୍ଥିତି ଉପୁଜିଛି । ସମ୍ବଲପୁର ସହରର ରିଂରୋଡ ସ୍ଥିତ ମାରୱାଡ଼ି ଘାଟ ନିକଟରେ ଏକ ଆନିକଟ ରହିଛି । ଯାହାକି ଅଯୋଧ୍ୟା ସରୋବର ନାମରେ ପରିଚିତ ଅଟେ । ସହରର ନର୍ଦ୍ଦମା ପାଣି ଟାଙ୍ଗନା ନାଳା ଓ ମନ୍ଦଲିଆରୁ ଯାଇ ଏହି ଆନିକଟରେ ଅଟକି ରହୁଛି । ଫଳରେ ପାଣିର ମାନ ହ୍ରାସ ପାଉଛି। ଯାହାକି ବ୍ୟବହାର ଯୋଗ୍ୟ ନୁହେଁ । ଅନ୍ୟପଟେ ଗ୍ରୀଷ୍ମ ଋତୁ ଯୋଗୁଁ ହୀରାକୁଦରୁ ଜଳ ପ୍ରବାହ ବନ୍ଦ ରହିଛି । ଏଥିଯୋଗୁଁ ବିଷମ ପରିସ୍ଥିତି ସୃଷ୍ଟି ହୋଇଛି । ସହରବାସୀ ମହାନଦୀକୁ ସ୍ନାନ ଓ ଶୌଚ କାମରେ ବ୍ୟବହାର କରୁଥିବା ବେଳେ ଅପରିଷ୍କାର ପାଣି ଯୋଗୁଁ ନାନାଦି ରୋଗ ହେଉଛି । ଏହାଦ୍ୱାରା ନଦୀକୂଳରେ ବସବାସ କରୁଥିବା ଲୋକେ ବେଶ ଚିନ୍ତିତ ହୋଇ ପଡିଛନ୍ତି ।

ସମ୍ବଲପୁରର ମାଟି ପାନି ଝରସି ହୀରା ନୀଲା' କବି ସତ୍ୟ ନାରାୟଣ ବହିଦାରଙ୍କ କବିତାର ଏହି ପଦ ସମ୍ବଲପୁରର ପରିଚୟ ପ୍ରଦାନ କରେ। ଡ଼. ମାୟାଧର ମାନସିଂହଙ୍କ ଭଳି ବରେଣ୍ୟ କବି ମଧ୍ୟ ମହାନଦୀର ସୁନ୍ଦରତା ଓ ମହାନତା ସମ୍ପର୍କରେ ନିଜନିଜ କୃତୀରେ ଉଲ୍ଲେଖ କରିଛନ୍ତି । ମାତ୍ର ବର୍ତ୍ତମାନର ସ୍ଥିତି ବଦଳି ଯାଇଛି। ସମ୍ବଲପୁରରେ ମହାନଦୀର ଜଳ ପିଇବା ଯୋଗ୍ୟ ନୁହେଁ । ସମ୍ବଲପୁର ଠାରେ ମହାନଦୀର ଜଳ 'ଘ' ବର୍ଗ (ଡି- କେଟାଗରି)ର ବୋଲି ପ୍ରଦୂଷଣ ବିଭାଗ କହିଛି । ଏହି ଜଳ ପିଇବା ତ ଦୂର କଥା ସ୍ନାନ ପାଇଁ ମଧ୍ୟ ଯୋଗ୍ୟ ହେଉନାହିଁ। ନଦୀରେ ସ୍ୱୟଂକ୍ରିୟ ପରିଷ୍କରଣ ବ୍ୟବସ୍ଥା ଥାଏ । ଫଳରେ ନଈ ପାଣି ସବୁ ବେଳେ ସ୍ୱଚ୍ଛ ବୋଲି ମନେ କରାଯାଏ। ସମ୍ବଲପୁରରେ ମହାନଦୀ ପାଣି ଏକ ଗାଡ଼ିଆରେ ପରିଣତ ହୋଇଛି। ଏଥିପାଇଁ ଥିବା ଅନେକ କାରଣ ମଧ୍ୟରୁ ପ୍ରଶାସନିକ ଉଦାସୀନତା ଅନ୍ୟତମ। ସମ୍ବଲପୁରର ମହାନଦୀ ଉପରେ ଦୈନିକ ହଜାର ହଜାର ଲୋକ ନିର୍ଭର କରନ୍ତି । ଏବେ ଗ୍ରୀଷ୍ମଋତୁ ଆସି ଯାଇଥିବା ବେଳେ ନଦୀର ଜଳସ୍ତର ହ୍ରାସ ପାଇଛି । ନାନାଦି ପ୍ରକାରର ଦଳ ଓ ଲଟା ଭରି ରହିଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହାର ଅପସାରଣ ପାଇଁ ଉପରମୁଣ୍ଡରୁ ପାଣି ଛଡ଼ା ଗଲେ ଆନିକଟରେ ବନ୍ଧା ଯାଇଥିବା ନଦୀର ଜଳ କିଛି ମାତ୍ରାରେ ସଫା ହୋଇପାରିବ । ଅନ୍ୟପଟେ ସ୍ୱଚ୍ଛ ଭାରତ ଅଭିଯାନରେ ସହରର ମହାନଦୀ କୂଳର ସାତୋଟି ଶୌଚାଳୟ ନିର୍ମାଣ କରାଯାଇଛି । ଯଦ୍ୱାରା ସ୍ଥିତିରେ ପରିବର୍ତ୍ତନ ଆସିଥିଲେ ମଧ୍ୟ ନଦୀର ଜଳ ବଦଳି ପାରି ନାହିଁ । ସମ୍ବଲପୁରରେ ୨୦୧୪-୧୫ ମସିହାରେ ଜଣ୍ଡିସ ହେବା ପରେ ପିଏଚ୍‌ଡି ସଂଯୋଗରେ ହୀରାକୁଦ ବନ୍ଧର ଜଳ ସିଧାସଳଖ ସହରବାସୀଙ୍କୁ ଯୋଗାଇ ଦିଆଯାଉଛି । ମାତ୍ର ସହରବାସୀଙ୍କ ପାଇଁ ତାହା ପର୍ଯ୍ୟାପ୍ତ ହେଉନଥିବା ବେଳେ ଲୋକେ ବିଭିନ୍ନ କାରଣରୁ ମହାନଦୀର ଜଳ ସିଧାସଳଖ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି।

ଦେଶରେ ଗଙ୍ଗାନଦୀ ସମେତ ଅନେକ ନଦୀ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ମାତ୍ର ଅନ୍ୟତମ ବୃହତ୍ତମ ନଦୀ ମହାନଦୀର ବିକାଶ ପାଇଁ କୌଣସି ପ୍ରକାର ବଡ ଯୋଜନା କରାଯାଇନାହିଁ । ସମୁଦାୟ ୮୫୮କିଲୋମିଟର ବ୍ୟାପ୍ତ ମହାନଦୀ ଉପତ୍ୟକା ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ଓଡ଼ିଶାରେ ପ୍ରବାହିତ ହେଉଛି। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ଜୀବନଧାରା ବୋଲି ଅଭିହିତ କରିଛନ୍ତି। ଏହାସତ୍ତ୍ୱେ ଏହାର ବିକାଶ କରିବାକୁ ରାଜ୍ୟ ସରକାର କୌଣସି ପ୍ରକାର ମିଶନ ଗଠନ କରିବାରେ କୁଣ୍ଠାବୋଧ କରୁଛନ୍ତି। ବିଶେଷ କରି ସମ୍ବଲପୁର ନିକଟ ଦେଇ ବୋହି ଯାଇଥିବା ମହାନଦୀ ଏକ ଗାଡ଼ିଆରେ ପରିଣିତ ହେବାକୁ ଯାଉଥିଲେ ସୁଦ୍ଧା ତାହାର ଉନ୍ନତି ସକାଶେ ଯୋଜନା ଆରମ୍ଭ ହୋଇନାହିଁ। ଜିଲ୍ଲା ପ୍ରଶାସନର ପ୍ରୟାସ କ୍ରମେ ନଦୀତଟ ବିକାଶ ପାଇଁ କୋଟି କୋଟି ଟଙ୍କା ମଞ୍ଜୁର ହୋଇଛି । କିନ୍ତୁ ମହାନଦୀର ପାଣି ଏବେ ମଧ୍ୟ ବ୍ୟବହାର ଯୋଗ୍ୟ ନୁହେଁ ତାହା ମଧ୍ୟ ସମସ୍ତଙ୍କୁ ବିଚାର କରିବା ଆବଶ୍ୟକତା ରହିଛି ।

# ବହି ଦିବସରେ ଭିନ୍ନ କାର୍ଯ୍ୟକ୍ରମ



ଝାରସୁଗୁଡା,(ସବ୍ୟୁ): ଭାଷା ସାହିତ୍ୟ ଓ ସଂସ୍କୃତିର ପ୍ରସାର ଦିଗରେ କାର୍ଯ୍ୟରତ ଅଗ୍ରଣୀ ସଂସ୍ଥା ଭାରତ ରତ୍ନ ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ ବହି ଦିବସରେ ଆରମ୍ଭ ଛୋଟ ହେଲେ ବି ମହାନ । ଏହି ଅନୁଷ୍ଠାନର କାମ ହେଉଛି ମହାପୁରୁଷ ପ୍ରତିମୂର୍ତ୍ତି ସ୍ଥାପନା ପରେ ଧୂଳି ଧୂସର ହୋଇ ଥିବା ପ୍ରତିମୂର୍ତ୍ତି ମାନଙ୍କୁ ସଫେଇ କରି ଉପଯୁକ୍ତ ପୂଜ୍ୟ ପୂଜାର ସମ୍ମାନ ଦେବା । ଏହାର ଉଦ୍ଦେଶ୍ୟରେ ପରିଷଦ କାର୍ଯ୍ୟରତ । ଏହି ଅବସରରେ କିଛି ସାହିତ୍ୟିକ ଓ ସମାଜସେବୀଙ୍କ ମିଳିତ ସହଯୋଗରେ ଝାରସୁଗୁଡା ସୁନାରୀ ମୁଣ୍ଡା ଛକରେ ଥିବା ଭାରତ ରତ୍ନ ଡ଼.ବାବା ସାହେବ ଭୀମ ରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିକୁ ସଫେଇ କରା ଯାଇଥିଲା । ପରିଷଦର ପ୍ରତିଷ୍ଠାତା ବିବେକାନନ୍ଦ ମିଶ୍ର ନେତୃତ୍ୱରେ ସଭାପତି ଡକ୍ଟର ସରୋଜ କୁଆଁର ସମ୍ପାଦକ ନୀକୁଞ୍ଜ ବିହାରୀ ମିଶ୍ର, ଅଧକ୍ଷ ଅନନ୍ତ ରାମ ସାହୁ, ଉପଦେଷ୍ଟା ଫକୀର ମୋହନ ବାରିକ, ନିବେଦିତା ମିଶ୍ର, ଲକ୍ଷ୍ମୀ ପ୍ରିୟା ପଣ୍ଡା, ସଭ୍ୟ ହରିଶଙ୍କର ପୁରୋହିତ, ଉପେନ୍ଦ୍ର ଭଇଁଶା, ରସରାଜ ବଗର୍ତି, ଆଲୋକ ଷାଣ୍ଡ, ଗୁଣନିଧି ଭୈସା ପ୍ରମୁଖ ଯୋଗ ଦେଇ ପ୍ରତିମୂର୍ତ୍ତି ମାନଙ୍କୁ ସଫେଇ କରିଥିଲେ । ଏହା ପରେ ବହି ଦିବସ ଉପଲକ୍ଷେ କବି କବିୟତ୍ରୀ ମାନେ ସ୍ୱରଚିତ କବିତା ପାଠ କରିଥିବା ବେଳେ ଡକ୍ଟର କୁଆଁର, ଶ୍ରୀ ବାରିକ ଓ ଅଧକ୍ଷ ଶ୍ରୀ ସାହୁ ବହିର ଉପାଦେୟତା ବିଷୟ ଆଲୋକପାତ କରିଥିଲେ । ସପ୍ତାହରେ ଥରେ ସଫେଇ କାମ କରାଯିବ ବୋଲି ପରିଷଦ ପକ୍ଷରୁ ପ୍ରତିଷ୍ଠାତା ଶ୍ରୀ ମିଶ୍ର ପ୍ରକାଶ କରିଥିଲେ।

# ବ୍ୟବସାୟିକ ଶତ୍ରୁତାରୁ ପୂର୍ବତନ ନଗରପାଳଙ୍କୁ ମାଡ



ବ୍ରଜରାଜନଗର,(ସବ୍ୟୁ): ବ୍ରଜରାଜନଗର ପୌର ପରିଷଦର ପୂର୍ବତନ ନଗରପାଳ ନନ୍ଦ କିଶୋର ଅଗ୍ରୱାଲଙ୍କୁ ବ୍ୟବସାୟିକ ଶତୃତାରୁ ମାଡ ମରାଯାଇଥିବା ବ୍ରଜରାଜନଗର ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁସାରେ ପୂର୍ବତନ ନଗରପାଳ ନନ୍ଦ କିଶୋର ଅଗ୍ରୱାଲ ଗାନ୍ଧୀ ଛକ ସ୍ଥିତ ବୃନ୍ଦାବନ କଲୋନୀରେ ରହୁଥିବା ସନ୍ତୋଷ ମିଶ୍ରଙ୍କ ନିମନ୍ତ୍ରଣ ପାଇ ହନୁମାନ ମନ୍ଦିର ପ୍ରତିଷ୍ଠା ଭୋଜି ଖାଇବାକୁ ଯାଇଥିଲେ। ଘର ବାହାରେ କିଶୋର ତାଙ୍କର ଚାରି ଚକିଆ ଗାଡ଼ିକୁ ପାର୍କିଂରେ ରଖି ଯାଉଥିବା ସମୟରେ ଅରୁଣ ମୁନ୍ଦ୍ରା ତାଙ୍କ ପୁଅ ଅଂଶୁଲ ମୁନ୍ଦ୍ରା ଓ ବରୁଣ ଶର୍ମା ହଠାତ୍ କିଶୋରଙ୍କ ଉପରେ ଆକ୍ରମଣ କରିଥିଲେ। ଫଳରେ ସେ ତଳେ ପଡିଯାଇଥିଲେ । ଅରୁଣ ମୁନ୍ଦ୍ରା ଏକ ବଡ ପଥର ଉଠାଇ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଏଥର ଜୀବନରେ ମାରି ଦେବାକୁ ଧମକ ଦେଇଥିବା ପୂର୍ବତନ ନଗରପାଳ ନନ୍ଦ କିଶୋର ଅଗ୍ରୱାଲ ଥାନାରେ ଅଭିଯୋଗ କରିବା ସହ ଗଣମାଧ୍ୟମ ପ୍ରତିନିଧିଙ୍କ ସମ୍ମୁଖରେ ପ୍ରକାଶ କରିଛନ୍ତି । ଅରୁଣଙ୍କ ସହ ପୂର୍ବରୁ ବ୍ୟବସାୟୀକ ଶତୃତା ଥିବା ମଧ କହିଛନ୍ତି। ଅନ୍ୟପକ୍ଷରେ କିଶୋରଙ୍କ ସହ ବ୍ୟାବସାୟ କରୁଥିବା ଅରୁଣ ମୁନ୍ଦ୍ରାଙ୍କ ପ୍ରତିକ୍ରିୟା ନେବାରୁ ସେ ଗାନ୍ଧୀଛକ ଫାଣ୍ଡିରେ ଏକ ପାଲଟା ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗରେ ଅରୁଣ ମନ୍ଦିରରୁ ପ୍ରସାଦ ସେବନ କରି ଫେରୁଥିବାବେଳେ କିଶୋର ପ୍ରଥମେ ତାଙ୍କୁ ଅଭଦ୍ର ଭାଷାରେ ଗାଳି ଗୁଲଜ କରିଥିଲେ। । ପରେ ଦୁହିଁଙ୍କ ମଧ୍ୟରେ ଧକ୍କା ମରାମରି ହୋଇଥିଲା ବୋଲି ପ୍ରକାଶ କରିଛନ୍ତି । ବ୍ରଜରାଜନଗର ଥାନା ପୋଲିସ୍ ଏହି ଘଟଣାର ତଦନ୍ତ ଚଳାଇଥିବା ଆଇଆଇସି ଧବଳେଶ୍ୱର ସାହୁ ସୂଚନା ଦେଇଛନ୍ତି।

# ପୂର୍ବତଟ ରେଳବାଇ ପକ୍ଷରୁ ଚାଲିବ ୨୨ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍

ସମ୍ବଲପୁର,(ସବ୍ୟୁ): ଗ୍ରୀଷ୍ମରେ ଯାତ୍ରୀ ଭିଡ଼କୁ ଏଡ଼ାଇବା ପାଇଁ ପୂର୍ବତଟ ରେଳବାଇ ପକ୍ଷରୁ ପୂର୍ବତଟ ରେଳ ପରିସୀମା ମଧ୍ୟରୁ ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ପାଇଁ ନିଷ୍ପତ୍ତି ନିଆଯାଇଛି । ସମ୍ବଲପୁର-ଏରୋଡ୍ ସାପ୍ତାହିକ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ମେ ପହିଲାରୁ ଜୁନ ୨୬ ପର୍ଯ୍ୟନ୍ତ ଚଳାଚଳ କରିବ । ପ୍ରତ୍ୟେକ ବୁଧବାର ପୂର୍ବାହ୍ନ ୧୧.୩୫ରେ ସମ୍ବଲପୁରରୁ ଯାତ୍ରା କରିବ । ଫେରିବା ମାର୍ଗରେ ଏହି ଟ୍ରେନ ତାମିଲନାଡୁର ଏରୋଡରୁ ମଇ ୩ ରୁ ଜୁନ୍ ୨୮ ମଧ୍ୟରେ ପ୍ରତ୍ୟେକ ଶୁକ୍ରବାର ଅପରାହ୍ନ ୨.୪୫ମି.ରେ ଛାଡ଼ି ସମ୍ବଲପୁର ଯାତ୍ରା କରିବ। ପୁରୀ-ଉଧନା-ପୁରୀ ସ୍ୱତନ୍ତ୍ର ଟ୍ରେନ୍ ଏପ୍ରିଲ ୨୫ରୁ ଜୁନ ୨୭ ପର୍ଯ୍ୟନ୍ତ ଚାଲିବ । ପୁରୀରୁ ପ୍ରତ୍ୟେକ ସୋମବାର ଏବଂ ଗୁରୁବାର ସକାଳ ୬.୩୦ ଛାଡ଼ିବ । ଏପ୍ରିଲ୍ ୨୬ ରୁ ଜୁନ୍ ୨୮ ମଧ୍ୟରେ ଏହା ଉଧନା ଠାରୁ ପ୍ରତି ମଙ୍ଗଳବାର ଓ ଶୁକ୍ରବାର ଅପରାହ୍ନ ୫ଟାରେ ଛାଡ଼ି ପୁରୀ ଯାତ୍ରା କରିବ । ପୁରୀ-ନୂଆଦିଲ୍ଲୀ-ପୁରୀ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ଏପ୍ରିଲ ୩୦ ରୁ ଜୁନ୍ ୨୫ ମଧ୍ୟରେ ପ୍ରତ୍ୟେକ ମଙ୍ଗଳବାର ଦିନ ପୂର୍ବାହ୍ନ ୮.୪୫ମି.ରେ ଛାଡ଼ିବ । ଫେରିବା ମାର୍ଗରେ ଏହା ନୂଆଦିଲ୍ଲୀରୁ ମେ'୧ ରୁ ଜୁନ୍ ୨୬ ମଧ୍ୟରେ ପ୍ରତ୍ୟେକ ବୁଧବାର ରାତ୍ରି ୯.୩୦ ମିରେ ଛାଡ଼ି ପୁରୀ ଯାତ୍ରା କରିବ। ନୂଆଦିଲ୍ଲୀ-ପୁରୀ- ନୂଆଦିଲ୍ଲୀ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ଏପ୍ରିଲ୍ ୨୨ ରୁ ରାତ୍ରି ୧୧ରେ ନୂଆଦିଲ୍ଲୀରୁ ଛାଡ଼ିବ । ଫେରିବା ମାର୍ଗରେ ପୁରୀରୁ ଏହା ଏପ୍ରିଲ୍ ୨୪ରେ ରାତ୍ରି ୧୦.୨୦ମି.ରେ ଛାଡି ନୂଆଦିଲ୍ଲୀକୁ ଯାତ୍ରା କରିବ।

ସେହିପରି ବିଶାଖାପାଟନମ୍ - ବେଙ୍ଗାଲୁରୁ-ବିଶାଖାପାଟନମ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ଏପ୍ରିଲ୨୭ରୁ ଜୁନ୍ ୨୯ ମଧ୍ୟରେ ପ୍ରତ୍ୟେକ ଶନିବାର ଅପରାହ୍ନ ୧.୧୫ମିରେ ବିଶାଖାପାଟନମ୍ ଠାରୁ ଛାଡ଼ିବ। ଫେରିବା ମାର୍ଗରେ ଏହି ଟ୍ରେନ ଏପ୍ରିଲ୍ ୨୮ରୁ ଜୁନ୍ ୩୦ମଧ୍ୟରେ ବେଙ୍ଗାଲୁରୁ ଠାରୁ ଛାଡି ବିଶାଖାପାଟନମ୍ ଯାତ୍ରା କରିବ । ବିଶାଖାପଟନମ୍-ଚେନ୍ନାଇ ଏଗମୋର-ବିଶାଖାପଟନମ୍ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ଏପ୍ରିଲ୨୭ ରୁ ଜୁନ୍ ୨୯ ମଧ୍ୟରେ ପ୍ରତ୍ୟେକ ଶନିବାର ଦିନ ସନ୍ଧ୍ୟା ୭ ଟାରେ ବିଶାଖାପାଟନମରୁ ଛାଡ଼ିବ। ଫେରିବା ମାର୍ଗରେ ଏହି ଟ୍ରେନ ଚେନ୍ନାଇ ଏଗମୋର ଠାରୁ ଏପ୍ରିଲ୍ ୨୮ରୁ ଜୁନ୍ ୩୦ ମଧ୍ୟରେ ପ୍ରତ୍ୟକ ରବିବାର ଦିନ ପୂର୍ବାହ୍ନ ୧୦.୩୦ମି.ରେ ଚେନ୍ନାଇ ଠାରୁ ଛାଡ଼ି ବିଶାଖାପାଟନମ୍ ଯାତ୍ରା କରିବ । ବିଶାଖାପଟନମ୍-ହଟିଆ-ବିଶାଖାପଟନମ୍ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ଏପ୍ରିଲ୨୮ ରୁ ଜୁନ୍ ୩୦ ମଧ୍ୟରେ ପ୍ରତ୍ୟେକ ରବିବାର ଦିନ ରାତ୍ରି ୧୧.୫୦ମି.ରେ ବିଶାଖାପାଟନମରୁ ଛାଡ଼ିବ । ଫେରିବା ମାର୍ଗରେ ଏହି ଟ୍ରେନ ହଟିଆ ଠାରୁ ଏପ୍ରିଲ ୨୯ ଠାରୁ ଜୁଲାଇ ମାସ ପହିଲା ମଧ୍ୟରେ ହଟିଆ ଠାରୁ ପ୍ରତ୍ୟକ ସୋମବାର ଅପରାହ୍ନ ୪ଟାରେ ଛାଡ଼ି ବିଶାଖାପାଟନମ୍ ଯାତ୍ରା କରିବ । ପୂର୍ବତଟ ରେଳପଥ ଗ୍ରୀଷ୍ମ ଋତୁ ସମୟରେ ଯାତ୍ରୀ ଭିଡକୁ ଏଡ଼ାଇବାପାଇଁ ପୂର୍ବରୁ ୨୨ ଯୋଡ଼ା ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ । ଏହି ସ୍ୱତନ୍ତ୍ର ଟ୍ରେନଗୁଡ଼ିକ ପୁରୀ, ଭୁବନେଶ୍ୱର, ବିଶାଖାପଟନମ୍, ସମ୍ବଲପୁର, କଟକ ଏବଂ ବ୍ରହ୍ମପୁର ଭଳି ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନରୁ ଯାତ୍ରା ଆରମ୍ଭ କରି ଦେଶର ବିଭିନ୍ନ ପ୍ରାନ୍ତକୁ ଚଳାଚଳ ପାଇଁ ଯୋଜନା ରହିଛି । ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ପୁରୀରୁ ପାଟନା, ନିଜାମୁଦ୍ଦିନ, ଶାଲିମାର, ଭଞ୍ଜପୁର ଏବଂ ସାନ୍ତ୍ରାଗଛି ଅଭିମୁଖେ ଯାତ୍ରା କରିବାକୁ ଯୋଜନା ରଖିଛି।

# ବନ୍ଧୁକ ଦେଖାଇ ଧମକ, ଅଭିଯୁକ୍ତ ଗିରଫ



ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ବାନ୍ଧୁପଳା ଗ୍ରାମରେ ଜଣେ ଯୁବକ ଅତ୍ୟଧିକ ନିଶା ସେବନ କରି ବନ୍ଧୁକ ଦେଖାଇ ଲୋକଙ୍କୁ ଧମକ୍ ଦେଉଥିବା ଅଭିଯୋଗରେ ପୁଲିସ୍ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ପାଖରୁ ଏକ ବନ୍ଧୁକ ଜବତ କରିଛି ପୋଲିସ । ବାନ୍ଧୁପଳା ଗ୍ରାମର ପୀତବାସ ଭୋଇଙ୍କ ଅଭିଯୋଗ ମୁତାବକ ତାଙ୍କୁ ଗ୍ରାମର ନରେନ୍ଦ୍ର ଭୋଇ(୧୯) ଅତ୍ୟଧିକ ନିଶା ସେବନ କରି ଏକ ବନ୍ଧୁକ ଦେଖାଇ ବାରମ୍ବାର ଭୟଭୀତ କରିବା ସହ ଧମକ ଦେଉଥିଲା । ଏନେଇ ପୀତବାସ ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ନରେନ୍ଦ୍ରଙ୍କୁ ଗିରଫ କରିବା ସହ ତା ପାଖରୁ ସେ ରଖିଥିବା ବନ୍ଧୁକ ଜବତ କରିଥିଲା । ଏ ସମ୍ପର୍କରେ ପୁଲିସ୍ କେସ ନ ୧୩୯/୨୪ରେ ଦଫା ୩୪୧, ୨୯୪, ୩୫୪, ୩୨୩, ୫୦୬, ୨୫, ୨୭ ଆର୍ମସ ଏକ୍ଟରେ ମାମଲା ରୁଜୁ କରି ଅଧିକ ତଦନ୍ତ ପରେ ଅଭିଯୁକ୍ତ ନରେନ୍ଦ୍ରଙ୍କୁ କୋର୍ଟ ଚାଲାଣ କରିଥିଲା । ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ବୋଲି ଥାନା ଆଇଆଇସି ସିପୋରା ସରାୟ ଲୁଗୁନ ପ୍ରକାଶ କରିଛନ୍ତି।

# କାମ କରି ପାଉଣା ପାଇନଥିବା ଅଭିଯୋଗ



ଖପ୍ରାଖୋଲ,(ସବ୍ୟୁ): ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଞ୍ଚାୟତ ପତ୍ରାପାଲି ଗାଁ ହିତାଧୀକାରୀ ମାନେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଜମି ଉନ୍ନତି କାମ କରି ବର୍ଷେ ହେଲା ପାଉଣା ପାଇନଥିବା ଖପ୍ରାଖୋଲ ବିଡ଼ିଓଙ୍କ ଠାରେ ବୁଧବାର ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁସାରେ ପତ୍ରାପାଲି ଗାଁର ହିତାଧୀକାରୀ ମାନେ ମନରେଗାରେ ଜମି ଉନ୍ନତି ପାଇଁ କାର୍ଯ୍ୟାଦେଶ ପାଇଥିଲେ । ହେଲେ ପ୍ରଥମ ପର୍ଯ୍ୟାୟରେ କିଏ ୧୦ ହଜାର ତ କିଏ ୨୦ହଜାର ଟଙ୍କା ପାଉଣା ପାଇଥିବା ବେଳେ ବର୍ଷେ ହେଲା ଅଧା ଟଙ୍କା ପାଇନଥିବା ଅଭିଯୋଗ କରିଛନ୍ତି। ଏନେଇ ହିତାଧୀକାରୀ ମାନେ ବ୍ଲକ କାର୍ଯ୍ୟାଳୟରେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଏନେଇ ବିଡ଼ିଓ ଶ୍ରୀ ଷଡ଼ଙ୍ଗୀଙ୍କୁ ପଚାରିବାରୁ ପୂର୍ବରୁ ଅଭିଯୋଗ ପାଇନଥିଲୁ ଏବେ ପାଉଣା ପାଇନଥିବା ଅଭିଯୋଗ କରିଛନ୍ତି। ଏନେଇ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ହନୁମାନଜୀ ମନ୍ଦିର ପ୍ରତିଷ୍ଠା



ଝାରସୁଗୁଡା,(ସବ୍ୟୁ): ସହରର ସର୍ବପୁରାତନ କାଳି ମନ୍ଦିର ପରିସରରେ ବୁଧବାର ସଙ୍କଟମୋଚନ ହନୁମାନଜୀଙ୍କ ବିଗ୍ରହ ପ୍ରତିଷ୍ଠା ହୋଇଛି। କାଳିମନ୍ଦିର ପରିସରରେ ପୂର୍ବରୁ ଶିବମନ୍ଦିର ରହିଥିଲା । ରାଜେଶ ଅଗ୍ରୱାଲ ଏବଂ ତାଙ୍କ ପତ୍ନୀ ସୁନିତା ପୂଜାରେ ମୁଖ୍ୟକର୍ତା ଭାବରେ ବସିଥିଲେ। ଏହି ମନ୍ଦିର ପ୍ରତିଷ୍ଠାରେ ରାଜେଶ ଅଗ୍ରୱାଲଙ୍କ ପ୍ରମୁଖ ଭୂମିକା ରହିଛି। ପଣ୍ଡିତ ରାଜୁ ମିଶ୍ର ବିଗ୍ରହ ସ୍ଥାପନ ପୂଜାରେ ମୁଖ୍ୟ ପଣ୍ଡିତ ଥିଲେ। ପ୍ରତିଷ୍ଠା ଉତ୍ସବରେ ଭକ୍ତମାନଙ୍କର ଭିଡ ରହିଥିଲା। ଏହି ଉତ୍ସବରେ ପୁତୁଲ ଗିରି, ନିହାର ତ୍ରିପାଠୀ, ଆଶିଷ ଭଟାଚାର୍ଯ୍ୟ, ତାପସରାୟ ଚଉଧୁରୀ, ଶୋଭାଘୋଷ, ମଧୁମିତ୍ର, ପୋମା ମୁର୍ଖାଜୀ,ଫୁଫୁ ମହାନ୍ତି, ଅନିତ ବିଶ୍ୱାସ, ଦେବୀ ମୁର୍ଖାଜୀ ପ୍ରଭୃତି ଉପସ୍ଥିତ ଥିଲେ।

# ବରପଦର ଶ୍ରୀରାମ ଲୀଳା ଉତ୍ସବର ସୀତା ଚୋରି ମଞ୍ଚସ୍ଥ

କନ୍ଧମାଳ,(ସବ୍ୟୁ): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ରୁଣ୍ଡିମହୁଲ ପଞ୍ଚାୟତ ବରପଦର ରାମଜୀ ନାଟ୍ୟ ସଂସଦ ଦ୍ୱାରା ଆୟୋଜିତ ଶ୍ରୀରାମ ଲୀଳା ଉତ୍ସବର ଷଷ୍ଠ ରଜନୀରେ ସୀତା ଚୋରୀ ନାଟକ ମଞ୍ଚସ୍ଥ ହୋଇଯାଇଛି । ଜୟନ୍ତ ନନ୍ଦଙ୍କ ନିର୍ଦ୍ଦେଶନାରେ ପରିବେଷିତ ନାଟକରେ ଶ୍ରୀରାମ ଭୂମିକାରେ ରମେଶ ଅମାତ, ସୀତା କହ୍ନେଇ ସାହୁ, ଲକ୍ଷ୍ମଣ ରଘୁନାଥ ମହାକୁଡ଼, ରାବଣ ସୁଧାଂଶୁ ଶେଖର ମହାକୁଡ଼ ଓ ଅନ୍ୟ ମାନେ ଅଭିନୟ କରିଥିବା ବେଳେ ବାଦ୍ୟାଂଶ ରେ ଦିବାକର ବଘାର, କୁନୁ ମାଝୀ,ପାଳେଶ୍ୱର ମେହେର ଓ ଅଜିତ ବାଘ ସହଯୋଗ କରିଥିଲେ ।

# ସିନାପାଲି ବ୍ଲକ ପଟେଲ ସମାଜର ନୂତନ କର୍ମକର୍ତ୍ତା ଚୟନ

ସିନାପାଲି,(ସବ୍ୟୁ): ସିନାପାଲି ବ୍ଲକସ୍ତରୀୟ ପଟେଲ ସମାଜର ଏକ ଜରୁରୀ ବୈଠକ ମହଗାଁ ଶିବ ମନ୍ଦିର ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ପଟେଲ ସମାଜର ପୂର୍ବତନ ବ୍ଲକ ସଭାପତି ଭୁବନେଶ୍ୱର ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସିନାପାଲି ବ୍ଲକସ୍ତରୀୟ କମିଟିର ନୂତନ କର୍ମକର୍ତ୍ତା ଚୟନ ନେଇ ପ୍ରସ୍ତାବ ଗୃହୀତ ହୋଇଥିଲା । ବୈଠକରେ ଗୋଡାଲ କେନ୍ଦ୍ର ଅଧିନସ୍ଥ ସମସ୍ତ ଗ୍ରାମର ସଦସ୍ୟ ଉପସ୍ଥିତ ଥିଲେ । ଗୃହୀତ ପ୍ରସ୍ତାବ ଅନୁଯାୟୀ ସର୍ବସମ୍ମତି କ୍ରମେ ନୂତନ କମିଟି କର୍ମକର୍ତ୍ତା ଚୟନ କରାଯାଇଥିଲା । ଏଥିରେ ବ୍ଲକ ସଭାପତି ଭାବେ ସୋଦନ ପଟେଲ ଓ ସମ୍ପାଦକ ଭାବେ ରମେଶ ପଟେଲ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି । ସେହିପରି ଉପସଭାପତି ଡମ୍ବରୁଧର ପଟେଲ, ଯୁଗ୍ମ ସମ୍ପାଦକ ମନୋଜ କୁମାର ପାଣିଗ୍ରାହୀ, କୋଷାଧ୍ୟକ୍ଷ ଅଖିଳ ପଟେଲ ମନୋନୀତ ହୋଇଥିବା ବେଳେ ଉପଦେଷ୍ଟା ଭାବରେ ଭୁବନେଶ୍ୱର ପଟେଲ,ପ୍ରମୋଦ କୁମାର ପାଣିଗ୍ରାହୀ,ନୂତନ ପଟେଲ, ଓଁକାର ପଟେଲ ଏବଂ ସଭ୍ୟ ଭାବରେ ନିମିଶ ପଟେଲ, ଲଖିଧର ପଟେଲ,ବିନାକାର ପଟେଲ,କୂର୍ମ ପଟେଲ,ଧନୁର୍ଯ୍ୟ ପଟେଲ,ଲକ୍ଷ୍ମଣ ପଟେଲ,ହୀରାଧର ପଟେଲ,ପୂର୍ଣ୍ଣ ନାୟକ,ତପନ ପଟେଲ, ଗୋବିନ୍ଦ ପଟେଲ,ସୁଦର୍ଶନ ପଟେଲ,ଅକ୍ଷୟ ପଟେଲ,ରାଜେଶ ପଟେଲ,ଗଜାନନ ପଟେଲ,ଭୀଷ୍ମ ପଟେଲ ପ୍ରମୁଖ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିବା ଜଣାପଡିଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୋଡାଲ କେନ୍ଦ୍ର ଅଧୀନସ୍ଥ ଶତାଧିକ ସଭ୍ୟ ବୃନ୍ଦ ଉପସ୍ଥିତ ଥିଲେ। ସମାଜର ବିଭିନ୍ନ ସମସ୍ୟା ଓ ତାର ସମାଧାନ ଉପରେ ଆଲୋଚନା କରିବା ସହ ସାମାଜିକ ବିକାଶକୁ ନେଇ ବିଶେଷ ଆଲୋଚନା କରାଯାଇଥିଲା। ଆଗାମୀ ସୋମବାର ଜିଲ୍ଲା ସ୍ତରୀୟ କମିଟି ଗଠନ କରାଯିବ ବୋଲି ଜଣାପଡିଛି।

# ଧର୍ମଗଡ଼ : ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ

ଧର୍ମଗଡ,(ସବ୍ୟୁ): ଆଗାମୀ ସାଧାରଣ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ ଜାରି ରହିଥିବା ବେଳେ ସପ୍ତମ ଦିନରେ ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ପାଇଁ କଂଗ୍ରେସ ଦଳ ପକ୍ଷରୁ ରଶ୍ମିରେଖା ରାଉତ ଓ ବିଜେପିର ସୁଧୀର ପଟ୍ଟଯୋଶୀ ଧର୍ମଗଡ ଉପଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀଙ୍କ ଠାରେ ପାର୍ଥିପତ୍ର ଦାଖଲ କରିଛନ୍ତି । ଧର୍ମଗଡ଼ ବସଷ୍ଟାଣ୍ଡରୁ ଶତାଧିକ କର୍ମୀ ଓ ସାଧାରଣ ଜନତାଙ୍କ ସହ ବିରାଟ ରାଲିରେ ଆସି ରଶ୍ମିରେଖା ନିଜ ନାମାଙ୍କନ ଦାଖଲ କରିଥିବାବେଳେ ବିଜେପି ପ୍ରାର୍ଥୀ ସୁଧୀର ପଟ୍ଟଯୋଶୀ ମଧ ଧର୍ମଗଡ଼ର ଇଷ୍ଟଦେବୀ ମାଁ ଭଣ୍ଡାର ଘରଣୀଙ୍କ ମନ୍ଦିରରୁ ଶହ ଶହ କର୍ମୀଙ୍କ ସହ ଆସି ନିଜ ନାମାଙ୍କନ ପତ୍ର ଦାଖଲ କରିଥିଲେ । ଏଥିସହ ଜୁନାଗଡ଼ ନିର୍ବାଚନ ମଣ୍ଡଳୀର ବିଜେପି ପ୍ରାର୍ଥୀ ମନୋଜ ମେହେର ଓ ଓଡିଶା ଜନତା ଦଳର ରବି ହରିଜନ ମଧ ନିଜ ସମର୍ଥକଙ୍କ ସହ ଆସି ନାମାଙ୍କନପତ୍ର ଦାଖଲ କରିଥିବା ଜଣାଯାଇଛି ।

# ମାଲକାନଗିରିରେ ବିଜେଡିର ୨ କଂଗ୍ରେସର ୨ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ

ମାଲକାନଗିରି,(ସବ୍ୟୁ): ମଙ୍ଗଳବାର ମାଲକାନଗିରି ବିଧାନସଭା ଆସନ ଏବଂ ଚିତ୍ରକୋଣ୍ଡା ବିଧାନସଭା ଆସନରୁ କଂଗ୍ରେସ ଏବଂ ବିଜେଡିର ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଗରମକୁ ଖାତିରି ନକରି ବିଜେଡି ଓ କଂଗ୍ରେସ ନିଜ ନିଜର ପରାକ୍ରମ ଆଜି ମାଲକାନଗିରିରେ ଦେଖାଇଛନ୍ତି। ବିଜେଡିର ମାଲକାନଗିରି ବିଧାନସଭା ଆସନ ପାଇଁ ଘୋଷିତ ପ୍ରାର୍ଥୀ ମାନସ ମାଡକାମୀ ନିଜ ସମର୍ଥକମାନଙ୍କ ସହ ଏକ ବିରାଟ ପଟୁଆରରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ପ୍ରାର୍ଥିନୀ ଲକ୍ଷ୍ମୀପ୍ରିୟା ନାୟକ ମଧ୍ୟ ନିଜର ସମର୍ଥକମାନଙ୍କୁ ନେଇ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ନାମାଙ୍କନ ଦାଖଲ କରିଥିଲେ। ସେହିପରି କଂଗ୍ରେସର ଦୁଇ ପ୍ରାର୍ଥୀ ସ୍ଥାନୀୟ ରାମ ମନ୍ଦିରରୁ ନିଜର ସମର୍ଥକମାନଙ୍କ ସହ ବିରାଟ ରାଲିରେ ବାହାରିଥିଲେ। ମାଲକାନଗିରି ବିଧାନସଭା ପାଇଁ ମାଲା ମାଢି ଏବଂ ଚିତ୍ରକୋଣ୍ଡା ବିଧାନସଭା ପାଇଁ ମଙ୍ଗୁ ଖିଲ ନିଜ ନିଜର ନାମାଙ୍କନ ପତ୍ର ଉପଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଦାଖଲ କରିଥିଲେ। ତେବେ ଦୁଇ ପାରମ୍ପାରିକ ପ୍ରତିଦ୍ୱନ୍ଦୀ ନିଜ ନିଜର ପରାକ୍ରମ ଦେଖାଇଥଲେ। କିଏ କେତେ ସମର୍ଥକଙ୍କୁ ଯୋଗାଡ କରି ନାମାଙ୍କନ ପତ୍ର ଦାଖଲ ବେଳେ ଏକଜୁଟ କରାଇପାରୁଛି ତାହା ଦେଖିବାକୁ ମିଳିଥିଲା। ଦୁଇ ଦଳର ପ୍ରାର୍ଥୀ ଓ ନେତାମାନେ ଦୁଇଟି ଯାକ ଆସନକୁ ହାତେଇବେ ବୋଲି ଦୃଢୋକ୍ତି ପ୍ରକାଶ କରି ଶକ୍ତି ପ୍ରଦର୍ଶନ କରିଥିଲେ।

# ଜିଲ୍ଲା କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ



ବରଗଡ,(ସବ୍ୟୁ) : ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ୨୩ ଓ ୨୪ ତାରିଖ ଦୁଇ ଦିନ ଧରି ଜିଲ୍ଲା କ୍ରୀଡା ସଂସଦ ପକ୍ଷରୁ ଅନୁଷ୍ଠିତ ହୋଇଥିବା ଜିଲ୍ଲା କ୍ରୀଡା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । କ୍ରୀଡା ସଂସଦର ଉପ-ସଭାପତି ଯୁଗଳ ପ୍ରସାଦ ସିଂଙ୍କ ସଭାପତିତ୍ୱ ,ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ପ୍ରତିଯୋଗିତାର ଉଦଯାପନୀ ଉତ୍ସବରେ କ୍ରୀଡା ସଂସଦର ପୂର୍ବତନ ସମ୍ପାଦକ ତଥା ଏପିକଲର ଅଧ୍ୟକ୍ଷ ପ୍ରଭାତାଦିତ୍ୟ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କ୍ରୀଡା ସଂସଦର ସମ୍ପାଦକ କିଶୋର କୁମାର ମିଶ୍ର, କ୍ରୀଡା ସମ୍ପାଦକ ହରଦୀପ ସିଂ , ଆଉଟଡୋର ଗେମ୍ସ ସମ୍ପାଦକ ସୁରେଶ ଦାଶ ପ୍ରମୁଖ ଯୋଗ ଦେଇଥିଲେ । ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ କ୍ଲବ୍ , ସ୍କୁଲ , କଲେଜ୍ ଓ ଅନୁବନ୍ଧିତ କ୍ରୀଡା ସଂଗଠନର ପ୍ରାୟ ୫୦୦ ରୁ ଉର୍ଦ୍ଧ୍ୱ ଖେଳାଳି, କ୍ରୀଡା ଶିକ୍ଷକ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ମଣ୍ଟୁ ନାଏକ କଣ୍ଟାବାଞ୍ଜି ଓ ଟିଟିଲାଗଡ଼ ସହର ନିର୍ବାଚନ ସଂଯୋଜକ

ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହରର ମଣ୍ଟୁ ନାଏକଙ୍କୁ କଣ୍ଟାବାଞ୍ଜି ଓ ଟିଟିଲାଗଡ଼ ପୌରାଞ୍ଚଳ ନିମନ୍ତେ ବିଜେଡିର ନିର୍ବାଚନ ସଂଯୋଜକ ଭାବରେ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ନିଯୁକ୍ତି ଦେଇଛନ୍ତି। ମଣ୍ଟୁ ଭବାନୀପାଟଣା ସଦର ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ନିମନ୍ତେ ଆଶାୟୀ ଥିଲେ । ତାଙ୍କ ସ୍ଥାନରେ ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକଙ୍କ ପତ୍ନୀ ଲଳିତା ନାଏକଙ୍କୁ ବିଜେଡି ଟିକେଟ ଦେଇଥିଲା । ଏଥିଯୋଗୁଁ ମଣ୍ଟୁଙ୍କୁ ଥଇଥାନ କରିବା ପାଇଁ ଦଳ ପକ୍ଷରୁ କଣ୍ଟାବାଞ୍ଜି ଓ ଟିଟିଲାଗଡ଼ ପୌରାଞ୍ଚଳ ନିର୍ବାଚନ ସଂଯୋଜକ ଦାୟିତ୍ୱ ଦେଇଥିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଣ୍ଟାବାଞ୍ଜି ବିଧାନସଭା ଆସନରେ ପ୍ରତିଦ୍ୱନ୍ଦିତା କରୁଥିବାରୁ କଣ୍ଟାବାଞ୍ଜି ପୌରାଞ୍ଚଳ ନିର୍ବାଚନ ଦାୟିତ୍ୱ ଦିଆଯିବା ନେଇ ଚର୍ଚ୍ଚା ହେଉଛି ।

# ପର୍ଶୁରାମ ଜୟନ୍ତୀ ପ୍ରସ୍ତୁତି ବୈଠକ



ଭବାନୀପାଟଣା,(ସବ୍ୟୁ): ଆସନ୍ତା ମଇ ମାସ ୧୦ ତାରିଖ ଅକ୍ଷୟ ତୃତୀୟା ତିଥିରେ ବ୍ରାହ୍ମଣ ସମାଜ କଳାହାଣ୍ଡି ପକ୍ଷରୁ ସ୍ଥାନୀୟ ଅଗ୍ରେସନ ଭବନରେ ପର୍ଶୁରାମ ଜୟନ୍ତୀ ଓ ଏହି ଅବସରରେ ସାମୂହିକ ବ୍ରତୋପନୟନ ଆୟୋଜନ ନିମନ୍ତେ ହୋଟେଲ ଭାଗିରଥି ଇନ୍ ଠାରେ ବ୍ରାହ୍ମଣ ସମାଜ କଳାହାଣ୍ଡି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଭାପତି ଜଗନ୍ନାଥ ମୁଣ୍ଡ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପ ସଭାପତି ଗଜେନ୍ଦ୍ର ପାଢ଼ୀ, ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ମହାପାତ୍ର, ସଂଗଠନ ସମ୍ପାଦକ ଭବେନ୍ଦ୍ର ପଣ୍ଡା, ଟ୍ରଷ୍ଟି ପ୍ରମୋଦ ଖମାରୀ, ସମ୍ପାଦକ ଉମେଶ ପଣ୍ଡା,ପଣ୍ଡିତ ମଙ୍ଗଲୁ ମିଶ୍ର, ପର୍ଶୁରାମ ସେନା ଜିଲ୍ଲା ସଂଯୋଜକ ପ୍ରଶାନ୍ତ ଠାକୁର, ପ୍ରଜ୍ଞା ବାହିନୀର ଜିଲ୍ଲା ସଂଯୋଜିକା ସ୍ନେହଲତା ଷଡ଼ଙ୍ଗୀ,ଭବାନୀପାଟଣା ନଗର ସଭାପତି ସୁରେନ୍ଦ୍ର ପ୍ରସାଦ ନେଗୀ, ସମ୍ପାଦକ ଶେଷଦେବ ମିଶ୍ର, ବରିଷ୍ଠ ସଭ୍ୟ ପ୍ରଭାସ ଚନ୍ଦ୍ର ମିଶ୍ର, ମଳୟ ମୁଣ୍ଡ, କୁନାଲ ବେହେରା, ନିହାର ରଞ୍ଜନ ମିଶ୍ର, ସୁରେନ୍ଦ୍ର ସାହୁ , ବାଞ୍ଛାନିଧି ମିଶ୍ର, ବିଶ୍ୱମୋହନ ରଥ, ନିରଞ୍ଜନ ଦାଶ, ଦୀପଜ୍ୟୋତି ମୁଣ୍ଡ, ରାକେଶ ଶର୍ମା, ଜନ୍ମେଜୟ ମହାପାତ୍ର, ସନ୍ତୋଷ ଦାଶ ସମେତ ଶତାଧିକ ସଦସ୍ୟ ଯୋଗଦେଇ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ସୁଚିନ୍ତିତ ମତାମତ ଦେଇଥିଲେ। ବୈଠକରେ ଉଭୟ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପାଦନା ନିମନ୍ତେ ନଅ ଗୋଟି ଉପ କମିଟି ଗଠନ କରାଯାଇଥିଲା। ପ୍ରତିବର୍ଷ ପର୍ଶୁରାମ ଜୟନ୍ତୀ ଅବସରରେ ଆୟୋଜିତ ହେଉଥିବା ମୋଟର ସାଇକେଲ ଶୋଭାଯାତ୍ରାକୁ ଚଳିତ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ସ୍ଥଗିତ ରଖିବାକୁ ନିଷ୍ପତ୍ତି ନିଆଗଲା। ତେବେ ମଇ ୧୦ ତାରିଖରେ ଭଗବାନ ପର୍ଶୁରାମ ଙ୍କ ପୂଜାର୍ଚ୍ଚନା ଓ ହୋମ ଯଜ୍ଞ ପୂର୍ବବତ ଆୟୋଜନ କରାଯିବା ସହ ସାମୂହିକ ବ୍ରତୋପନୟନ ଆୟୋଜନ କରାଯିବ ବୋଲି ଜିଲ୍ଲା ସଭାପତି ଜଗନ୍ନାଥ ମୁଣ୍ଡ ପ୍ରକାଶ କରିଥିଲେ। ସର୍ବାଧିକ ୨୫ ଜଣ ଙ୍କୁ ସାମୂହିକ ବ୍ରତୋପନୟନ ରେ ସାମିଲ କରାଯାଇ ସମ୍ପୂର୍ଣ୍ଣ ବୈଦିକ ରୀତିରେ ଶାସ୍ତ୍ରୀୟ ମତରେ ନିଃଶୁଳ୍କ ଉପନୟନ ସଂସ୍କାର ବ୍ରାହ୍ମଣ ସମାଜ କଳାହାଣ୍ଡି ପକ୍ଷରୁ ଆୟୋଜନ କରାଯିବ ବୋଲି ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ମହାପାତ୍ର ସୂଚନା ଦେଇଛନ୍ତି। ସନାତନ ସଂସ୍କୃତି ର ସୁରକ୍ଷା ସହିତ ବିଶ୍ୱ କଲ୍ୟାଣ ଓ ମାନବ ଜାତିର ମଙ୍ଗଳ ନିମନ୍ତେ ବ୍ରାହ୍ମଣ ସମାଜ କଳାହାଣ୍ଡି ଆନ୍ତରିକତା ସହ କାର୍ଯ୍ୟ କରେ ଓ ଜଗତର ସମସ୍ତଙ୍କ ବିକାଶ ପାଇଁ ବିଭିନ୍ନ ଜାଗ ଯଜ୍ଞ ଆୟୋଜନ ତଥା ବିଭିନ୍ନ ପ୍ରକାର ସମାଜ କଲ୍ୟାଣ କାର୍ଯ୍ୟ କରିଥାଏ ବୋଲି ଟ୍ରଷ୍ଟି ପ୍ରମୋଦ ଖମାରୀ ପ୍ରକାଶ କରିଥିଲେ।

# ବଲାଙ୍ଗିର ରାମଲୀଳା ଭରତ ମିଳନ, ଜଟାୟୁ ପକ୍ଷୀ ଭେଟ ଓ ପଞ୍ଚବଟି ପ୍ରବେଶ



ବଲାଙ୍ଗିର,(ସବ୍ୟୁ): ରାମଜୀ ନାଟ୍ୟ ସଂସଦ, ବଲାଙ୍ଗିର ପକ୍ଷରୁ ତୃତୀୟ ସନ୍ଧ୍ୟାରେ ରାମ ବନବାସ ମଞ୍ଚସ୍ଥ ହୋଇଥିଲା । ଦଶରଥ କୈକେୟୀଙ୍କୁ ବରପ୍ରଦାନ ଏବଂ ମନ୍ଥର । ଏଥି ପାଇଁ କ୍ରୁର ରଚନା କରିବା ଅଭିନୟ ଖୁବ୍ ଆକର୍ଷଣ ହୋଇଥିଲା । ତତ ସହିତ ରାମ କୌଶଲ୍ୟା ଏବଂ ସୀତାଙ୍କ ଚରିତ୍ର ସହିତ ଗ୍ରାମବାସୀଙ୍କ କଥୋପଥନ ଦୃଶ୍ୟ ଦର୍ଶକଙ୍କ ମନକୁ ମୁଗ୍ଧ ଓ ଆଖିରେ ଅଶ୍ରୁ ଆଣି ଦେଇଥିଲା । ଚତୁର୍ଥ ଦିବସରେ ଶବର ସହିତ ରାମ, ଲକ୍ଷ୍ମଣ ଓ ସୀତାଙ୍କ ଭେଟ ନାଉରୀକୁ ଡାକି ଗଙ୍ଗାନଦୀ ପାରି ହେବା ହିତ ସୁମନ୍ତ ମନ୍ତ୍ରୀ ଅରଣ୍ୟରୁ ଆସି ଦଶରଥଙ୍କ ସହିତ ତଥା ଦଶରଥଙ୍କ ମୃତ୍ୟୁରେ ଅଯୋଧ୍ୟାବାସୀ ଓ ପରେ କୈକେୟୀ ପ୍ରବେଶରୁ ଭରତ ସହିତ ଶତୃଘ୍ନ ଆସି ମନ୍ଥରାକୁ ଘରୁ ଖେଦିବା ଓ ପରେ ଅରଣ୍ୟକୁ ଶ୍ରୀରାମଙ୍କୁ ଆଣିଯିବା ପ୍ରସଙ୍ଗ ମଞ୍ଚସ୍ଥ ହୋଇଥିଲା । ବର୍ଷା ଯୋଗୁଁ ଭରତ ମିଳନ ମଞ୍ଚସ୍ଥ ହୋଇ ଅରଣ୍ୟ କାଣ୍ଡ ଆରମ୍ଭ ହେବ । ପଞ୍ଚମ ଦିବସରେ ଭରତ ମିଳନ ପରେ ଅରଣ୍ୟକାଣ୍ଡ ଆରମ୍ଭ ହୋଇଛି । ସତ୍ୟ ଅନୁସୟା ଠାରୁ ଅମ୍ଳାନ ବସ୍ତ୍ର ପରେ ବନବିହାର ଦୃଶ୍ୟ ଲୋକଙ୍କୁ ବାନ୍ଧି ରଖିଥିଲା । ଦଣ୍ଡକାରଣ୍ୟ ବୁଲି ଶେଷରେ ପଞ୍ଚବଟିରେ ପ୍ରବେଶ ପ୍ରଦର୍ଶିତ ହୋଇଛି । ଅରଣ୍ୟକାଣ୍ଡର ଦ୍ୱିତୀୟ ଦିନରେ ସୂର୍ପଣଖାର ନାସା କର୍ଣ୍ଣ ଛେଦନ ସହିତ ଖର, ଦୂଷନ ଓ ତ୍ରିଶିରା ବଧ ସହିତ ରାବଣ ଓ ମାରୀଚ ସମ୍ବାଦ ପ୍ରଦର୍ଶିତ ହେବ । କଳାକାରଙ୍କ ନିଖୁଣ ଅଭିନୟ ସମସ୍ତଙ୍କ ମନକୁ ବିଭୋର କରୁଛି । ରାମଚନ୍ଦ୍ରଙ୍କ ସ୍ମିତ ହାସ୍ୟ ଲୋକଙ୍କୁ ବିମୋହିତ କରୁଛି । ସାଜସଜ୍ଜା, ବିଭିନ୍ନ ବନ, ମନ୍ତ୍ରୀ ଦରବାର ରବିନାରାୟଣ ନାଏକ ପ୍ରଚେଷ୍ଟାରେ ବେଶ୍ ଆକର୍ଷିତ ହେଉଥିବା ବେଳେ ଚିଦାନନ୍ଦ ବେହେରା, ଶ୍ରୀକାନ୍ତ ଦାଶ ବାଦ୍ୟରେ, ଶରତ ଚନ୍ଦ୍ର ରାଉତ , ସାଉଣ୍ଡସିଷ୍ଟମ, ମନ ରାଉତ ପରିଚାଳନା କରିଥିଲେ ।

(ଶ୍ରୀମଦ୍‌ଭଗବଦ୍ ଗୀତା ୫/୧୫)
–କର୍ମ୍ମସନ୍ୟାସଯୋଗଃ–
(ଶ୍ରୀଭଗବାନୁବାଚ )

**ନାଦତ୍ତେ କସ୍ୟଚିତ୍ ପାପଂ ନ ଚୈବ ସୁକୃତଂ ବିଭୁଃ ।
ଅଜ୍ଞାନେନାବୃତଂ ଜ୍ଞାନଂ ତେନ ମୁହ୍ୟନ୍ତି ଜନ୍ତବଃ ॥୧୫॥**

ଭଗବାନ କାହାର ପାପ ବା ପୁଣ୍ୟ ଗ୍ରହଣ କରନ୍ତି ନାହିଁ, କାରଣ ସେ ବିଭୁ ( ପରିପୂର୍ଣ୍ଣ ପୂର୍ଣ୍ଣକାମ), (ଯଦି କହ, ଭକ୍ତଠାରେ ଅନୁଗ୍ରହ ଓ ଅଭକ୍ତଠାରେ ନିଗ୍ରହ କରିବାରୁ ବୈଷମ୍ୟ ଘଟୁଛି, ତେବେ ସେ ବିଭୁ କିପରି ? ତାହାର ଉତ୍ତର)– (ତଦୀୟ ନିଗ୍ରହ ହିଁ ଦଣ୍ଡ୍ହରୂପ ଅନୁଗ୍ରହ ଏହିରୂପ) ଅଜ୍ଞାନଦ୍ୱାରା ( ଈଶ୍ୱର ସର୍ବତ୍ର ସମାନ ଏହିରୂପ) ଜ୍ଞାନ ଆଚ୍ଛନ୍ନ, ସେଥିରେ ଜୀବମାନେ ମୁଗ୍ଧ ହୁଅନ୍ତି(ଈଶ୍ୱରଙ୍କଠାରେ ବୈଷମ୍ୟ ଦେଖନ୍ତି) ॥୧୫॥

# ଜଳ ସଂକଟ

ଜଳର ଅଭାବକୁ ନେଇ ବ୍ୟତିବ୍ୟସ୍ତ ଭାରତର ସହରୀ ଜୀବନ । ଭାରତର ସିଲିକନ୍ ଭ୍ୟାଲି ଏବଂ ଟେକ୍ ହବ୍ ହେଉଛି ବେଙ୍ଗାଲୁରୁ, ଯେଉଁଠାରେ ସୂଚନା ପ୍ରଯୁକ୍ତିବିଦ୍ୟା କ୍ଷେତ୍ର ବାର୍ଷିକ ୫୦ ବିଲିୟନ ଡଲାର ଉପାର୍ଜନ କରିଥାଏ । ଗ୍ରୀଷ୍ମ ଆରମ୍ଭ ପର୍ଯ୍ୟନ୍ତ କର୍ଣ୍ଣାଟକ ସରକାର ଅଧିକ ନିବେଶକଙ୍କୁ ଆକୃଷ୍ଟ କରିବା ପାଇଁ ଏକ ବ୍ରାଣ୍ଡ ବେଙ୍ଗାଲୁରୁ ଅଭିଯାନ ଚଳାଇଥିଲେ । କିନ୍ତୁ ବର୍ତ୍ତମାନ ସହର ଜଳ ସଙ୍କଟ ସହ ମୁକାବିଲା କରୁଛି । ଖାଲି ବେଙ୍ଗାଲୁରୁ କାହିଁକି କୋଲକାତା, ଦିଲ୍ଲୀ, ମୁମ୍ବାଇ ପରି ଦେଶର ବଡ ବଡ ସହର ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି । ଗ୍ରୀଷ୍ମ ଋତୁ ଆସିବା ମାତ୍ରେ, ସହର କାହିଁକି ଗ୍ରାମାଞ୍ଚଳରେ ମଧ୍ୟ ଜଳ ସଙ୍କଟ ଦେଖାଦେଉଛି । ଜଳର ଅଭାବକୁ ନେଇ ଗଣମାଧ୍ୟମରେ ଅନେକ ଫଟୋ ଏବଂ ସମ୍ବାଦ ପ୍ରକାଶ ପାଏ ଯାହା ପଢିଲେ,ଶୁଣିଲେ ବା ଦେଖିଲେ ଲାଗେ, ଜଳ ଭାରତରେ ସୁନା ପରି ମୂଲ୍ୟବାନ । ଦେଶରେ ବିଶ୍ୱ ଜନସଂଖ୍ୟାର ପ୍ରାୟ ୧୮ ପ୍ରତିଶତ ଲୋକ ବସବାସ କରନ୍ତି, କିନ୍ତୁ ବିଶ୍ୱର ମୋଟ ଜଳସଂପଦର ମାତ୍ର ୪ ପ୍ରତିଶତ ଆମ ଦେଶରେ ରହିଛି । ତେଣୁ ପାଣି ପାଇଁ ଦେଶରେ ଯେପରି ପ୍ରକାର ପରିସ୍ଥିତି ସୃଷ୍ଟି ହେଉଛି ତାହା ଚିନ୍ତାର ବିଷୟ । ନୀତି ଆୟୋଗ ଅନୁସାରେ, ଜଳ କ୍ଷେତ୍ରରେ ଭାରତ ବିଶ୍ୱର ସବୁଠାରୁ ଅଧିକ ଚାପଗ୍ରସ୍ତ ଦେଶଗୁଡିକ ମଧ୍ୟରେ ଅନ୍ୟତମ । ବହୁ ସଂଖ୍ୟକ ଭାରତୀୟ ଜଳ ଅଭାବର ସମ୍ମୁଖୀନ ହେଉଛନ୍ତି । ଜଳ ଆବଶ୍ୟକତା ପାଇଁ କ୍ରମାଗତ ଭାବରେ ଭାରତ ମୌସୁମୀ ଉପରେ ନିର୍ଭର କରେ ଏବଂ ମୌସୁମୀ ଦୁର୍ବଳ ହେଲେ, ଜଳର ଅଭାବ ବୃଦ୍ଧିପାଏ । ଜଳବାୟୁ ପରିବର୍ତ୍ତନ ଜଳ ସମ୍ପଦ ଉପରେ ଏହି ଚାପକୁ ଆହୁରି ବଢାଇବାର ସମ୍ଭାବନା ସୃଷ୍ଟି କରେ । ମଧୁର ଜଳ ସମ୍ବଳର ଦ୍ରୁତ ଅବନତି ଏବଂ ସହରୀକରଣ ବୃଦ୍ଧି ହେଉଛି ଯାହା ଯୋଗୁଁ ଦେଶର ସହରାଞ୍ଚଳଗୁଡିକ ଜଳ ସଙ୍କଟ ସହିତ ଚିରାଚରିତ ଭାବରେ ସଂଗ୍ରାମ କରୁଛନ୍ତି । ସହରର କାୟା ବଢିଚାଲିଛି, ସହରୀ କାର୍ଯ୍ୟକଳାପ ବଢିଚାଲିଛି, ଅନ୍ୟପକ୍ଷରେ ସହରୀ ଜୀବନ ଜଳ ବିନା ବ୍ୟତିବ୍ୟସ୍ତ ହେବାରେ ଲାଗିଛି । ତଥାପି ଆମର ନିଘା ନାହିଁ । ପ୍ରତ୍ୟେକ ଦିନ, ଆମ ଜାଣତରେ ଆମେ ଜଳର ଅପବ୍ୟବହାର କରିଚାଲିଛେ । ଜଳ ଶକ୍ତି ମନ୍ତ୍ରଣାଳୟର ତଥ୍ୟରୁ ଜଣାପଡିଛି ଯେ ସ୍ୱାଧୀନତା ପରଠାରୁ ଭାରତରେ ବାର୍ଷିକ ମୁଣ୍ଡପିଛା ଜଳ ଉପଲବ୍ଧତା ୭୫ ପ୍ରତିଶତ ହ୍ରାସ ପାଇଛି, ୧୯୪୭ ମସିହାରେ ୬,୦୪୨ ଘନ ମିଟରରୁ ୨୦୨୧ ମସିହାରେ ୧,୪୮୬ ଘନ ମିଟରରେ ପହଞ୍ଚିଛି । ମୁଣ୍ଡପିଛା ଜଳ ୧,୭୦୦ ଘନ ମିଟରରୁ କମ୍ ଉପଲବ୍ଧ ହେଉଥିବା ଅଞ୍ଚଳକୁ 'ଜଳ ଅଭାବୀ ଅଞ୍ଚଳ' ଭାବରେ ବିବେଚନା କରାଯାଏ । ଦେଶର ଜଳଭଣ୍ଡାର ଏବଂ ନଦୀ ଅବବାହିକାରେ ଜଳର ସାମଗ୍ରିକ ଉପଲବ୍ଧତା ମଧ୍ୟ ଗୁରୁତର ଭାବେ ହ୍ରାସ ପାଇଛି । କେନ୍ଦ୍ରୀୟ ଜଳ ଆୟୋଗ (CWC) ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଗତ ପାଞ୍ଚ ବର୍ଷ ମଧ୍ୟରେ ସମାନ ସମୟ ତୁଳନାରେ ମାର୍ଚ୍ଚରେ ଭାରତର ପ୍ରମୁଖ

**ସମ୍ପାଦକୀୟ**

ଜଳଭଣ୍ଡାରଗୁଡ଼ିକ ସର୍ବନିମ୍ନ ସ୍ତରରେ ଥିଲା । ଜଳବାୟୁ ପରିବର୍ତ୍ତନ ଏବଂ ଜନସଂଖ୍ୟା ବୃଦ୍ଧି ଜଳ ଅଭାବ ସମ୍ପର୍କିତ ଆହ୍ୱାନକୁ ବଢ଼ାଇ ଦେଇଥାଏ । ବଢୁଥିବା ତାପମାତ୍ରା, ଭୂପୃଷ୍ଠ ଏବଂ ଭୂତଳ ଜଳ ଭଣ୍ଡାର ହ୍ରାସ, ଏବଂ ପରିବର୍ତ୍ତନଶୀଳ ବର୍ଷାର ଢାଞ୍ଚା ଯାହା ଅପ୍ରତ୍ୟାଶିତ ମୌସୁମୀକୁ ଚିହ୍ନିତ କରେ – କେତେକ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି କରେ ଏବଂ ଅନ୍ୟ ଅଞ୍ଚଳରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୁଏ, ଯାହା ଜଳ ସମ୍ବନ୍ଧୀୟ ସମସ୍ୟା ବିରୁଦ୍ଧରେ ଯୁଦ୍ଧକୁ ଜଟିଳ କରିଦିଏ । ବିଜ୍ଞାନ ଏବଂ ପରିବେଶ କେନ୍ଦ୍ରର ଏକ ରିପୋର୍ଟ ଅନୁଯାୟୀ ଭୂତଳ ଜଳ ଭାରତର ସହରାଞ୍ଚଳ ଜଳ ଯୋଗାଣର ୪୮ ପ୍ରତିଶତ ଅଟେ । କିନ୍ତୁ ଦେଶର ଦଶଟି ଜନବହୁଳ ସହର ମଧ୍ୟରୁ ସାତୋଟିରେ ଗତ ଦୁଇ ଦଶନ୍ଧି ମଧ୍ୟରେ ଭୂତଳ ଜଳ କ୍ରମାଗତ ଭାବରେ ହ୍ରାସ ପାଇଛି । ଏବେ ଚିନ୍ତା କରିବାର କଥା, ଆଉ କିଛି ବର୍ଷ ପରେ ବା ଦଶନ୍ଧି ପରେ , ସେ ସବୁ ସହରରେ ମଣିଷ ରହି ପାରିବ ତ ? ମଣିଷ ସଂଖ୍ୟା ବଢି ଯାଇଥିବ, ସହରର ଚାକଚକ୍ୟ ବଢ଼ିଯାଇଥିବ, ବିଭିନ୍ନ କ୍ଷେତ୍ରରେ ଭିତ୍ତିଭୂମି ବୃଦ୍ଧି ପାଇଥିବ, ଜୀବନଶୈଳୀରେ ପରିବର୍ତ୍ତନ ଆସିଥିବ, ଅର୍ଥନୈତିକ କାର୍ଯ୍ୟକଳାପ ବୃଦ୍ଧି ପାଇଥିବ, ବେକାରୀ ବା ବେରୋଜଗାରୀ ସମସ୍ୟା ନ ଥିବ, କିନ୍ତୁ ଆମେ ବଞ୍ଚିବା ସମ୍ଭବ ହେବ ତ ? କାରଣ ଜଳର ଅଭାବ...ଜଳ କଷ୍ଟ । କେତେକ ସହରରେ ପରିସ୍ଥିତି ଖରାପ ହେବାରେ ଲାଗିଲାଣି । ଜଳର ଅଭାବ ପାଇଁ ବ୍ୟବସାୟ, ବାଣିଜ୍ୟ ଏବଂ ଅର୍ଥନୈତିକ କାର୍ଯ୍ୟକଳାପ ପରୋକ୍ଷରେ ପ୍ରଭାବିତ ହେବାରେ ଲାଗିଛି । ଅଧିକାଂଶ ସହରୀ ପରିବାର ଦିନକୁ ଦୁଇ/ତିନି ଘଣ୍ଟା ପାଇଁ ଜଳ ପାଇବାର ସୁଯୋଗ ପାଇଥାନ୍ତି ଯାହା ମଧ୍ୟ ବେଳେ ବେଳେ ବ୍ୟତିକ୍ରମ ଘଟେ । ଏହା ବିଶେଷ ଭାବରେ ଗରିବ, ମହିଳା ଏବଂ ଶିଶୁମାନଙ୍କୁ ପ୍ରଭାବିତ କରିଥାଏ, ଯେଉଁମାନେ ସେମାନଙ୍କର ଦୈନନ୍ଦିନ ଆବଶ୍ୟକତା ପାଇଁ ଜଳ ସୁରକ୍ଷିତ କରିବାରେ ସମୟ ଏବଂ ଅର୍ଥ ଖର୍ଚ୍ଚ କରନ୍ତି । ଜଳସେଚନ ତଥା ଗ୍ରାମୀଣ ତଥା ସହରାଞ୍ଚଳ ଘରୋଇ ଜଳ ଯୋଗାଣ ପାଇଁ ଭୂତଳ ଜଳ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଉତ୍ସ । କିନ୍ତୁ, ଏହି ମୂଲ୍ୟବାନ ଉତ୍ସର ଅତ୍ୟଧିକ ବ୍ୟବହାର ଏହାର ଅବନତି ଘଟାଇଛି । ଅନେକ ସହରରେ ଭୂତଳ ଜଳ ସ୍ତର ବାର୍ଷିକ ୨୦ ସେମିର ସୀମାଠାରୁ ଅଧିକ ଦ୍ରୁତ ଗତିରେ ହ୍ରାସ ପାଇଛି, କେତେକ ଅଞ୍ଚଳରେ ୨୦ ମିଟର ଗଭୀରତାକୁ ଖସି ଯାଇଛି । ଭାରତରେ ଜଳ ସଙ୍କଟ ମୂଳ କାରଣ ହୋଇଛି, ଭୂତଳ ଜଳର ଅତ୍ୟଧିକ ବ୍ୟବହାର, ପର୍ଯ୍ୟାପ୍ତ ପରିମାଣର ବର୍ଷା ଜଳ ଅମଳରେ ଅବହେଳା ଏବଂ ଜଳ ସମ୍ପଦର ତ୍ରୁଟିପୂର୍ଣ୍ଣ ପରିଚାଳନା । ଜଳର ପ୍ରଦୂଷଣ ଏବଂ ଅପାରଗ କୃଷି ଜଳସେଚନ ପଦ୍ଧତି ଏହି ସମସ୍ୟାକୁ ଆହୁରି ବଢ଼ାଇ ଦେଇଥାଏ, ଯାହାଦ୍ୱାରା ଜଳ ଉପଲବ୍ଧତା ଏବଂ ଗୁଣବତ୍ତା ହ୍ରାସ ପାଇଥାଏ । ଜଳ ସଙ୍କଟ ଅନେକ ଭାବରେ ସମ୍ପ୍ରଦାୟକୁ ପ୍ରଭାବିତ କରିଥାଏ । ବିଶୁଦ୍ଧ ଜଳର ଅଭାବ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ ଏବଂ ଜଳ ଦ୍ୱାରା ହେଉଥିବା ରୋଗରେ ସହାୟକ ହୋଇଥାଏ । ଶିକ୍ଷାଗତ ଏବଂ ଅର୍ଥନୈତିକ ସୁଯୋଗ ପଛରେ ପକାଇ ମହିଳା ଏବଂ ଝିଅମାନେ ଦୂରଦୂରାନ୍ତକୁ ଯାଇ ପାଣି ଆଣିବାର ଭାର ବହନ କରନ୍ତି । ଭାରତର ଜଳ ସମସ୍ୟା ସାମଗ୍ରିକ ଜୀବନଶୈଳୀକୁ ଯଥେଷ୍ଟ ପ୍ରଭାବିତ କରିଥାଏ । ଭାରତର ଜନସଂଖ୍ୟାର ପ୍ରାୟ ୩୫ ପ୍ରତିଶତ ସହରରେ ବାସ କରନ୍ତି, କିନ୍ତୁ ସହରାଞ୍ଚଳର ବସ୍ତିରେ ରହୁଥିବା ତିନି ଜଣଙ୍କ ମଧ୍ୟରୁ ଜଣେ ପାଇପ୍ କିମ୍ବା ଟ୍ୟାପ୍ ଜଳ ପାଇପାରୁ ନାହାଁନ୍ତି । ଜାତୀୟ ନମୁନା ସର୍ବେକ୍ଷଣ କାର୍ଯ୍ୟାଳୟ ଦ୍ୱାରା ପ୍ରକାଶିତ ୨୦୨୦–୨୧ରେ ମଲ୍ଟିପଲ୍ ଇଣ୍ଡିକେଟର୍ ସର୍ଭେ ଅନୁଯାୟୀ ମୋଟ ଉପରେ, ଭାରତର ସହରାଞ୍ଚଳର ୪୦ ପ୍ରତିଶତ ଲୋକ ଟ୍ୟାପ୍ ଜଳ ପାଇ ନାହାଁନ୍ତି । ସରକାରଙ୍କ ଯୋଜନା ଓ ପ୍ରଚେଷ୍ଟା ଯୋଗୁଁ ଏହି ସଂଖ୍ୟା ପରବର୍ତ୍ତୀ ଅବସ୍ଥାରେ ବୃଦ୍ଧି ପାଇଛି ସତ, କିନ୍ତୁ ଏବେବି ଅବ୍ୟବସ୍ଥା ମଧ୍ୟରେ । ଅଧିକାଂଶ ପାଇପ୍ ଜଳ ଯୋଗାଣ ଅନେକାଂଶରେ ସହରୀ ଭାରତୀୟଙ୍କ ପାଇଁ ଏକ ସ୍ୱପ୍ନ ହୋଇ ରହିଛି । ଏହା ବ୍ୟତୀତ ନଦୀ, ହ୍ରଦ ଏବଂ ପୋଖରୀ ପରି ସହରାଞ୍ଚଳ ଜଳ ସାଧାରଣତଃ ଅତ୍ୟଧିକ ପ୍ରଦୂଷିତ ହୋଇଥାଏ । ବିଶେଷଜ୍ଞମାନେ ଅନୁଭବ କରୁଛନ୍ତି ଯେ ସହରାଞ୍ଚଳରେ ଜଳ ସଙ୍କଟର ମୁଖ୍ୟ କାରଣ ହେଉଛି 'ଜଳ ସହରୀକରଣ'ର ଅନୁପସ୍ଥିତି, ଯାହା ସହରୀ ଇକୋସିଷ୍ଟମ ପରିପ୍ରେକ୍ଷୀରେ ଜଳକୁ ବୁଝିବା ଆବଶ୍ୟକ । ବର୍ଷା ଜଳ ଧାରଣ, ବର୍ଷା ଜଳ ଅମଳ, ଶିଳ୍ପ ଏବଂ କୃଷି ବ୍ୟବହାର, ପୁନଃ ବ୍ୟବହାର ଏବଂ ସ୍ୱେରେଜ୍ ସହରୀକରଣ ପରିବେଶର ଏକ ଅଂଶ ଭାବରେ ଦେଖାଯାଏ ଯାହା ପାଇଁ ସମସ୍ତଙ୍କ ସହଯୋଗ ଦରକାର । ବର୍ଷା ଜଳ ଅମଳ, ଦକ୍ଷ ଜଳସେଚନ କୌଶଳ ଏବଂ ଜଳ ପୁନଃ ବ୍ୟବହାର ନିରନ୍ତର ଜଳ ପରିଚାଳନାରେ ସହାୟକ ହେଇଥାଏ, ଯାହା ଉପରେ ଯଥେଷ୍ଟ ଗୁରୁତ୍ୱ ଦେବା ଜରୁରୀ । ଜଳ ଉତ୍ସ ସଂରକ୍ଷଣ ଏବଂ ପ୍ରଭାବଶାଳୀ ସମାଧାନ କାର୍ଯ୍ୟକାରୀ କରିବା ପାଇଁ ସମ୍ପ୍ରଦାୟର ସଚେତନତା ଏବଂ ଅଂଶଗ୍ରହଣ ଗୁରୁତ୍ୱପୂର୍ଣ୍ଣ । ବେଶ କିଛି ବର୍ଷ ଧରି ସରକାର ମଧ୍ୟ ଜଳ ସଙ୍କଟର ସମାଧାନ ପାଇଁ ବହୁ ପଦକ୍ଷେପ ନେଇଛନ୍ତି ଏବଂ ନେଉଛନ୍ତି ମଧ୍ୟ । କିନ୍ତୁ ଦୁଃଖର ବିଷୟ, ଜଳ ସଙ୍କଟ କ୍ରମେ ବଢ଼ିବାରେ ଲାଗିଛି । ଭାରତରେ ସମସ୍ତ ପ୍ରକାରର ଭଲ ଉପଚାର ରହିଛି, କିନ୍ତୁ ଏପର୍ଯ୍ୟନ୍ତ ସେଗୁଡ଼ିକ କେବଳ କାଗଜରେ ରହିଆସିଛି । ଏହି ସଙ୍କଟରୁ ମୁକୁଳିବା ପାଇଁ ଖାଲି ସରକାର ନୁହନ୍ତି, ପ୍ରତ୍ୟେକ ନାଗରିକଙ୍କର ମଧ୍ୟ ଦାୟିତ୍ୱ ରହିଛି ।

# ମ୍ୟାଲେରିଆ ଓ ଯକୃତ



**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

୨୫ ଏପ୍ରିଲକୁ ସାରା ବିଶ୍ୱରେ ମ୍ୟାଲେରିଆ ଦିବସ ଭାବେ ପାଳନ କରାଯାଏ । ଏମିତି ବି କହିଲେ ଅଧେ ବିଶ୍ୱବାସୀଙ୍କ ପାଇଁ ପ୍ରତିଦିନ ହିଁ ମ୍ୟାଲେରିଆ ଦିବସ ହୋଇଥାଏ । ମଶା କାମୁଡ଼ା ଯୋଗୁଁ ହେଉଥିବା ଏହି ମାରାତ୍ମକ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ । ୨୦୧୫ରେ ପୂରା ବିଶ୍ୱରେ ୨୧୪ ନିୟୁତ ଜଣ ମ୍ୟାଲେରିଆ ଆକ୍ରାନ୍ତ ହୋଇଥିଲାବେଳେ ୪୩୮,୦୦୦ ଜଣଙ୍କର ମୃତ୍ୟୁ ଘଟିଥିଲା । ମୃତକଙ୍କ ମଧ୍ୟରେ ସବୁଠୁ ଅଧିକ ସଂଖ୍ୟା ହେଉଛି ଆଫ୍ରିକୀୟ ଶିଶୁଙ୍କର । ୨୦୦୭ରେ ବିଶ୍ୱ ସ୍ୱାସ୍ଥ୍ୟ ମହାସଭାର ୬୦ତମ ଅଧିବେଶନରେ ଏହି ଦିବସ ପାଳନ କରାଯିବାର ନିଷ୍ପତ୍ତି ନିଆଯାଇଥିଲା । ଚଳିତ ବର୍ଷର ବାର୍ତ୍ତା 'ଅଧିକ ସମାନ ବିଶ୍ୱ ପାଇଁ ମ୍ୟାଲେରିଆ ବିରୋଧରେ ଲଢ଼େଇକୁ ତ୍ୱରାନ୍ୱିତ କରିବା'। ମ୍ୟାଲେରିଆ ବିରୋଧରେ ବିଭିନ୍ନ ପ୍ରକାର ପଦକ୍ଷେପ ଯୋଗୁଁ ଏହାକୁ ନିୟନ୍ତ୍ରଣାଧୀନ କରାଯାଇପାରିଛି । ୨୦୦୦–୨୦୨୫ ଭିତରେ ବିଶ୍ୱରେ ମ୍ୟାଲେରିଆ ଜନିତ ମୃତ୍ୟୁ ସଂଖ୍ୟା ୬୦ ପ୍ରତିଶତ କମ୍ କରାଯିବାର ଲକ୍ଷ୍ୟ ରହିଛି ।

ପ୍ରତିବର୍ଷ ବିଶ୍ୱରେ ୩.୩ ନିୟୁତ ଲୋକ ମ୍ୟାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି । ୨୦୨୩ରେ ହୋଇଥିବା ଅଧ୍ୟୟନ ଅନୁଯାୟୀ ମାଲେରିଆରେ ଆକ୍ରାନ୍ତ ହୋଇ ପ୍ରତି ବର୍ଷ ୬ଲକ୍ଷ ୮୪ ହଜାର ଲୋକ ମୃତ୍ୟୁ ମୁଖରେ ପଡୁଛନ୍ତି । ଏସିଆ, ଆଫ୍ରିକ ଓ ଲାଟିନ୍ ଆମେରିକୀୟ ଦେଶଗୁଡ଼ିକରେ ମ୍ୟାଲେରିଆ ଆକ୍ରାନ୍ତ ଏବଂ ମୃତକଙ୍କ ସଂଖ୍ୟା ଅଧିକ । ସାଧାରଣତଃ ମଶା କାମୁଡ଼ିବା ଦ୍ୱାରା ମ୍ୟାଲେରିଆ ବ୍ୟାପିଥାଏ । ମଶା କାମୁଡ଼ାରୁ ବଞ୍ଚିବାକୁ ହେଲେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାର ଆବଶ୍ୟକତା ରହିଛି । ମ୍ୟାଲେରିଆର ପ୍ରଭାବ ବୃଦ୍ଧିକୁ ଆଖି ଆଗରେ ରଖି ଚଳିତ ବର୍ଷ ମ୍ୟାଲେରିଆ ନିରାକରଣ ଦିଗରେ ଅଧିକ ନିବେଶ କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଶ୍ୱ ସମୁଦାୟକୁ ଆହ୍ୱାନ ଜଣାଇଛି ।

ମ୍ୟାଲେରିଆ ଜୀବାଣୁ ସ୍ପୋରୋଜୋଏଟସ୍ ମନୁଷ୍ୟ ଶରୀରକୁ ପ୍ରବେଶ କରି ପ୍ରଥମେ ଯକୃତକୁ ଆକ୍ରମଣ କରେ । ଯକୃତରେ ଥିବା ରକ୍ତନଳୀରୁ ତାହା ଯାଇ ଯକୃତ କୋଷ ଭିତରେ ପ୍ରବେଶ କରେ । ଯକୃତ କୋଷ ଭିତରେ ତାହା ବୃଦ୍ଧିପ୍ରାପ୍ତ ହୋଇ ଶରୀରର ରକ୍ତକୋଷକୁ ଆକ୍ରମଣ କରେ । ମ୍ୟାଲେରିଆ ଜୀବାଣୁ ଲିଭର ଭିତରେ ଥାଇ ରୋଗ ପ୍ରତିରୋଧକ ଶକ୍ତିକୁ ଅତିକ୍ରମ କରି ଲୋହିତ ରକ୍ତକଣିକାକୁ ଆକ୍ରମଣ କରେ । ମ୍ୟାଲେରିଆରେ ଯକୃତ ଆକ୍ରାନ୍ତ ହେଲେ ଜଣ୍ଡିସ ହୁଏ । ରକ୍ତରେ ଲିଭର ଏନଜାଇମ୍‌ସଗୁଡ଼ିକ ବଢ଼ିଯାଆନ୍ତି । ଲୋହିତ ରକ୍ତ କଣିକା ନଷ୍ଟ ହୁଏ । ଗ୍ଲୁକୋଜ–୬ ଫସ୍‌ଫେଟ ଅଭାବ ଥିଲେ ଲୋହିତ ରକ୍ତ କଣିଆ ଆହୁରି ବେଶୀ ଭାବରେ ନଷ୍ଟ ହୁଏ । ମ୍ୟାଲେରିଆ ଔଷଧ ସେପ୍ଟିସିମିଆ ଓ ଡିଆଇସି ଇତ୍ୟାଦି କାରଣ ଯୋଗୁଁ ମଧ୍ୟ ଜଣ୍ଡିସ୍ ଦେଖାଦିଏ ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ ମ୍ୟାଲେରିଆ ପ୍ରବଣ ଦକ୍ଷିଣ ଏସିଆ ଅଞ୍ଚଳରେ ଏ ଘାତକ ଜ୍ୱରର ପ୍ରକୋପ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି । ବିଶ୍ୱର ସବୁଠାରୁ ଅଧିକ ମ୍ୟାଲେରିଆ ପ୍ରବଣ ୧୦ଟି ଦେଶ ମଧ୍ୟରୁ ଛଅଟି ଦେଶ ଏହି ଅଞ୍ଚଳରେ ଅବସ୍ଥିତ । ବିଶ୍ୱର ପ୍ରାୟ ଚଉଠେ ଲୋକ ବସବାସ କରୁଥିବା ଏ ଅଞ୍ଚଳରେ ମ୍ୟାଲେରିଆର ପ୍ରକୋପ ଏତେ ବେଶି ଯେ, ପ୍ରତି ଚାରିଜଣରେ ତିନିଜଣ ଏହାଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ ବିଗତ ଗୋଟିଏ ଦଶକ ମଧ୍ୟରେ ଦକ୍ଷିଣ ପୂର୍ବ ଏସୀୟ ଅଞ୍ଚଳରେ ମାଲେରିଆ ଆକ୍ରାନ୍ତ ଓ ମାଲେରିଆ ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଥିଲେ ମଧ୍ୟ ଏବେ ବି ଏହା ଜୀବନ ପାଇଁ ଘାତକ ଏବଂ ଜୀବିକା ପାଇଁ ବିପଦ ହୋଇ ରହିଛି । ଦକ୍ଷିଣ ପୂର୍ବ ଏସିଆର ଅନ୍ୟ ମ୍ୟାଲେରିଆ ପ୍ରବଣ ଦେଶ ଅପେକ୍ଷା ଭାରତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏ ରିପୋର୍ଟକୁ ଅଧିକ ଗୁରୁତର ସହ ନେଇ ଏକ ଚେତାବନୀ ଭାବେ ବିଚାର କରୁଛି ।

ବିଶ୍ୱର ସର୍ବାଧିକ ମ୍ୟାଲେରିଆ ପ୍ରବଣ ୧୦ଟି ଦେଶର ତାଲିକାରେ ଭାରତ ରହିଛି । ଅନ୍ୟ ଦେଶମାନେ ଯେଉଁ, ଅନୁପାତରେ ମ୍ୟାଲେରିଆ ନିୟନ୍ତ୍ରଣରେ ସଫଳତା ହାସଲ କରି ପାରିଛନ୍ତି, ଭାରତ ସେ ଅନୁପାତରେ ଏ ଘାତକ ଜ୍ୱରର ମୁକାବିଲାର ସଫଳ ହୋଇପାରିନାହିଁ । ୨୦୦୦ ମସିହାରୁ ୨୦୨୦ ମଧ୍ୟରେ ନେପାଳ, ଭୁଟାନ, କୋରିଆ, ବାଙ୍ଗଲାଦେଶ, ଶ୍ରୀଲଙ୍କା ଆଦି ଦେଶମାନେ ମାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୭୫ ପ୍ରତିଶତ ହ୍ରାସ କରିବାରେ ସଫଳ ହୋଇଛନ୍ତି । କିନ୍ତୁ ଭାରତ ଏ କ୍ଷେତ୍ରରେ ପଛରେ ପଡ଼ିଯାଇଛି । ୨୦୨୫ ଶେଷ ବେଳକୁ ଯାଇ ଭାରତ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୫୦ରୁ ୭୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବାରେ ସମର୍ଥ ହୋଇପାରେ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଏ ଅଞ୍ଚଳର ଅନ୍ୟତମ ଦେଶ ମାଳଦ୍ୱୀପରେ ୧୯୮୪ରୁ ଆଉ କେହି ଜଣେ ହେଲେ ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ନାହାନ୍ତି । ଶ୍ରୀଲଙ୍କା ମଧ୍ୟ ମ୍ୟାଲେରିଆର ସମ୍ପୂର୍ଣ୍ଣ ନିରାକରଣ ଲକ୍ଷ୍ୟ ହାସଲର ନିକଟତର । ଭାରତରେ ଏବେ ବି ମ୍ୟାଲେରିଆର ପ୍ରକୋପ ଭୟଙ୍କର । କେବଳ ଦୁଇଟି ରାଜ୍ୟ ଜାମ୍ମୁ–କାଶ୍ମୀର ଓ ହିମାଚଳ ପ୍ରଦେଶକୁ ଛାଡ଼ିଦେଲେ ଦେଶର ଅବଶିଷ୍ଟ ସବୁ ରାଜ୍ୟ ମ୍ୟାଲେରିଆ ପ୍ରବଣ । ଲୋକସଂଖ୍ୟାର ପାଖାପାଖି ୭୦ ପ୍ରତିଶତ ମ୍ୟାଲେରିଆ ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି । ଆକ୍ରାନ୍ତ ଓ ମୃତ୍ୟୁ ସଂଖ୍ୟା ହିଁ ମ୍ୟାଲେରିଆ ଭାରତ ପାଇଁ କେମିତି ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ତାର ସୂଚନା ଦିଏ । ପ୍ରତିବର୍ଷ ପ୍ରାୟ ୯୫ଲକ୍ଷ ଲୋକ ଦେଶର ମ୍ୟାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ଏବଂ ସେଥିରୁ ପ୍ରାୟ ୪୫ ହଜାର ପୀଡ଼ିତଙ୍କ ମୃତ୍ୟୁ ହୁଏ । ଉଲ୍ଲେଖନୀୟ ହେଲା ସମଗ୍ର ବିଶ୍ୱରେ ମାଲେରିଆଜନିତ ବାର୍ଷିକ ମୃତ୍ୟୁ ସଂଖ୍ୟା ଯେତେ, ସେଥିରେ ଦକ୍ଷିଣ ପୂର୍ବ ଏସିଆର ଭାଗ ୯୮ ପ୍ରତିଶତ ଏବଂ ସମଗ୍ର ଦକ୍ଷିଣ ପୂର୍ବ ଏସିଆର ମାଲେରିଆରେ ଯେତିକି ମୃତ୍ୟୁ ହୁଏ ସେଥିରେ ଭାରତର ଭାଗ ୩୮ ପ୍ରତିଶତ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତାହା ରିପୋର୍ଟ ଅନୁଯାୟୀ, ଶିଳ୍ପାୟନ ଓ ସହରୀକରଣ ଯୋଗୁଁ ମ୍ୟାଲେରିଆ ପ୍ରାଦୁର୍ଭାବ ବୃଦ୍ଧି ପାଉଛି । କ୍ରମଶଃ ଦେଶର ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳ ଅଧିକ ମ୍ୟାଲେରିଆ ପ୍ରବଣ ହୋଇପଡୁଛି । ଅନିୟନ୍ତ୍ରିତ ସହରୀକରଣ ଏବଂ ଯୋଜନା ବିହୀନ ଶିଳ୍ପାୟନ ଯୋଗୁଁ ଅନେକ ସ୍ଥାନରେ ଠିକ୍ ଭାବେ ଜଳ ନିଷ୍କାସନ ହୋଇପାରୁ ନାହିଁ । ଫଳରେ ଅନେକ ସ୍ଥାନରେ ଦୂଷିତ ଆବର୍ଜନାପୂର୍ଣ୍ଣ ପାଣି ଜମି ରହୁଛି । ଏହା ହିଁ ମଶା ବଂଶ ବୃଦ୍ଧିର କାରଣ ହୋଇ ମ୍ୟାଲେରିଆ ସଂକ୍ରମଣର ଆଶଙ୍କାକୁ ବୃଦ୍ଧି କରୁଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସଦ୍ୟତମ ରିପୋର୍ଟ ସରକାର ଓ ସାଧାରଣ ଜନତାଙ୍କ ପାଇଁ ଆଉ ଏକ ସତର୍କ ସଙ୍କେତ । ରିପୋର୍ଟରେ ଥିବା ତଥ୍ୟରୁ ଏହା ସ୍ପଷ୍ଟ ଯେ ଦୀର୍ଘ ବର୍ଷ ହେଲା ଜାତୀୟ ସ୍ତରରେ ମ୍ୟାଲେରିଆ ନିୟନ୍ତ୍ରଣ ଅଭିଯାନ ଚାଲିଥିଲେ ସୁଦ୍ଧା, ସେଥିରୁ ଈପ୍‌ସିତ ସୁଫଳ ମିଳି ନାହିଁ । ମ୍ୟାଲେରିଆ ନିରାକରଣ ଅଭିଯାନକୁ ଆହୁରି ଜୋରଦାର କରାଯିବାର ଆବଶ୍ୟକତା ରହିଛି । ଅବଶ୍ୟ ସବୁ ରୋଗର ନିୟନ୍ତ୍ରଣ ପରି ମ୍ୟାଲେରିଆର ମୁକାବିଲା ପାଇଁ ମଧ୍ୟ ସରକାରୀ ଅଭିଯାନ ଅପେକ୍ଷା ଜନସଚେତନତା ଉନ୍ନତ ପରିମଳ ବ୍ୟବସ୍ଥା ଅଧିକ ଆବଶ୍ୟକ ।

**ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,
କଟକ, ମୋ–୯୪୩୭୦୫୧୯୫୭**

# ଜୀବନ ସାଧନା : ଧ୍ୟାନ

**ଯଶସ୍ୱିନୀ ପଟ୍ଟନାୟକ**

ସାଧାରଣତଃ ଧ୍ୟାନ ଶବ୍ଦଟି ମନ ଭିତରେ ଉଙ୍କି ମାରିଲା ବେଳକୁ ଆମ୍ଭମାନଙ୍କ ଭିତରେ ଶାନ୍ତ ମୁଦ୍ରାରେ ନିରବ ପରିବେଶରେ ଜଣେ ସ୍ଥିତପ୍ରଜ୍ଞ ଭାବନା ସହ ବସିବାର ମୂର୍ତ୍ତିଟି ଭାସି ଆସେ । ଧ୍ୟାନ ଏପରି ଏକ ଅବସ୍ଥା ଯାହାକି ବ୍ୟସ୍ତପୂର୍ଣ୍ଣ ଜୀବନ ବା କର୍ମମୟ ଜଞ୍ଜାଳ ଭିତରେ ଏତେଟା ସହଜ ହୋଇନଥାଏ । ଧ୍ୟାନ ଆମ ସମସ୍ତଙ୍କ ପାଇଁ ଏକ ଅପରିହାର୍ଯ୍ୟ ଚେତନା । ଯୋଗ, ପ୍ରାଣାୟମ, ଆସନ ବା ବିଭିନ୍ନ ଆଧ୍ୟାତ୍ମିକ ଚେତନାର ଅନ୍ୟତମ ଶ୍ରେଷ୍ଠ ଅବସ୍ଥା ହେଉଛି ଧ୍ୟାନ। ଏ କଥା ସହଜରେ ବୁଝାଯାଏ ଯେ, ସମସ୍ତଙ୍କୁ ଧ୍ୟାନ କରିବାର ଆବଶ୍ୟକତା ନଥାଏ । ପ୍ରତ୍ୟେକଙ୍କର ନିଜସ୍ୱ ଧାରା ରହିଥାଏ – କେହି କେହି ଭକ୍ତି ଦ୍ୱାରା, କେହି କେହି ସଙ୍ଗୀତ ମାଧ୍ୟମରେ, ଅନ୍ୟ କେହି ଶାସ୍ତ୍ର ଅଧ୍ୟୟନ ଦ୍ୱାରା ଅନ୍ୟ କେହି ନିଷ୍କାମ କର୍ମ ଦ୍ୱାରା ଅର୍ଥାତ୍ ପଥଗୁଡ଼ିକ ଅନେକ। ଯେଉଁମାନଙ୍କର ପାଇଁ ଭଗବତ ଅନ୍ୱେଷଣ ପାଇଁ ଧ୍ୟାନ ସହାୟକ ହୋଇଥାଏ, ସେମାନେ ଏହି କଥାଟି ନିଶ୍ଚିନ୍ତ ରୂପେ ଜାଣି ରଖିବା ଉଚିତ ଯେ, ଧ୍ୟାନ ନିଜ ଲକ୍ଷ୍ୟ ନୁହେଁ, ତେଣୁ ଘଣ୍ଟା ଘଣ୍ଟା କାଳ ମଧ୍ୟରେ ବସିବା ଏହି ଉଦ୍ଦେଶ୍ୟ ପାଇଁ ଯଥାର୍ଥ ନୁହେଁ ।

ଧ୍ୟାନର ଗୁଣବତ୍ତା ବାସ୍ତିବକ ଗୁରୁତ୍ୱପୂର୍ଣ୍ଣ କଥା ଅଟେ । ଯେଉଁମାନଙ୍କର ପଥ ଧ୍ୟାନ ମାଧ୍ୟମ ଦେଇଯିବାକୁ ହୋଇଥାଏ ଅଥବା ଅତିକମ୍‌ରେ ଏହା ତାଙ୍କ ସାଧନାର ଏକ ମୁଖ୍ୟ ଅଙ୍ଗ ହୋଇଥାଏ, ଏହା ଗୁରୁତ୍ୱପୂର୍ଣ୍ଣ ଅଟେ ଯେ ସେମାନେ ନିୟମିତ ଭାବେ ଧ୍ୟାନରେ ବସିବା ଉଚିତ । ଏକଥା କହିଲେ ଚଳିବ ନାହିଁ କି ଯେତେବେଳେ ପରିସ୍ଥିତି ଅନୁକୂଳ ଥିବ ଆମେ ସେତେବେଳେ ଧ୍ୟାନ କରିବା । ଗୋଟିଏ ଅନ୍ତର୍ମୁଖି ଭାବର ଗତିବୃତ୍ତି କିମ୍ବା ଶାନ୍ତିର ଅବତରଣ କିମ୍ବା ଏକ ଉର୍ଦ୍ଧ୍ୱମୁଖୀ ଆକର୍ଷଣ । ସ୍ୱାଭାବିକ ଭାବେ ଯେତେବେଳେ ସେହି ମୁହୂର୍ତ୍ତଗୁଡ଼ିକ ଆସିଥାଏ, ଜଣେ ତା'ପ୍ରତି ଧ୍ୟାନ ଦେଇଥାଏ, ଯଦି ସମ୍ଭବପର ହୁଏ ତେବେ ଅନ୍ୟ ସବୁ କର୍ମକୁ ପଛରେ ପକାଇ ତାକୁ ଆଗ କରିଥାଏ । ଯାହା ଗୁରୁତ୍ୱପୂର୍ଣ୍ଣ ତାହା ହେଉଛି ଜଣଙ୍କର ନିୟମିତ ଭାବେ ଧ୍ୟାନ କରିବାର ସମୟ ରଖାଯାଇଥିବା ଆବଶ୍ୟକ । ଜଣଙ୍କର ମନର ଅବସ୍ଥା ଭଲ ଅଛି କି ନାହିଁ, ସେ କଥା ଉପରେ ଆଦୌ ଗୁରୁତ୍ୱ ନଦେଇ, ଜଣେ ପ୍ରତ୍ୟେହ ନିର୍ଦ୍ଧାରିତ ସମୟରେ ଧ୍ୟାନରେ ବସିବା ଉଚିତ । ଏହି ନିୟମିତତା ଜଣକ ପ୍ରକୃତି ମଧ୍ୟରେ ଗ୍ରହଣଶୀଳତାର ଗୋଟିଏ ଅଭ୍ୟାସ ସେହି ନିର୍ଦ୍ଦିଷ୍ଟ ସମୟରେ ହିଁ ସୃଷ୍ଟି କରିଥାଏ ଏବଂ ଚେତନା ମଧ୍ୟରେ ଗୋଟିଏ ସ୍ୱତଃ ସ୍ଫୁର୍ତ୍ତ ଭାବେ ଏକାଗ୍ରତା ଭାବ ସୃଷ୍ଟି କରିଥାଏ । ଏହା କେବଳ ଜଣକ ପ୍ରକୃତି ମଧ୍ୟରେ ଆସିଥାଏ ତାହା ନୁହେଁ ପାରିପାର୍ଶ୍ୱିକ ବାତାବରଣରେ ମଧ୍ୟ ତାହା ସୃଷ୍ଟି ହୋଇଥାଏ । ସେଠାରେ ଗୋଟିଏ ଅଭ୍ୟାସ ସୃଷ୍ଟି ହୋଇଥାଏ, ଏହି ଅସ୍ପୃହାର ପ୍ରତି ଉତ୍ତର ଦେବା ନିମନ୍ତେ । ଏ କଥା ଦେଖାଯିବ ଯେ ସେହି ନିର୍ଦ୍ଦିଷ୍ଟ ସମୟରେ ଉର୍ଦ୍ଧ୍ୱସ୍ଥ କିଛି ଅବତରଣ ପାଇଁ ଅପେକ୍ଷା କରିଥାଏ, ସାଧକର ଗ୍ରହଣ ନିମନ୍ତେ ।

ଯଦିଓ ଏହା ପ୍ରତ୍ୟେକ ବ୍ୟକ୍ତିକୁ ତାହାର ନିଜର ସୁବିଧା ସମୟ ଉପରେ ଧ୍ୟାନ କରିବା ପାଇଁ ଛାଡ଼ି ଦିଆଯାଇଥାଏ, ଯେତେବେଳେ ସେ ବାହ୍ୟ ପରିସ୍ଥିତି ଦ୍ୱାରା ବହୁତ କମ୍ ବିଚଳିତ ହେଉଥାଏ, ତଥାପି ମଧ୍ୟ ଦିବସର କିଛି ସମୟ ଥାଏ ଯାହା ଧ୍ୟାନ କରିବା ନିମନ୍ତେ ଅନ୍ୟ ମୁହୂର୍ତ୍ତ ଅପେକ୍ଷା ଅଧିକ ଉପଯୋଗୀ ହୋଇଥାଏ । ଏହା ସର୍ବଜନବିଦିତ ଯେ ପ୍ରାତଃ ସମୟର ମୁହୂର୍ତ୍ତ ସୂର୍ଯ୍ୟୋଦୟ ପୂର୍ବରୁ ଧ୍ୟାନ ପାଇଁ ବିଶେଷ ଫଳପ୍ରଦ ହୋଇଥାଏ । ତାହାର କାରଣ, ପ୍ରକୃତିର ସକ୍ରିୟ ଶକ୍ତି ରାଜି ଜାଗୃତ ହୋଇନଥାନ୍ତି ଏବଂ ପରିବେଶରେ ଗୋଟିଏ ବିଶେଷ ଶାନ୍ତି ଅବସ୍ଥା ବିଦ୍ୟମାନ ଥାଏ ।

ସେହିପରି ଭାବେ ପ୍ରଦୋଷ ସମୟ, ଯେତେବେଳେ ସୂର୍ଯ୍ୟ ଅସ୍ତ ହେଉଥାନ୍ତି, ଯେଉଁ ସମୟରେ କି ପ୍ରକୃତିର କ୍ରିୟାଶୀଳ ଶକ୍ତିରାଜି ନିଶ୍ଚଳତା ମଧ୍ୟକୁ ଅପସରି ଯାଉଥାନ୍ତି । ଏ କଥା ମଧ୍ୟ ସତ୍ୟ ଯେ, ଦିବସ ଓ ରାତ୍ରିର ମିଳନ ସମୟ, ମଧ୍ୟରାତ୍ରିର ମୁହୂର୍ତ୍ତ, ଧ୍ୟାନ ନିମନ୍ତେ ଅତ୍ୟନ୍ତ ଶକ୍ତିଶାଳୀ ମୁହୂର୍ତ୍ତ ଅଟେ । ଇହୁଦୀମାନଙ୍କର ଗୋଟିଏ ପରମ୍ପରା ଗତ ଉପଦେଶ ଅଟେ ଯେ, ଏହି ମୁହୂର୍ତ୍ତଟି ଗଭୀର ପ୍ରାର୍ଥନା ନିମନ୍ତେ ଅତ୍ୟନ୍ତ ଉପଯୋଗୀ ସମୟ ଅଟେ । ସେହିପରି ଭାବେ ମଧ୍ୟାହ୍ନ ସମୟ ମଧ୍ୟ ଧ୍ୟାନ ନିମନ୍ତେ ଅତ୍ୟନ୍ତ ସହାୟକ ଅଟେ । ଏପରି ନୁହେଁ ଯେ ଏହି ମୁହୂର୍ତ୍ତଗୁଡ଼ିକରେ ଜଣେ କେବଳ ଧ୍ୟାନ କରିବ କୌଣସି ଗୋଟିଏ ବିଶେଷ ମୁହୂର୍ତ୍ତରେ ଅଥବା ସବୁଗୁଡ଼ିକରେ । ଧ୍ୟାନ ପାଇଁ ସର୍ବପ୍ରଥମେ ଅପରିହାର୍ଯ୍ୟ ଆବଶ୍ୟକତା ହେଉଛି ମନକୁ ବିକ୍ଷିପ୍ତ ନକରି ସମ୍ପୂର୍ଣ୍ଣ ରୂପେ ଏକ ନିର୍ଦ୍ଦିଷ୍ଟ କେନ୍ଦ୍ର ଉପରେ ଧାରଣ ରଖିବା ।

ଧ୍ୟାନ ପାଇଁ ସର୍ବଶ୍ରେଷ୍ଠ ସମୟ ହେଉଛି ବ୍ରାହ୍ମ ମୁହୂର୍ତ୍ତ ବା ପ୍ରତ୍ୟୁଷ । ଅନେକ ସମୟରେ ଜଣେ ଜଣେ ଧ୍ୟାନକୁ ନେଇ ଅନେକ ଜ୍ଞାନଗର୍ଭକ ଉପଦେଶ ଦେଇଥାନ୍ତି । ତେବେ ମୂଳ ଆଉ ବାସ୍ତବ କଥା ହେଉଛି ଧ୍ୟାନଟା ଏତେ ସହଜ ନୁହେଁ ଯାହାକୁ ଅନେକ ସହଜ ବୋଲି ଭାବିଥାନ୍ତି । କାରଣ ଧ୍ୟାନରେ ବସିବା ପରେ ବା ଜଣେ ନିୟମିତ ଧ୍ୟାନ କରୁଥିବା ବ୍ୟକ୍ତି ସାଧାରଣ ଜୀବନ ଯାପନର ମଣିଷ ହୋଇପାରିନଥାନ୍ତି ।

ସେମାନଙ୍କ ବ୍ୟକ୍ତିତ୍ୱ ଆଧ୍ୟାତ୍ମିକ ସାଧନା ଅସାଧାରଣ ହୋଇଥାଏ । ଧ୍ୟାନ କରିବା ପାଇଁ ନିଶ୍ଚିନ୍ତ ଭାବେ ଜଣେ ମାର୍ଗଦର୍ଶକ ଆବଶ୍ୟକ ପଡ଼ିଥାନ୍ତି, ଯାହାଙ୍କ ତତ୍ତ୍ୱାବଧାନ ଏବଂ ଆଧ୍ୟାତ୍ମିକ ଦିଗଦର୍ଶନ ହିଁ ଧ୍ୟାନର ମୂଳ ଓ ମୁଖ୍ୟ ମାର୍ଗରେ ପହଞ୍ଚାଇ ପାରିବ । ଧ୍ୟାନର ପ୍ରଥମ ଓ ମୁଖ୍ୟ ଅବଲମ୍ବନ ହେଉଛି ମନକୁ ବିକ୍ଷିପ୍ତରୁ ବା ବିଚଳିତରୁ ମୁକ୍ତ ରଖି ଏକ ଦୃଢ଼ ଚିତ୍ତର ସହ ଏକ କେନ୍ଦ୍ର ଉପରେ ନିମଗ୍ନ ରଖିବା । ବିଚଳିତ ମନ, ଶାରୀରିକ ଅକ୍ଷମତା, ଆଳସ୍ୟ, ନିଶାଗ୍ରସ୍ତତା ବା କୋଳାହଳପୂର୍ଣ୍ଣ ପରିବେଶ ଏସବୁ ହେଉଛି ଧ୍ୟାନ ପାଇଁ ସମ୍ପୂର୍ଣ୍ଣ ପ୍ରତିକୂଳତା । ଜଣେ କ୍ଷୁଧାତୁର ଅବସ୍ଥାରେ ଧ୍ୟାନ କରିପାରିବ ନାହିଁ କିମ୍ବା ଜଣେ ଅତ୍ୟଧିକ ଭୋଜନ କରି ଧ୍ୟାନ ମଧ୍ୟ କରିପାରିବ ନାହିଁ । ଅନେକ କୁହନ୍ତି ଯେ ଧ୍ୟାନ ପାଇଁ ପାହାଡ଼, ପର୍ବତ, ନଦୀକୂଳ, ଘୋର ଅରଣ୍ୟ ଏସବୁ ସ୍ଥାନ ଆବଶ୍ୟକ । ଉତ୍ତର ହେଉଛି ଏହା ଆବଶ୍ୟକତା ହୋଇପାରେ କିନ୍ତୁ ଧ୍ୟାନ ପାଇଁ ଶ୍ରେଷ୍ଠ ସମୟ ହେଉଛି ବ୍ରାହ୍ମ ମୁହୂର୍ତ୍ତ । ଯେତେବେଳେ ସମ୍ପୂର୍ଣ୍ଣ ପରିବେଶ ଅତ୍ୟନ୍ତ ନିର୍ମଳ ଓ କୋଳାହଳ ଠାରୁ ଦୂରେଇବା ସହ ପ୍ରକୃତିର ଏକ ନୈସର୍ଗିକ ମୁହୂର୍ତ୍ତ ସୃଷ୍ଟି ହୋଇଥାଏ । ଜଣେ ରୁଗ୍‌ଣ ହୋଇଥିଲେ ବା ବିଚଳିତ ଅବସ୍ଥାରେ ଥିଲେ ସେ ଧ୍ୟାନର ଅ ଅକ୍ଷରକୁ ମଧ୍ୟ ବୁଝିବା ପାଇଁ ଅସମର୍ଥ ହୋଇଥାଏ ।

ଧ୍ୟାନ ପାଇଁ କୌଣସି ଅର୍ଥ ଆବଶ୍ୟକ ପଡ଼ିନଥାଏ । ଏହା ଏପରି ଏକ ସାଧନ ଜଣେ ବିନା ମୂଲ୍ୟରେ କେବଳ ନିଜ ଜୀବନକୁ ନୁହେଁ ନିଜ ପରିବାର ଓ ଆଖପାଖର ପରିଚିତ ଲୋକମାନଙ୍କୁ ଈଶ୍ୱରାଭିମୁଖୀ ଆନନ୍ଦ ପ୍ରାପ୍ତ ହେବା ପାଇଁ ପରିବେଶ ସୃଷ୍ଟି କରିଥାଏ । ଧ୍ୟାନ ପାଇଁ କୌଣସି ବଡ଼ ବଡ଼ ଶିକ୍ଷାକେନ୍ଦ୍ର ବା କୌଣସି ଆଡ଼ମ୍ବର ପଦାର୍ଥର ଆବଶ୍ୟକ ପଡ଼ିନଥାଏ । କେବଳ ଦୃଢ଼ ମାନସିକ ଇଚ୍ଛାଶକ୍ତି ଦ୍ୱାରା ଜଣେ ଏହାକୁ ସାଧନ କରିପାରେ । ଯାହାକି ଜଣଙ୍କ ବ୍ୟକ୍ତିତ୍ୱକୁ ଏପରି ସ୍ତରରେ ପହଞ୍ଚାଇଥାଏ ତାହା ଦିବ୍ୟାନନ୍ଦ ସଦୃଶ ।

ସବୁରି ମୂଳରେ ରହିଛି ଦୃଢ଼ ଇଚ୍ଛାଶକ୍ତି । ଜଣେ ଯେ କୌଣସି ମୁହୂର୍ତ୍ତଟିଏ ବାଛିଲେ ମଧ୍ୟ ସେ ସମୟରେ ଧ୍ୟାନ କରିପାରୁଥିବା ଉଚିତ । କିନ୍ତୁ ସେହିପରି କରିବା ନିମନ୍ତେ ସକ୍ଷମ ହେବାକୁ ହେଲେ ଜଣେ ଧ୍ୟାନର ଶୃଙ୍ଖଳାଟିକୁ ନିର୍ଦ୍ଦିଷ୍ଟ ସମୟରେ ପ୍ରତ୍ୟହ ଅନୁସରଣ କରୁଥିବା ଦରକାର । ଏହି ଅଭ୍ୟାସଟି କୌଣସି, କୌଣସି କ୍ଷେତ୍ରରେ ଜଣକ ମଧ୍ୟରେ ନିରନ୍ତର ଏକ ଧ୍ୟାନର ଅବସ୍ଥାକୁ ବହନ କରି ଚାଲିଥାଏ । ସେହି ସମୟରେ ନିୟମିତ ଧ୍ୟାନ ଆସନର ଆବଶ୍ୟକତା ପଡ଼ିନଥାଏ, ଯଦିଓ ଜଣେ ଏକାଗ୍ରତାର ମୁହୂର୍ତ୍ତ ପାଇଁ ସମୟ କାଢ଼ିବା ଆବଶ୍ୟକ, ନିଜର ସାଧନା ନିମନ୍ତେ ଅଥବା ଅନ୍ୟମାନଙ୍କର ପ୍ରଗତି ନିମନ୍ତେ ।

**ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,
ସେକ୍ଟର–୮, ସିଡିଏ, କଟକ**

# ଜ୍ଞାନର ପ୍ରଥମ ଶିକ୍ଷା

ବିଦେଶରେ ବିଭିନ୍ନ ଶାସ୍ତ୍ର ଅଧ୍ୟୟନ କରି ଜଣେ ଯୁବକ ନିଜ ଦେଶକୁ ଫେରିଲେ । ସମସ୍ତଙ୍କ ସମ୍ମୁଖରେ ନିଜକୁ ଗର୍ବିତ ଅନୁଭବ କରି ଶାସ୍ତ୍ର ଜ୍ଞାନ ବିଷୟରେ ପାଣ୍ଡିତ୍ୟ ପ୍ରଦର୍ଶନ କଲେ । ଏପରିକି ତାଙ୍କଠାରୁ ଅଧିକ ଜ୍ଞାନୀ ଓ ବିଦ୍ୱାନ କେହି ନାହାଁନ୍ତି ବୋଲି ପରିପ୍ରକାଶ କଲେ ! ଯିଏ ତାଙ୍କ ପାଖକୁ ଯିବେ ସେ ତାଙ୍କୁ ପଚାରନ୍ତି, ଏମିତି ବଡ଼ ପଣ୍ଡିତ

**ଅମୃତବାଣୀ**

କହାକୁ ଦେଖିଛନ୍ତି କି ? ଏହି କଥା ଜଣେ ସାଧୁଙ୍କ କାନରେ ପଡିଲା । ସେ ଧର୍ମ ଆଳରେ ତାଙ୍କ ପାଖକୁ ଗଲେ । ଯୁବକଟି ତାଙ୍କୁ ପଚାରିଲେ, 'ତୁମେ କିଏ' ?

ସାଧୁ ଜଣକ କହିଲେ – ମୁଁ ଜଣେ ନଗଣ୍ୟ ମନୁଷ୍ୟ, ଯାହାରକି ଦେହ ଓ ମନ ଉପରେ ସମ୍ପୂର୍ଣ୍ଣ କ୍ଷମତା ରହିଛି ! ଯୁବକ ସାଧକଙ୍କୁ କହିଲେ, 'ଭଲ ଭାବରେ ବୁଝାଅ, ମୁଁ କିଛି ବୁଝିପାରୁନାହିଁ । ସାଧୁ କହିଲେ, ଯେମିତି ଜଣେ କୁମ୍ଭାର ଘଡା ମାଠିଆ ଏବଂ ବିଭିନ୍ନ ପ୍ରକାର ପାତ୍ର ତିଆରି କରନ୍ତି । ଜଣେ ନାବିକ ଯେପରି ଡଙ୍ଗା ଚଳାନ୍ତି । ଜଣେ ତୀରନ୍ଦାଜ ଯେପରି ତୀର ଚଳାଇଥାନ୍ତି । ଜଣେ ଗାୟକ ଯେପରି ଗୀତ ଗାଇଥାନ୍ତି । ଜଣେ ବାଦ୍ୟବାଦକ ଯେପରି ବାଦ୍ୟଯନ୍ତ୍ର ବଜାନ୍ତି ଏବଂ ଜଣେ ପଣ୍ଡିତ ଯେପରି ବିତର୍କରେ ଅଂଶଗ୍ରହଣ କରନ୍ତି । ସେହିପରି ଜଣେ ଜ୍ଞାନୀ ବ୍ୟକ୍ତି ନିଜ ଉପରେ ନିର୍ଭର କରନ୍ତି । ନିଜ ଉପରେ ରାଜତ୍ୱ କରନ୍ତି । ଯୁବକ ପୁନର୍ବାର ପଚାରିଲେ, 'ଜଣେ ଜ୍ଞାନୀ ମନୁଷ୍ୟ ନିଜ ଉପରେ କିପରି ଶାସନ କରେ ?' ସାଧୁ ବୁଝାଇଲେ, ଲୋକମାନେ ପ୍ରଶଂସା କରନ୍ତୁ ବା ନିନ୍ଦା କରନ୍ତୁ, ଜ୍ଞାନୀ ମନୁଷ୍ୟର ମନ ସଦାସର୍ବଦା ଶାନ୍ତ ରହିଥାଏ । ତାଙ୍କର ମନ ସଦାଚାର, ଦୟା ଏବଂ ବିଶ୍ୱ ପ୍ରେମରେ



କେନ୍ଦ୍ରୀଭୂତ ହୋଇଥାଏ । ଏଥିପାଇଁ ତାଙ୍କୁ ପ୍ରଶଂସା କରିବା କିମ୍ବା ନିନ୍ଦା କରିବା, ତାଙ୍କ ଉପରେ କୌଣସି ପ୍ରଭାବ ପକାଇନଥାଏ । ଏହି କାରଣରୁ ତାଙ୍କର ମନ ସାଗରରେ ଶାନ୍ତିର ସ୍ରୋତ ପ୍ରବାହିତ ହେଉଅଛି । ଯେତେବେଳେ ସେହି ଯୁବକ ନିଜ ବିଷୟରେ ଚିନ୍ତାକଲେ , ସେତେବେଳେ ନିଜକୁ ଦୋଷୀ ଅନୁଭବ କଲେ । ସଙ୍ଗେ ସଙ୍ଗେ ସାଧୁଙ୍କ ଚରଣରେ ପଡ଼ି କହିଲେ, 'ପ୍ରଭୁ ! ଏପର୍ଯ୍ୟନ୍ତ ମୁଁ ଭୁଲ ଜ୍ଞାନ ପ୍ରାପ୍ତ କରିଥିଲି । ମୁଁ ନିଜକୁ ନିଜେ ଜ୍ଞାନୀ ଭାବୁଥିଲି । କିନ୍ତୁ ଆଜି ମୁଁ ଅନୁଭବ କରୁଛି, ମୋର ବହୁତ କିଛି ଶିଖିବାର ଅଛି । ସାଧୁ କହିଲେ, ହଁ... ତୁମେ ଆଜି ଜ୍ଞାନର ପ୍ରଥମ ଶିକ୍ଷା ବୁଝିପାରିଛ ! ମୋ ସହିତ ମଠକୁ ଆସ ଏବଂ ସେଠାରେ ପାଠ ପଢ଼ିବ । ବାସ୍ତବରେ, ମନ ସାଗରରେ ଯେତେବେଳେ ଶାନ୍ତିର ସ୍ରୋତ ପ୍ରବାହିତ ହେବ, ସେତେବେଳେ ମନରେ ଆଉ ଅହଂକାର ରହିବ ନାହିଁ । ନିଜେ ଜଣେ ଜିଜ୍ଞାସୁ ହେବାକୁ ଯତ୍ନବାନ୍ ହେବ... ।

**ଲଳିତ ମୋହନ ମିଶ୍ର,
ନୟାଗଡ଼, ମୋ–୯୪୩୭୯୮୫୮୬୬**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଯୋଡି...

ଯୁବଶକ୍ତିର ଉପଯୋଗ ପାଇଁ ରାଜ୍ୟରେ ସ୍ୱତନ୍ତ୍ର ଯୁବ ବଜେଟ ଅସିବ । ୨୦୨୪ ରୁ ୨୦୩୪ ଏହି ଦଶକ ହେବ ଯୁବଶକ୍ତି ପାଇଁ ସୁବର୍ଣ୍ଣ ଯୁଗ । ଯୁବ ବଜେଟରେ ଶିଳ୍ପ, ପୁଞ୍ଜି ବିନିଯୋଗ, ନିଯୁକ୍ତି ତଥା ଦକ୍ଷତା ବିକାଶ ଉପରେ ଫୋକସ ରହିବ ବୋଲି ସେ କହିଥିଲେ । ସେ ପୁଣି କହିଥିଲେ ଯେ ୨୦୨୪ ରୁ ୨୦୩୪ ହେବ ଓଡିଶାର ଦଶକ ଓ ଓଡିଶା ତାର କାମ ପାଇଁ ବିଶ୍ୱର ଦୃଷ୍ଟି ଆକର୍ଷଣ କରିବ । ୨୦୩୬ରେ ଯେତେବେଳେ ଓଡିଶା ଶହେ ବର୍ଷ ପୂରଣ କରିବ, ସେତେବେଳେ ଆମ ରାଜ୍ୟ ହେବ ଦେଶର ଏକ ନମ୍ବର ରାଜ୍ୟ ।

ବିରୋଧୀ ଦଳର ରାଜନୀତି ଉପରେ ମତଦେଇ ସେ କହିଥିଲେ ଯେ ବିକାଶ ଆମର ପରିଚୟ ହୋଇଥିବା ବେଳେ, ବିରୋଧୀ ଦଳ ଗୁଡିକ ସବୁବେଳେ ଅଯଥା ରାଜନୀତି କରୁଛନ୍ତି । ବିକାଶକୁ ବିରୋଧ କରୁଛନ୍ତି, ଅପପ୍ରଚାର କରୁଛନ୍ତି । ଓଡିଶାବାସୀ ସେମାନଙ୍କ ଅସଲ ରୂପକୁ ଲୋକ ଚିହ୍ନିଛନ୍ତି । ବିକାଶକୁ ବିରୋଧ କରି କେହି କେବେ ସଫଳ ହେବେ ନାହିଁ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେ ।

ଏହି ସଭାରେ ବିଜୁ ଜନତା ଦଳର ନେତା କାର୍ତ୍ତିକ ପାଣ୍ଡିଆନ ଜନସାଧାରଣଙ୍କୁ ଆହ୍ୱାନ ଦେଇ କହିଥିଲେ ଯେ ହିଞ୍ଜିଳି–ଶେରଗଡ ହେଉଛି ଦେଶର ଏକ ନମ୍ବର ନିର୍ବାଚନ ମଣ୍ଡଳୀ । ହିଞ୍ଜିଳି–ଶେରଗଡର ବିଧାୟକ ହେଉଛନ୍ତି ଦେଶର ଏକ ନମ୍ବର ବିଧାୟକଛ ମୁଖ୍ୟମନ୍ତ୍ରୀ ହେଉଛନ୍ତି ଦେଶର ଏକ ନମ୍ବର ମୁଖ୍ୟମନ୍ତ୍ରୀ । ତେଣୁ ଆପଣମାନେ ଦେଶର ଏକ ନମ୍ବର ମୁଖ୍ୟମନ୍ତ୍ରୀଙ୍କୁ ସର୍ବାଧିକ ଭୋଟ ବ୍ୟବଧାନରେ ଜିତାଇ ତାଙ୍କର ଏକ ନମ୍ବର ସ୍ଥାନ ବଜାୟ ରଖନ୍ତୁ ବୋଲି ସେ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ ।

ସାଂସଦ ପ୍ରାର୍ଥୀ ରଞ୍ଜିତା ସାହୁ, ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସାଂସଦ ପ୍ରମିଳା ବିଶୋଇ ପ୍ରମୁଖ ନିଜ ନିଜ ଅଭିଭାଷଣରେ ଜନସାଧାରଣଙ୍କୁ ବିଜୁ ଜନତା ଦଳକୁ ଜିତାଇବା ପାଇଁ ଅନୁରୋଧ କରିଥିଲେ ।

## ଇସିଙ୍କ...

ସ୍ଲିପ୍ ସହ ମେଳ କରିବାକୁ ଦାବି ହେଉଛି । ପ୍ରାରମ୍ଭିକ ଶୁଣାଣିରେ ଆବେଦନକାରୀ ଲୋକଙ୍କ ବିଶ୍ୱାସ କଥା ଉଲ୍ଲେଖ କରିବା ସହ ୟୁରୋପ ଦେଶ ସମୁହର ଉଦାହରଣ ଦେଇଥିଲେ । କିଭଳି ସେମାନେ ବାଲାଟରେ ଭୋଟ୍ ବ୍ୟବସ୍ଥାକୁ ଯାଇଛନ୍ତି । ତେବେ କୋର୍ଟ ସେତେବେଳେ ଏହି ତୁଳନା କରନାହିଁ ବୋଲି କହିଥିଲେ । ଇଭିଏମ୍ ହେଉଛି ଏକ ନିୟନ୍ତ୍ରଣ ଓ ବାଲାଟିଂ ୟୁନିଟି ଯାହା ଏକ କେବୁଲ ସାହାଯ୍ୟରେ ଯୋଡାଯାଇଛି । ଏହା ମଧ୍ୟ ଭିଭିପାଟ୍ ସହ ସଂଯୋଗ ହୋଇଛି ଓ ଏହି ମେସିନ୍‌ରେ ଭୋଟର ତା'ର ଭୋଟ୍ ଦେଖିବା ପାଇଁ ସକ୍ଷମ ହେଉଛି । ତେବେ କୋର୍ଟ ଆଜି ସକାଳୁ ଆରମ୍ଭ ହୋଇଥିବା ଏହି ଶୁଣାଣି ଉପରେ ମଧ୍ୟ ନିର୍ବାଚନ କମିଶନଙ୍କ ଠାରୁ କିଛି ସ୍ପଷ୍ଟୀକରଣ ଲୋଡିଛନ୍ତି । ନିର୍ବାଚନ କମିଶନ କହିଥିଲେ ଯେ ଏହି ସମସ୍ତ ୩ ୟୁନିଟି ମାଇକ୍ରୋ କଣ୍ଟ୍ରୋଲର ଦ୍ୱାରା ପରିଚାଳିତ । ଏହାକୁ ଥରେ ପ୍ରୋଗ୍ରାମିଂ କରାଯାଇପାରିବ । ତେବେ ଭୂଷଣ ଯୁକ୍ତି ବାଢ଼ିଥିଲେ ଯେ ମାଇକ୍ରୋ କଣ୍ଟ୍ରୋଲର୍ସରେ ଫ୍ଲାସ୍ ମେମୋରି ରହିଛି । ଯାହାକୁ ଆଉଥରେ ମଧ୍ୟ ପ୍ରୋଗ୍ରାମିଂ କରାଯାଇପାରିବ । କୋର୍ଟ କହିଥିଲେ ଯେ ନିର୍ବାଚନ କମିଶନଙ୍କ ବୈଷୟିକ ରିପୋର୍ଟ ଉପରେ ବିଶ୍ୱାସ କରିବା ଉଚିତ୍ । ସେମାନେ ଯେତେବେଳେ ଫ୍ଲାସ୍ ମୋମୋରି କଥା କହୁଛନ୍ତି ତାହା ଅତ୍ୟନ୍ତ କମ୍ । ଏଥିରେ ୧୦୨୪ ସିମ୍ବଲ ରହିପାରିବ । ସଫ୍ଟୱେୟାର ନୁହେଁ । ତେଣୁ ଏହା କୌଣସି ଦଳ ବା ଚିହ୍ନକୁ ସ୍ୱୀକୃତି ଦେଉନାହିଁ । କେବଳ ବଟମ୍ ଉପରେ ଗୁରୁତ୍ୱ ଦେଉଛି । ଫ୍ଲାସ୍ ମେମୋରିରେ ଅନ୍ୟକିଛି ପ୍ରୋଗ୍ରାମିଂ କରାଯାଇପାରିବ ବୋଲି ଶ୍ରୀ ଭୂଷଣ ସନ୍ଦେହ ପ୍ରକାଶ କରିଥିଲେ ।

## ୨୫୦୦୦ କୋଟି...

ନେତୃତ୍ୱାଧୀନ ଏନ୍‌ଡିଏରୁ ଲୋକସଭା ଲଢୁଛନ୍ତି । ତାଙ୍କ ବିରୋଧରେ ଶରଦ ପାୱାରଙ୍କ ଝିଅ ସୁପ୍ରିୟା ସୋଲେ ଅଛନ୍ତି । ସୁପ୍ରିୟାଙ୍କ ନଣଦ ହେଉଛନ୍ତି ସୁନେତ୍ର । ବିଜେପି ବାରମ୍ବାର କେନ୍ଦ୍ରୀୟ ସଂସ୍ଥା ଓ ପୋଲିସକୁ ଲଗାଇ ବିରୋଧୀ ନେତାଙ୍କୁ ଘେରୁଥିବା ନେଇ ବିରୋଧୀ ଦଳଗୁଡିକ ଅଭିଯୋଗ କରିଥିଲେ । ଯେତେବେଳେ ସେହି ନେତାମାନେ ବିଜେପିରେ ଯୋଗ ଦେଉଛନ୍ତି ତାଙ୍କୁ କ୍ଲିନ୍‌ଚିଟ୍ ମିଳୁଛି । ବିଜେପିକୁ ୱାସିଂ ମେସିନ୍ ବୋଲି ବିରୋଧୀ ଅଭିଯୋଗ କରିଛନ୍ତି । ଗତବର୍ଷ ଅଜିତ୍ ପାୱାର ବିଜେପି ଓ ଶିବସେନା (ଏକନାଥ ସିନ୍ଦେ ଗୋଷ୍ଠୀ) ସହ ଏନ୍‌ସିପିର କିଛି ବିଧାୟକଙ୍କୁ ନେଇ ସାମିଲ ହୋଇଥିଲେ । ଏହାପରେ ତାଙ୍କୁ ଉପମୁଖ୍ୟମନ୍ତ୍ରୀ ପଦ ମିଳିଥିଲା । ଆଜି ତାଙ୍କର ବ୍ୟାଙ୍କ ଦୁର୍ନୀତି ମାମଲାକୁ ଇଓଡବ୍ଲ୍ୟୁ ବନ୍ଦ କରିଛି ।

## ଦିନରେ...

୪୦.୫ଡିଗ୍ରୀ, ସୁନ୍ଦରଗଡ଼ର ୪୦.୧ଡିଗ୍ରୀ ଓ ଖୋର୍ଦ୍ଧାରେ ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି ।

ପ୍ରବଳ ଖରା ସାଙ୍ଗକୁ ଭୁବନେଶ୍ୱରରେ କାଳବୈଶାଖୀର ପ୍ରଭାବ ଦେଖାଯାଇଛି । ଅପରାହ୍ନ ୩ଟା ପରେ ଘୂର୍ଣ୍ଣି ଝଡ଼ ଦେଖାଯାଇଛି । ପାଗ ବଦଳିବାର ସହିତ କିଛି ସ୍ଥାନରେ ସାମାନ୍ୟ ବର୍ଷା ମଧ୍ୟ ହୋଇଛି । ରାଜ୍ୟରେ ଆଗାମୀ ୫ ଦିନ ଧରି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିବ । ବିଶେଷ କରି ୨୭ ଓ ୨୮ ତାରିଖରେ ସାରା ଓଡ଼ିଶା ଜଳିବ । ପାଣିପାଗ ବିଭାଗ ଏଥିପାଇଁ ରାଜ୍ୟରେ ସିଭିଅର ହିଟୱେଭ୍ ନେଇ ସତର୍କ ସୂଚନା ଜାରି କରିଛି । ଆଗାମୀ ତିନି ଦିନ ପ୍ରବଳ ହିଟ୍ ୱେଭ ନେଇ ସତର୍କତା ଜାରି କରିଛି ପାଣିପାଗ ବିଭାଗ ।

## କଟକ...

ବୁଝାଇଥିଲେ । ବିଧାୟକ ମହମ୍ମଦ ମୋକିମ ସେଠାରେ ଝିଅ ଉପସ୍ଥିତ ନଥିବାରୁ ତାର ବ୍ୟକ୍ତିଗତ ମତ କଣ ମୁଁ ଜାଣି ନାହିଁ ବୋଲି କହିଥିଲେ । ତେବେ ଶୁଭଚିନ୍ତକ ମାନେ ସୋଫିଆ ପ୍ରାର୍ଥୀ ହେଲେ ଆମେ ପୁଣି ଜିତିବାବୋଲି ଜିଦ୍ ଧରିଥିଲେ ।ଏପରିକି ସୋଫିଆ ଜଣେ ମହିଳା ଏବଂ ମୋକିମ ଫାଉଣ୍ଡେସନ ନାଁରେ ବହୁ ଜନହିତକର କାମ ସେ କଟକ ଅଞ୍ଚଳରେ କରିଥିବା କର୍ମୀମାନେ କହିଥିଲେ ।ଶେଷରେ ଉପରବେଳା ପୁନର୍ବାର କଂଗ୍ରେସ କର୍ମୀମାନେ ଆଉ ଏକ ବୈଠକ କରିଥିଲେ । ସମସ୍ତେ ସୋଫିଆଙ୍କୁ ନିର୍ବାଚନ ଲଢ଼ିବାକୁ ପ୍ରସ୍ତାବଦେଇ ଆସନ୍ତା କାଲିଠାରୁ ମୈଦାନକୁ ଓହ୍ଲାଇବାକୁ ଅନୁରୋଧ କରିଥିଲେ । ସୋଫିଆ ସେଠାରେ ଉପସ୍ଥିତ ରହିଥିଲେ ବି ନିଜର ମତକିଛି ରଖି ନଥିଲେ । ସୋଫିଆ ପ୍ରାର୍ଥୀ ହେବେ କି ନାହିଁ ତାହା ପିସିସି ସଭାପତି ଓ ଅଲ ଇଣ୍ଡିଆ କଂଗ୍ରେସ କମିଟି ନିଷ୍ପତି ନେବ ବୋଲି ବିଧାୟକ ମୋକିମ କହିଥିଲେ ।ତେବେ କଂଗ୍ରେସ ଦଳରୁ ସୋଫିଆ ଚଳିତ ନିର୍ବଚନରେ ପ୍ରାର୍ଥୀ ହେବାଯେ ଥୟ ଏଥିରେ ଦ୍ୱିମତ ହେବାର ନାହିଁ ।

## ଦ୍ୱିତୀୟ...

କେରଳରେ ୨୦ ଲୋକସଭା ନିର୍ବାଚନମଣ୍ଡଳିରୁ ୫୦୦ ନାମାଙ୍କନ ଦାଖଲ ହୋଇଥିଲା । ସେହିଭଳି କର୍ଣ୍ଣାଟକର ୧୪ ଆସନରୁ ୪୯୧ ନାମାଙ୍କନ ଦାଖଲ ହୋଇଛି । ସବୁଠୁ କମ୍ ତ୍ରିପୁରାର ଏକ ଲୋକସଭା ଆସନରୁ ୧୪ ନାମାଙ୍କନ ମିଳିଥିଲା । ମହାରାଷ୍ଟ୍ରରେ ସର୍ବାଧିକ ୯୨ ନାମାଙ୍କନ ଦାଖଲ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ୨୧ ରାଜ୍ୟର ୧୦୨ ଲୋକସଭା ଆସନ ଲାଗି ଭୋଟ୍ ଗ୍ରହଣ ହୋଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୋଦି କି ଗ୍ୟାରେଣ୍ଟି ନେଇ ପ୍ରଚାର କରୁଥିବାବେଳେ କଂଗ୍ରେସ ନ୍ୟାୟ ଗ୍ୟାରେଣ୍ଟି ଓ ବିଭିନ୍ନ ବର୍ଗଙ୍କ ପାଇଁ ନ୍ୟାୟ ଉପରେ ପ୍ରଚାର ଆରମ୍ଭ କରିଛି । ବିଜେପି ବିରୋଧୀ ମେଣ୍ଟକୁ ଦୁର୍ନୀତି, ପରିବାରବାଦ୍, ହିନ୍ଦୁତ୍ୱକୁ ଅପମାନ ଆଦି ପ୍ରସଙ୍ଗରେ ଘେରୁଥିବାବେଳେ ବିରୋଧୀ ମେଣ୍ଟ କେନ୍ଦ୍ରୀୟ ସଂସ୍ଥାର ଅପବ୍ୟବହାର, ମୁଦ୍ରାସ୍ଫିତି ଓ ବେରୋଜଗାରିକୁ ମୁଖ୍ୟ ପ୍ରସଙ୍ଗ କରିଛି । ଦ୍ୱିତୀୟ ପର୍ଯ୍ୟାୟରେ ୱେନାଡ୍‌ରେ ଭୋଟ୍ ହେବାକୁ ଥିବାରୁ କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ ବୋଲି କୁହାଯାଉଛି । ଏହାଛଡା ବରିଷ୍ଠ ନେତା ଶଶୀ ଥରୁର ଓ ରାଜୀବ ଚନ୍ଦ୍ରଶେଖରଙ୍କ ଭାଗ୍ୟ ନିର୍ଦ୍ଧାରଣ ହୋଇପାରେ ବୋଲି ଜଣାପଡିଛି ।

## ନିର୍ବାଚନ...

ମାନର । ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଅଛନ୍ତି । କିନ୍ତୁ ନିଜ ଗାଁରେ ଗୋଟିଏ ବି ସ୍ମାର୍ଟ କ୍ଲାସରୁମ୍ କରିବାରେ ବିଫଳ ହୋଇଛନ୍ତି । ଅନ୍ୟପଟେ ଓଡ଼ିଶା ସରକାର ରାଜ୍ୟରେ ୭୦୦୦ ସ୍କୁଲର ରୂପାନ୍ତରଣ କରିଛନ୍ତି ।

ନିଜ ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ଶ୍ରୀ ପ୍ରଧାନ ମିଛ ଅଭିଯୋଗ ଓ ସମ୍ବେଦନଶୀଳ ପ୍ରସଙ୍ଗକୁ ରାଜନୀତିକରଣ କରିବାରେ ମାହିର । ସେ ଶିଶୁଙ୍କ ଅପରାଧ ହେଉ ଅବା ମହିଳାଙ୍କ କ୍ଷେତ୍ରରେ ଘଟୁଥିବା ଅପରାଧ। ଏଭଳି ନେତାଙ୍କୁ ପ୍ରଶ୍ରୟ ଦେଉଥିବା ଦଳ ଅନ୍ୟଙ୍କୁ ଉପଦେଶ ଦେବାର କୌଣସି ନୈତିକତା ନାହିଁ । ଏଭଳି ଭିତିହୀନ ଏବଂ ମିଛ କହିବାକୁ ଅନେକ ବିରୋଧ କରିଥିବା କଥା ମୁଁ ଦଳରେ ଥିବା ସମୟରୁ ଜାଣିଥିଲି। ହେଲେ ସେତେବେଳେ ସେମାନେ ଚାପ ସୃଷ୍ଟି କରିବା ସହ କହୁଥିଲେ, ଆମେ ନିର୍ବାଚନ ହାରିବାକୁ ଯାଉଛୁ, ତେଣୁ ଏଭଳି କରିବାକୁ ହିଁ ପଡିବ।

ପୁଣି ଥରେ ଏହାକୁ ଦୋହରାଇବା କିଛି ଆଶ୍ଚର୍ଯ୍ୟର କଥା ନୁହେଁ କାରଣ ଓଡିଶା ବିଜେପି ଭଲ ଭାବେ ଜାଣିଛି, ୨୦୨୪ ନିର୍ବାଚନ ସେମାନେ ହାରିବାକୁ ଯାଉଛନ୍ତି। ଏଭଳି ମିଛ ଏବଂ ଭିତିହୀନ ଅଭିଯୋଗ ଆଣିବାର ଅଭ୍ୟାସ ପାଇଁ ହିଁ ଓଡିଶା ବିଜେପି ଓଡିଶାରେ ଆଗକୁ ବଢି ପାରୁନାହିଁ ବୋଲି ଡକ୍ଟର ସାମନ୍ତସିଂହାର କହିଛନ୍ତି ।

## ଆମେଥିରୁ...

କରୁଛନ୍ତି । ଏପରିକି ତାଙ୍କ ଭିଣୋଇ ରବର୍ଟ ଭଦ୍ରା ଆଶାୟୀ ହୋଇଥିବାରୁ ଏବେ ରାହୁଲ କରିବେ କ'ଣ ବୋଲି ତାଚ୍ଛଲ୍ୟ କରି କହିଛନ୍ତି ।

## କଂଗ୍ରେସ...

ଏକ ସାମ୍ବାଦିକ ସମ୍ମିଳନୀରେ ନିଜ ଇସ୍ତଫା ଦେଇ ଘୋଷଣା କରିଛନ୍ତି । ଇସ୍ତଫା ପତ୍ର ଜାତୀୟ କଂଗ୍ରେସ ସଭାପତି ଓ ରାଜ୍ୟ ପିସିସି ସଭାପତିଙ୍କୁ ପ୍ରେରଣ କରିଥିବା କହିଛନ୍ତି ଶ୍ରୀ ତ୍ରିପାଠୀ । ତାଙ୍କ ସହ ଲୋଇସିଂହା ନିର୍ବାଚନ ମଣ୍ଡଳୀର ବିଧାୟକ ପାର୍ଥୀ ଭାବରେ ଟିକେଟ ଆଶାୟୀ ଥିବା ଡ଼.ଅର୍ଜୁନ ମୁଗ୍ରୀ, କଂଗ୍ରେସ ନେତା ଗ୍ଲେଷ୍ଟନ ତାଣ୍ଡି ସହ ବହୁ ସମର୍ଥକ ଜିଲ୍ଲା ସାମ୍ବାଦିକ ସଂଘରେ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ କଂଗ୍ରେସ ଦଳକୁ ଛାଡ଼ିଥିବା ସୁଚନା ଦେଇଛନ୍ତି । ଏହା ଦ୍ୱାରା ବଲାଙ୍ଗିର ଜିଲ୍ଲାରେ କଂଗ୍ରେସ କ୍ଷତିଗସ୍ତ ହେବ ବୋଲି କଂଗ୍ରେସର କିଛି ସମର୍ଥକ ପ୍ରକାଶ କରିଛନ୍ତି । ଜଣେ ତୃଣମୂଳ ସଂଗଠକ ଓ ବଲାଙ୍ଗିର ସାଂସଦ କ୍ଷେତ୍ର ପାଇଁ ଆଶାୟୀ ଥିବା ବିଧୁଭୁଷଣ ଦୀର୍ଘ ୩ ଦଶନ୍ଧୀ ଧରି ଦଳ ପାଇଁ ଅନେକ କିଛି ତ୍ୟାଗ କରିଥିବା କୁହାଯାଉଛି ।

# ଚାକିରି କରେଇଦେବା ନାମରେ ୨ କୋଟି ଠକେଇ : ବ୍ୟବସାୟୀ ଗିରଫ

ସୋର,(ସବ୍ୟୁ) : ବିଭିନ୍ନ ପ୍ରକାର ଆଳ ଦେଖାଇ ଜଣେ ବ୍ୟବସାୟୀ ସୋର ଅଂଚଳର ବିଭିନ୍ନ କୋକଙ୍କଠାରୁ ଚାକିରି କରେଇ ଦେବା ନାମରେ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ଅଭିଯୋଗରେ ସୋର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ପୁଲିସ ପକ୍ଷରୁ ଏକ ପ୍ରେସ୍ ରିଲିଫ ମାଧ୍ୟମରେ ସୂଚନା ଦିଆଯାଇଛି। ସୂଚନା ଅନୁସାରେ ସୋର ଥାନା ମାଣତ୍ରୀ ପଂଚାୟତ ମାଣତ୍ରୀ ଗ୍ରାମର ରମେଶ ଚନ୍ଦ୍ର ପାଢ଼ୀ ଗତ ୨୦୧୯ ମସିହାରେ ସୋର ଥାନା ସାଜନପୁର ପଞ୍ଚାୟତ ଚପରପଦା ଗ୍ରାମର ସଞ୍ଜୟ କୁମାର ପଣ୍ଡା ଓ ତାଙ୍କର ୨୨ ଜଣ ସାଥୀଙ୍କୁ ବ୍ୟାଙ୍କରେ ଚାକିରି କରାଇଦେବାର ଆଳ ଦେଖାଇ ପ୍ରତ୍ୟେକଙ୍କ ଠାରୁ ୩ ଲକ୍ଷ ଲେଖାଏଁ ଟଙ୍କା ନେଇଥିଲେ। କିଛିଦିନ ପରେ ଚାକିରି ମିଳିବାର କୌଣସି ସୂଚନା ନମିଳିବାରୁ ଶ୍ରୀ ପଣ୍ଡା ଓ ତାଙ୍କର ସାଥୀମାନେ ରମେଶଙ୍କୁ ଧରିବାରୁ ସେ ହାଇକୋର୍ଟରେ ଦ୍ୱାରସ୍ଥ ହୋଇଥିଲେ। ପରେ ଏ ବାବଦରେ କୌଣସି ବିଜ୍ଞାପନ ଆସିନଥିବା ବ୍ୟାଙ୍କ ପକ୍ଷରୁ ସୂଚନା ପାଇବା ପରେ ଶ୍ରୀ ପଣ୍ଡାଙ୍କ ସମେତ ଅନ୍ୟ ସାଥୀମାନେ ଠକେଇର ଶିକାର ହୋଇଥିବା ଜାଣିପାରି ସୋର ଥାନାରେ ଦ୍ୱାରସ୍ତ ହୋଇଥିଲେ। ସେହିଭଳି ଭାବେ ସୋର ଅଞ୍ଚଳର ସୁଶାନ୍ତ କୁମାର ଦାସଙ୍କ ଠାରୁ ୨୦୧୫ ମସିହାରେ କିରୋସିନ ଡିଲରସିପ୍ କରାଇଦେବାର ଆଳ ଦେଖାଇ ୫୮ ଲକ୍ଷ ଟଙ୍କା ଠକିଥିବା ଶ୍ରୀ ଦାସ ଥାନାରେ ଦ୍ୱାରସ୍ତ ହୋଇଥିଲେ। ପରେ ପୁଲିସ ଅଭିଯୋଗ ମୂଳେ ୩୬୦/୨୪ ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହିତ ରମେଶଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ଗତକାଲି ବିଳମ୍ବିତ ରାତିରେ ପୁଲିସ ତାଙ୍କୁ ଭଦ୍ରକ ଅଂଚଳରୁ ଗିରଫ କରି ଆଜି ଅପରାହ୍ନରେ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ରମେଶଙ୍କ ନାମରେ ସୋର ଥାନାରେ ୯ ଟି ଓ କେଉଁଝର ଟାଉନ ଥାନାରେ ଗୋଟିଏ ଠକେଇ ମାମଲା ଥିବା ବାଲେଶ୍ୱର ଏସ୍‌ଡିପିଓ ଡ. ଶଶାଙ୍କ ଶେଖର ଦେଉରା ଏବଂ ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି।

# ଆସିଲା ବିଜେଡି ପ୍ରଚାର ଗାଡି



ଭୁବନେଶ୍ୱର, ୨୪।୪ (ସବ୍ୟୁ) : ୨୦୧୯ ନିର୍ବାଚନ ଭଳି ଏଥର ବି ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବସ୍ ଯୋଗେ ପ୍ରଚାର କରିବେ । ଏଥିପାଇଁ କିଛି ବଡ ବସ୍ ଓ ଛୋଟ ବସ୍ ଆଜି ନବୀନ ନିବାସ ଆସିଛି । ବସ୍‌ଗୁଡିକରେ ୭ ସିଟ୍ ରହିଛି । ଭିନ୍ନ ଭିନ୍ନ ରୁଟ୍‌ରେ ଭିନ୍ନ ଭିନ୍ନ ବସ୍‌ରେ ନବୀନ ପ୍ରଚାରକୁ ଯିବେ ବୋଲି ଦଳ ପକ୍ଷରୁ ସ୍ଥିର କରାଯାଇଛି ।

ଆଜି ହିଞ୍ଜିଳିରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେଡି ପାଇଁ ପ୍ରଚାର ଆରମ୍ଭ କରିଛନ୍ତି । ମେ' ୨୯ ତାରିଖ ମଧ୍ୟରେ ୨୧ ଲୋକସଭା ଆସନ ଓ ୧୪୭ ବିଧାନସଭା ନିର୍ବାଚନ ମଣ୍ଡଳିର ପ୍ରାୟ ୩୬ ସ୍ଥାନରେ ନବୀନ ପ୍ରଚାର କରିବେ । ସେହିଭଳି ଭିକେ ପାଣ୍ଡିଆନ ୧୦୨ ସ୍ଥାନରେ ସଭା କରିବେ ବୋଲି ସୂଚନା ମିଳିଛି । ଏଥର ପ୍ରଚାର ପୁଣି ବସ୍‌ରେ ହେବ ବୋଲି ଜଣାପଡିଛି ।

# ଲଙ୍କାପୋଡି ଯାତ୍ରା ୮ମ ଦିବସ : ପଞ୍ଚବଟିରୁ ସୀତା ହରଣ

ଦଶପଲ୍ଲା,(ସବ୍ୟୁ) : ଦଶପଲ୍ଲାର ଐତିହାସିକ ଲଙ୍କାପୋଡି ଯାତ୍ରାର ଅଷ୍ଟମ ଦିବସରେ ପଞ୍ଚବଟିରୁ ସୀତାହରଣ ନାଟକ ମଞ୍ଚସ୍ଥ ହୋଇଛି। ପୁରାଣ ଅନୁଯାଇ ରାମ,ଲକ୍ଷ୍ମଣ ,ସୀତା ଗୋଦାବରୀ ନଦୀ ତଟରେ ପଞ୍ଚବଟି ଅରଣ୍ୟରେ ବନବାସ ଜୀବନ ବିତାଉଥିଲେ । ସେଠାରେ ରାବଣ ଭଉଣୀ ଅସୁରି ସୁପଣଖା ସୁନ୍ଦରୀ ରପ ଧାରଣ କରି ରାମ,ଲକ୍ଷ୍ମଣ ଙ୍କୁ ଦେଖି ବିବାହ କରିବାକୁ ମନ କରେ ଛ ମାତ୍ର ଏହାକୁ ବିରୋଧ କରି ଶ୍ରୀରାମ ଙ୍କ ନିର୍ଦ୍ଦେଶ କ୍ରମେ ଲକ୍ଷ୍ମଣ ସୁପଣଖା ର ନାସା ଓ କର୍ଣ୍ଣ ଛେଦନ କରନ୍ତି ।ଏ କଥା ଜାଣିବାପରେ ସୁପଣଖାର ସମ୍ପର୍କୀୟ ଭାଇ ଅସୁର ଖର,ଦୁଷଣ,ତ୍ରିସରା ଶ୍ରୀରାମ ଓ ଲକ୍ଷ୍ମଣ ଙ୍କ ସହ ଯୁଦ୍ଧ କରି ପରାସ୍ତ ହୁଅନ୍ତି । ଶେଷରେ ଏହିକଥା ସୁପଣଖା ଯାଇ ରାବଣକୁ କହିବା ପରେ ରାବଣ ପଞ୍ଚବଟି ରୁ ସୀତାଙ୍କୁ ହରଣ କରିବା ପାଇଁ ମାରିଚ ଅସୁରକୁ ସ୍ୱର୍ଣ୍ଣ ହରିଣ ରୂପରେ ପଞ୍ଚବଟିକୁ ପଠାଏ । ଏହି ହରିଣ କୁ ଦେଖି ସୀତା ଏହାକୁ ଧରିବା ପାଇଁ ଶ୍ରୀରାମ ଙ୍କୁ କୁହନ୍ତି । ଶ୍ରୀରାମ ଏହି ମାୟା ହରିଣ କୁ ଧରିବା ପାଇଁ ଅରଣ୍ୟ ମଧ୍ୟକୁ ଚାଲି ଯାଆନ୍ତି ଓ ଶେଷରେ ଶ୍ରୀରାମ ମାୟାମୃଗ କୁ ବଦ୍ଧ କରନ୍ତି ଏବଂ ମାୟା ମୃଗ ମାରିଚ ମରିବା ପୂର୍ବରୁ ତ୍ରାହି ଲକ୍ଷ୍ମଣ,ତ୍ରାହି ଲକ୍ଷ୍ମଣ ଡାକ ଛାଡେ । ଏହି ଡାକ ଶୁଣି ଶ୍ରୀରାମ ବିପଦ ରେ ପଡିଥିବା ସନ୍ଦେହ କରି ସୀତା ଲକ୍ଷ୍ମଣ ଙ୍କୁ ବଣକୁ ପଠାନ୍ତି । ସୀତା ଙ୍କ କଥା ରକ୍ଷା କରି ତିନୋଟି ଲକ୍ଷ୍ମଣ ରେଖା ଟାଣି ବଣ କୁ ଚାଲି ଯାଆନ୍ତି । ଏ ସମୟ ରେ ଏହାର ସୁଯୋଗ ନେଇ ରାବଣ ମାୟା ରୁଷି ବେଶ ଧାରଣ କରି ସୀତାଙ୍କୁ ହରଣ କରି ପୁଷ୍ପକ ବିମାନ ରେ ନେଇଯାଏ । ମାତ୍ର ଅଧାବାଟରେ ପକ୍ଷୀରାଜ ଜଟାୟୁ ରାବଣ କୁ ଆକ୍ରମଣ କରି ପରାସ୍ତ ହୁଏ । ରାବଣ ସୀତାଙ୍କୁ ନେଇ ଲଙ୍କା ର ଅଶୋକ ବନ ରେ ରଖି ଅସୁରି ମାନଙ୍କୁ ଜଗାଏ ।ଏହିପରି ସୀତା ଚୋରି ନାଟକ ମୁଖ୍ୟ ମଞ୍ଚରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ମଞ୍ଚ ରେ ସୀତା ଙ୍କ ପୂର୍ଣ୍ଣ କୁଟୀର ଅତ୍ୟନ୍ତ ମନୋହର ଦୃଶ୍ୟ ଦେଖିବାକୁ ମିଳିଥିଲା ।ପରମ୍ପରା ଓ ବିଧି ମୁତାବକ ଦଶପଲ୍ଲା ରାଜ ଦାଣ୍ଡରେ ୩୫ ଫୁଟ ଉଚ୍ଚତା ବିଶିଷ୍ଟ କାଷ୍ଠ ନିର୍ମିତ ରାବଣ ଦଣ୍ଡାୟମାନ ହୁଏ । ଯାହାକୁ ଦେଖିବା ପାଇଁ ବହୁ ଜନସମାଗମ ହୋଇଥାଏ ।



# ଲୁଟିନେଲେ ୨୫ ଲକ୍ଷ ଟଙ୍କାର ତାର

ଖଇରା,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅଧୀନ କୋଚିଆକୋଇଲି ବିଦ୍ୟୁତ ଷ୍ଟ୍ରକଚର ନିକଟସ୍ଥ ଲେବର କ୍ୟାମ୍ପରେ ନୁତନ ପ୍ରକଳ୍ପ ନିର୍ମାଣ ପାଇଁ ରଖାଯାଇଥିବା ବିଦ୍ୟୁତ ତାର ବଣ୍ଡଲକୁ ଦୁର୍ବୃତ୍ତ ମାନେ ମଙ୍ଗଳବାର ରାତିରେ ଲୁଟି ନେଇଥିବା ନେଇ ଠିକା କମ୍ପାନୀର ଅଧିକାରୀ ଖଇରା ଥାନାରେ ଲିଖିତ ଅଭିଯୋଗ ହୋଇଛି । ଏବେ ଖଇରା ଠାରୁ ସାରୁଗାଁ ପର୍ଯ୍ୟନ୍ତ ନୂତନ ଭାବେ ୩୩କେଭି ଲାଇନର ନିର୍ମାଣ କାମ ଚାଲିଥିବା ବେଳେ ଏଥିପାଇଁ ତାର (୧୪୮ଏମ୍‌ଏମ୍ କୋସାଇଟ କଣ୍ଡକ୍ଟର ଡ୍ରମ) କୋଚିଆକୋଇଲି ଲେବର କ୍ୟାମ୍ପରେ ରଖାଯାଇଥିଲା । ମଙ୍ଗଳବାର ରାତିରେ ୫ଜଣ ଦୁର୍ବୃତ୍ତ କ୍ୟାମ୍ପରେ ଥିବା ଶ୍ରମିକ ମଙ୍ଗଲ ହେମ୍ବ୍ରମ୍ ଙ୍କ ମୁଣ୍ଡରେ ବନ୍ଧୁକ ଓ ଭୁଜାଲି ଲଗାଇ ପିକଅପରେ ଉକ୍ତ ତାର ବଣ୍ଡଲକୁ ନେଇ ପଳାଇଥିବା ନେଇ ଅଭିଯୋଗରେ ଉଲ୍ଲେଖ କରାଯାଇଛି । ଉକ୍ତ ତାରର ମୂଲ୍ୟ ୨୫ଲକ୍ଷ ହେବ ବୋଲି କୁହାଯାଉଛି । ଖଇରା ପୋଲିସ ସସି ଟିଭି ରୁ ଗାଡି ଚିହ୍ନଟ କରି ତଦନ୍ତ ଚଳାଇଥିବା ଜଣା ପଡିଛି ।

# ଗ୍ରୀଷ୍ମତାପରେ ଉପଭୋକ୍ତାଙ୍କୁ ସେବା ଯୋଗାଉଛନ୍ତି ଓଡ଼ିଶା ଡିସକମ୍‌ର ୨୫ ହଜାର ଲାଇନମ୍ୟାନ

ଭୁବନେଶ୍ୱର (ସବ୍ୟୁ) : ତାପମାତ୍ରା ବଢୁଥିବା ବେଳେ ଭାରତୀୟ ପାଣିପାଗ ବିଭାଗ ଭୁବନେଶ୍ୱରକୁଦେଶର ଉତ୍ପ ସହର ମଧ୍ୟରେ ସ୍ଥାନିତ କରିଛି। ଏଭଳି ସମୟରେ ଏସି ଓ କୁଲରର ଅତ୍ୟଧିକ ବ୍ୟାବହାର ଦ୍ୱାରାସମଗ୍ର ରାଜ୍ୟରେ ବିଦ୍ୟୁତ ଚାହିଦାରେ ଆହେତୁକ ବୃଦ୍ଧି ଘଟିଛି ।ବଢୁଥିବା ବିଦ୍ୟୁତ ଚାହିଦାକୁ ଦୃଷ୍ଟିରେ ରଖି ରାଜ୍ୟର ଶକ୍ତି କ୍ଷେତ୍ରର ଆଗଧାଡ଼ିର ହିରୋ, ଓଡ଼ିଶା ଡିସକମ୍‌ର ଉତ୍ସର୍ଗୀକୃତ ଲାଇନମ୍ୟାନମାନେ ନିରନ୍ତର କାର୍ଯ୍ୟ କରୁଛନ୍ତି। ରକ୍ଷଣାବେକ୍ଷଣ ଆବଶ୍ୟକଥିବା ସ୍ଥାନଗୁଡିକରେ ଶୀଘ୍ରପହଞ୍ଚି ରାଜ୍ୟକୁ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଡିସକମ୍ ର କର୍ମଚାରୀମାନେ, ବିଶେଷକର ଲାଇନମ୍ୟାନମାନେ ଦିନରାତି କାର୍ଯ୍ୟ କରୁଛନ୍ତି ।ଟିପି ସେଂଟ୍ରାଲ, ଟିପି ସଦର୍ଣ୍ଣ, ଟିପି ନର୍ଦନ ଓ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ ଡିସକମ୍ ସହିତ ଜଡିତ୨୫୦୦୦ ରୁ ଅଧିକ ଗ୍ରାଉଣ୍ଡ କର୍ମଚାରୀ ଓଡ଼ିଶାର ପ୍ରାୟ ୫ କୋଟି ଜନସଂଖ୍ୟାକୁ ଉମ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତକରୁଛନ୍ତି। ଶ୍ରମିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ସରକାର ମଧ ଦିନ ୧୧ ଟାରୁ ୩ ଟା ପର୍ଯ୍ୟନ୍ତ କାମକରିବା ଉପରେ ବାରଣ କରିଛନ୍ତି।ଅତ୍ୟଧିକ ତାପ ସତ୍ତ୍ୱେ ବଢୁଥିବା ବିଦ୍ୟୁତ୍ ଚାହିଦା କୁ ପୂରଣ କରିବାପାଇଁ ନିରନ୍ତର କାର୍ଯ୍ୟ କରୁଥିବା ଲାଇନମ୍ୟାନଙ୍କପ୍ରତି ଥିବା ବିପଦକୁଧ୍ୟାନରେ ରଖି ଓଡ଼ିଶା ଡିସକମ୍ ସେମାନଙ୍କ କଲ୍ୟାଣ ପାଇଁ ଅନେକ ସକ୍ରିୟ ପଦକ୍ଷେପ ଗ୍ରହଣକରିଛି । ଏଥିପାଇଁ ଡିସକମ୍ ଗୁଡିକ ପକ୍ଷରୁ ବିସ୍ତୃତ ତାଲିମ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ଯେଉଁଥିରେ 'ଟୁଲ୍ ବକ୍ସ ଟକ୍' ଅନ୍ତର୍ଭୁକ୍ତ। 'ଟୁଲ୍ ବକ୍ସ ଟକ୍' ରେ ସୁପରଭାଇଜରମାନେ ଖରା ପାଇଁ ବିଭିନ୍ନ ନିରାପା ବ୍ୟବସ୍ଥା ,ପ୍ରବଳ ତାତିରେ କାର୍ଯ୍ୟ କରିବା ସମୟରେ ବିପଦକୁ ହ୍ରାସ କରିବା ପାଇଁ ଆବଶ୍ୟକ ଜ୍ଞାନ ଏବଂ ଉପକରଣ ବିଷୟରେ ସୂଚନାଦେଇଥାନ୍ତି । ଏଥିସହିତ ଡିସକମ୍ ଗୁଡିକ ମଧ୍ୟ ନିରାପାକୁ ସୁନିଶ୍ଚିତ କରିବା ପାଇଁ ପୋଷ୍ଟର, ବ୍ୟାନର ଏବଂହ୍ୱାଟ୍ସଆପ୍ ବାର୍ତ୍ତା ମାଧ୍ୟମରେ ନିର୍ଦ୍ଦେଶାବଳୀ ଜାରି କରୁଛନ୍ତି ।ଏହି ଗ୍ରୀଷ୍ମ ନିରାପତ୍ତା ପ୍ରୟାସର ଏକ ଅଂଶ ଭାବରେ ଲାଇନମ୍ୟାନମାନଙ୍କୁ ଆବଶ୍ୟକୀୟ ସୁରକ୍ଷା ସାମଗ୍ରୀ ଯଥାକ୍ରମେ ହେଲମେଟ, ପାଣି ବୋତଲ, ଓଆରଏସ ପ୍ୟାକେଟ ଏବଂ ବ୍ୟକ୍ତିଗତ ସୁରକ୍ଷା ପାଇଁ ଫାଷ୍ଟ ଏଡ ସାମଗ୍ରୀ ଯୋଗାଇଦିଆଯାଇଛି । ପ୍ରବଳ ଖରାରେ ସେମାନଙ୍କୁ ଜରୁରୀକାଳୀନ ପରିସ୍ଥିତିରେ କାର୍ଯ୍ୟ କରିବାକୁ ପଡୁଥିବାରୁ ଅଂଶୁଘାତସମ୍ବନ୍ଧୀୟ ବିଶେଷ ପ୍ରଶିକ୍ଷଣ ଦିଆଯାଉଛି ଯାହା ସେମାନଙ୍କୁ ତାପ ସମ୍ବନ୍ଧୀୟ ଜରୁରୀକାଳୀନ ପରିସ୍ଥିତିକୁ ତୁରନ୍ତ ଚିହ୍ନିବା ଏବଂ ଆବଶ୍ୟକୀୟ ପଦକ୍ଷେପ ନେବାରେ ସାହାଯ୍ୟ କରିବ। ଓଡ଼ିଶା ଡିସକମଗୁଡିକର ଲାଇନମ୍ୟାନଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରତିବଦ୍ଧତା ଏଭଳି ଆହ୍ୱାନପୂର୍ଣ୍ଣ ସମୟରେ ଆଶାର ଏକଆଲୋକ ଭାବରେ କାର୍ଯ୍ୟ କରୁଛି । ସମସ୍ତ ସୁରକ୍ଷା ନିୟାମକ ପାଳନ କରି ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଲାଇନମ୍ୟାନ ମାନେ ସର୍ବଦା ପ୍ରତିବଦ୍ଧ।



**ପୂର୍ବ ତଟ ରେଳପଥ**

Tender Notice No.: MCSW-WM-PLANT-24-25-02, ତାରିଖ : 18.04.2024

କାର୍ଯ୍ୟର ନାମ : ମଞ୍ଚେଶ୍ୱର କ୍ୟାରେଜ ରିପେୟାର ୱାର୍କସପ୍ ଠାରେ ବ୍ୟାଚ୍ ପିଛା ୫୦୦ କେ.ଜି କ୍ଷମତା ବିଶିଷ୍ଟ ୱେଷ୍ଟ ମ୍ୟାନେଜମେଣ୍ଟ ପ୍ଲାଣ୍ଟର ପରିଚାଳନା ଏବଂ ବ୍ୟାପକ ରକ୍ଷଣାବେକ୍ଷଣର ବାର୍ଷିକ ଚୁକ୍ତି ।

ବିଜ୍ଞାପିତ ମୂଲ୍ୟ : ଟ.36,23,574/-EMD: ଟ.72,500/-

କାର୍ଯ୍ୟସମାପ୍ତିର ଅବଧି: 12 (ବାର) ମାସ

ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ :

ତା.10.05.2024 ରିଖ 1500 ଘଟିକାରେ

ଟେଣ୍ଡର କାଗଜାତର ସମସ୍ତ ବିବରଣୀ ୱେବ୍‌ସାଇଟ୍ : www.ireps.gov.in. ରେ ଉପଲବ୍ଧ ।

ଡେପୁଟି ସିଏମ୍‌ଇ (ପିଓଏଚ୍),
ମଞ୍ଚେଶ୍ୱର

PR-45/P/24-25

O-02

OFFICE OF THE SUPERINTENDING ENGINEER
RWS&S MECHANICAL DIVISION
D2/24 MANCHESWAR INDUSTRIAL ESTATE BHUBANESWAR
E-mail eemrwssbbsr9@gmail.com

Cancellation of 'e' Procurement Notice No. SEMBBSR/01(1) of 2024-25.

Due to some technical problem, the 'e' Procurement Notice No. SEMBBSR/01(1) of 2024-25 is hereby cancelled.

Sd/- Superintending Engineer
RWS&S Mechanical Division,
Bhubaneswar

OIPR : 25041/11/0003/2425

O-05

OFFICE OF THE SUPERINTENDING ENGINEER
RWS&S MECHANICAL DIVISION
D2/24 MANCHESWAR INDUSTRIAL ESTATE BHUBANESWAR
E-mail eemrwssbbsr9@gmail.com

Cancellation of 'e' Procurement Notice No. SEMBBSR/01(4) of 2024-25.

Due to some technical problem, the 'e' Procurement Notice No. SEMBBSR/01(4) of 2024-25 is hereby cancelled.

Sd/- Superintending Engineer
RWS&S Mechanical Division,
Bhubaneswar

OIPR : 25041/11/0005/2425

# ଭୁବନେଶ୍ୱର ଉତ୍ତରରେ ବିଜେପି ପ୍ରାର୍ଥୀଙ୍କ ପ୍ରଚାର

ଭୁବନେଶ୍ୱର (ସବ୍ୟୁ) : ୨୪ରିଖ ବୁଧ ବାର ଦିନ ଭୁବନେଶ୍ୱର –ଉତ୍ତର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୱାର୍ଡ ନମ୍ବର ୯ ସ୍ଥିତ ଗୁରୁ କେଳୁଚରଣ ପାର୍କ ରେ ପହଞ୍ଚି ପ୍ରାଥ ଭ୍ରମଣକାରୀ ସହ ଯୋଗ ଦାନ କରି ଥିଲେ । ପରବର୍ତୀ ସମୟରେ ନୀଳାଦ୍ରି ବିହାର ସେକ୍ଟର ୩ ଠାରେ ଶ୍ରମିକ ମାନଙ୍କ ସହ ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ବୁଝିବା ସହ ମୋଦି ଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରିଥିଲେ । ସଂଧ୍ୟା ସମୟରେ ୱାର୍ଡ ନମ୍ବର ୨ ଅନ୍ତର୍ଗତ ଶିଖରଚଣ୍ଡୀ ନଗର ଠାରେ ଆୟୋଜିତ ଏକ କର୍ମୀ ସମ୍ମିଳନୀରେ ଭୁବନେଶ୍ୱର ଉତ୍ତର ବିଧାୟକ ପ୍ରାର୍ଥୀ ପ୍ରିୟଦର୍ଶୀ ମିଶ୍ର ଯୋଗ ଦେବ। ଅବସରରେ ଉପସ୍ଥିତ ଜନତାଙ୍କୁ ୨୫ ବର୍ଷ ବିଫଳ ସରକାରଙ୍କ ବିଫଳତା ସହ ଜନବିରୋଧୀ ଜନସାଧାରଣଙ୍କୁ ଅବଗତ କରାଇଥିଲେ । ଏହି ଅବସରରେ ଶ୍ରୀ ମିଶ୍ର ଜନସାଧାରଣଙ୍କୁ ଆଶୀର୍ବାଦ ରୂପେ ଡବଲ ଇଂଜିନ ସରକାର ପାଇଁ ଦୁଇଟି ପଦ୍ମ ଫୁଲ ଚିହ୍ନରେ ମୋହର ମରିବା ପାଇଁ ନିବେଦନ କରିଥିଲେ ।



CAD-72

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.

ପତ୍ର ସଂଖ୍ୟା : ୯୭ **ବିଜ୍ଞାପନ** ତା : ୨୦.୦୪.୨୦୨୪

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ- ଏଲ.ଆଇ.ଜି-୧୬୭ (LIG-167), ଚୌଦ୍ୱାର, ଦ୍ୱିତୀୟ ପର୍ଯ୍ୟାୟ, କଟକ ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ କୈଳାଶ ଚନ୍ଦ୍ର ଦାଶ, ପିତା- ନିର୍ମଳ ଚନ୍ଦ୍ର ଦାଶ, ଗ୍ରା- ନୟନ ବିହାର, NV-60, ପାଣ୍ଡି (Pandri), ଥାନା/ଜିଲ୍ଲା- କେନ୍ଦ୍ରାପଡ଼ାଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ କୈଳାଶ ଚନ୍ଦ୍ର ଦାଶ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ସପା ସୋମେଶ୍ୱର ରାଓ, ପିତା- ସପା ଜଗନ୍ନାଥ ରାଓ, ପୋ/ଥାନା- ଚାରବାଟିଆ, ଜିଲ୍ଲା- କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ ଆପତ୍ତି ଥାଏ ତାହେଲେ ଏହି ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣଯୋଗ୍ୟ ନୁହେଁ ଏବଂ ଗୃହଟିର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR: 13030/11/0055/2425

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡ଼ଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।

## ବେଦାନ୍ତ ଆଲୁମିନିୟମର 'ଅଟୋଏଜ୍ କନକ୍ଲେଭ'




ଭୁବନେଶ୍ୱର,(ସବ୍ୟ): ଭାରତର ବୃହତ ଆଲୁମିନିୟମ ଉତ୍ପାଦକ ବେଦା' ଆଲୁମିନିୟମ ଅଟୋ ଦିବସ ଉପଲକ୍ଷେ ଅଟୋ ଏଜ ୨୦୨୪ ଆୟୋଜନ କରିଛି। ଏହି କାର୍ଯ୍ୟକ୍ରମରେ ବିଶେଷଜ୍ଞ ନେତୃତ୍ୱାଧିନ ଅଧିବେଶନ ପ୍ରଦର୍ଶିତ ହୋଇଥିଲ । ଓ ଅତ୍ୟାବଶ୍ୟକ ଉପାଦାନ ନିର୍ମାତାମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

ଆଲୁମିନିୟମ ହେଉଛି ଏକ ହାଲୁକା ଧାତୁ ଯାହା ଗୁଣବତା ସହ ଅଧିକ ଶକ୍ତି-ଓଜନ ଅନୁପାତ, ଉତ୍କୃଷ୍ଟ ବୈଦ୍ୟୁତିକ କଣ୍ଡକ୍ଟିଭ, ଉନ୍ନତ କ୍ଷୟ ପ୍ରତିରୋଧ ଓ ଅସୀମ ପୁନଃବ୍ୟବହାର ଯୋଗ୍ୟ ପଦାର୍ଥ । ଦ୍ରୁତ ଅଭିବୃଦ୍ଧିଶୀଳ ଅଟୋ ଉଦ୍ୟୋଗ ଲାଗି ଏହାର ଆବଶ୍ୟକତା ରହିଛି । ଆର୍ଥିକ ବର୍ଷ ୩୧ ସୁଦ୍ଧା ଭାରତର ଜିଡିପିର ପ୍ରାୟ ୩୧% ଯୋଗଦାନ କରିବା ବୋଲି ଆଶା କରାଯାଏ।

ଏହି କାର୍ଯ୍ୟକ୍ରମ ଉପରେ ମତ ଦେଇ ବେଦାନ୍ତ ଆଲୁମିନିୟମର ସିଇଓ ଜନ ସ୍ଲାଭେନ କହିଛନ୍ତି ଯେ ଆମେ ଅଟୋମୋବାଇଲ ଉଦ୍ୟୋଗରେ ଗ୍ରାହକଙ୍କୁ ସୁବିଧାଗୁଡ଼ିକର ଅପୂର୍ବ ମିଶ୍ରଣ ପ୍ରଦାନ କରୁ ଓ ବିଶ୍ୱସ୍ତରୀୟ ଜ୍ଞାନକୌଶଳ ସହ କଷ୍ଟୋମାଇଜଡ, ବ୍ୟବସାୟ କରିବାର ସହଜତା ଓ ନିର୍ଭରଯୋଗ୍ୟ ଯୋଗାଣ ଶୃଙ୍ଖଳା ତଥା ସ୍ଥାୟୀ ବ୍ୟବସାୟ ଲାଗି ଅଦ୍ୟମ ପ୍ରତିବଦ୍ଧତା ପ୍ରଦାନ କରିଥାଉ । ଯେଉଁ କାରଣରୁ ଆମେ ଅଟୋ ଉଦ୍ୟୋଗର ଆବଶ୍ୟକତା ପୂରଣ ପାଇଁ ସର୍ବଦା ଆଗରେ ରହିଛୁ ।

ଶ୍ରୀ ଭି.ପି. ସିଂ ବିଜନେସ ହେଡ, ୟୁନୋ ମିଣ୍ଡା ବେଦାନ୍ତର ଅଟୋ ମୋବାଇଲ କ୍ଷେତ୍ରର ବିକାଶ ପାଇଁ କିପରି ପ୍ରସ୍ତୁତ ରହିଛି ସେ ବିଷୟରେ କହିଥିଲେ ।

ଅଟୋ ଉଦ୍ୟୋଗ ଉପଯୋଗୀ ଅନେକ ସାମଗ୍ରୀ ବେଦାନ୍ତ ଦ୍ୱାରା ପ୍ରସ୍ତୁତ ହୋଇଥାଏ ଓ ସେବୁ ଗୁଡ଼ିକ ଉଚ୍ଚମାନର । ଏଥିମଧ୍ୟରୁ ସିଲିଣ୍ଡର ହେଡ ଓ ଆଲୋଏ ଚକ ବିକାଶ ଲାଗି ସ୍ୱତନ୍ତ୍ର ପ୍ରାଥମିକତା ଦିଆଯାଉଛି ।

## ଜମି ଦେବାକୁ କହି ୩ଲକ୍ଷ ଠକେଇ, ଠକ ଗିରଫ

ଭୁବନେଶ୍ୱର, (ସବ୍ୟ) : ଅଭିଯୋଗକାରୀ ବିଜ୍ଞାନ ଚୌଧୁରୀଙ୍କୁ ଜମି ବିକିବାକୁ କହି ୩ ଲକ୍ଷ ଟଙ୍କା ଠକିନେଇଥିବା ଠକ ଅଜୟ କୁମାର ଜଗଦେବ ଓରଫ କୋଲିଆ (୫୭)କୁ ଲକ୍ଷ୍ମୀସାଗର ଥାନା ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି ।

୫ବର୍ଷ ତଳେ ବିଜ୍ଞାନ ଅଜୟକୁ ଜମି କିଣିବା ପାଇଁ ୩ଲକ୍ଷ ଟଙ୍କା ଦେଇଥିଲେ ମଧ ଅଭିଯୁକ୍ତ ୨୦୨୪ ମସିହା ପର୍ଯ୍ୟନ୍ତ ତାଙ୍କ ନାଁରେ କୌଣସି ଜମି ରେଜିଷ୍ଟ୍ରି କରାଇ ନଥିଲେ । ଗତ ୨୩ ତାରିଖ ସକାଳେ ଅଭିଯୁକ୍ତ କିଛି ସହଯୋଗୀଙ୍କୁ ସାଙ୍ଗରେ ଧରି ଯେଉଁ ଜମି ବିଜ୍ଞାନକୁ ଦେବା ପାଇଁ ଦେଖାଇଥିଲେ ତା'ର ପାଚେରି ଭାଙ୍ଗି ଦେଇଥିଲେ । କେବଳ ପାଚେରି ଭାଙ୍ଗି ନଥିଲେ ସେଠାରେ ବାଲି ଗଦାଇ ଥିଲେ । ଏହା ଦେଖି ବିଜ୍ଞାନ ବିରୋଧ କରିବା ସହ ଥାନାରେ ଏତଲା କରିବି ବୋଲି କହିବାରୁ ତାକୁ ସେମାନେ ଗାଳି ଗୁଲଜ କରିଥିଲେ । ଏପରିକି ଜୀବନରୁ ମାରିଦେବା ଧମକ ମଧ ଦେଇଥିବା ବିଜ୍ଞାନ ଏତଲାରେ ଦର୍ଶାଇଛନ୍ତି । ଏତଲାକୁ ଭିତ୍ତି କରି ପୋଲିସ ଅଜୟ କୁମାର ଜଗଦେବକୁ ଗିରଫ କରିବା ପରେ ବୁଧବାର କୋର୍ଟଚାଲାଣ କରାଯାଇଥିଲା, ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ଅନୁଗୁଳରେ ପ୍ରଣବଙ୍କ ପ୍ରଚାର

# ବିଜେପି ସାଂସଦମାନେ ଲୋକଙ୍କ କଥା କହୁନାହାନ୍ତି : ପ୍ରଣବ ପ୍ରକାଶ



ଅନୁଗୁଳ,(ସବ୍ୟ): ସମ୍ବଲପୁର ସାଂସଦ ପ୍ରାର୍ଥୀ ତଥା ବିଜେଡି ସଂଗଠନ ସଂପାଦକ ପ୍ରଣବ ପ୍ରକାଶ ଦାସ ବୁଧବାର ଅନୁଗୁଳରେ ଦଳ ପାଇଁ ପ୍ରଚାର କରିଛନ୍ତି । ଏଥିରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପରୋକ୍ଷରେ ଟାର୍ଗେଟ୍ କରିବା ସହ ବିଜେଡିକୁ ଭୋଟ ଦେବା ପାଇଁ ନିବେଦନ କରିଥିଲେ । ସକାଳେ ଅନୁଗୁଳ ଜିଲ୍ଲା ତାଳଚେର ସ୍ଥିତ ହିଙ୍ଗୁଳା ମନ୍ଦିରରେ ପ୍ରଣବ ମା'ଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ ।

### ଜାତୀୟ ରାଜପଥ ଅବସ୍ଥା ପାଇଁ ଦାୟୀ କିଏ ଲୋକେ ପଚାରନ୍ତୁ

### ମୁଖ୍ୟମନ୍ତ୍ରୀଙ୍କ ଯୋଡ଼ିଶଙ୍ଖ ଆହ୍ୱାନକୁ ସଫଳ କରିବାକୁ ନିବେଦନ

ପରେ ସେ ଛେଣ୍ଡିପଦାରେ ପହଞ୍ଚିଥିଲେ । ଜଗନ୍ନାଥ ମନ୍ଦିରରେ ଠାକୁରଙ୍କୁ ଦର୍ଶନ କରିବା ପରେ ସମ୍ମୁଖରେ ଥିବା ପଡ଼ିଆରେ ସାଧାରେଣ ଲୋକଙ୍କୁ ଉଦ୍ବୋଧନ ଦେଇଥିଲେ । ସେ କହିଥିଲେ ଯେ, ଗତ ଥର ଲୋକମାନେ ବିଜେପି ସାଂସଦଙ୍କୁ ଜିତାଇଥିଲେ ବି ସମ୍ବଲପୁର ସାଂସଦଙ୍କୁ ଦେଖିବାକୁ ପାଇନାହାନ୍ତି । ବିଜେପି ସାଂସଦମାନେ ଓଡ଼ିଶାର ସ୍ୱର ଉଠାଇ ନାହାନ୍ତି । ଏପଟେ ଏହି ଜିଲ୍ଲାରୁ ଜଣେ ନେତା କେନ୍ଦ୍ରମନ୍ତ୍ରୀ ହୋଇଥିବା ବେଳେ ଜିଲ୍ଲାବାସୀ ୫୫ ନମ୍ବର ଜାତୀୟ ରାଜପଥରେ ନିତି ମରୁଛନ୍ତି । କେନ୍ଦ୍ର ସରକାର ପାଇଁ ଓଡ଼ିଶା କେବଳ ଏକ ବିନ୍ଦୁ । କିନ୍ତୁ ନବୀନ ସରକାର ପାଇଁ ଓଡ଼ିଶା ଓ ଓଡ଼ିଶାବାସୀ ମୁଖ୍ୟ । ଏଣୁ ଲୋକମାନେ କାହା ସପକ୍ଷରେ ଯିବେ ନିଜେଡ଼ ନିଷ୍ପତ୍ତି ନେବାର ସମୟ ଆସିଛି । ମୁଖ୍ୟମନ୍ତ୍ରୀ କହିଥିବା ଯୋଡ଼ି ଶଙ୍ଖ ଅନୁସାରେ ଲୋକେ ଏଥର ବିଜେଡିକୁ ଆଶୀର୍ବାଦ କରିବେ । ଓଡ଼ିଶାକୁ ୧ ନମ୍ବର କରିବା ପାଇଁ ମୁଖ୍ୟମନ୍ତ୍ରୀ ଦେଖିଥିବା ସ୍ୱପ୍ନକୁ ସାକାର ପାଇଁ ଲୋକେ ବିଜେଡିକୁ ବାଛିବେ ବୋଲି ପ୍ରଣବ କହିଥିଲେଛ

ଏହି ସଭାରେ ଛେଣ୍ଡିପଦା ବିଧାୟକ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସଂପର୍କରେ କହିଥିଲେ । ବିଜେଡି ସହ ପର୍ଯ୍ୟବେକ୍ଷକ କୁନ ବିହାରୀ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାନସଭା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ସଞ୍ଜୟ କୁମାର ଅଗ୍ରୱାଲ, ବିଜେଡି ନେତା ଭାଗୀରଥି ନେପୁ ଦାସ, ସହ ପର୍ଯ୍ୟବେକ୍ଷକ ରୋଶନା ସାହୁ, ବ୍ଲକ୍ ବିଜେଡି ସଭାପତି ଶରତ ଚନ୍ଦ୍ର ଗଡ଼ନାୟକ, ପଞ୍ଚାୟତ ସମିତି ଅଧକ୍ଷା ସୁମିତ୍ରା ସାହୁ, ଉପାଧକ୍ଷା ଝରଣା ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟା ଭାନୁପ୍ରିୟା ପ୍ରଧାନ, ସତ୍ୟବ୍ରତ ଦେହୁରୀ, ନଗେନ ପ୍ରଧାନ, ତୃପ୍ତିମଂଜରୀ ସାହୁଙ୍କ ସମେତ ବ୍ଲକ୍ର ବିଭିନ୍ନ ପଞ୍ଚାୟତର ପ୍ରାୟ ୧୫ ହଜାର କର୍ମୀ ଉପସ୍ଥିତ ଥିଲେ ।

## ପ୍ରଭାତ ଓ ସୌଭିକ୍ଙ୍କ ନେତୃତ୍ୱକୁ ଭରସା
## ବିଜେଡିରେ ମିଶିଲେ ବିଜେପି ନେତ୍ରୀ କବିତାଙ୍କ ସହ ଶତାଧିକ ମହିଳା

 କଟକ, (ସ୍ୱପ୍ର): ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଏବଂ ଚୌଦ୍ୱାର କଟକର ପୂର୍ବତନ ବିଧାୟକ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳ ଓ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ପ୍ରତି ଆକୃଷ୍ଟ ହୋଇ କଟକ ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ଉପସଭାପତି କବିତା ଦଳେଇ, ଜିଲ୍ଲା ଓବିସି ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ୱାଗତିକା ନାୟକ ଏବଂ ବିଜେପି ନେତ୍ରୀ ମିତା ସ୍ୱାଇଁଙ୍କ ସମେତ ଶତାଧିକ ମହିଳା କର୍ମୀ ବୁଧବାର ବିଧାୟକଙ୍କ ମହାନଦୀବିହାର ସ୍ଥିତ ବାସଭବନ ଠାରେ ବିଜେଡିରେ ଯୋଗଦାନ କରିଛନ୍ତି । ପୂର୍ବତନ ବିଧାୟକ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳ ସମସ୍ତଙ୍କୁ ପୁଷ୍ପଗୁଚ୍ଛ ଓ ଦଳୀୟ ଉତ୍ତରୀୟ ଦେଇ ବିଜେଡିକୁ ସ୍ୱାଗତ କରିଥିଲେ । ଏମାନଙ୍କ ମିଶ୍ରଣ ଯୋଗୁଁ ଦଳର ଶକ୍ତି ବୃଦ୍ଧି ହୋଇଛି ବୋଲି ୱାର୍ଡ କର୍ପୋରେଟର ଇଂ ସୁବ୍ରତ ଘଡାଇ ଓ ସମାଜସେବୀ ସଞ୍ଜୟ ଜେନା ପ୍ରକାଶ କରିଥିଲେ । ଦଳରେ ମିଶିବା ପରେ୍ଏହି ମହିଳାମାନଙ୍କୁ ବିଭିନ୍ନ ପଦ ପଦବୀ ପ୍ରଦାନ କରାଯାଇଛି । ବିଧାୟକ ସୌଭିକ ବିଶ୍ୱାଳଙ୍କ ସୁପାରିସ କ୍ରମେ ଏମାନଙ୍କୁ ବିଭିନ୍ନ ପଦପଦବୀ ପାଇଁ ମନୋନୀତ କରାଯାଇଛି । ଚୌଦ୍ୱାର କଟକ ମହିଳା ବିଜେଡି ସଭାନେତ୍ରୀ ସୌଭାଗିନୀ ଜେନା କବିତା ଦଳେଇଙ୍କୁ ବିଜୁ ମହିଳା ଜନତା ଦଳ ନଗର କମିଟିର ଉପସଭାପତି ଓ ସ୍ୱାଗତିକା ନାୟକଙ୍କୁ ସମ୍ପାଦିକା ଭାବେ ମନୋନୀତ କରିଥିବା ବେଳେ ମିତା ସ୍ୱାଇଁଙ୍କୁ ୪୭ନଂ ୱାର୍ଡର ସାଧାରଣ ସମ୍ପାଦିକା ଭାବେ ମନୋନୀତ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଧାୟକ ସୌଭିକ ବିଶ୍ୱାଳ, ପୂର୍ବତନ ବିଧାୟକ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ସମେତ ଦଳର ସମସ୍ତ ନେତୃମଣ୍ଡଳୀଙ୍କୁ ନବନିଯୁକ୍ତ କର୍ମୀମାନେ କୃତଜ୍ଞତା ଜଣାଇଛନ୍ତି । ଏହି ମିଶ୍ରଣ ପର୍ବରେ ବାବୁଲା କୁମାର ଦାସ, କାବୁଲା ଆଚାର୍ଯ୍ୟ, ବିଶ୍ୱଜିତ୍ ସାମଲ ଏବଂ ଅରୁଣ କୁମାର ରାଉତଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।



## ଗ୍ରୀଷ୍ମ ଋତୁରେ ଯାତ୍ରୀଙ୍କ ପାଇଁ
## ସୁଲଭ ମୂଲ୍ୟରେ ଖାଦ୍ୟ ପ୍ରଦାନ କରୁଛି ରେଳବାଇ

ଭୁବନେଶ୍ୱର,(ସବ୍ୟ): ବଜେଟ୍ ସଚେତନ ଯାତ୍ରୀଙ୍କ ପାଇଁ ଖୁସି ଖବର । ଭାରତୀୟ ରେଳବାଇ କ୍ୟାଟରିଂ ଆଣ୍ଡ ଟୁରିଜିମ୍ କର୍ପୋରେସନ୍ (ଆଇଆରସିଟିସି) ସହିତ ଭାରତୀୟ ରେଳବାଇ ଯାତ୍ରୀମାନଙ୍କୁ, ବିଶେଷକରି ଅଣସଂରକ୍ଷିତ କୋଚ୍ ରେ ଥିବା ଯାତ୍ରୀଙ୍କୁ ସୁଲଭ ମୂଲ୍ୟରେ ସ୍ୱଚ୍ଛ ଖାଦ୍ୟ ଏବଂ ଜଳଖିଆ ପ୍ରଦାନ କରିବା ପାଇଁ ଏକ ନୂତନ ପଦକ୍ଷେପ ଗ୍ରହଣ କରୁଛି । ଗ୍ରୀଷ୍ମ ଋତୁରେ ଯାତ୍ରୀଙ୍କ ଯାତାୟତ ବୃଦ୍ଧି ପାଇବ ବୋଲି ଏହି କାର୍ଯ୍ୟକ୍ରମ ଅନୁମାନ କରୁଛି । ଭାରତୀୟ ରେଳବାଇ ଅଣସଂରକ୍ଷିତ ବଗି (ଜେନେରାଲ କ୍ଲାସ କୋଚ୍)ରେ ଯାତ୍ରା କରୁଥିବା ଲୋକମାନେ ସମ୍ମୁଖୀନ ହେଉଥିବା ଆହ୍ୱାନକୁ ସ୍ୱୀକାର କରିଥାଏ, ଯେଉଁମାନଙ୍କ ପାଖରେ ସର୍ବଦା ସୁବିଧାଜନକ ଏବଂ ବଜେଟ୍ ଅନୁକୂଳ ଭୋଜନ ବିକଳ୍ପ ଉପଲବ୍ଧ ହୋଇନପାରେ । ଏହି ପଦକ୍ଷେପ ଦୁଇ ପ୍ରକାରର ଆଭିମୁଖ୍ୟ ପ୍ରଦାନ କରେ । ଇକୋନୋମି ମିଲ୍: ପକେଟ୍ ଫ୍ରେଣ୍ଡଲି ୨୦ ଟଙ୍କା ମୂଲ୍ୟର ଏହି ଖାଦ୍ୟ ଯାତ୍ରା ସମୟରେ ଯାତ୍ରୀଙ୍କ ପାଇଁ ଏକ ସନ୍ତୋଷଜନକ ଏବଂ ସୁଲଭ ବିକଳ୍ପ ପ୍ରଦାନ କରିଥାଏ । ସ୍ନାକ୍ସ ଭୋଜନ: ହାଲୁକା ଚାହୁଁଥିବା ଲୋକଙ୍କ ପାଇଁ ୫୦ ଟଙ୍କା ସ୍ନାକ୍ସ ଖାଦ୍ୟ ମଧ ଉପଲବ୍ଧ । ବର୍ତ୍ତମାନ ୧୦୦ରୁ ଅଧିକ ଷ୍ଟେସନ ଏବଂ ସମୁଦାୟ ୧୫୦ ଟି କାଉଣ୍ଟରରେ କାଉଣ୍ଟର କାର୍ଯ୍ୟକ୍ଷମ ହୋଇଛି । ନିକଟ ଭବିଷ୍ୟତରେ ଆହୁରି ଅଧିକ ଷ୍ଟେସନକୁ ଅନ୍ତର୍ଭୁକ୍ତ କରି ଏହି ପଦକ୍ଷେପ ଅଧିକ ଅଭିବୃଦ୍ଧି ପାଇଁ ଯୋଜନା କରାଯାଇଛି ।

## ରିଲାଏନ୍ସ ଜୁଏଲ୍ସ ପକ୍ଷରୁ ବିନ୍ଧ୍ୟ କଲେକ୍ସନର ଶୁଭାରମ୍ଭ




ଭୁବନେଶ୍ୱର,(ସବ୍ୟ) : ରିଲାଏନ୍ସ ଜୁଏଲ୍ସ ଚଳିତ ବର୍ଷ ଅକ୍ଷୟ ତୃତୀୟାରେ ବିନ୍ଧ୍ୟ କଲେକ୍ସନ ଶୁଭାରମ୍ଭ କରି ଅନନ୍ୟ ଏବଂ ଉତ୍କୃଷ୍ଟ ସଂଗ୍ରହ ସହିତ ପର୍ବ ପାଳନ କରିବାର ପରମ୍ପରା ଜାରି ରଖିଛି । ଏହାର ପ୍ରସିଦ୍ଧ 'ଜୁଏଲ୍ସ ଅଫ୍ ଇଣ୍ଡିଆ' କଲେକ୍ସନ ସିରିଜର ନବମ, ବିନ୍ଧ୍ୟ ମଧ୍ୟପ୍ରଦେଶର ସମୃଦ୍ଧ କଳାତ୍ମକ ପରମ୍ପରାରୁ ପ୍ରେରିତ । ଫ୍ୟାସନ ଆଇକନ୍ ତଥା ବଲିଉଡ୍ ଡିଭା ଦିଶା ପଟାନୀ ବାରଣାସୀର ରିଲାଏନ୍ସ ଜୁଏଲ୍ସ ଷ୍ଟୋରରେ ଏକ ସ୍ୱତନ୍ତ୍ର ଉତ୍ସବ କଲେକସନ ଉନ୍ମୋଚନ କରିଛନ୍ତି ।ରିଲାଏନ୍ସ ଜୁଏଲସର ସିଇଓ ସୁନୀଲ ନାୟକ କହିଛନ୍ତି, ଚଳିତ ଅକ୍ଷୟ ତୃତୀୟାରେ ବିନ୍ଧ୍ୟ କଲେକ୍ସନର ଉନ୍ମୋଚନ ଭାରତର ବିବିଧ ସାଂସ୍କୃତିକ ଐତିହ୍ୟକୁ ପାଳନ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି । ଅଭିନେତ୍ରୀ ଦିଶା ପଟାନୀ ରିଲାଏନ୍ସ ଜୁଏଲସର ବାରଣାସୀ ଷ୍ଟୋରରେ ଏହି କଲେକ୍ସନକୁ ଉନ୍ମୋଚନ କରିବା ଅବସରରେ ନିଜର ଉତ୍ସାହ ପ୍ରକାଶ କରିଛନ୍ତି ।

## ଜିଓଫିଜିକାଲ୍ ଅନୁସନ୍ଧାନ ନିମନ୍ତେ
## କାବିଲ୍ ଓ ସିଏସ୍ଆଇଆର-ଏନଜିଆରଆଇ ମଧ୍ୟରେ ଏମଓୟୁ



ଭୁବନେଶ୍ୱର,(ସବ୍ୟ): ଜିଓଫିଜିକାଲ୍ ଅନୁସନ୍ଧାନ କ୍ଷେତ୍ରରେ ଏକ ଦୀର୍ଘକାଳୀନ ସହଯୋଗ ତଥା କ୍ରିଟିକାଲମିନେରାଲ କ୍ଷେତ୍ରରେ ନିଜର ପ୍ରକଳ୍ପ ଗୁଡ଼ିକୁ ତ୍ୱରାନ୍ୱିତ କରିବା ନିମନ୍ତେ ଖଣିଜ ବିଦେଶ ଇଣ୍ଡିଆ ଲିମିଟେଡ୍ (କାବିଲ୍) ଓ ସିଏସ୍ଆଇଆର-ନ୍ୟାସନାଲ ଜିଓଫିଜିକାଲ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ (ଏନଜିଆରଆଇ) ମଧ୍ୟରେ ଏକ ଏମ୍ଓୟୁ ସ୍ୱାକ୍ଷରିତ ହୋଇଛି ।

ଏହି ଏମ୍ଓୟୁ ମାଧ୍ୟମରେ ଜିଓଫିଜିକାଲ୍, ଜିଓକେମିକାଲ୍ ଏବଂ ଜିଓଲୋଜିକାଲ ସର୍ଭେ, ତଥ୍ୟ ବିଶ୍ଳେଷଣ, ବ୍ୟାଖ୍ୟା ଓ ମଡେଲିଂ, ବୈଜ୍ଞାନିକ ଜ୍ଞାନ ଆଦାନ ପ୍ରଦାନ, ବୈଷୟିକ ସହାୟତା ଏବଂ ପରାମର୍ଶ ସେବା ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ । ଭୁବନେଶ୍ୱରସ୍ଥିତ ନାଲକୋ କର୍ପୋରେଟ କାର୍ଯ୍ୟାଳୟରେ ସିଏମଡି ନାଲକୋ ତଥା କାବିଲ୍ ଚେୟାରମ୍ୟାନ୍, ଶ୍ରୀ ଧରପାତ୍ରଙ୍କ ଉପସ୍ଥିତିରେ ନାଲକୋ ନିର୍ଦ୍ଦେଶକ(ବାଣିଜ୍ୟିକ) ତଥା କାବିଲ୍ ସିଇଓ, ସଦାଶିବ ସାମନ୍ତରାୟ ଏବଂ ସିଏସ୍ଆଇଆର-ଏନଜିଆରଆଇ ନିର୍ଦ୍ଦେଶକ ଡ.ପ୍ରକାଶ କୁମାରଙ୍କ ଦ୍ୱାରା ଏହି ଏମ୍ଓୟୁ ସ୍ୱାକ୍ଷରିତ ହୋଇଛି ।

ସିଏମଡି, ନାଲକୋ ତଥା ଚେୟାରମ୍ୟାନ କାବିଲ, ଶ୍ରୀଧରପାତ୍ର କହିଛନ୍ତି ଯେ,ଏହି ସହଯୋଗ ମାଧ୍ୟମରେ କାବିଲର ବିଭିନ୍ନ ପ୍ରକଳ୍ପ ନିମନ୍ତେ ନୂତନ ଉଦ୍ଭାବନ ଏବଂ କାର୍ଯ୍ୟକ୍ଷମ ଅନ୍ତର୍ଦୃଷ୍ଟି ନିମନ୍ତେ ଅନେକ ମାର୍ଗ ଉନ୍ମୁକ୍ତ ହେବ ।

## ବିଜେଡି ସରକାର ବିରୁଦ୍ଧରେ ବିଜେପିର ଚାର୍ଜସିଟ୍
## ଲାଇନଚ୍ୟୁତ ଓଡ଼ିଶା ଶାସନ ବ୍ୟବସ୍ଥା: ଭୂପେନ୍ଦ୍ର ଯାଦବ




ଭୁବନେଶ୍ୱର,(ସବ୍ୟ): ୨୫ବର୍ଷର ବିଜେଡି ଶାସନରେ କୃଷକ, ମହିଳା, ରୋଜଗାର, ଆଇନଶୃଙ୍ଖଳା, ସଂସ୍କୃତି ଓ ଗୌରବ ଆଦି କ୍ଷେତ୍ରରେ ଓଡିଶାର ଗ୍ରାଫ୍ ତଳକୁ ତଳ ଖସିଛି। ୨୫ବର୍ଷର ଅପାରଗ ରାଜ୍ୟ ସରକାରଙ୍କ ବିରୁଦ୍ଧ ଚାର୍ଜସିଟ୍ ଲୋକାର୍ପଣ କରିଛି ବିଜେପି ଏହି ଚାର୍ଜସିଟ୍ କାର୍ଯ୍ୟକ୍ରମର ଲୋକାର୍ପଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ। 'କେତେ ଦିନ ସହିବା, ପରିବର୍ତ୍ତନ ଆଣିବା' ନାଁରେ ବିଜେପି, ବିଜେଡି ସରକାର ବିରୋଧରେ ଚାର୍ଜସିଟ ଆଣିଛି। ପଂଚାୟତଠୁ ସଚିବାଳୟ ଯାଏଁ ବିଭିନ୍ନ ଦୁର୍ନୀତିକୁ ନେଇ ଏହି ଚାର୍ଜସିଟ୍ ଜାରି କରାଯାଇଛି। ଏହି ଚାର୍ଜସିଟିରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳକୁ ଗୁରୁତ୍ୱ ଦିଆଯାଇଛି। ସେହିପରି ଚିଟଫଣ୍ଡ ଦୁର୍ନୀତି ଓ ମହିଳା ବିରୋଧୀ ହିଂସାକୁ ନେଇ ବିଜେପି ବିଜୁ ଜନତା ଦଳକୁ ୨୫ଟି ପ୍ରଶ୍ନ କରିଛି । ଚାର୍ଜସିଟ୍ ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗ ଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ଭୂପେନ୍ଦ୍ର ଯାଦବ କହିଛନ୍ତି ଯେ, ୩୫ ପ୍ରତିଶତ ଚାଷ ଜମିକୁ ଜଳସେଚନ ଯୋଗାଇ ଦିଆଯିବ ବୋଲି ଶାସକ ବିଜେଡି ରାଜ୍ୟବାସୀଙ୍କୁ ବାରମ୍ବାର ପ୍ରତିଶୃତି ତାକୁ ପୁରଣ କରିବାରେ ବିଫଳ ହୋଇଛି । ରାଜ୍ୟର ୩୧୪ ବ୍ଲକରେ ଶୀତଳଭଣ୍ଡାର ଖୋଲିବାରେ ବିଫଳ ହୋଇଛି ବିଜେଡି ସରକାର । କୃଷକଙ୍କ ଉନ୍ନତୀ ପାଇଁ ନବୀନ ବାବୁ କାଳିଆ ଯୋଜନା କରିଥିଲେ, ହେଲେ ଗରିବ କୃଷକଙ୍କ ପାଖରେ ଏହାର ଲାଭକୁ ପହଂଚାଇବାରେ ବିଫଳ ହେଲେ । କୃଷକବିରୋଧୀ ନୀତି ନେଇ ବିଜେଡି ସରକାର ଚାଲିଛି । ମହିଳା ଅପରାଧରେ ଓଡ଼ିଶା ଢେର ଆଗରେ। ରାଜ୍ୟରେ ଲିଙ୍ଗଗତ ସମସ୍ୟା ବଢ଼ିଛି । ଓଡିଶାର ସଂସ୍କୃତିକୁ ଅନ୍ୟ ଦେଶମାନେ ଅନୁସରଣ କରୁଛନ୍ତି ହେଲେ ରାଜ୍ୟରେ ମହିଳାଙ୍କୁ ସୁରକ୍ଷା ଦେବାରେ ନବୀନ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ସାରା ଦେଶରେ 'ମୋଦି ଗ୍ୟାରେଂଟି'କୁ ନେଇ ଲୋକସଭା ନିର୍ବାଚନ ଲଢ଼ିବ ବିଜେପି। ଓଡ଼ିଶାରେ ଲୋକସଭା ଓ ବିଧାନସଭା ନିର୍ବାଚନ ଏକାସଙ୍ଗେ ହେଉଛି । ବିଜେପି ଆଗାମୀ ନିର୍ବାଚନରେ 'ଡବଲ ଇଞ୍ଜିନ ସରକାର' ଗଠନ ପାଇଁ ପ୍ରତିଶ୍ରୁତିବଦ୍ଧତାର ନିର୍ବାଚନ ଲଢ଼ିବ ବୋଲି ଶ୍ରୀ ଯାଦବ କହିଛନ୍ତି ।

ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି ଯେ ଏଠି ନାଁ ଅଛି ଗଣତନ୍ତ୍ର ନା ଅଛି ଶାସନତନ୍ତ୍ର । ପାଞ୍ଚ ପାଞ୍ଚ ଥର ଶାସନ କ୍ଷମତାରେ ବସାଇଥିବା ଓଡିଶାବାସୀଙ୍କୁ କେବଳ ପ୍ରତାରଣା ଦେଇଛି ବିଜେଡି । ରାଜ୍ୟ ସରକାରଙ୍କ ବିରୁଦ୍ଧରେ ଚାର୍ଜସିଟ୍ ଜରିଆରେ ସାଢ଼େ ଚାରିକୋଟି ଓଡ଼ିଆଙ୍କ ପାଖରେ ପହଂଚାଇବା ପାଇଁ ବିଜେପି ଚେଷ୍ଟା କରିଛି ବୋଲି ଚାର୍ଜସିଟ କମିଟିର ରାଜ୍ୟ ଆବାହକ ତଥା ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି ।

## ଶ୍ରୀଶ୍ରୀ ସୁଦର୍ଶନବଟ ମହାପୁରୁଷଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ



ଭୁବନେଶ୍ୱର, (ସବ୍ୟ) : ତିର୍ତ୍ତୋଲ ଥାନା ଅନ୍ତର୍ଗତ ଆମ୍ବେରୀ ପଞ୍ଚାୟତ କେଶରଡ଼ା ସ୍ଥିତ ଶ୍ରୀଶ୍ରୀ ସୁଦର୍ଶନବଟ ମହାପୁରୁଷଙ୍କ ପୀଠରେ ୬୬ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ୧୯ ତାରିଖରୁ ଆରମ୍ଭ ହୋଇ ୨୩ ତାରିଖ ଚୈତ୍ର ପୂର୍ଣ୍ଣମୀ ଦିନ ପୂର୍ଣ୍ଣାହୂତି ସମ୍ପନ୍ନ ହୋଇଛି । ଏଥିରେ ଅଷ୍ଟପ୍ରହର ନାମଯଜ୍ଞ ସହ ଲଉଡ଼ି ଖେଳ ଓ ଛୋଟ ଛୋଟ ପିଲାଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା । ବିଶେଷ ଆକର୍ଷଣ ଯାତ୍ରା କଳାକାର ଦୈତାରୀ ପଣ୍ଡା ଓ ବ୍ୟଙ୍ଗକବି ଜ୍ଞାନ ହୋତା ପ୍ରମୁଖ ଯୋଗଦେଇ ଭକ୍ତମାନଙ୍କୁ ଉତ୍ସାହିତ କରିଥିଲେ । ନୂତନ ଯଜ୍ଞ ମଣ୍ଡପ ପଦ୍ମଶ୍ରୀ ଶ୍ରୀମଦ୍ ବାବା ବଳିଆଙ୍କ କରକମଳରେ ରାମ ନବମୀ ଦିନ ଉଦ୍‌ଘାଟନ କରାଯାଇଥିଲା । ଏହି ମଣ୍ଡପଟି ସ୍ୱର୍ଗତା ସୁଲୋଚନା ମହାନ୍ତି ଓ ସ୍ୱର୍ଗତ ଗୌରାଙ୍ଗ ଚରଣ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ସୁଦର୍ଶନବଟ ମହାପୁରୁଷଙ୍କୁ ସମର୍ପଣ କରାଯାଇଥିଲା । କଟକର ଭକ୍ତି ପୁଷ୍ପାଞ୍ଜଳି ଭଜନ ସନ୍ଧ୍ୟା ଭଜନ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳରୁ ବହୁ ଭକ୍ତ ଯୋଗଦେଇ ପ୍ରସାଦ ସେବନ ସହ ସୁଦର୍ଶନବଟ ମହାପୁରୁଷଙ୍କ ଆଶୀର୍ବାଦ ଭିକ୍ଷା ଲାଭ କରିଥିଲେ । ଏଥିରେ ଅରିଲୋ, କେଶରଡ଼ା, ମର୍ଜିତା ଗ୍ରାମବାସୀବୃନ୍ଦ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ୨୬ ଲକ୍ଷ ଟଙ୍କା ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,(ସବ୍ୟ): ୨୬ଲକ୍ଷ ଟଙ୍କା ଠକିନେଇଥିବା ଜଣେ ଅଭିଯୁକ୍ତଙ୍କୁ ଇନ୍‌ଫୋସିଟି ଥାନା ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି । ଏତଲାକାରୀଠାରୁ ଜଣେ ମହିଳା ଓ ଅଭିଯୁକ୍ତ ମିଶି ଜମି କିଣାଇ ଦେବାକୁ କହି କିଛି ଟଙ୍କା ନେଇଥିବା ବେଳେ ଆଉ କିଛି ଟଙ୍କା ଦେହ ଖରାପ ବାହାନା କରି ନେଇଥିଲେ । ଟଙ୍କା ମାଗିବାରୁ ଅଭିଯୁକ୍ତ ଦେବାରେ ବିଳମ୍ବ କରିଥିଲା । ଏତଲାକାରୀ ବୁଝିନେଇଥିଲେ ଯେ, ସେମାନେ ତାଙ୍କୁ ଠକେଇ କରିଛନ୍ତି । ସେ ଉପାୟଶୂନ୍ୟ ହୋଇ ଇନ୍‌ଫୋସିଟି ଥାନାରେ ଏତଲା ଦାଏର କରିଥିଲେ ।

୨୦୨୩ ମସିହା ଜାନୁଆରୀ ୫ ତାରିଖରେ ଏତଲାକାରୀ ବ୍ୟକ୍ତିଙ୍କର ପୁଷ୍ପାଞ୍ଜଳି ମଲ୍ଲିକ ନାମକ ଜଣେ ମହିଳାଙ୍କ ସହ ପରିଚୟ ହୋଇଥିଲା । ସେ ନିଜକୁ ଏସିଆନ୍ ପବ୍ଲିକ୍ ସ୍କୁଲ ପରିଚାଳନା ନିର୍ଦ୍ଦେଶକ ଭାବରେ ପରିଚିତ କରାଇଥିଲେ । ଅଭିଯୋଗକାରୀଙ୍କ ପୁଅକୁ ସେହି ସ୍କୁଲରେ ଆଡମିସନ କରାଇବା ପାଇଁ ପୁଷ୍ପାଞ୍ଜଳି ପରାମର୍ଶ ଦେଇଥିଲେ । ସମୟ କ୍ରମେ ଉଭୟଙ୍କ ମଧ୍ୟରେ ସମ୍ପର୍କ ନିବିଡ ହୋଇଥିଲା । ଏହି ସୁଯୋଗରେ ପୁଷ୍ପାଞ୍ଜଳି ମଲ୍ଲିକ ସ୍କୁଲର ସେକ୍ରେଟାରୀ ପତିତପାବନ ମିଶ୍ରଙ୍କ ନାମରେ ପଟିଆରେ ଏକ ଜମି ଅଛି । ତାକୁ ସେ ବିକିବାକୁ ଚାହୁଁଛନ୍ତି ବୋଲି ଏତଲାକାରୀଙ୍କୁ କହିବା ସହ କିଣିବା ପାଇଁ ପ୍ରବର୍ତ୍ତାଇ ଥିଲା । ଏହାପରେ ପୁଷ୍ପାଞ୍ଜଳି ଓ ପତିତପାବନ ମିଶି ଏତଲାକରୀଙ୍କୁ ପଟିଆ ପ୍ଲଟ୍ର ଡକ୍ୟୁମେଣ୍ଟ କପି ଦେଇଥିଲେ । ୬ ମାସ ମଧ୍ୟରେ ଉକ୍ତ ଜମିର ପଞ୍ଜିକରଣ କାର୍ଯ୍ୟକାରୀ ହେବ ବୋଲି ଉଭୟଙ୍କ ମଧ୍ୟରେ ଚୁକ୍ତି ହୋଇଥିଲା । ଏତଲାକାରୀଙ୍କ ଠାରୁ ନଗଦ ଓ ଆକାଉଣ୍ଟ ପେ' ମାଧ୍ୟମରେ ୭ଲକ୍ଷ ଟଙ୍କା ନେଇଥିଲେ । ଯାହା ଫଳରେ ପୁଷ୍ପାଞ୍ଜଳି ଓ ପତିତପାବନ ଏତଲାକାରୀଙ୍କ ଘରକୁ ଆସି ପରିବାର ସଦସ୍ୟଙ୍କ ଦେହ ଖରାପ ଇତ୍ୟାଦି କହି ମେଡିକାଲ ଖର୍ଚ୍ଚ ବାବଦକୁ ଟଙ୍କା ଦେବାକୁ ଅନୁରୋଧ କରିଥିଲେ ।

ଉଭୟଙ୍କ ଉପରେ ବିଶ୍ୱାସ କରି ଏତଲାକାରୀ ୨୬ଲକ୍ଷ ଟଙ୍କା ପୁଷ୍ପାଞ୍ଜଳି ଓ ପତିତପାବନକୁ ଦେଇଥିଲେ । ପ୍ଲଟ୍ ବିକ୍ରି ପାଇଁ ଚୁକ୍ତି ହୋଇଥିବା ସମୟରେ ବିଳମ୍ବ ହେବା ପରେ ଏତଲାକାରୀଙ୍କ ସନ୍ଦେହ ହୋଇଥିଲା । ପ୍ଲଟ୍ ଡକ୍ୟୁମେଣ୍ଟକୁ ଓକିଲଙ୍କ ଜରିଆରେ ଯାଞ୍ଚ କରାଇବା ପରେ ତାହା ନକଲି ବୋଲି ଜଣାପଡିଥିଲା । ଏତଲାକାରୀ ଠକାମୀର ଶିକାର ହୋଇଥିବା ଜାଣିବା ପରେ ଇନ୍‌ଫୋସିଟି ଥାନାରେ ଏତଲା କରିଥିଲେ । ଏତଲାକୁ ଭିତ୍ତିକରି ପୋଲିସ ପତିତପାବନ ମିଶ୍ରଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି ।

## ମାହାଙ୍ଗାରେ କଂଗ୍ରେସର ମିଶ୍ରଣପର୍ବ: ବିଜେଡି ଛାଡିଲେ ବହୁକର୍ମୀ

ମାହାଙ୍ଗା ,(ସବ୍ୟ) :ସାଧାରଣ ନିର୍ବାଚନକୁ ନେଇ ମାହାଙ୍ଗାରେ ବିଭିନ୍ନ ରାଜନୈତିକ ଦଳ ନିଜର ରଣ କୌଶଳ ପ୍ରସ୍ତୁତ କରୁଥିଲା ବେଳେ ନବାଗତଙ୍କ ଉପରେ ଭୋଟର ଆସ୍ଥା ପ୍ରକଟ କରିପାରୁନାହାଁନ୍ତି । ଏବେ ସାଧାରଣରେ ପ୍ରଶ୍ନ ଉଠୁଛି ଯେ ମାହାଙ୍ଗାରେ କ'ଣ ବୁଦ୍ଧିଜୀବୀ ନଥିଲେ । ବାପ ପରେ ପୁଅକୁ ବିଜେଡି ସରକାର ଟିକେଟ ଦେବାକୁ ନେଇ ଏବେ ବିଜେଡି ମହଲରେ ଗୋଷ୍ଠୀ ବିବାଦ ସୃଷ୍ଟି ହୋଇଛି । ଗୋଟିଏ ଗୋଷ୍ଠୀ ନବୀନ ପଟ୍ଟନାୟକଙ୍କର ନିଷ୍ପତିକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହଁନ୍ତି । ଆଉ ଗୋଟିଏ ଗୋଷ୍ଠୀ ଦଳ ଭିତରେ ଥାଇ ଦଳ ବିରୋଧୀ ଭୂମିକା ଗ୍ରହଣ କରିବାକୁ ପଛାଉନାହାଁନ୍ତି । ବର୍ତ୍ତମାନ ସ୍ଥିତିରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଦଳ ତାହାର ସ୍ଥିତିକୁ ଦିନକୁ ଦିନ ମଜଭୁତ କରିବାରେ ଲାଗିଛି । ପ୍ରତିଦିନ ବିଭିନ୍ନ ପଂଚାୟତର ବହୁ ବିଜେଡି କର୍ମୀ କଂଗ୍ରେସରେ ଯୋଗଦେଉଛନ୍ତି । ମାହାଙ୍ଗା କଂଗ୍ରେସ ନେତା ଦେବେନ୍ଦ୍ର ସାହୁଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ମାହାଙ୍ଗା ନିର୍ବାଚନ ମଣ୍ଡଳୀର ବଡକ୍ଷୀର ଗ୍ରାମ ପଂଚାୟତର ଗୋପପୁର ଗ୍ରାମର ଅରକ୍ଷିଆଠାରେ ବହୁ ବିଜେଡି କର୍ମୀ କଂଗ୍ରେସରେ ବିଧିବଦ୍ଧ ଭାବେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମାହାଙ୍ଗା ବ୍ଲକ କଂଗ୍ରେସ କମିଟି ସଭାପତି ଅଲେଖ ପ୍ରସାଦ ସ୍ୱାଇଁ, ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସ କମିଟି ସଭାପତି ରମାକାନ୍ତ ବେହେରା, ଆଇନଜୀବୀ ପ୍ରବୀଣ କାନୁନଗୋ, ଭାସ୍କର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ତୃତୀୟ ପର୍ଯ୍ୟାୟରେ ଲଢ଼ିବେ ୧୩୫୧ ପ୍ରାର୍ଥୀ



ନୂଆଦିଲ୍ଲୀ : ଲୋକସଭା ନିର୍ବାଚନ ୨୦୨୪ର ତୃତୀୟ ପର୍ଯ୍ୟାୟ ନିମନ୍ତେ ୧୨ଟି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ୯୫ଟି ସଂସଦୀୟ କ୍ଷେତ୍ର ପାଇଁ ୨୯୬୩ ନାମାଙ୍କନପତ୍ର ଦାଖଲ ଲୋକସଭା ନିର୍ବାଚନ ୨୦୨୪ର ତୃତୀୟ ପର୍ଯ୍ୟାୟରେ ୧୨ଟି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରୁ ୧୩୫୧ ଜଣ ପ୍ରାର୍ଥୀ ନିର୍ବାଚନ ଲଢ଼ିବେ । ଏଥିରେ ମଧ୍ୟପ୍ରଦେଶର ୨୯-ବେତୁଲ (ଏସଟି) ସଂସଦୀୟ କ୍ଷେତ୍ରରେ ସ୍ଥଗିତ ନିର୍ବାଚନ ପାଇଁ ୮ ଜଣ ପ୍ରାର୍ଥୀ ରହିଛନ୍ତି । ସେହିପରି ଗୁଜରାଟର ସୁରତ ସଂସଦୀୟ କ୍ଷେତ୍ରରୁ ଜଣେ ପ୍ରାର୍ଥୀ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି । ସମସ୍ତ ୧୨ଟି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ୨୨ ଏପ୍ରିଲ, ୨୦୨୪ ଥିଲା । ଲୋକସଭା ନିର୍ବାଚନ ୨୦୨୪ର ତୃତୀୟ ପର୍ଯ୍ୟାୟରେ ୧୨ଟି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ୯୫ଟି ସଂସଦୀୟ କ୍ଷେତ୍ର (୨୯-ବେତୁଲକୁ ମିଶାଇ) ପାଇଁ ମୋଟ ୨୯୬୩ଟି ନାମାଙ୍କନପତ୍ର ଦାଖଲ କରାଯାଇଥିଲା । ସମସ୍ତ ୧୨ଟି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ନିମନ୍ତେ ତୃତୀୟ ପର୍ଯ୍ୟାୟ ପାଇଁ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ୧୯ ଏପ୍ରିଲ ୨୦୨୪ ଥିଲା । ଦାଖଲ ହୋଇଥିବା ସମସ୍ତ ନାମାଙ୍କନପତ୍ର ଯାଞ୍ଚ ପରେ ୧୫୬୩ଟି ନାମାଙ୍କନପତ୍ର ବୈଧ ବୋଲି ଜଣାପଡ଼ିଥିଲା । ତୃତୀୟ ପର୍ଯ୍ୟାୟରେ ଗୁଜରାଟର ୨୬ଟି ସଂସଦୀୟ ନିର୍ବାଚନମଣ୍ଡଳୀରୁ ସର୍ବାଧିକ ୬୫୮ଟି ନାମାଙ୍କନପତ୍ର ଦାଖଲ ହୋଇଛି । ମହାରାଷ୍ଟ୍ରର ୧୧ଟି ସଂସଦୀୟ କ୍ଷେତ୍ରରୁ ୫୧୯ଟି ନାମାଙ୍କନପତ୍ର ଦାଖଲ ହୋଇଥିବାବେଳେ ଏହି ରାଜ୍ୟର ୪୦-ଓସମାନାବାଦ ସଂସଦୀୟ ନିର୍ବାଚନମଣ୍ଡଳୀରେ ସର୍ବାଧିକ ୭୭ଟି ନାମାଙ୍କନପତ୍ର ଭରାଯାଇଛି । ଛତିଶଗଡ଼ର ୫-ବିଳାସପୁର ସଂସଦୀୟ ନିର୍ବାଚନମଣ୍ଡଳୀରେ ୬୮ଟି ନାମାଙ୍କନ ଫର୍ମ ଦାଖଲ କରାଯାଇଛି । ଲୋକସଭା ନିର୍ବାଚନ ୨୦୨୪ର ତୃତୀୟ ପର୍ଯ୍ୟାୟ ପାଇଁ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳଭିତ୍ତିକ ବିବରଣୀ:ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ତୃତୀୟ ପର୍ଯ୍ୟାୟରେ ସଂସଦୀୟ ନିର୍ବାଚନମଣ୍ଡଳୀ ସଂଖ୍ୟା ନାମାଙ୍କନ ଫର୍ମ ପ୍ରାପ୍ତ ହୋଇଛି ।

# ବଡ଼ ଆକାରରେ କ୍ଷମା ପ୍ରାର୍ଥନା କଲା ପତଞ୍ଜଳି





UNCONDITIONAL PUBLIC APOLOGY

In wake of on going matter before the Hon'ble Supreme Court of India (Writ Petition C. No. 645/2022), we in our individual capacity as well as on behalf of the Company, unconditionally apologise for the non-compliance or disobedience of directions/ orders of the Hon'ble Supreme Court of India.

We unconditionally extend the apology for holding meeting/press conference dated 22.11.2023. We earnestly apologize for the mistake made in publishing our advertisements and it is our whole-hearted commitment that such errors will not be repeated. We undertake to abide by directions and instructions of the Hon'ble Court with due care and utmost sincerity. We undertake to uphold the majesty of the court and comply with applicable laws and directions of the Hon'ble Court of law/relevant authorities.

Sincerely,

Patanjali Ayurved Limited,
Acharya Balkrishna,
Swami Ramdev,
Haridwar, Uttarakhand

ନୂଆଦିଲ୍ଲୀ : ବିଭ୍ରାନ୍ତିକର ବିଜ୍ଞାପନକୁ ନେଇ ପତଞ୍ଜଳି ତରଫରୁ ପ୍ରକାଶିତ କ୍ଷମା ପ୍ରାର୍ଥନା ବିଜ୍ଞାପନର ଆକାରକୁ ନେଇ ସୁପ୍ରିମକୋର୍ଟ ଗତକାଲି ଯୋଗଗୁରୁ ବାବା ରାମଦେବ ଓ ପତଞ୍ଜଳି ନିର୍ଦ୍ଦେଶକ ଆଚାର୍ଯ୍ୟ ବାଳକୃଷ୍ଣଙ୍କ ଉପରେ ବର୍ଷିଥିଲେ । ବିଜ୍ଞାପନର ଆକାର ଯେତିକି ବଡ଼ ଥିଲା କ୍ଷମା ପ୍ରାର୍ଥନାର ଆକାର ବି ସେତିକି ବଡ଼ କି ବୋଲି ଖଣ୍ଡପୀଠ ପଚାରିଥିଲେ । ଏହାପରେ ଆଜି ପତଞ୍ଜଳି ତରଫରୁ ବଡ଼ ଆକାରର କ୍ଷମା ପ୍ରାର୍ଥନା ବିଜ୍ଞାପନ ବିଭିନ୍ନ ଖବରକାଗଜରେ ପ୍ରକାଶିତ ହୋଇଛି ।

ଏହି କ୍ଷମା ପ୍ରାର୍ଥନା ବିଜ୍ଞାପନରେ ରାମଦେବ ଓ ଆଚାର୍ଯ୍ୟ ବାଳକୃଷ୍ଣ କହିଛନ୍ତି, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରିଥିବାରୁ ଆମେ ଆମ ବ୍ୟକ୍ତିଗତ ସ୍ତରରେ ତଥା ପତଞ୍ଜଳି ତରଫରୁ ନିସର୍ତ୍ତ କ୍ଷମା ପ୍ରାର୍ଥନା କରୁଛୁ । ବିଭ୍ରାନ୍ତିକର ବିଜ୍ଞାପନ ପ୍ରକାଶ କରି ଆମେ ଯେଉଁ ତ୍ରୁଟି କରିଛୁ, ଭବିଷ୍ୟତରେ କେବେ ବି ଏପରି ତ୍ରୁଟି ଆଉ ହେବନି ବୋଲି ଆମେ ପ୍ରତିଶ୍ରୁତି ଦେଉଛୁ । ବିଭ୍ରାନ୍ତିକର ବିଜ୍ଞାପନକୁ ନେଇ ମଙ୍ଗଳବାର ଯୋଗଗୁରୁ ବାବା ରାମଦେବ ଓ ପତଞ୍ଜଳି ନିର୍ଦ୍ଦେଶକ ଆଚାର୍ଯ୍ୟ ବାଳକୃଷ୍ଣ ସୁପ୍ରିମକୋର୍ଟରେ ହାଜର ହୋଇଥିଲେ । ତେବେ ଶୁଣାଣି ବେଳେ ସୁପ୍ରିମକୋର୍ଟ ଉଭୟଙ୍କ ଉପରେ ବର୍ଷିଥିଲେ । ପତଞ୍ଜଳି ବିଜ୍ଞାପନର ଆକାର ଯେତିକି ବଡ଼ ଥିଲା କ୍ଷମା ପ୍ରାର୍ଥନାର ଆକାର ସେତିକି ବଡ କି ବୋଲି ଅଦାଲତ ପ୍ରଶ୍ନ କରିଥିଲେ ।

ଜଷ୍ଟିସ୍ ହିମା କୋହଲି ଓ ଜଷ୍ଟିସ ଅମନାତୁଲ୍ଲାଙ୍କ ଖଣ୍ଡପୀଠ ପୂର୍ବ ଶୁଣାଣି ବେଳେ ବାବା ରାମଦେବ ଓ ବାଳକୃଷ୍ଣଙ୍କୁ ଏକ ସପ୍ତାହ ସମୟ ଦେଇଥିଲେ । ତେବେ ଡେଡ୍‌ଲାଇନ୍ ସରିବାର ଦିନକ ପୂର୍ବରୁ ପତଞ୍ଜଳି ତରଫରୁ କ୍ଷମା ପ୍ରାର୍ଥନା ପ୍ରକାଶିତ କରାଯିବାକୁ ନେଇ ସୁପ୍ରିମକୋର୍ଟ ଗତକାଲି ବର୍ଷିଥିଲେ । ଶୁଣାଣିର ଠିକ୍ ଦିନକ ପୂର୍ବରୁ କାହିଁକି କ୍ଷମା ପ୍ରାର୍ଥନା ପ୍ରକାଶିତ କରାଗଲା ବୋଲି କୋର୍ଟ ପ୍ରଶ୍ନ କରିଥିଲେ । ତାହାଛଡ଼ା ବିଜ୍ଞାପନର ଆକାର ଯେତିକି ବଡ଼ ଥିଲା କ୍ଷମା ପ୍ରାର୍ଥନାର ଆକାର ବି ସେତିକି ବଡ଼ କି ବୋଲି ଖଣ୍ଡପୀଠ ପଚାରିଥିଲେ । ଏହାର ଉତ୍ତରରେ ପତଞ୍ଜଳି ପକ୍ଷରୁ ସୁପ୍ରିମକୋର୍ଟରେ କୁହାଯାଇଥିଲା ଯେ, ୬୭ଟି ଖବରକାଗଜରେ କ୍ଷମା ମଗାଯାଇଛି । ବିଜ୍ଞାପନଗୁଡ଼ିକର ମୂଲ୍ୟ ୧୦ ଲକ୍ଷ ଟଙ୍କା । ଏଥିରେ ଅଦାଲତଙ୍କ ନିର୍ଦ୍ଦେଶ ପରେ ବି ସାମ୍ବାଦିକ ସମ୍ମିଳନୀ କରିବା ଓ ବିଜ୍ଞାପନରେ ଭୁଲ୍ ଦାବି କରିବାକୁ ନେଇ ପତଞ୍ଜଳି କ୍ଷମା ମାଗିଛି । ପତଞ୍ଜଳି ଆୟୁର୍ବେଦ ସୁପ୍ରିମକୋର୍ଟର ଗାରିମାକୁ ସମ୍ମାନ କରେ । ଭବିଷ୍ୟତରେ ଏଭଳି ଭୁଲ୍ ଆଉ ହେବନାହିଁ ବୋଲି ପତଞ୍ଜଳି ତରଫରୁ ପ୍ରକାଶିତ କ୍ଷମା ପ୍ରାର୍ଥନାରେ କୁହାଯାଇଥିଲା । ତେବେ ଏହି କ୍ଷମା ପ୍ରାର୍ଥନାକୁ ସୁପ୍ରିମକୋର୍ଟ ଗ୍ରହଣ କରି ନଥିଲା । ପତଞ୍ଜଳି କ୍ଷମା ପ୍ରାର୍ଥନାର ବିଜ୍ଞାପନକୁ ପୁଣି ଥରେ ବଡ ସାଇଜ୍ ଆକାରରେ ଜାରି କରିବାକୁ କୋର୍ଟ ରାମଦେବଙ୍କୁ ଗତକାଲି ନିର୍ଦ୍ଦେଶ ଦେଇଥିଲେ । ଏହାପରେ ପତଞ୍ଜଳି ତରଫରୁ ଆଜି ବିଭିନ୍ନ ଖବର କାଗଜରେ ବଡ଼ ଆକାରର କ୍ଷମା ପ୍ରାର୍ଥନା କରାଯାଇଛି । ଏହା ସହିତ କୋର୍ଟ ରାମଦେବ ଏବଂ ବାଳକୃଷ୍ଣଙ୍କୁ ଏପ୍ରିଲ ୩୦ରେ ପୁନର୍ବାର ହାଜର ହେବାକୁ କହିଛନ୍ତି ।

# ମେକ୍ ଇନ୍ ଇଣ୍ଡିଆ ମାଧ୍ୟମରେ କ୍ଷେପଣାସ୍ତ୍ର ନିର୍ମାଣ କରୁଛି ଭାରତ




ନୂଆଦିଲ୍ଲୀ : ଆମ ଦେଶ ନିଜର ସାମରିକ ସାମର୍ଥ୍ୟକୁ ମଜବୁତ କରିବାରେ ଲାଗିଛି ଏବଂ ନୂତନ ନୂତନ କ୍ଷେପଣାସ୍ତ୍ର ପରୀକ୍ଷା କରୁଛି । ଭାରତୀୟ ବାୟୁସେନା ବର୍ତ୍ତମାନ ଏକ ଅନନ୍ୟ କ୍ଷମତା ପ୍ରଦାନ କରୁଥିବାରୁ ମେକ୍ ଇନ୍ ଇଣ୍ଡିଆ ମାଧ୍ୟମରେ ବହୁ ସଂଖ୍ୟକ ଇସ୍ରାଏଲ୍ କ୍ଷେପଣାସ୍ତ୍ର ନିର୍ମାଣ କରିବାକୁ ଯୋଜନା କରୁଛି ।

ଭାରତ କ୍ରମାଗତ ଭାବରେ ନିଜର କ୍ଷେପଣାସ୍ତ୍ର ଶକ୍ତି ବୃଦ୍ଧି କରି ଚାଲିଛି । ଦେଶ ନିଜର ସାମରିକ ସାମର୍ଥ୍ୟକୁ ମଜବୁତ କରୁଛି ଏବଂ ନୂତନ କ୍ଷେପଣାସ୍ତ୍ର ପରୀକ୍ଷା କରୁଛି । ଏହି ସମୟରେ ଦେଶ ସଫଳତାର ସହ ଅନ୍ୟ ଏକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ରର ଏକ ନୂତନ ସଂସ୍କରଣ ଉତ୍କ୍ଷେପଣ କରିଛି । ଏହି କ୍ଷେପଣାସ୍ତ୍ର ୨୫୦ କିଲୋମିଟରରୁ ଅଧିକ ଦୂରତାରେ ଟାର୍ଗେଟକୁ ଭେଦ କରିବାର କ୍ଷମତା ରଖିଛି । ମଙ୍ଗଳବାର କ୍ଷେପଣାସ୍ତ୍ର ଉତ୍କ୍ଷେପଣରେ ଏହା ଏହାର ସମସ୍ତ ମାନ୍ୟତା ପୂରଣ କରିପାରିଛି ।

ଭାରତୀୟ ବାୟୁସେନା ଦ୍ୱାରା ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ପରୀକ୍ଷିତ ଏହି କ୍ଷେପଣାସ୍ତ୍ର ହେଉଛି ଇସ୍ରାଏଲର ମୂଳ କ୍ରିଷ୍ଟାଲ ମ୍ୟାଜେ ୨, ଏହା ଆକାଶମାର୍ଗରୁ ନିକ୍ଷେପଣ କରାଯାଇ ପାରୁଥିବା ଏକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର । ଏହା ରକ୍ସ ଭାବରେ ମଧ ଜଣାଶୁଣା । ଆଣ୍ଡାମାନ ଓ ନିକୋବରରେ ଏହାର ଆହୁରି ପରୀକ୍ଷା ଫାୟାରିଂ ପାଇଁ ପ୍ରସ୍ତୁତି ଚାଲିଛି । କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ଭାରତୀୟ ବାୟୁସେନା ବର୍ତ୍ତମାନ ଏକ ଅନନ୍ୟ କ୍ଷମତା ପ୍ରଦାନ କରୁଥିବା ମେକ୍ ଇନ୍ ଇଣ୍ଡିଆ ମାଧ୍ୟମରେ ବହୁ ସଂଖ୍ୟକ ଇସ୍ରାଏଲ୍ କ୍ଷେପଣାସ୍ତ୍ର ହାସଲ କରିବାକୁ ଯୋଜନା କରୁଛି ।

ଏହି କ୍ଷେପଣାସ୍ତ୍ରକୁ ଭାରତୀୟ ବାୟୁସେନା ଦ୍ୱାରା ସୁ-୩୦ ଯୁଦ୍ଧ ବିମାନରୁ ନିକ୍ଷେପ କରାଯାଇଥିଲା । ଏହି କ୍ଷେପଣାସ୍ତ୍ର ଉପରକୁ ଯାଏ ଏବଂ ତା'ପରେ ଅତି ତୀବ୍ର ବେଗରେ ଏହାର ଲକ୍ଷ୍ୟ ଆଡକୁ ଗତି କରିଥାଏ । ମଙ୍ଗଳବାର ଦିନ କ୍ଷେପଣାସ୍ତ୍ର ଉତ୍କ୍ଷେପଣରେ ଏହା ଏହାର ସମସ୍ତ ମାନ୍ୟତା ପୂରଣ କରିଛି । ଅତୀତରେ ମଧ ଭାରତ ଅନେକ ଉନ୍ନତ କ୍ଷେପଣାସ୍ତ୍ରକୁ ସଫଳତାର ସହ ପରୀକ୍ଷଣ କରିଛି । ଅକାଶମାର୍ଗରୁ ନିକ୍ଷେପଣ କ୍ରିଷ୍ଟାଲ୍ ମ୍ୟାଜ୍-୨ ହେଉଛି ଏକ ବିସ୍ତାରିତ ଷ୍ଟାଣ୍ଡ ଅଫ୍ ରେଞ୍ଜ୍ ଏୟାର-ଟୁ-ସର୍ଫେସ୍ କ୍ଷେପଣାସ୍ତ୍ର । ଭାରତୀୟ ବାୟୁସେନା ଦ୍ୱାରା ଉଚ୍ଚ ମୂଲ୍ୟର ସ୍ଥିର ତଥା ଚଳପ୍ରଚଳ ଲକ୍ଷ୍ୟ ଉପରେ ଆକ୍ରମଣ କରିବା ପାଇଁ ଯୋଜନା କରାଯାଇଛି ଯେପରିକି ଦୂର ଦୂରଗାମୀ ରାଡାର ଏବଂ ଭାରତୀୟ ଶତ୍ରୁମାନଙ୍କର ବାୟୁ ପ୍ରତିରକ୍ଷା ପ୍ରଣାଳୀ । ଏହି କ୍ଷେପଣାସ୍ତ୍ର ଜିପିଏସ୍-ଅସ୍ୱୀକାର ପରିବେଶରେ ଟାର୍ଗେଟ ବିରୋଧରେ ପ୍ରଭାବଶାଳୀ ବୋଲି ଦାବି କରାଯାଇଛି, ଯେହେତୁ ଭାରତ କାର୍ଗିଲ ଯୁଦ୍ଧରେ ସମ୍ମୁଖୀନ ହୋଇଥିଲା । ବାୟୁ ପ୍ରତିରକ୍ଷା ପ୍ରଣାଳୀ ଦ୍ୱାରା ସୁରକ୍ଷିତ ଅଞ୍ଚଳରେ ମଧ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ସେମାନଙ୍କ ଲକ୍ଷ୍ୟ ବିରୋଧରେ ପ୍ରଭାବଶାଳୀ ହୋଇପାରେ ।

# ସିସୋଡିଆଙ୍କ ହେପାଜତ ଅବଧି ବଢ଼ିଲା



ନୂଆଦିଲ୍ଲୀ : ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ ଗିରଫ ହୋଇ ଜେଲ୍‌ରେ ଥିବା ଆମ ଆଦମୀ ପାର୍ଟି ନେତା ମନୀଷ ସିସୋଦିଆଙ୍କୁ ପୁଣି କୋର୍ଟରୁ ଲାଗିଛି ଝଟ୍‌କା । ପୁଣିଥରେ ତାଙ୍କ ନ୍ୟାୟିକ ହେପାଜତ ଅବଧିକୁ ବଢାଇ ଦିଆଯାଇଛି । ଆସନ୍ତା ମେ' ୭ ତାରିଖ ଯାଏଁ ତାଙ୍କ ହେପାଜତ ଅବଧି ବୃଦ୍ଧି ପାଇଥିବା ସୂଚନା ମିଳିଛି । ସୂଚନା ମୁତାବକ, ବୁଧବାର ଦିନ ରାଉସ୍ ଆଭେନ୍ୟୁ କୋର୍ଟରେ ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ବର୍ତ୍ତମାନ ଚାର୍ଜଫ୍ରେମ ନକରିବାକୁ ସିବିଆଇ ଆବେଦନ କରିଥିଲା । ଏଭଳି ଆବେଦନ ପଛର କାରଣ କ'ଣ ବୋଲି କୋର୍ଟ ଜବାବ ମାଗିଥିଲେ । ଏଥିସହ ସିସୋଦିଆଙ୍କ ହେପାଜତ ଅବଧି ମେ' ୭ ଯାଏ ବଢାଇ ଦେଇଥିବା ଜଣାପଡ଼ିଛି । ଭିଡିଓ କନ୍‌ଫରେନ୍ସିଂ ଜରିଆରେ ମନୀଷ ସିସୋଦିଆ କୋର୍ଟ ଶୁଣାଣିରେ ହାଜର ହୋଇଥିଲେ । ଶୁଣାଣି ସମୟ ଅଭିଯୁକ୍ତଙ୍କ ଓକିଲ କୋର୍ଟ ରୁମ୍‌ରୁ ବାହାରକୁ ଚାଲିଯିବାକୁ ନେଇ ମଧ ବିଚାରପତି ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଆମେ ପ୍ରଥମ ଥର ପାଇଁ ଏଭଳି ଆଚରଣ ଦେଖିଛୁ ବୋଲି ବିଚାରପତି କହିଛନ୍ତି । ଏହାପରେ ଅଭିଯୁକ୍ତଙ୍କ ଓକିଲ ଆମେ କୋର୍ଟ ରୁମ୍‌ରୁ ବାହାରକୁ ଯିବା ପାଇଁ କ୍ଷମା ମାଗିଛନ୍ତି । ମଙ୍ଗଳବାର କୋର୍ଟ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲ ଓ ବିଆର୍‌ଏସ୍ ନେତ୍ରୀ କେ.କବିତାଙ୍କ ମଧ ନ୍ୟାୟିକ ହେପାଜତକୁ ମେ' ୭ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ ।

# କନୌଜରୁ ଲଢ଼ିବେ ଅଖିଳେଶ



ଲକ୍ଷ୍ନୌ : ସମାଜବାଦୀ ପାର୍ଟି ପକ୍ଷରୁ କୁହାଯାଇଛି ଯେ, ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ ଆସନ୍ତାକାଲି ମଧାହ୍ନରେ କନୌଜ ଆସନ ପାଇଁ ନାମାଙ୍କନ ଦାଖଲ କରିବେ । ସମାଜବାଦୀ ପାର୍ଟିର ମୁଖ୍ୟ ତଥା ବିଧାୟକ ଭାବେ କାର୍ଯ୍ୟ କରୁଥିବା ଅଖିଳେଶ ଯାଦବ ଲୋକସଭା ନିର୍ବାଚନ ଲଢିବେ । ସେ ଉତ୍ତର ପ୍ରଦେଶ କନୌଜ ଆସନରୁ ପ୍ରାର୍ଥୀପତ୍ର ଦାଖଲ କରିବେ ବୋଲି ବୁଧବାର ଦଳ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଏହି ଆସନରୁ ଅଖିଳେଶ ପୂର୍ବରୁ ୩ଥର ଜିତିଥିଲେ । ସେହିପରି ତାଙ୍କ ପତ୍ନୀ ଡିମ୍ପଲ ଓ ବାପା ମୁଲାୟମ ସିଂହ ଯାଦବ ମଧ ଏହି ଆସନରୁ ଜିତିଥିଲେ । ସମାଜବାଦୀ ପାର୍ଟି ପକ୍ଷରୁ କୁହାଯାଇଛି ଯେ, ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ ଆସନ୍ତାକାଲି ମଧାହ୍ନରେ କନୌଜ ଆସନ ପାଇଁ ନାମାଙ୍କନ ଦାଖଲ କରିବେ । ୨୦୧୯ରେ ଅଖିଳେଶ ଆଜମଗଡ଼ ଲୋକସଭା ଆସନରେ ଜିତିଥିଲେ । କିନ୍ତୁ ୨୦୨୨ ବିଧାନସଭା ନିର୍ବାଚନରେ ସେ କହରାଲ ଆସନରୁ ଜିତିବା ପରେ ସାଂସଦ ପଦରୁ ଇସ୍ତଫା ଦେଇଥିଲେ । କନୌଜ ଆସନରେ ନିର୍ବାଚନ ଲଢ଼ିବା ପାଇଁ ପ୍ରଥମେ ସପା ଅଖିଳେଶଙ୍କ ପୁତୁରା ତେଜ ପ୍ରତାପ ସିଂହ ଯାଦବଙ୍କୁ ଟିକେଟ ଦେଇଥିଲା । ଗତ ସପ୍ତାହରେ ହିଁ ତାଙ୍କ ନାଁ ଘୋଷଣା ହୋଇଥିଲା । ଏବେ ଅଖିଳେଶ ଏଠାରୁ ଲଢ଼ିବାକୁ ଥିବାରୁ ତେଜ ପ୍ରତାପ ଆଉ ନାମାଙ୍କନ ଦାଖଲ କରିବେ ନାହିଁ । ୨୦୧୪ରେ ତେଜ ପ୍ରତାପ ମୈନପୁରୀ ଆସନରୁ ଲୋକସଭାକୁ ଯାଇଥିଲେ । କନୌଜ ଯାଦବ ପରିବାର ଗଡ଼ ଓ ପାରିବାରିକ ସିଟ୍ । ତେଣୁ ସପା କର୍ମୀମାନେ ଅଖିଳେଶଙ୍କୁ ଏଠାରୁ ଲଢ଼ିବାକୁ ଦାବି କରିଥିଲେ । ସେମାନଙ୍କ ଦାବିକୁ ସମ୍ମାନ ଜଣାଇ ଅଖିଳେଶ କନୌଜ ଆସନରୁ ପ୍ରାର୍ଥୀ ହେବାକୁ ନିଷ୍ପତ୍ତି ନେଇଛନ୍ତି । ୨୦୧୯ ଯାଏ କନୌଜ ବିଜେପିର ଗଡ଼ ରହିଥିଲା । କିନ୍ତୁ ୨୦୧୯ରେ ବିଜେପିର ସୁବ୍ରତ ପାଠକ ୧୪ ହଜାରରୁ କମ୍ ଭୋଟରେ ଏଠାରେ ଜିତିଥିଲେ । ୨୦୧୨ ଉପନିର୍ବାଚନରେ ଅଖିଳେଶଙ୍କ ପତ୍ନୀ ଡିମ୍ପଲ ପ୍ରଥମଥର ଏଠାରୁ ଜିତିଥିଲା । ୨୦୧୪ରେ ମଧ ତାଙ୍କର ବିଜୟ ହୋଇଥିଲା । କିନ୍ତୁ ୨୦୧୯ରେ ସେ ବିଜେପିର ସୁବ୍ରତଙ୍କଠାରୁ ହାରି ଯାଇଥିଲେ । ମୁଲାୟମ ସିଂହଙ୍କ ଦେହାନ୍ତ ଯୋଗୁ ୨୦୨୨ରେ ଡିମ୍ପଲ ମୈନପୁର ଆସନରୁ ଉପନିର୍ବାଚନ ଲଢ଼ିଥିଲେ । ସେଠାରେ ସେ ପ୍ରାୟ ୩ ଲକ୍ଷ ଭୋଟରେ ଜିତିଥିଲେ । ମେ' ୧୩ରେ କନୌଜ ଲୋକସଭା ଆସନରେ ଭୋଟ ହେବ । ଜୁନ ୪ରେ ରେଜଲ୍ଟ ପ୍ରକାଶ ପାଇବ ।

# ଆନ୍ଦୋଳନକୁ ଓହ୍ଲାଇଲେ ଚାଷୀ



ନୂଆଦିଲ୍ଲୀ: ଦାବି ଶୁଣିଲେନି ସରକାର । ତେଣୁ ପ୍ରଚଣ୍ଡ ଖରାରେ ପ୍ରତିବାଦ ଜଣାଇବାକୁ ରାସ୍ତାକୁ ଓହ୍ଲାଇଲେ ଚାଷୀ । ମାତ୍ର ତାଙ୍କ ହାତରେ ଯାହା ଥିଲା, ତାହା ଦେଖିଲେ ଯେ କି ଭୟଭୀତ ହୋଇଯିବ । କାରଣ ଆନ୍ଦୋଳନରେ ସାମିଲ ହୋଇଥିବା ଚାଷୀମାନେ ହାତରେ ମଣିଷ ଖପୁରୀ ଓ ହାଡ଼ ଧରିଥିଲେ । ଏପରି କିଛି ଲୋମଟାଙ୍କୁରା ଦୃଶ୍ୟ ନୂଆଦିଲ୍ଲୀର ଯନ୍ତରମନ୍ତରରେ ଦେଖିବାକୁ ମିଳିଛି । ତାମିଲନାଡୁର କିଛି ଚାଷୀ ଆନ୍ଦୋଳନ ନିମନ୍ତେ ରାଜଧାନୀରେ ପହଞ୍ଚିଥିବା ବେଳେ ସାଙ୍ଗରେ ହାଡ଼ ଓ ଖପୁରୀ ଧରି ଆସିଥିଲେ । ତେବେ ଏହି ଖପୁରୀ, ହାଡ଼ ବି ଚାଷୀଙ୍କର ବୋଲି ସେମାନେ କହିଛନ୍ତି । ଯେଉଁ ଚାଷ ବିଭିନ୍ନ କାରଣରୁ ଆତ୍ମହତ୍ୟା କରିଛନ୍ତି, ଏହି ଖପୁରି, ହାଡ଼ ସେମାନଙ୍କର ବୋଲି କହିଛନ୍ତି ଆନ୍ଦୋଳନ କରୁଥିବା ଚାଷୀ । ଏହି ଆନ୍ଦୋଳନରେ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଚାଷୀ ସାମିଲ ହୋଇଛନ୍ତି । ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ୨୦୨୧୯ ନିର୍ବାଚନୀ ପ୍ରଚାର ସମୟରେ ଚାଷୀଙ୍କ ରୋଜଗାର ଡବଲ ହେବ ବୋଲି ପ୍ରଧାନମନ୍ତ୍ରୀ ମୋଦି ଘୋଷଣା କରିଥିଲେ । ମାତ୍ର ୨୦୧୯ ନିର୍ବାଚନ ଯାଇ ୨୦୨୪ ନିର୍ବାଚନ ଆରମ୍ଭ ହେଲାଣି ହେଲେ ଏ ଯାଏଁ ଫସଲ ମୂଲ୍ୟ କିଛି ବି ବଢ଼ିନି । ଏଥିସହ ନଦୀଗୁଡ଼ିକୁ ସଂଯୋଗ କରାଯିବ ବୋଲି ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବାବେଳେ ତାହାକୁ ବି ସେ ଭୁଲି ଯାଇଛନ୍ତି । ତେଣୁ ସରକାର ଆମ ଦାବି ନ ଶୁଣିଲେ ଆମେ ଦିଲ୍ଲୀରୁ ବାରଣାସୀ ଯିବୁ । ସେଠାରେ ମୋଦିଙ୍କ ବିରୋଧରେ ଲଢ଼ିବୁ । ଆମେ କୌଣସି ରାଜନୈତିକ ଦଳରୁ ଆସିନୁ କି ଆମର କେଉଁ ନେତାଙ୍କ ସହ ସମ୍ପର୍କ ନାହିଁ । କେବଳ ମୋଦି ନିଜ ପ୍ରତିଶ୍ରୁତି ପୂରଣ କରନ୍ତୁ ବୋଲି ଆମେ ଚାହୁଁଛୁ । ପ୍ରଥମେ ଆନ୍ଦୋଳନ ନିମନ୍ତେ ଅନୁମତି ମିଳୁ ନଥିବାବେଳେ ବହୁ କଷ୍ଟ ପରେ ଜନ୍ତର ମନ୍ତରରେ ଆନ୍ଦୋଳନର ଅନୁମତି ମିଳିଥିବା କହିଛନ୍ତି ଚାଷୀ ।

# ପାକ୍ ଯୁବତୀଙ୍କୁ ମିଳିଲା ଭାରତୀୟଙ୍କ ହୃଦୟ



ଚେନ୍ନାଇ: ପାକିସ୍ତାନର କରାଚୀରେ ରହୁଥିବା ଜଣେ ଯୁବତୀଙ୍କ ହୃଦୟରେ ସମସ୍ୟା ଥିବା ସହ ଜୀବନ ବଞ୍ଚାଇବା ପାଇଁ ହୃଦୟ ପ୍ରତିରୋପଣ ହିଁ ଏକମାତ୍ର ବାଟ ବୋଲି କହିଥିଲେ ଡାକ୍ତର । ଅସ୍ତ୍ରୋପଚାର ପାଇଁ ୩୫ ଲକ୍ଷ ଦରକାର ଥିବାବେଳେ ପରିବାର ଲୋକଙ୍କ ପାଖରେ ଏତେ ଟଙ୍କା ନଥିଲେ । ଶେଷରେ ଡାକ୍ତର ଓ ଏକ ଟ୍ରଷ୍ଟର ସାହାଯ୍ୟରେ ଯୁବତୀଙ୍କୁ ନୂଆ ଜୀବନ ମିଳିଥିବା ଜଣାପଡ଼ିଛି । ସୂଚନା ମୁତାବକ, ଯୁବତୀଙ୍କ ନାମ ଆୟେଶା ରଶନ(୧୯) । ଗମ୍ଭୀର ହୃଦ ସମସ୍ୟା ଥିବା ଜଣାପଡ଼ିବା ପରେ ପରିବାର ଲୋକେ ଆୟେଶାଙ୍କୁ ଚେନ୍ନାଇର ଏମର୍ଜିଏମ ହେଲ୍‌ଥକେୟାରରେ ଭର୍ତ୍ତି କରିଥିଲେ । ସେଠାରେ ତାଙ୍କର ଅବସ୍ଥା ଖରାପ ହେବାରୁ ହୃଦୟ ପ୍ରତିରୋପଣ ହିଁ ଏକମାତ୍ର ବାଟ ବୋଲି କହିଥିଲେ ଡାକ୍ତର । ପରିବାର ହୃଦୟ ପ୍ରତିରୋପଣ ପାଇଁ ଖର୍ଚ୍ଚ ହେବାକୁ ଥିବା ୩୫ଲକ୍ଷ ଟଙ୍କା ଦେବାକୁ ଅସମର୍ଥ ବୋଲି କହିବା ପରେ ଅସ୍ତ୍ରୋପଚାର କରୁଥିବା ଡାକ୍ତର ଓ ଟ୍ରଷ୍ଟ ଏହି ଖର୍ଚ୍ଚ ଉଠାଇବାକୁ ନିଷ୍ପତ୍ତି ନେଇଥିଲେ । ଏହାପରେ ପ୍ରତିରୋପଣ ପାଇଁ ହୃଦୟ ଖୋଜିବା ଆରମ୍ଭ କରାଯାଇଥିଲା । ଶେଷରେ ଦିଲ୍ଲୀରୁ ହୃଦୟ ଆସି ଆୟେଶାଙ୍କ ଦେହରେ ଲାଗିଥିଲା । ଅସ୍ତ୍ରୋପଚାର କରୁଥିବା ଡାକ୍ତରଙ୍କ କହିବା ମୁତାବକ, ଡୋନର ଖୋଜିବା ପାଇଁ ବେଶୀ ସମୟ ଲାଗିନଥିଲା । ସହଜରେ ଆୟେଶାଙ୍କୁ ଦିଲ୍ଲୀରୁ ଡୋନର ମିଳିଥିଲେ । ଅସ୍ତ୍ରୋପଚାର ପରେ ଏବେ ସେ ସୁସ୍ଥ ଅଛନ୍ତି ଏବଂ ପାକିସ୍ତାନ ଫେରିବାକୁ ପ୍ରସ୍ତୁତ ହେଉଛନ୍ତି ।

# ମଞ୍ଚ ଉପରେ ଚେତାଶୂନ୍ୟ ହେଲେ ଗଡ଼କରୀ




ନାଗପୁର : ମଞ୍ଚ ଉପରେ ଭାଷଣ ଦେଉଥିବା ବେଳେ ହଠାତ ଚେତାଶୂନ୍ୟ ହୋଇ ତଳେ ପଡିଯାଇଛନ୍ତି କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ । ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ନିର୍ବାଚନ ପାଇଁ ଚାଲିଥିଲା ରାଲି, ମଞ୍ଚ ଉପରେ ଠିଆ ହୋଇ ମନ୍ତ୍ରୀ ଲୋକଙ୍କୁ ଦେଉଥିଲେ ଭାଷଣ । ଏତିକି ବେଳେ ଚେତାଶୂନ୍ୟ ହୋଇପଡିଲେ କେନ୍ଦ୍ରମନ୍ତ୍ରୀ ଗଡକରୀ । ମହାରାଷ୍ଟ୍ରର ୟବତମାଲରେ ନିର୍ବାଚନ ରାଲିରେ ଘଟିଛି ଏଭଳି କିଛି ଘଟଣା । ମହାରାଷ୍ଟ୍ରର ୟବତମାଲରେ ମହାୟୁତିର ବିଜେପି ପ୍ରାର୍ଥୀ ରାଜଶ୍ରୀ ପାଟିଲଙ୍କ ସମର୍ଥନରେ ସେ ନିର୍ବାଚନ ପ୍ରଚାର କରିଥିଲେ । ଏହାପରେ ପସୁଦରେ ସେ ଏକ ନିର୍ବାଚନ ସଭାରେ ଯୋଗଦେଇ ଭାଷଣ ଦେଉଥିଲେ । ଏତିକିବେଳେ ସେ ମଞ୍ଚ ଉପରେ ଅସୁସ୍ଥ ହୋଇ ପଡିଥିଲେ । ଏହାପରେ ତୁରନ୍ତ ତାଙ୍କୁ ସୁରକ୍ଷାକର୍ମୀ ଓ ଉପସ୍ଥିତ ଲୋକେ ଟେକି ନେଇ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି । ତାଙ୍କ ଅବସ୍ଥା ସ୍ଥିର ଥିବା କୁହାଯାଉଛ । ଏହି ସମୟରେ ମଞ୍ଚରେ ମହାରାଷ୍ଟ୍ରର ତତ୍କାଳୀନ ରାଜ୍ୟପାଳ ବିଦ୍ୟାସାଗର ରାଓ ଉପସ୍ଥିତ ଥିଲେ । ରାଜ୍ୟପାଳ ଗଡ଼କରୀଙ୍କୁ ମଞ୍ଚରେ ସମ୍ଭାଳି ଥିଲେ । ଚଳିତ ବର୍ଷ ଗଡ଼କରୀ ପୁଣିଥରେ ନାଗପୁର ଲୋକସଭା ଆସନରୁ ବିଜେପି ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି ।

# ଲୋକସଭା ନିର୍ବାଚନର ସବୁଠୁ ଧନୀ ପ୍ରାର୍ଥୀ ଚନ୍ଦ୍ରଶେଖର



ଅମରାବତୀ : ଚଳିତ ଲୋକସଭା ନିର୍ବାଚନରେ ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ତେଲୁଗୁ ଦେଶମ ପାର୍ଟି (ଟିଡିପି)ର ପି. ଚନ୍ଦ୍ରଶେଖର ସବୁଠାରୁ ଧନୀ ପ୍ରାର୍ଥୀ ଭାବେ ମାନ୍ୟତାଲାଭ କରିଛନ୍ତି । ସେ ଦାଖଲ କରିଥିବା ସତ୍ୟପାଠ ଅନୁଯାୟୀ ଚନ୍ଦ୍ରଶେଖରଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ପରିମାଣ ୫୭୮୫ କୋଟି ଟଙ୍କା ବୋଲି ଜଣାପଡିଛି । ଚନ୍ଦ୍ରଶେଖରଙ୍କ ନିକଟରେ ୨୪୪୮.୭୨ କୋଟିର ସମ୍ପତ୍ତି ଥିବାବେଳେ ପତ୍ନୀ ଶ୍ରୀରତ୍ନାଙ୍କ ସମ୍ପତ୍ତି ପରିମାଣ ୨୩୪୩.୭୮ କୋଟି ବୋଲି ସତ୍ୟପାଠରେ ଉଲ୍ଲେଖ କରାଯାଇଛି । ଏହାବ୍ୟତୀତ ଚନ୍ଦ୍ରଶେଖରଙ୍କ ସନ୍ତାନଙ୍କ ନିକଟରେ ପ୍ରାୟ ୧୦୦୦ କୋଟି ଟଙ୍କାର ସମ୍ପତ୍ତି ରହିଥିବା କୁହାଯାଇଛି । ତେବେ ଚନ୍ଦ୍ରଶେଖରଙ୍କ ପରିବାର ଉପରେ ୧୧୩୮ କୋଟି ଟଙ୍କାର ବ୍ୟାଙ୍କ ଋଣ ଥିବା ସେ ସ୍ୱୀକାର କରିଛନ୍ତି । ଡାକ୍ତରରୁ ରାଜନେତା ପାଲଟିଥିବା ଚନ୍ଦ୍ରଶେଖର ୨୦୧୦ରୁ ଟିଡିପି ସହ ସଂପୃକ୍ତ ଅଛନ୍ତି । ସୂଚନାଯୋଗ୍ୟ, ଏଡିଆର (ଆସୋସିଏସନ ଫର୍ ଡେମୋକ୍ରାଟିକ ରିଫର୍ମସ) ତରଫରୁ ପୂର୍ବରୁ ପ୍ରକାଶିତ ରିପୋର୍ଟରେ ମଧ୍ୟପ୍ରଦେଶର ଛିନ୍ଦୱାଡା ଆସନରୁ ଲଢୁଥିବା କଂଗ୍ରେସ ପ୍ରାର୍ଥୀ ନକୁଲ ନାଥ (ପୂର୍ବତନ ମୁଖ୍ୟମନ୍ତ୍ରୀ କମଲନାଥଙ୍କ ପୁତ୍ର) ୭୧୭ କୋଟି ଟଙ୍କାର ସମ୍ପତ୍ତି ସହ ସବୁଠାରୁ ଧନୀ ପ୍ରାର୍ଥୀ ବିବେଚିତ ହୋଇଥିଲେ ।

# ଚାମ୍ପିଅନ୍ସ ଟ୍ରଫି ଖେଳି ନପାରେ ଭାରତ

ନୂଆଦିଲ୍ଲୀ, ୨୪।୪ (ଏଜେନ୍ସୀ) : ଚାମ୍ପିଅନ୍ସ ଟ୍ରଫି ଆୟୋଜନ ଅଧିକାର ଲାଭ କରିଛି ପାକିସ୍ତାନ ଅର୍ଥାତ୍ ଚଳିତବର୍ଷ ପାକିସ୍ତାନରେ ହିଁ ଚାମ୍ପିଅନ୍ସ ଟ୍ରଫି ଖେଳାଯିବ । କିନ୍ତୁ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁଯାୟୀ ଦ୍ୱିପାକ୍ଷିକ ସିରିଜ୍ କଥା ଛାଡନ୍ତୁ ଏପରିକି ଚାମ୍ପିଅନ୍ସ ଟ୍ରଫି ଖେଳିବାକୁ ଭାରତୀୟ ଦଳ ପାକିସ୍ତାନ ଯିବନାହିଁ । ଭେନ୍ୟୁ ପରିବର୍ତ୍ତନ ପାଇଁ ଆଇସିସି ନିକଟରେ ଦାବି କରିବ ବିସିସିଆଇ । ଯଦି କିଛି ସମ୍ଭବ ନୁହେଁ, ତେବେ ହାଇବ୍ରିଡି ମଡ଼େଲ୍ ଆପଣା ଯାଇପାରେ । ପିସିବି ଅଧକ୍ଷ ମୋହସିନ ନକ୍‌ବି କହିଛନ୍ତି ଭାରତ ଯଦି ଆସନ୍ତାବର୍ଷ ଚାମ୍ପିଅନ୍ସ ଟ୍ରଫି ପାଇଁ ପାକିସ୍ତାନ ଟିମ୍ ପଠାଇବ ତେବେ ଆମେ ଦ୍ୱିପାକ୍ଷିକ ସିରିଜ୍ ଖେଳିବାକୁ ପ୍ରସ୍ତୁତ । ପ୍ରତିଦ୍ୱନ୍ଦ୍ୱୀ ଦେଶ ସହ ଭାରତର କୂଟନୈତିକ ସମ୍ପର୍କ ଖରାପ ଥିବାରୁ ପାକିସ୍ତାନ ଯିବା ସମ୍ଭାବନା କମ୍ ରହିଛି । ଆସନ୍ତାବର୍ଷ ପାକିସ୍ତାନରେ ଚାମ୍ପିଅନ୍ସ ଟ୍ରଫି ଖେଳାଯିବ । ୨୦୧୭ ପରଠାରୁ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ ହୋଇନି । ଶେଷଥର ଭାରତକୁ ପରାଜିତ କରି ପାକିସ୍ତାନ ଚାମ୍ପିଅନ୍ ହୋଇଥିଲା ।

### ଏସିଆ ରଗ୍‌ବୀ ଚାମ୍ପିଅନ୍‌ସିପ୍

# ଜାତୀୟ ଦଳରେ କିସ୍‌ରୁ ୨

ଭୁବନେଶ୍ୱର, ୨୪।୪ (ସବ୍ୟୁ) : ଶ୍ରୀଲଙ୍କାର କଲମ୍ବୋରେ ଚଳିତମାସ ୩୦ରୁ ମଇ ୪ ତାରିଖ ପର୍ଯ୍ୟନ୍ତ ଏସିଆ ରଗ୍‌ବୀ ଚାମ୍ପିଅନ୍‌ସିପ୍ ଆୟୋଜିତ ହେବ । ଏହି ମର୍ଯ୍ୟାଦାଜନକ ପ୍ରତିଯୋଗିତା ନିମନ୍ତେ ଭାରତୀୟ ରଗ୍‌ବୀ ଫୁଟ୍‌ବଲ୍ ସଂଘ ପକ୍ଷରୁ ୨୬ ଜଣିଆ ଖେଳାଳି ତାଲିକା ପ୍ରକାଶ ପାଇଛି । ଏହି ଦଳରେ ଆଶିଷ ଶବର ଓ ଅଜିତ୍ କୁମାର ହାଁସଦା ସ୍ଥାନ ପାଇଛନ୍ତି । ଏସିଆ ଚାମ୍ପିଅନ୍‌ସିପ୍ ନିମନ୍ତେ ଜାତୀୟ ଦଳ ଚୟନ ପାଇଁ ପଶ୍ଚିମବଙ୍ଗ, କୋଲକାତା ସ୍ଥିତ ସାଇ ନେତାଜୀ ସୁଭାଷ ଇଷ୍ଟର ସେଣ୍ଟରରେ ଗତ ଏପ୍ରିଲ୍ ୪ ତାରିଖରୁ ପ୍ରଶିକ୍ଷଣ ତଥା ଚୟନ ଶିବିର ଆୟୋଜିତ ହୋଇଥିଲା । ସର୍ବଭାରତୀୟ ସ୍ତରରୁ ଏଥିରେ ୪୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଜାତୀୟ ଦଳରେ ସ୍ଥାନ ପାଇଥିବା ଆଶିଷ ଓ ଅଜିତ୍‌ଙ୍କୁ କିଟ୍ ଓ କିସ୍ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଶୁଭେଚ୍ଛା ଜଣାଇଛନ୍ତି ।

# ଲଢ଼ିଲା ଗୁଜରାଟ, ଜିତିଲା ଦିଲ୍ଲୀ

### ଆଇପିଏଲ୍ ମହାସମର



ନୂଆଦିଲ୍ଲୀ, ୨୪।୪ (ଏଜେନ୍ସୀ) : ଆଇପିଏଲ୍‌ର ୪୦ ତମ ମ୍ୟାଚ୍‌ରେ ରୋଚକ ଲଢ଼େଇ ଦେଖିବାକୁ ମିଳିଥିଲା । ଶେଷ ଓଭର ଯାଏଁ ଗୁଜରାଟ ଟାଇଟନ୍ସ ଜିତିବା ପାଇଁ ସଂଘର୍ଷ କରିଥିବାବେଳେ ଦିଲ୍ଲୀ କ୍ୟାପିଟାଲ୍ସ ୪ ରନ୍‌ରେ ବାଜି ମାରିଛି । ଏହି ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୪ ୱିକେଟ୍ ହରାଇ ୨୨୪ ରନ୍ କରିଥିଲା । ଜବାବରେ ଗୁଜୁରାଟ ଟାଇଟନ୍ସ ନିର୍ଦ୍ଧାରିତ ଓଭରରେ ୮ ୱିକେଟ୍ ହରାଇ ୨୨୦ ରନ୍ କରିବାକୁ ସକ୍ଷମ ହୋଇଥିଲା ।

ଦିଲ୍ଲୀର ଫିରୋଜ ଶାହା କୋଟଲା ଷ୍ଟାଡ଼ିୟମ୍‌ରେ ଟସ୍ ଜିତି ଗୁଜରାଟ ଘରୋଇ ଦିଲ୍ଲୀକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ପୃଥ୍ୱୀ ଶଙ୍କ ସହ ଜ୍ୟାକ୍ ଫ୍ରାସର ଇନିଂସ୍ ଓପନ କରିଥିଲେ । ପ୍ରଥମ ୱିକେଟ୍ ୩.୨ ଓଭର୍‌ରେ ୩୫ ରନ୍ ସଂଗ୍ରହ ହୋଇଥିବା ବେଳେ ଜ୍ୟାକ୍ ଫ୍ରାସର ୧୪ ବଲରୁ ୨୩ ରନ୍ କରି ସନ୍ଦୀପ ୱାରିୟର୍‌ଙ୍କ ଶିକାର ହୋଇଥିଲେ । ୱାରିୟର୍‌ଙ୍କ ଏହି ଓଭରରେ ଆଉ ଏକ ୱିକେଟ୍ ଝଡ଼ିଥିଲା । ପୃଥ୍ୱୀ ୭ ବଲରୁ ୧୧ ରନ୍ କରି ସନ୍ଦୀପଙ୍କ ଦ୍ୱିତୀୟ ଶିକାର ହୋଇଥିଲେ । ସାଇହୋପ୍ ୬ ବଲରୁ ୫ ରନ୍ କରି ପାଭିଲିୟନ ଫେରିବାରୁ ୪୪ ରନ୍‌ରେ ୩ ୱିକେଟ୍ ହରାଇ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲା ଦିଲ୍ଲୀ । କିନ୍ତୁ ମ୍ୟାଚ୍‌ର ମୋଡ଼ ବଦଳାଇଥିଲେ ସ୍ପିନ୍ ଅଲରାଉଣ୍ଡର ଅକ୍ଷର ପଟେଲ୍ ତଥା ଅଧିନାୟକ ରିଷଭ ପନ୍ତ । ଦୁହେଁ ବିସ୍ଫୋରକ ଇନିଂସ୍ ଖେଳି ଦଳର ସ୍ଥିତି ସୁଧାରିବା ସହ ସ୍କୋରକୁ ୨୦୦ ପାର୍ କରାଇଥିଲେ । ଅକ୍ଷର ୫ଟି ଚୌକା ଓ ୪ଟି ଛକା ସହାୟତାରେ ୬୬ ରନ୍ କରି ଆଉଟ୍ ହୋଇଥିବାବେଳେ ପନ୍ତଙ୍କ ଚୌକା, ଛକା ବର୍ଷା ଶେଷଯାଏଁ ଲାଗି ରହିଥିଲା । ପନ୍ତ ୪୩ ବଲର ସମ୍ମୁଖୀନ ହୋଇ ୫ଟି ଚୌକା ଓ ୮ଟି ଛକା ସହାୟତାରେ ଅପରାଜିତ ୮୮ ରନ୍ ସଂଗ୍ରହ କରିଥିଲେ । ମଧଭାଗରେ ତ୍ରିଷ୍ଟାନ୍ ଷ୍ଟବ୍ସ ୭ ବଲରୁ ୨୬ ରନ୍ କରିବାରୁ ଦିଲ୍ଲୀ ୨୦ ଓଭରରେ ୪ ୱିକେଟ୍ ହରାଇ ୨୨୪ ରନ୍ ସଂଗ୍ରହ କରିଥିଲା ।

୨୨୫ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରିଥିଲା ଗୁଜରାଟ ଟାଇଟନ୍ସ । ଦଳର ଆରମ୍ଭ ସନ୍ତୋଷଜନକ ନଥିଲା । ଅଧିନାୟକ ଶୁଭମନ ଗିଲ୍ ୫ ବଲରୁ ୬ ରନ୍ କରି ଆଉଟ୍ ହୋଇଥିଲେ । କିନ୍ତୁ ରିଦ୍ଧିମାନ ଶାହଙ୍କ ସହ ସାଇ ସୁଦର୍ଶନ ଦ୍ୱିତୀୟ ୱିକେଟ ପାଇଁ ୮୨ ରନ୍ ସଂଗ୍ରହ କରି ବିଜୟ ଆଶା ଜୀବିତ ରଖିଥିଲେ । ରିଦ୍ଧିମାନ ୨୫ ବଲ୍‌ରେ ୩୯ ଓ ସାଇ ସୁଦର୍ଶନ ୩୯ ବଲ୍‌ରେ ୬୫ ରନ୍ କରି ଆଉଟ୍ ହୋଇଥିଲେ । ମଧ୍ୟମ କ୍ରମରେ ଡେଭିଡ୍ ମିଲର ୨୩ ବଲରୁ ୫୫, ସାଇକିଶୋର ୬ ବଲରୁ ୧୩ ଏବଂ ରସିଦ୍ ଖାନ୍ ୧୧ ବଲ୍‌ରୁ ଅପରାଜିତ ୨୧ ରନ୍ କରି ଦଳୀୟ ସ୍କୋରକୁ ୨୦ ଓଭରରେ ୨୨୦/୮ରେ ପହଞ୍ଚାଇଥିଲେ । ମାତ୍ର ୪ ରନ୍ ପାଇଁ ଗୁଜରାଟ ବିଜୟ ଠୁ ପଛରେ ରହିଯାଇଥିଲା । ବୋଲିଂରେ ଦିଲ୍ଲୀରେ ରସିଦ୍ ସଲାମ୍ ୩ଟି, କୁଲ୍‌ଦୀପ ଯାଦବ ୨ଟି ୱିକେଟ୍ ସଫଳତା ହାସଲ କରିଥିଲେ । ଦିଲ୍ଲୀ ୯ ମ୍ୟାଚ୍‌ରୁ ୮ ପଏଣ୍ଟ ସହ ଷଷ୍ଠ ସ୍ଥାନ ଏବଂ ଗୁଜରାଟ ୯ ମ୍ୟାଚ୍‌ରୁ ୮ ପଏଣ୍ଟ ସହ ସପ୍ତମ ସ୍ଥାନରେ ରହିଛି ।

**ଆଜିର ମ୍ୟାଚ**
ହାଇଦ୍ରାବାଦ – ବେଙ୍ଗାଲୁରୁ
ସମୟ: ରାତି ୭.୩୦
ସ୍ଥାନ: ହାଇଦ୍ରାବାଦ
ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ସିନେମା

**ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ରାଜସ୍ଥାନ | ୮ | ୭ | ୧ | ୧୪ |
| କୋଲକାତା | ୭ | ୫ | ୨ | ୧୦ |
| ସନ୍‌ରାଇଜର୍ସ | ୭ | ୫ | ୨ | ୧୦ |
| ଲକ୍ଷ୍ନୌ | ୮ | ୫ | ୩ | ୧୦ |
| ଚେନ୍ନାଇ | ୮ | ୪ | ୪ | ୮ |
| ଗୁଜରାଟ | ୯ | ୪ | ୫ | ୮ |
| ମୁମ୍ବାଇ | ୮ | ୩ | ୫ | ୬ |
| ଦିଲ୍ଲୀ | ୯ | ୪ | ୫ | ୮ |
| ପଞ୍ଜାବ | ୮ | ୨ | ୬ | ୪ |
| ବେଙ୍ଗାଲୁରୁ | ୮ | ୧ | ୭ | ୨ |

# ଜୁଭେନାଇଲ କ୍ଲବରେ ଓସିଏର ଦକ୍ଷତା ବିକାଶ ଶିବିର



ଭୁବନେଶ୍ୱର, ୨୪।୪ (ସବ୍ୟୁ) : ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ରାଜ୍ୟରେ କ୍ରିକେଟ ଦକ୍ଷତା ବିକାଶ ଶିବିର ଜାରି ରହିଛି । ଏହି କ୍ରମରେ ବୁଧବାର ଜୁଭେନାଇଲ କ୍ଲବରେ ଓସିଏର କ୍ରିକେଟ ଦକ୍ଷତା ବିକାଶ ଶିବିର ଆୟୋଜିତ ହୋଇଥିଲା । ଟେକିନିକାଲ ଡାଇରେକ୍ଟର ଭି.ଭେଙ୍କଟରାମ ଉପସ୍ଥିତ ରହି ଶିବିରରେ ଯୋଗଦେଇଥିବା ୮୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା କ୍ରିକେଟରଙ୍କୁ ସନସାଇନ ଗ୍ରାଉଣ୍ଡରେ ପ୍ରଶିକ୍ଷଣ ଦେଇଥିଲେ । ତାଙ୍କ ସହ ଓସିଏ କୋଚ ପ୍ରଭାତ ନାୟକ ଉପସ୍ଥିତ ଥିଲେ । ଏହି ଶିବିରରେ ଜୁଭେନାଇଲ କ୍ଲବର ସମ୍ପାଦକ ନିର୍ବାଣ ରାୟ, ସଦସ୍ୟ ଦେବାଶିଷ ବେହେରା, କୋଚ ମନୋଜ ଦାସ, ସୁହାସ ସିଂହ, ପ୍ରଣବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ରାଗିଗଲେ କ୍ୟାପ୍‌ଟେନ୍ କୁଲ୍



ନୂଆଦିଲ୍ଲୀ, ୨୪।୪ (ଏଜେନ୍ସୀ) : ଲାଇଭ୍ ମ୍ୟାଚ୍‌ବେଳେ କ୍ୟାପ୍‌ଟେନ୍ କୁଲ୍ ମହେନ୍ଦ୍ର ସିଂ ଧୋନୀ ଭୀଷଣ ରାଗିଯିବା ଭିଡ଼ିଓ ଖୁବ୍‌ଜୋର୍‌ରେ ଭାଇରାଲ ହେଉଛି । ରାଗରେ କ୍ୟାମେରାମ୍ୟାନଙ୍କ ଉପରକୁ ବୋତଲ ଫୋପାଡିବା ପରି ଇସାରା କରିଛନ୍ତି ଧୋନି । ଏଭଳି କିଛି ଭିଡିଓ ଏବେ ସାମ୍ନାକୁ ଆସିଛି । ଗତ ମଙ୍ଗଳବାର ଆଇପିଏଲ୍‌ର ୩୯ତମ ମ୍ୟାଚ୍ ଖେଳାଯାଇଥିଲା । ଲକ୍ଷ୍ନୌ ଓ ଚେନ୍ନାଇ ମୁହାଁମୁହିଁ ହୋଇଥିଲେ । ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ଖେଳାଯାଇଥିଲା । ଲାଇଭ୍ ମ୍ୟାଚ୍‌ବେଳେ ସିଏସ୍‌କେର ପୂର୍ବତନ ଅଧିନାୟକ ତଥା କ୍ୟାପ୍‌ଟେନ୍ କୁଲ୍ ଭାବେ ପରିଚିତ ଧୋନି ରାଗିଯାଇଥିଲେ । ରାଗରେ କ୍ୟାମେରାମ୍ୟାନ୍‌ଙ୍କ ଉପରକୁ ବୋତଲ ଫିଙ୍ଗିବାକୁ ଉଠାଇଥିଲେ । ପ୍ରକୃତରେ ସିଏସ୍‌କେର ବ୍ୟାଟିଂ ସମୟରେ ଏଭଳି ଘଟିଥିଲା । ୧୭ ଓଭରରେ ଶିଭମ୍ ଦୁବେ ଓ ଋତୁରାଜ ଗାଇକ୍ୱାଡ୍ ବ୍ୟାଟିଂ କରୁଥିଲେ । ଧୋନି ଡ୍ରେସିଂରୁମ୍‌ରେ ବସିଥିଲେ ପଡ଼ିଆକୁ ଆସିବା ପାଇଁ ପ୍ରସ୍ତୁତ ହେଉଥିଲେ । ହେଲେ କ୍ୟାମେରାମ୍ୟାନ୍ ବାରମ୍ବାର ତାଙ୍କ ଉପରକୁ ଫୋକସ୍ କରିବାରୁ ଟିଭି ସ୍କ୍ରିନ୍‌ରେ ଧୋନିଙ୍କୁ ଦେଖାଯାଉଥିଲା । ଏହାକୁ ନେଇ ସେ ରାଗି ଯାଇଥିଲେ । ହାତରେ ଧରିଥିବା ପାଣିବୋତଲ କ୍ୟାମେରାମ୍ୟାନଙ୍କ ଉପରକୁ ଫିଙ୍ଗିବା ପାଇଁ ଉଠାଇଥିଲେ । ଏହି ଭିଡ଼ିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି ।

**SALE SALE SALE**
Flex Printing Machine (10 feet)
As on Where Basis.
Company Name:
"MONOTECH"
Systems PVT.LTD.
For Contact : 8917518606

# ଆନ୍ତଃ ସ୍କୁଲ୍ କ୍ରିକେଟ୍: ବିଜେଇଏମ୍ ଚାମ୍ପିଅନ୍




ଭୁବନେଶ୍ୱର, ୨୪।୪ (ସବ୍ୟୁ) : ଆନ୍ତଃ ସ୍କୁଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ବିଜେଇଏମ୍ ସ୍କୁଲ ଚାମ୍ପିଅନ ହୋଇଛି । ଟାଉନ୍ କ୍ଲବ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ବିଜେଇଏମ୍ ସ୍କୁଲ-୧ ୭୦ ରନ୍ ବ୍ୟବଧାନରେ ୱାଇସିଏସ୍ (ୟେଲୋ କମ୍ବାଇନ୍ ସ୍କୁଲ)କୁ ହରାଇଥିଲା । ପ୍ରଥମେ ବ୍ୟାଟିଂ କରି ବିଜେଇଏମ୍ ୨୫ ଓଭରରେ ୬ ୱିକେଟ୍ ହରାଇ ୧୩୨ କରିଥିଲା । ମୃତ୍ୟୁଞ୍ଜୟ ତ୍ରିପାଠୀ ସର୍ବାଧିକ ୩୧ ଓ ଆୟୁଷ ପଣ୍ଡା ୨୮ କରିଥିଲେ । ଜବାବରେ ୱାଇସିବି ସ୍କୁଲ ୨୫ ଓଭରରେ ୯ ୱିକେଟ୍ ହରାଇ ୬୨ ରନ୍ କରିବାକୁ ସକ୍ଷମ ହୋଇଥିଲା ।

### ବିଶ୍ୱ ବିଶ୍ୱବିଦ୍ୟାଳୟ ରଗ୍‌ବୀ–ଚେସ୍

# ଭାରତୀୟ ଦଳରେ କିଟ୍‌ରୁ ୭



ଭୁବନେଶ୍ୱର, ୨୪।୪ (ସବ୍ୟୁ) : ବିଶ୍ୱ ବିଶ୍ୱବିଦ୍ୟାଳୟ ରଗ୍‌ବୀ ଓ ଚେସ୍ ଚାମ୍ପିଅନସିପ ନିମନ୍ତେ ଘୋଷଣା ହୋଇଥିବା ଭାରତୀୟ ବିଶ୍ୱବିଦ୍ୟାଳୟ ରଗ୍‌ବୀ ଓ ଚେସ୍ ଦଳରେ ଓଡ଼ିଶାରୁ ୮ ତଥା କିଟ୍‌ର ୭ ଜଣ ସ୍ଥାନ ପାଇଛନ୍ତି । ଫିସୁ ବିଶ୍ୱ ବିଶ୍ୱବିଦ୍ୟାଳୟ ରଗ୍‌ବୀ ୭ ଚାମ୍ପିଅନସିପ୍ ଫ୍ରାନ୍ସର ଆଇକ୍ସ ଏନ୍ ପ୍ରୋଭିନ୍ସରେ ଜୁନ ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ଆୟୋଜନ ହେବ । ସେହିଭଳି ବିଶ୍ୱ ବିଶ୍ୱବିଦ୍ୟାଳୟ ଚେସ୍ ଚାମ୍ପିଅନସିପ୍ ଉଗାଣ୍ଡାର ଏଣ୍ଟାବେରେ ଜୁନ ୨୫ରୁ ୩୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ । ଏହି ମର୍ଯ୍ୟାଦାଜନକ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ଭାରତୀୟ ବିଶ୍ୱବିଦ୍ୟାଳୟ ପୁରୁଷ ଓ ମହିଳା ଦଳର ଚୟନ ଶିବିର ଏପ୍ରିଲ ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ କିଟ୍ ପରିସରରେ ଅନୁଷ୍ଠିତ ହୋଇଥିଲା । ଚେସ୍ ଚୟନ ସମିତିରେ ଇଣ୍ଟରନ୍ୟାସନାଲ ମାଷ୍ଟର ଶେଖର ଚନ୍ଦ୍ର ସାହୁ, ଫିଡେ ଟ୍ରେନର ରଞ୍ଜନ ମହାନ୍ତି, ଅନ୍ତର୍ଜାତୀୟ ରେଟେଡ ଚେସ୍ ଖେଳାଳି ଅପରାଜିତା ଗୋଚ୍ଛିକାର, କ୍ୟାଣ୍ଡିଡେଟ ମାଷ୍ଟର ସେହେଜାଦ ରବାଡ଼ି, ବିଶ୍ୱ ରଗ୍‌ବୀ କ୍ୱାଲିଫାଏଡ୍ କୋଚ ଭାଗ୍ୟଲକ୍ଷ୍ମୀ ବାରିକ, କିଟ୍ କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାସ ପ୍ରମୁଖ ଉପସ୍ଥିତ ରହି ଖେଳାଳି ଚୟନ କରିଥିଲେ ।

ଭାରତୀୟ ମହିଳା ରଗ୍‌ବୀ ଦଳରେ ସନ୍ଧ୍ୟାରାଣୀ ଟୁଡୁ, ଗୋମତୀ, କଲ୍ୟାଣୀ ପାଟିଲ୍, ଭୂମିକା ଶୁକ୍ଳା, ସୁନୀତା ହାଁସଦା, ଉଜାଲା ଘୁଗେ, ନୈନା, ଆକାଂକ୍ଷା କାଟକଡେ, ବୈଷ୍ଣବୀ ପାଟିଲ୍, ସାକ୍ଷୀ କୁମ୍ବାର, ନିର୍ମାଲ୍ୟ ରାଉତ, ଉମୁଣୀ ମାରାଣ୍ଡି ସ୍ଥାନ ପାଇଛନ୍ତି । ସେହିଭଳି ବାଳକ ଦଳରେ ମନୋଜ କୁମାର ସିଂହ, ତେଜସ୍ ପାଟିଲ୍, ମନୁ, ଆର୍ଯ୍ୟନ୍ ଦୀକ୍ଷିତ୍, ଯୁଗଳ କିଶୋର ମାଝୀ, ହାର୍ଦ୍ଦିକ ରାଜେଭୋସ୍‌ଲେ, ବିନୋଦ ମାରାଣ୍ଡି, ସଲି ମାଝୀ, ପ୍ରଣବ ପାଟିଲ୍, ରୋହିତ୍ କଦମ୍ବ, ରାଜୁ କୁମାର, ଦିଭେଶ୍ ଦେବଡିଗା ପ୍ରମୁଖ ସ୍ଥାନ ପାଇଛନ୍ତି । ମହିଳା ରଗ୍‌ବୀ ଦଳରେ କିଟ୍‌ର ତରୁଲତା ନାୟକ ଓ ରଞ୍ଜିତା ନାୟକ ରିଜର୍ଭ ଖେଳାଳି ଭାବେ ସ୍ଥାନ ପାଇଥିବାବେଳେ ବାଳକ ଦଳରେ ମକରନ୍ଦ ପ୍ରଧାନ ଓ ଫଣିନ୍ଦ୍ର ଭୋଇ ସ୍ଥାନ ପାଇଛନ୍ତି ।

ଚେସ୍ ବାଳିକା ଦଳରେ ଆକାଂକ୍ଷା ହଗୱାନେ, ମୋକ୍ଷଦା ମହାଜନ, ସାଇନା ସଲମିକା ଓ ଜୁନୁ ବିରୁଆ ସ୍ଥାନ ପାଇଛନ୍ତି ।

AT KURANGA PHULNAKHARA



Meera's COURTYARD



Huge lush green happening space situated in between Cuttack and Bhubaneswar.
- Pollution free ambience
- Blend of traditionalism & modernity
- Far from the madding crowd
- Truely magnificent setting
- Hassel free parking.



WILL perfectly match to your dream to make your event a memorable one.
For:
• Wedding • Star night • Conference and work shops
• Birthday party • Musical events • Corporate meet
Please Enquire
info@thegrandcourtyard.com
bookings@thegrandcourtyard.com
Mobile No:- 9937650599,7008320819,9938468076

### ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ କ୍ରିକେଟ୍

# ବିଦ୍ୟୁତ୍ ବିଭାଗ ଚାମ୍ପିଅନ୍




ଜଟଣୀ, ୨୪।୪ (ସବ୍ୟୁ) : ପୂର୍ବତଟ ରେଳବାଇ ସ୍ପୋର୍ଟ୍ସ ଆସୋସିଏସନ୍ ଦ୍ୱାରା ଆୟୋଜିତ ଆନ୍ତଃବିଭାଗୀୟ ଦିବାରାତ୍ର ଟେନିସ୍ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟୁତ୍ ବିଭାଗ ଚାମ୍ପିଅନ୍ ହୋଇଛି । ଗତ ୧୦ ତାରିଖରେ ଖୋର୍ଦ୍ଧାରୋଡ୍ ରେଳବାଇ ଷ୍ଟାଡ଼ିୟମ୍‌ରେ ଆନ୍ତଃବିଭାଗୀୟ ଦିବାରାତ୍ର ଟେନିସ୍ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଥିଲା । ଏହି ଟୁର୍ଣ୍ଣାମେଣ୍ଟରେ ଖୋର୍ଦ୍ଧାରୋଡ୍ ମଣ୍ଡଳର ୧୨ଟି ବିଭାଗ ଅଂଶଗ୍ରହଣ କରିଥିଲେ । ସମସ୍ତ ବିଭାଗ ମଧ୍ୟରେ ମୋଟ୍ ୩୦ଟି ଲିଗ୍ ମ୍ୟାଚ୍ ଏବଂ ୨ଟି ସେମିଫାଇନାଲ ତଥା ଫାଇନାଲ ଅନୁଷ୍ଠିତ ହୋଇଥିଲା । ଟାଇଟଲ ଲଢେଇରେ ବିଦ୍ୟୁତ୍ ବିଭାଗ ୫୯ ରନ୍ ବ୍ୟବଧାନରେ ବିଜୟ ହାସଲ କରିଥିଲା । ଖୋର୍ଦ୍ଧାରୋଡ୍ ମଣ୍ଡଳର ପ୍ରବନ୍ଧକ ଏଚ୍‌ଏସ୍ ବାଜୁଆ ବିଜେତା ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ବିଦ୍ୟୁତ୍ ବିଭାଗର ଆଇଏସ୍ ଗିରିଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ଓ ମ୍ୟାନ୍ ଦି ଫାଇନାଲ ଟ୍ରଫି ପ୍ରଦାନ କରାଯାଇଥିଲା । ବିଦ୍ୟୁତ୍ ବିଭାଗର ପ୍ରକାଶ ଚନ୍ଦ୍ର ସାହୁ ଶ୍ରେଷ୍ଠ ବୋଲର, ବାଣିଜ୍ୟ ବିଭାଗର ପି.ରବି କିରଣ ଶ୍ରେଷ୍ଠ ଫିଲ୍‌ଡର୍ ଏବଂ ବିତ୍ତ ବିଭାଗର ଅଜିତ୍ ପଟ୍ଟନାୟକ ଶ୍ରେଷ୍ଠ ବ୍ୟାଟର ଟ୍ରଫି ହାତେଇ ଥିଲେ । ଅତିରିକ୍ତ ରେଳମଣ୍ଡଳ ପ୍ରବନ୍ଧକ କଲ୍ୟାଣ ପଟ୍ଟନାୟକ, ପୂର୍ବତଟ ରେଳ ମହିଳା କଲ୍ୟାଣ ସଙ୍ଗଠନ ସଦସ୍ୟା, ଅନ୍ୟ ଶାଖା ଅଧିକାରୀ ତଥା କର୍ମଚାରୀମାନେ ଖେଳାଳିଙ୍କୁ ଉତ୍ସାହିତ କରିବା ପାଇଁ ଉପସ୍ଥିତ ଥିଲେ ।

**ସୂଚନା**
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541